

Licence No. C.R.N.P. 5—Licensed to post without Pre-payment




ଦଶହରା ରାତ୍ରିରେ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ରାବଣର ପ୍ରତିଛବିରେ ଅଗ୍ନି ସଂଯୋଗ କରୁଛନ୍ତି ।



ବିସର୍ଜନ ଶୋଭାଯାତ୍ରାରେ ମୃଣ୍ମୟୀ ଦୁର୍ଗା ମୂର୍ତ୍ତି ।



ଆଜିର ଶିଶୁ ଆସନ୍ତା କାଲିର ନାଗରିକ



# ଉତ୍କଳ ପ୍ରସଙ୍ଗ

୫୦ ଭାଗ ୪ର୍ଥ ସଂଖ୍ୟା କାର୍ତ୍ତିକ ୧୯୧୫ ଶକାବ୍ଦ ନଭେମ୍ବର ୧୯୯୩

## ସମ୍ପାଦକ ମଣ୍ଡଳୀ

ନିର୍ଦ୍ଦେଶକ
ଶ୍ରୀ କାଳୀ କୁମାର ରଥ

ସମ୍ପାଦନା ସହଯୋଗୀ
ଶ୍ରୀ ଶରତଚନ୍ଦ୍ର ସାମନ୍ତରାୟ

ମୁଖ୍ୟ ସମ୍ପାଦକ
**ଶ୍ରୀ ସତୀଶ ପାଢ଼ୀ**

ପ୍ରଚ୍ଛଦପଟ୍ଟ
ଯୋଜନା ଓ କଳା ପ୍ରସ୍ତୁତି ବିଭାଗ
ଓଡ଼ିଶା ସରକାରୀ ମୁଦ୍ରଣାଳୟ, କଟକ-୧୦

ପ୍ରକାଶନ
ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଓଡ଼ିଶା ସରକାର
ଭୁବନେଶ୍ୱର

ମୁଦ୍ରଣ
ଓଡ଼ିଶା ସରକାରୀ ମୁଦ୍ରଣାଳୟ, କଟକ-୧୦
(ଫଟୋଟାଇପ୍‌ସେଟିଂ ପଦ୍ଧତିରେ ଅକ୍ଷର ସଂଯୋଜିତ)

ବାର୍ଷିକ ଦେୟ : ଟ ୨୦·୦୦
ପ୍ରତି ଖଣ୍ଡ : ଟ ୨·୦୦

ଓଡ଼ିଶା ସରକାରଙ୍କ ବିଭିନ୍ନ କାର୍ଯ୍ୟ, ସରକାରୀ ଯୋଜନା ଓ ଅନ୍ୟାନ୍ୟ ସରକାରୀ ଖବର ସମ୍ପର୍କିତ ବିବରଣୀ "ଉତ୍କଳ ପ୍ରସଙ୍ଗ"ରେ ପ୍ରକାଶିତ ହୋଇଥାଏ । ଏହା ବ୍ୟତୀତ ଅନେକ ବିଷୟ ସମ୍ପର୍କିତ ଆଲୋଚନା ମଧ୍ୟ ଏହି ପତ୍ରିକାରେ ପ୍ରକାଶ କରାଯାଇଥାଏ । ସେଗୁଡ଼ିକ ବିଷୟକୁ ସମ୍ପୂର୍ଣ୍ଣ ଓ ଅନୁମୋଦିତ ମୂଳ ପାଠ ବୋଲି ଭାବିବା ଉଚିତ ନୁହେଁ ।

"ଉତ୍କଳ ପ୍ରସଙ୍ଗ" ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ପ୍ରକାଶ ପାଉଥିଲେ ସୁଦ୍ଧା ଏହି ପତ୍ରିକାରେ ପ୍ରକାଶିତ ମତାମତ ଓ ଚିନ୍ତାଧାରା ସବୁ କ୍ଷେତ୍ରରେ ଓଡ଼ିଶା ସରକାରଙ୍କର ବୋଲି ବୁଝିବାକୁ ହେବ ନାହିଁ ।

# ସୂଚୀ


ସେଚ ବିପ୍ଳବର ନୂତନ ମୋଡ଼ ........................................ ଶ୍ରୀ ବିଜୟ ମହାପାତ୍ର ୧

କଳିଙ୍ଗର ନୌ–ବାଣିଜ୍ୟ ପରମ୍ପରା ........................................ ଶ୍ରୀ ବେଣୁଧର ପାତ୍ର ୩

ଗ୍ରାମ୍ୟ ଉନ୍ନୟନ ବିଭାଗର କାର୍ଯ୍ୟକ୍ରମ ........................................ ଶ୍ରୀ ଅଜିତ୍ କୁମାର ତ୍ରିପାଠୀ ୭

ବାଦ୍ୟ କଳାର ଯୁଗନ୍ଧର ଶିଳ୍ପୀ ........................................ ଶ୍ରୀ କେଶବ ଚନ୍ଦ୍ର ମେହେର ୧୦

ସ୍ୱର୍ଗତ ରାଧାଶ୍ୟାମ ମେହେର — ଏକ ଅନନ୍ୟ ପ୍ରତିଭା

ସେବା ଓ ସଂଗ୍ରାମ ବ୍ରତୀ ବିଶ୍ୱନାଥ ........................................ ଡକ୍ଟର ବ୍ରଜବନ୍ଧୁ ଭଞ୍ଜ ୧୪

ଜନସଂଖ୍ୟା ନିୟନ୍ତ୍ରଣ—ଆଜିର ଆବଶ୍ୟକତା ........................................ ଶ୍ରୀ ପୂର୍ଣ୍ଣଚନ୍ଦ୍ର ମହାନ୍ତି ୧୭

ଭୁବନେଶ୍ୱର କବିଚନ୍ଦ୍ର—ଏକ ବିସ୍ମୃତ ପ୍ରତିଭା ........................................ ଅଧ୍ୟାପକ ଗୋବିନ୍ଦ ପାଢ଼ୀ ୨୦

ରାସ୍ତା ଦୁର୍ଘଟଣା ପ୍ରତି ସଚେତନତା ........................................ ଶ୍ରୀମତୀ ବାସନ୍ତୀ ରାଉତ ୨୩

ଆଜିର ଶିଶୁ ........................................ ଶ୍ରୀ ପଞ୍ଚାନନ ପରିଡ଼ା ୨୫

ସେହି ଗନ୍ଧସ୍ନାତ ଲୁଣିଆର କାହାଣୀ ........................................ ପ୍ରଫେସର ଜଗନ୍ନାଥ ପଟ୍ଟନାୟକ ୨୭

ସର୍ବ ମଙ୍ଗଲ୍ୟ ମାଙ୍ଗଲ୍ୟେ ........................................ ଇଂ ବିଜୟ କୁମାର ନାୟକ ୨୯

କଳିଙ୍ଗର ନୌ–ବାଣିଜ୍ୟ ........................................ ଶ୍ରୀ ଶରତ କୁମାର ବିଶ୍ୱାଳ ୩୦

ଓଡ଼ିଶା ବାହାରେ ଜଗନ୍ନାଥ ........................................ ଶ୍ରୀ ଅନନ୍ତ ରାମ କର କୌଣ୍ଡିନ୍ୟ ୩୨

ଖାଉଟୀ ସୁରକ୍ଷା ଆଇନ୍ ଓ ସ୍ୱେଚ୍ଛାସେବୀ ସଙ୍ଗଠନ ........................................ ଶ୍ରୀ ବିଚିତ୍ରାନନ୍ଦ ସାମଲ ୩୪

ଶ୍ରୀଶ୍ରୀଧବଳେଶ୍ୱର ଓ ବଡ଼ଓଷା ପର୍ବ ........................................ ଶ୍ରୀ ରାଧାନାଥ ଦାସ ୩୭

ଚିର ଅମର ଦିବାକର ........................................ ଶ୍ରୀ ବ୍ରଜ ପାଇକରାୟ ୪୨

ସୁବର୍ଣ୍ଣପୁରର ସାହିତ୍ୟ ........................................ ଅଧ୍ୟାପକ ବାସୁଦେବ ବାରିକ୍ ୪୩

ସାର୍ଥକ ସ୍ୱପ୍ନ ........................................ ୪୭

ସମ୍ବାଦ ପରିକ୍ରମା ........................................ ୫୦

# ସମ୍ପାଦକୀୟ

## ଭାରତୀୟ ସଂସ୍କୃତିର ବାର୍ତ୍ତାବହ
## ବାଲିଯାତ୍ରା ଉତ୍ସବ

ଓଡ଼ିଶା ହେଉଛି ପର୍ବ ପର୍ବାଣିର ଗନ୍ତାଘର । ପର୍ବ, ପର୍ବାଣି, ଯାତ୍ରା, ଉତ୍ସବ ଇତ୍ୟାଦି ଓଡ଼ିଶାରେ ବହୁ କାଳରୁ ଭରପୂର ହୋଇ ରହି ଆସିଛି । ଏଥିରୁ ସ୍ପଷ୍ଟ ପ୍ରମାଣିତ ହୁଏ ଯେ, ଅତୀତରେ ଓଡ଼ିଶା ଅତ୍ୟନ୍ତ ବିଭବଶାଳୀ ଥିଲା । ବିଭବଶାଳୀ ହେବା ପାଇଁ ବିଶେଷ ସହାୟକ ହୋଇଥିଲା ଅତୀତର ବୋଇତ ବାଣିଜ୍ୟ ପରମ୍ପରା । ବୋଇତ ବାଣିଜ୍ୟ କାରବାର ଦ୍ୱାରା ବିଦେଶରୁ ପ୍ରଚୁର ଧନରତ୍ନ ଉପାର୍ଜନ ହେଉଥିଲା । ସେହି ଖୁସୀରେ ବିଭିନ୍ନ ପର୍ବ, ବିଭିନ୍ନ ଉତ୍ସବ ମହା ଆନନ୍ଦରେ ପାଳନ ହେଉଥିଲା, କେବଳ ସେତିକି ନୁହେଁ, ଏହି ବୋଇତ ବାଣିଜ୍ୟ ପରମ୍ପରା ଭାରତୀୟ ସଂସ୍କୃତିର ବାର୍ତ୍ତାବହ ରୂପେ ବିଦେଶରେ ପ୍ରଭାବ ବିସ୍ତାର କରିବାରେ ହିଁ ସମର୍ଥ ହୋଇଥିଲା । ବୋଇତ ବାଣିଜ୍ୟ ପରମ୍ପରା ଲୀନ ହୋଇଯାଇଥିଲେ ହେଁ କାର୍ତ୍ତିକ ପୂର୍ଣ୍ଣିମା ତିଥିରେ ସେହି ଗୌରବମୟ ସ୍ମୃତିକୁ ରୋମନ୍ଥନ କରି ଆମେ ଉତ୍ସବ ପାଳନ କରିଥାଉ ।

ଓଡ଼ିଶାର ମୁଖ୍ୟ ବାଣିଜ୍ୟ କେନ୍ଦ୍ର କଟକ ସହରରେ ଏହି ଉତ୍ସବ "ବାଲିଯାତ୍ରା ଉତ୍ସବ" ନାମରେ ଚାରି–ପାଞ୍ଚ ଦିନ ପାଇଁ ମହା ଆଡ଼ମ୍ବରରେ ପାଳନ କରାଯାଉଥିବା ବେଳେ ପୁରପଲ୍ଲୀରେ ତଥା ଓଡ଼ିଶାର ବିଭିନ୍ନ ସ୍ଥାନମାନଙ୍କରେ ଏହା "ବୋଇତ ବନ୍ଦାଣ ଉତ୍ସବ" ନାମରେ ପାଳନ ହେଉଛି । ସାତ ସମୁଦ୍ର ତେର ନଈ ପାର ହୋଇ ଓଡ଼ିଆ ସାଧବ ପୁଅ ଯେଉଁ ବୋଇତ ବାଣିଜ୍ୟ କାରବାର କରୁଥିଲେ, ସେହି ଗୌରବମୟ ପରମ୍ପରାର ସ୍ମୃତିରେ ଏହି ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଥାଏ ।

ଏହି ପ୍ରସଙ୍ଗରେ, ଆମେ ଅତୀତ ଇତିହାସକୁ ସିଂହାବଲୋକନ କଲେ ଜଣାଯାଏ ଯେ ପ୍ରଥମ ଶତାବ୍ଦୀ ବେଳକୁ ସମଗ୍ର ଭାରତବର୍ଷରେ ସର୍ବମୋଟ୍ ୯ ଗୋଟି ବନ୍ଦର ଥିଲାବେଳେ କେବଳ ଓଡ଼ିଶା ସୀମା ମଧ୍ୟରେ ୫ ଗୋଟି ବନ୍ଦର କାର୍ଯ୍ୟ କରୁଥିଲା ଏବଂ ଗୋପାଳପୁର ବନ୍ଦର ସେ ସବୁ ବନ୍ଦରଗୁଡ଼ିକ ମଧ୍ୟରେ ଏକ ପ୍ରଧାନ ବନ୍ଦର ଭାବେ ପ୍ରତିଷ୍ଠା ଅର୍ଜନ କରିଥିଲା । ବୋଇତ ବାଣିଜ୍ୟ କାରବାରରେ ଓଡ଼ିଶାର ପ୍ରସିଦ୍ଧି ଯୋଗୁଁ କଳିଙ୍ଗ ରାଜାଙ୍କୁ ମହୋଦଧିପତି ବୋଲି ମହାକବି କାଳିଦାସ ତାଙ୍କ ରଚିତ ରଘୁବଂଶ କାବ୍ୟରେ ବର୍ଣ୍ଣନା କରିଛନ୍ତି ।

ସମୟ ସୁଅରେ ଓଡ଼ିଶାର ସବୁ ବନ୍ଦର କାଳ ଗର୍ଭରେ ଲୀନ ହୋଇଗଲା । ସପ୍ତମ ଶତାବ୍ଦୀଠାରୁ ବିଂଶ ଶତାବ୍ଦୀର ଷଷ୍ଠ ଦଶନ୍ଧି ପର୍ଯ୍ୟନ୍ତ ଓଡ଼ିଶାର ବୋଇତ ବାଣିଜ୍ୟ କାରବାରରେ ଦେଖାଦେଇଥିବା ନୀରବତାକୁ ଭଙ୍ଗ କରି ଇତିହାସର ପୁନରାବୃତ୍ତି ଘଟିଲା । ଦୀର୍ଘ ଦିନର ବ୍ୟବଧାନ ପରେ ସୌଭାଗ୍ୟକ୍ରମେ ଯୁଗଦ୍ରଷ୍ଟା ବିଜୁ ବାବୁଙ୍କ ଉଦ୍ୟମରେ ପାରାଦ୍ୱୀପ ବନ୍ଦର ଓ ପରେ ପରେ ଗୋପାଳପୁର ବନ୍ଦର ନିର୍ମାଣ ହେଲା ।

ବିଜୁ ବାବୁଙ୍କ ଆଶୀର୍ବାଦ ନେଇ ଜନ୍ମଲାଭ କରିଥିବା ପାରାଦ୍ୱୀପ ବନ୍ଦର ଓ ଗୋପାଳପୁର ବନ୍ଦର ଆଶାନୁରୂପ କାର୍ଯ୍ୟକ୍ଷମ ହୋଇ ପାରିଥିଲେ ହେଁ ଆମ ମୁଖ୍ୟମନ୍ତ୍ରୀ ବିଜୁ ବାବୁ ସେତିକିରେ ନୀରବ ରହି ପାରିଲେ ନାହିଁ । ଅତୀତର ବୋଇତ ବାଣିଜ୍ୟ ପରମ୍ପରାର ପୁନରୁଦ୍ଧାର କରିବା ପାଇଁ ବିଜୁ ବାବୁଙ୍କ ଲକ୍ଷ୍ୟ । ସେଥିପାଇଁ ପରୀକ୍ଷାମୂଳକ ଭାବେ ଗତ ବର୍ଷର ଏହି ବୋଇତ ବନ୍ଦାଣ ତିଥିରେ ଜାହାଜଟିଏ ପାରାଦ୍ୱୀପଠାରୁ ବାଲିଦ୍ୱୀପ ଅଭିମୁଖେ ପଠାଇଥିଲେ, ଯାହାକି ନିର୍ଦ୍ଧାରିତ ସମୟରେ ସେଠି ପହଞ୍ଚିବା ସାଙ୍ଗକୁ ପୁଣି ନିର୍ଦ୍ଦିଷ୍ଟ ତାରିଖରେ ଏଠାକୁ ଫେରି ଆସିଛି । ସୁତରାଂ ଏହି ଯାତ୍ରାକୁ ଏକ ଐତିହାସିକ ବିଜୟ କହିବା ଅତିରଞ୍ଜିତ ହେବ ନାହିଁ ।

ଏଣିକି, ଏହି ବୋଇତ ବାଣିଜ୍ୟ ପରମ୍ପରାକୁ କାର୍ଯ୍ୟକାରୀ କରିବା ଦାୟିତ୍ୱ ଆମେ ସମସ୍ତେ ନେବା ଆବଶ୍ୟକ । ଆମେ ସମସ୍ତେ ଏଥିପ୍ରତି ଲକ୍ଷ୍ୟ ରଖି ନିଷ୍ଠାର ସହ ଆମ କର୍ତ୍ତବ୍ୟ ସମ୍ପାଦନ କରିପାରିଲେ ଆମେ ଆମର ପୂର୍ବ ଗୌରବକୁ ପୁଣି ଫେରାଇ ଆଣି ପାରିବା ଏବଂ ବିଦେଶରେ ଭାରତୀୟ ସଂସ୍କୃତିର ବାର୍ତ୍ତାବହ ରୂପେ ଏହି ପରମ୍ପରା ପୁଣି ମୁଣ୍ଡ ଟେକି ଉଠିବ ଏଥିରେ ସନ୍ଦେହ ନାହିଁ ।

# ସେଚ ବିପ୍ଳବର ନୂତନ ମୋଡ଼

ଶ୍ରୀ ବିଜୟ ମହାପାତ୍ର



୧୯୯୦ ମସିହା ମାର୍ଚ୍ଚ ୫ ତାରିଖ ଓଡ଼ିଶାବାସୀଙ୍କ ନିମନ୍ତେ ଏକ ସ୍ମରଣୀୟ ଦିନ । ଏହି ଦିନ ଆମର ବରେଣ୍ୟ ନେତା ତଥା ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଶ୍ରୀ ବିଜୁ ପଟ୍ଟନାୟକଙ୍କର ନେତୃତ୍ୱରେ ଏକ ଲୋକପ୍ରିୟ ସରକାର ରାଜ୍ୟର ଶାସନ ଭାର ଗ୍ରହଣ କଲେ । ବହୁ ଆଶାରେ ଆଶାୟୀ ହୋଇଥିଲେ ରାଜ୍ୟବାସୀ । ଯୋଜନା ପ୍ରକ୍ରିୟାକୁ କ୍ରିୟାଶୀଳ କରିବା ଲାଗି ଅବିଶ୍ରାନ୍ତ ଉଦ୍ୟମ ଆରମ୍ଭ ହେଲା । ରାଜ୍ୟରେ ଜଳସେଚନ ପ୍ରକ୍ରିୟାକୁ ଆହୁରି କ୍ଷିପ୍ରତର କରିବା ଲାଗି ମନ୍ତ୍ରୀମଣ୍ଡଳରେ ନୀତିଗତ ଭାବେ ସ୍ଥିର କରାଗଲା । କୃଷି ପ୍ରଧାନ ରାଜ୍ୟ ଓଡ଼ିଶାକୁ ଆବଶ୍ୟକ ମୁତାବକ ଜଳ ଯୋଗାଇ ଦିଆ ନଗଲେ କୃଷିର ମୌଳିକ ଭିତ୍ତିଭୂମି ବିପର୍ଯ୍ୟସ୍ତ ହୋଇ ପଡ଼ିବ ବୋଲି ଆମର ପ୍ରଗତିଶୀଳ ସରକାର ମର୍ମେ ମର୍ମେ ଅନୁଭବ କଲେ । ସୁତରାଂ ଜଳସେଚନକୁ ଯୋଜନା ପ୍ରକ୍ରିୟାରେ ଅଗ୍ରାଧିକାର ଦିଆଗଲା ।

ରାଜ୍ୟର ମୋଟ ଭୌଗୋଳିକ ପରିସୀମା ହେଉଛି ୧,୫୫,୭୦,୦୦୦ ହେକ୍ଟର୍ । ତନ୍ମଧ୍ୟରୁ ୬୫-୬୯ ଲକ୍ଷ ହେକ୍ଟର ଚାଷୋପଯୋଗୀ ଜମି ଅଛି । ସେଥିରୁ ପ୍ରାୟ ୫୯ ଲକ୍ଷ ହେକ୍ଟର ଜମିରେ ଜଳସେଚନ କରାଯାଇ ପାରିବ । ଏକ ସର୍ଭେ ରିପୋର୍ଟରୁ ଜଣାଯାଇଛି ଯେ ଉପରୋକ୍ତ ଜଳସେଚନ ଉପଯୋଗୀ ଜମି ମଧ୍ୟରୁ ବୃହତ୍ ଓ ମଧ୍ୟମ ଜଳସେଚନ ପ୍ରକଳ୍ପଗୁଡ଼ିକ ମାଧ୍ୟମରେ ୩୯-୪୯ ଲକ୍ଷ ହେକ୍ଟର ଜମି ଜଳସେଚିତ ହୋଇପାରିବ । ୭ମ ପଞ୍ଚବାର୍ଷିକ ଯୋଜନାର ଶେଷବେଳକୁ ବୃହତ୍ ଓ ମଧ୍ୟମ ଜଳସେଚନ ପ୍ରକଳ୍ପଗୁଡ଼ିକ ମାଧ୍ୟମରେ ସମୁଦାୟ ଜମିରୁ ମାତ୍ର ୨୩-୫ ଶତାଂଶ ଜମିରେ ଜଳସେଚନ ସାମର୍ଥ୍ୟ ସୃଷ୍ଟି ହୋଇ ପାରିଥିଲା । ଏହା ବିଶେଷ ସନ୍ତୋଷଜନକ ନୁହେଁ ବୋଲି ମନେ ହୁଏ । ଏକ ସର୍ବଭାରତୀୟ ସର୍ଭେ ରିପୋର୍ଟରୁ ଜଣା ଯାଉଛି ଯେ ଓଡ଼ିଶା ଜଳସେଚନ କ୍ଷେତ୍ରରେ ଅନ୍ୟ ରାଜ୍ୟଗୁଡ଼ିକ ତୁଳନାରେ ଯଥେଷ୍ଟ ପଛରେ ପଡ଼ିରହିଛି । ଜଳସେଚନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରା ନଗଲେ ଜଳସେଚନ ସାମର୍ଥ୍ୟ ସୃଷ୍ଟି କରିବା ଲାଗି ଯେଉଁ ଲକ୍ଷ୍ୟ ରଖାଯାଇଛି ତାହା ହାସଲ କରାଯାଇ ପାରିବ ନାହିଁ ।

ମାତ୍ର ସୁଖର କଥା ଯେ ବିଗତ ୨ ବର୍ଷ ମଧ୍ୟରେ ଅର୍ଥାତ୍ ୧୯୯୦-୯୨ ମସିହାରେ ଆମର ଲୋକପ୍ରିୟ ସରକାର ଅଧିକ ଜଳସେଚନ ସମ୍ଭାବ୍ୟ ସୃଷ୍ଟି କରିବା ଲାଗି ୪୦୫ କୋଟି ଟଙ୍କା ବିନିଯୋଗ କରିଥିଲେ । ଏହା ଫଳରେ ଖରିଫ୍ ଋତୁରେ ଅତିରିକ୍ତ ୨୬,୭୦୦ ହେକ୍ଟର ଓ ରବି ଋତୁରେ ୮,୩୩୦ ହେକ୍ଟର ଜମି ଲାଗି ଜଳସେଚନ ସାମର୍ଥ୍ୟ ସୃଷ୍ଟି କରାଯାଇ ପାରିଛି । ବଡ଼ ନଳା ଅପରଜଙ୍କ ଓ ଅପର ସୁକ୍ତେଲ ପ୍ରକଳ୍ପର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ନଥିଲେ ମଧ୍ୟ କୃଷୀମାନଙ୍କର ଅସୁବିଧାକୁ ଉପଲବ୍ଧି କରି ସ୍ୱତନ୍ତ୍ର ବ୍ୟବସ୍ଥା କରି ଜଳସେଚନ ପାଇଁ ସୀମିତ ଭାବରେ ଜଳ ଯୋଗାଇ ଦିଆଯାଉଛି । ଏହା ଛଡ଼ା ୮ମ ଯୋଜନା କାଳ ମଧ୍ୟରେ ୨,୬୨୪ କୋଟି ଟଙ୍କା ବିନିଯୋଗ କରାଯିବା ଲାଗି ପ୍ରସ୍ତାବ ରହିଛି । ଫଳରେ ଖରିଫ ଋତୁରେ ୭-୫ ଲକ୍ଷ ହେକ୍ଟର ଓ ରବି ଋତୁରେ ୧-୫ ଲକ୍ଷ ହେକ୍ଟର ଜମି ଲାଗି ଅତିରିକ୍ତ ଜଳସେଚନ ସାମର୍ଥ୍ୟ ସୃଷ୍ଟି କରାଯାଇ ପାରିବ । ହିସାବରୁ ଜଣାପଡ଼ିଛି ଯେ ବୃହତ ଓ ମଧ୍ୟମ ଜଳସେଚନ ପ୍ରକଳ୍ପଗୁଡ଼ିକ ଦ୍ୱାରା ଜଳସେଚିତ ହୋଇପାରୁଥିବା ମୋଟ ଜମିର ପ୍ରାୟ ୩୦-୫ ଶତାଂଶ ଜମି ଜଳସେଚନ ଲାଗି ଉପଯୋଗୀ ହୋଇପାରିବ ।

ଏତଦ୍ ବ୍ୟତୀତ ୮ମ ଯୋଜନାକାଳ ମଧ୍ୟରେ ଜଳସେଚନ ସମ୍ଭାବ୍ୟ ସୃଷ୍ଟି କରିବା ଲାଗି ସରକାର ଯେଉଁସବୁ ନୂତନ ଆଭିମୁଖ୍ୟମାନ ଗ୍ରହଣ କରିଅଛନ୍ତି ସେଗୁଡ଼ିକୁ ନିମ୍ନରେ ପ୍ରଦତ୍ତ କରାଗଲା ।

(କ) ଅଗ୍ରାଧିକାର ଭିତ୍ତିରେ ଅସମ୍ପୂର୍ଣ୍ଣ ଜଳସେଚନ ପ୍ରକଳ୍ପଗୁଡ଼ିକୁ ସମ୍ପୂର୍ଣ୍ଣ କରିବା ଓ ଏଥିଲାଗି ଆବଶ୍ୟକୀୟ ବ୍ୟୟ ବରାଦ କରିବା ।

(ଖ) କମ୍ ବୃଷ୍ଟିପାତ ଅଞ୍ଚଳ ଓ ଆର୍ଥିକ ଦୁର୍ବଳ ଅଧିବାସୀ ଅଞ୍ଚଳରେ ନୂତନ ଜଳସେଚନ ପ୍ରକଳ୍ପ ପ୍ରବର୍ତ୍ତନ କରିବା ।

(ଗ) ଅଗ୍ରାଧିକାର ଭିତ୍ତିରେ ବିଦେଶୀ ପୁଞ୍ଜି ଲଗାଣ ବ୍ୟବସ୍ଥାକୁ ପ୍ରବର୍ତ୍ତନ କରିବା ।

(ଘ) ସୃଷ୍ଟି ହୋଇଥିବା ଜଳସେଚନ ସମ୍ଭାବ୍ୟକୁ କୃଷିକ୍ଷେତ୍ରରେ ବିନିଯୋଗ କରିବା ।

(ଙ) ପୁରାତନ ଜଳସେଚନ ପ୍ରକଳ୍ପଗୁଡ଼ିକୁ କାର୍ଯ୍ୟକ୍ଷମ କରାଯାଇ ତା'ର ସୁଫଳଗୁଡ଼ିକୁ କୃଷୀମାନଙ୍କ ନିକଟରେ ପହଞ୍ଚାଇବା ।

(ଚ) କର୍ମ ସଂସ୍ଥାନ ଯୋଗାଣ କ୍ଷେତ୍ରରେ ଅଧିକ ସୁବିଧା ସୁଯୋଗ ସୃଷ୍ଟି କରିବା ।

ରାଜ୍ୟରେ ଜଳସେଚନ ସମ୍ଭାବ୍ୟକୁ ବୃଦ୍ଧି କରିବା ଲାଗି ସରକାର ନୂତନ ଭାବରେ ମାନଯୋର ଓ ଟିଟିଲାଗଡ଼ ପ୍ରକଳ୍ପଗୁଡ଼ିକୁ ହାତକୁ

ନେଇଛନ୍ତି ଏବଂ ରୁକୁରା ଓ ତେଲେଙ୍ଗିରି ପ୍ରକଳ୍ପକୁ ଅଷ୍ଟମ ଯୋଜନା କାଳରେ କାର୍ଯ୍ୟକାରୀ କରିବା ପାଇଁ ସ୍ଥିର କରିଛନ୍ତି । ଏହାଛଡ଼ା ପୁରୁଣା ନରାଜ ଆନିକଟ ବଦଳରେ ଗୋଟିଏ ବ୍ୟାରେଜ ନିର୍ମାଣ କରିବା ପାଇଁ ଆନୁସଙ୍ଗିକ କାର୍ଯ୍ୟ ଚଳିତ ବର୍ଷ ହାତକୁ ନେଇଛନ୍ତି । N.W.M.P. (National Water Management Project) ଅଧୀନରେ ମହାନଦୀ, ହୀରାକୁଦ, ସାଲନ୍ଦୀ, ତ୍ରିକୋଣଭୂମି, ଡେରଜାଙ୍ଗ, ଶାଳିଆ, ଧନେଇ ଓ ଋଷିକୁଲ୍ୟା ପ୍ରଭୃତି ପ୍ରକଳ୍ପଗୁଡ଼ିକର ପରିସରଭୁକ୍ତ ୧.୦୭ ଲକ୍ଷ ହେକ୍ଟର ଜମିର ଆଧୁନିକୀକରଣ କାର୍ଯ୍ୟ ବିଶ୍ୱ ବ୍ୟାଙ୍କର ଆର୍ଥିକ ସହାୟତାରେ କାର୍ଯ୍ୟକାରୀ ହେଉଛି । ଏଥି ନିମନ୍ତେ ପ୍ରାୟ ୩୩ କୋଟି ଟଙ୍କା ଆର୍ଥିକ ସହାୟତା ମିଳିବ ।

ସେହିପରି D.S.A.R.P. (Dam Safty Assurance & Rehabilitation Project) ମାଧ୍ୟମରେ ହୀରାକୁଦ, ଡେରଜାଙ୍ଗ, ଭଞ୍ଜନଗର, ସୋରଡ଼ା ଓ ଘୋଡ଼ାହାଡ଼ ବନ୍ଧଗୁଡ଼ିକର ବ୍ୟବହାର ଜନିତ ତ୍ରୁଟି ସୁଧାରିବା ଲାଗି ବିଶ୍ୱବ୍ୟାଙ୍କର ଆର୍ଥିକ ସହାୟତା ନିଆ ଯାଇଛି ।

ଜଳସେଚନ ପ୍ରଣାଳୀର ଗୁଣାତ୍ମକ ମାନ ବୃଦ୍ଧି କରିବା ଲାଗି ସରକାର ଜଳସେଚିତ ଅଞ୍ଚଳଗୁଡ଼ିକର ଆଧୁନିକୀକରଣ କାର୍ଯ୍ୟ ହାତକୁ ନେବା ଲାଗି ସ୍ଥିର କରିଛନ୍ତି । ଏଥି ନିମନ୍ତେ W.R.C.P. (Water Resources Consolidation Project) ନାମରେ ବିଶ୍ୱବ୍ୟାଙ୍କର ଆର୍ଥିକ ସହାୟତା ଲୋଡ଼ାଯାଇଛି । ୧୯୯୪-୯୫ ଆର୍ଥିକ ବର୍ଷ ମଧ୍ୟରେ ୬୦୦ କୋଟି ଟଙ୍କା ବ୍ୟୟ ଅଟକଳରେ ଏହି ଆଧୁନିକୀକରଣ କାର୍ଯ୍ୟ ହାତକୁ ନିଆଯିବା ଲାଗି ପ୍ରସ୍ତାବ ରହିଛି । ଫଳରେ ଅନ୍ୟୂନ ପ୍ରାୟ ୧ ଲକ୍ଷ ହେକ୍ଟର ଜଳସେଚିତ ଅଞ୍ଚଳ ଆଧୁନିକୀକରଣ କରାଯାଇପାରିବ । ଏହାଛଡ଼ା ବହୁବର୍ଷ ଧରି ଅସମ୍ପୂର୍ଣ୍ଣ ରହିଥିବା କେତେଗୁଡ଼ିଏ ଜଳସେଚନ ପ୍ରକଳ୍ପ ଓ ନଦୀବନ୍ଧ ଯୋଜନାଗୁଡ଼ିକର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯିବ ।

ଜାପାନ ସରକାରଙ୍କର ଆର୍ଥିକ ସହାୟତାରେ ଅପର କୋଲାବ ଓ ଅପର ଇନ୍ଦ୍ରାବତୀ ପ୍ରକଳ୍ପର ବାମ ପାର୍ଶ୍ୱ କେନାଲ କାର୍ଯ୍ୟକାରୀ କରାଯାଉଛି ।

ସୁବର୍ଣ୍ଣରେଖା ବୃହତ୍ ଜଳସେଚନ ପ୍ରକଳ୍ପ ଓ ଅପର ଇନ୍ଦ୍ରାବତୀ ଜଳସେଚନ ପ୍ରକଳ୍ପର ଦକ୍ଷିଣ ପାର୍ଶ୍ୱସ୍ଥ କେନାଲ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଲାଗି ବିଶ୍ୱବ୍ୟାଙ୍କ୍ ଓ ଜାପାନ ସରକାରଙ୍କଠାରୁ ଆର୍ଥିକ ସହାୟତା ମିଳିବା ଦିଗରେ ପ୍ରଚେଷ୍ଟା ଅବ୍ୟାହତ ରହିଛି । ଜଳସମ୍ପଦର ଉଚିତ ବିନିଯୋଗ ପାଇଁ Hydrological ତଥ୍ୟର ଏକାନ୍ତ ଆବଶ୍ୟକ । ଏ ବାବଦରେ ଯେଉଁ ସବୁ ଅଭାବ ଅସୁବିଧା ରହିଛି ତାହା ଦୂର କରିବା ପାଇଁ ବିଶ୍ୱବ୍ୟାଙ୍କର ଆର୍ଥିକ ସହାୟତାରେ ଓ N.H.P. (National Hydrological Project) ନାମରେ ଏକ ଯୋଜନା କାର୍ଯ୍ୟକାରୀ ହେବାର ପ୍ରସ୍ତାବ ଅଛି । ଜଳ ସମ୍ପଦର ଉଚିତ ବିନିଯୋଗ ଲାଗି ଆବଶ୍ୟକ ନୀତି ନିୟମ ଓ ବ୍ୟବସ୍ଥାମାନ ସ୍ଥିର କରିବା ଏକାନ୍ତ ଅପରିହାର୍ଯ୍ୟ । ଏଥି ପାଇଁ ରାଜ୍ୟ ସରକାର ବହୁ କେନ୍ଦ୍ରୀୟ ଯୋଜନା ଓ ଡିଜାଇନ୍ ସଂସ୍ଥାଗୁଡ଼ିକର କାର୍ଯ୍ୟ ପଦ୍ଧତି ସମ୍ପର୍କରେ ମୂଲ୍ୟାଙ୍କନ କରିଛନ୍ତି । ଜଳସେଚନର ସମ୍ଭାବ୍ୟ ଗୁଣାତ୍ମକମାନ ବୃଦ୍ଧି କରିବା ଲାଗି ବିଭାଗୀୟ ସହକାରୀ ଯନ୍ତ୍ରୀମାନଙ୍କ ପାଇଁ ଇନ୍-ସର୍ଭିସ୍ ତାଲିମ୍ ବ୍ୟବସ୍ଥା କରାଯାଉଛି ।

ଅବହେଳିତ ମାଲକାନଗିରି ଜିଲ୍ଲାରେ ପୋଟେରୁ ଜଳସେଚନ ପ୍ରକଳ୍ପର କାର୍ଯ୍ୟ କେନ୍ଦ୍ରୀୟ ଅନୁଦାନ ଅଭାବରେ ୫/୬ ବର୍ଷ ହେଲା ପ୍ରାୟ ବନ୍ଦ ଅବସ୍ଥାରେ ଥିଲା । ରାଜ୍ୟ ସରକାର ଏ ବାବଦରେ ସମୁଚିତ ପଦକ୍ଷେପ ନେଇ ଏହି ପ୍ରକଳ୍ପର କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ସକ୍ଷମ ହୋଇଛନ୍ତି ।

ବୃହତ ନଦୀବନ୍ଧ ଯୋଜନାର ପରିଚାଳନା ଏବଂ ପ୍ରକଳ୍ପ ନିର୍ମାଣ ଜନିତ ବାସଚ୍ୟୁତ ହେଉଥିବା ଲୋକମାନଙ୍କର ଉପଯୁକ୍ତ ଥଇଥାନ ପ୍ରତି ସରକାର ଏକ କୋହଳ ନୀତି ଅନୁସରଣ କରିଛନ୍ତି । ଏହାଛଡ଼ା ଲୁଣି ପାଣି କବଳରୁ ଜମିଗୁଡ଼ିକୁ ରକ୍ଷା କରିବା ପାଇଁ ସରକାର ସାଲାଇନ୍ ଡିଭିଜନ ନାମକ ଏକ ବିଭାଗ ସୃଷ୍ଟି କରିଛନ୍ତି । ଜଳସେଚନର ପ୍ରସାର ଓ ସଦୁପଯୋଗ ଲାଗି ସରକାର ବିଶେଷ ଧ୍ୟାନ ଦେଇଛନ୍ତି । ଏହାଛଡ଼ା ତ୍ରିକୋଣଭୂମି ଅଞ୍ଚଳରୁ ଜଳ ନିଷ୍କାସନ ଓ ବନ୍ୟା ପ୍ରତିକାର ନିମନ୍ତେ ଠିକଣା ପଦକ୍ଷେପ ନେବା ଉଦ୍ଦେଶ୍ୟରେ ଜଳସେଚନ ମନ୍ତ୍ରୀଙ୍କ ସଭାପତିତ୍ୱରେ ଏକ 'ବିଷୟ କମିଟି' ଗଠନ କରାଯାଇଛି । ଏହି କମିଟି ମୁଖ୍ୟତଃ ଜଳସେଚନ ବିଭାଗର କାର୍ଯ୍ୟଗୁଡ଼ିକୁ ସମୀକ୍ଷା କରିବା ସଙ୍ଗେ ସଙ୍ଗେ ବିଭିନ୍ନ ସମସ୍ୟା ସମ୍ପର୍କରେ ସରକାରଙ୍କୁ ପରାମର୍ଶ ଦେବେ ।

ଏହାଛଡ଼ା ନଦୀବନ୍ଧ ଯୋଜନା ଓ ଜଳସେଚନ ପ୍ରକଳ୍ପର ସୁପରିଚାଳନା, ସଦୁପଯୋଗ ଓ ରକ୍ଷଣାବେକ୍ଷଣ କାର୍ଯ୍ୟରେ ଜନସାଧାରଣ ଯେପରି ସଂଶ୍ଳିଷ୍ଟ ହୋଇପାରିବେ ଏଥିନିମନ୍ତେ ସରକାର କେତେକ ପ୍ରଶାସନିକ ବ୍ୟବସ୍ଥାର ପ୍ରଚଳନ କରିଛନ୍ତି ।

ରାଜ୍ୟ ସରକାର ଏହି ସ୍ୱଳ୍ପ ସମୟ ମଧ୍ୟରେ ଜଳସେଚନ ସମ୍ଭାବ୍ୟ ସୃଷ୍ଟି କରିବା ଦିଗରେ ଯେଉଁସବୁ ବଳିଷ୍ଠ ପଦକ୍ଷେପମାନ ଗ୍ରହଣ କରି ଏକ ଐତିହାସିକ ସଫଳତା ହାସଲ କରିପାରିଛନ୍ତି ତାହା ଓଡ଼ିଶା ଇତିହାସରେ ଏକ ଗୌରବମୟ ଅଧ୍ୟାୟ ହୋଇ ରହିଥିବ, ସେଥିରେ ସନ୍ଦେହ ନାହିଁ ।

---

**ଜଳସେଚନ ଓ ସଂସଦୀୟ ବ୍ୟାପାର ମନ୍ତ୍ରୀ**
**ଭୁବନେଶ୍ୱର ।**

# କଳିଙ୍ଗର ନୌ–ବାଣିଜ୍ୟ ପରମ୍ପରା

ଶ୍ରୀ ବେଣୁଧର ପାତ୍ର

କଳିଙ୍ଗର ନୌ–ବାଣିଜ୍ୟ ପରମ୍ପରା ପ୍ରାଚୀନ ଭାରତ ଇତିହାସରେ ଏକ ଗୌରବମୟ ଓ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ଭୌଗଳିକ ଅବସ୍ଥିତି ନିରୂପଣରୁ ଜଣାଯାଏ ଯେ ଏହି ପ୍ରାଚୀନ କଳିଙ୍ଗ ରାଜ୍ୟ ଉତ୍ତରରେ ଗଙ୍ଗାଠାରୁ ଦକ୍ଷିଣରେ ଗୋଦାବରୀ ମୁହାଣ ଯାଏ ସମୁଦ୍ର ଉପକୂଳ ଅଞ୍ଚଳରେ ବିସ୍ତୃତ ଥିଲା ।ଏହାର ଅଧିବାସୀ ଓଡ଼ିଆମାନେ ଥିଲେ ଏକ ଦୁର୍ଦ୍ଧର୍ଷ, ଦୁର୍ଦ୍ଦାନ୍ତ ବୀର ଜାତି । ବିସ୍ତୃତ ନୀଳ ସମୁଦ୍ରର ବକ୍ଷଭେଦ କରି ସାତ ସମୁଦ୍ର ତେର ନଈ ପାର ହୋଇ ବୋଇତ ନେଇ ବିଦେଶକୁ ଯାଉଥିଲେ ସେମାନେ ବେପାର କରି ଓ ବୋହି ଆଣୁଥିଲେଧନ, ରତ୍ନ, ମଣି, ମୁକ୍ତା, ବିଭବ ଓ ଅମାପ ସମ୍ପଦ । ସଂପ୍ରସାରିତ ଓ ପ୍ରଭାବିତ କରିଥିଲେ ଶିଳ୍ପ, କଳା, ସଂସ୍କୃତିର ମହାନ ଭୂଖଣ୍ଡ– କଳିଙ୍ଗର–ଉନ୍ନତ ଗୌରବମୟ ସଂସ୍କୃତି ଓ ସଭ୍ୟତାକୁ ଅନନ୍ତ ଅଗାଧ ମହାସମୁଦ୍ରର ଅପରପାରିରେ । ବାନ୍ଧିଥିଲେ କଳିଙ୍ଗ ସହିତ ରୋମ ସାମ୍ରାଜ୍ୟ, ଆଫ୍ରିକା ମହାଦେଶ, ଦକ୍ଷିଣ ପୂର୍ବ ଏସିଆର ଜାଭା, ବାଲି, ସୁମାତ୍ରା, ମାଳୟ, ବୋର୍ଣ୍ଣିଓ, ଚୀନ, ଜାପାନ, ସିଂହଳ, ବ୍ରହ୍ମଦେଶ ଇତ୍ୟାଦି ସହିତ ସାମାଜିକ, ରାଜନୈତିକ, ବାଣିଜ୍ୟିକ ତଥା ସାଂସ୍କୃତିକ ସେତୁ । ଗଢ଼ି ତୋଳିଥିଲେ ଅନେକ ଉପନିବେଶ ବିଦେଶୀ ମାଟିରେ । ମୁଖ୍ୟଭାବରେ ଦାୟୀ ହୋଇଥିଲେ ଦକ୍ଷିଣ–ପୂର୍ବ ଏସିଆରେ ''Greater India''ର ପ୍ରତିଷ୍ଠା ପାଇଁ । ଏଥିପାଇଁ ଦାୟୀ ସମୁଦ୍ର ପ୍ରେମୀ ଓଡ଼ିଆ ଜାତିର ନିର୍ଭୀକତା ଓ ଦୁଃସାହସିକତା; କଳିଙ୍ଗ ନାବିକ ଓ ସମୁଦ୍ରଜିବୀମାନଙ୍କର ନୌ–ଚାଳନା ନିପୁଣତା । ସର୍ବୋପରି କଳିଙ୍ଗର ଏହି ଗୌରବମୟ ନୌ–ବାଣିଜ୍ୟ ପରମ୍ପରା ଓ ପାରଦର୍ଶିତା ପାଇଁ ଦାୟୀ । ଏହାର ଅବସ୍ଥିତି ସୁଦୀର୍ଘ ସମୁଦ୍ର ଉପକୂଳରେ ଯେଉଁଥି ପାଇଁ କଳିଙ୍ଗର ଅଧିବାସୀମାନେ ନୌ–ବାଣିଜ୍ୟରେ ପ୍ରସିଦ୍ଧିଲାଭ କରିଥିଲେ । ସୁଦୀର୍ଘ ବେଳାଭୂମିରେ ଗଢ଼ି ଉଠିଥିଲା ଅନେକ ଉନ୍ନତ ଓ ସକ୍ରିୟ ବନ୍ଦର । ସେହି ବନ୍ଦରମାନଙ୍କରୁ ବିଭିନ୍ନ ସାମୁଦ୍ରିକ ରାସ୍ତାଦେଇ କେବଳ କଳିଙ୍ଗର ବାଣିଜ୍ୟିକ ପଣ୍ୟଦ୍ରବ୍ୟ ନୁହେଁ ଏହାର ସଂସ୍କୃତି ଓ ସଭ୍ୟତା ମଧ୍ୟ ପ୍ରସାରିତ ହୋଇଥିଲା ଅନ୍ୟଦେଶମାନଙ୍କୁ । କଳିଙ୍ଗର ଏହି ନୌ–ବାଣିଜ୍ୟ ପ୍ରସିଦ୍ଧି ପାଇଁ ମହାକବି କାଳିଦାସ ତାଙ୍କ କାବ୍ୟ ରଘୁବଂଶରେ କଳିଙ୍ଗର ରାଜାଙ୍କୁ "ସମୁଦ୍ରରାଜା" ବା ''The Lord of the Sea'' ଭାବରେ ବର୍ଣ୍ଣନା କରିଯାଇଛନ୍ତି ।

ମହାଭାରତ, ରାମାୟଣ, କାଳିଦାସଙ୍କର ରଘୁବଂଶ, ବ୍ରହ୍ମାଣ୍ଡ, ବାୟୁ, ମତ୍ସ୍ୟ, ଋନ୍ଦ, ଗରୁଡ଼, ଅଗ୍ନି ଏବଂ ମାର୍କଣ୍ଡେୟ ପୁରାଣ, ବୌଦ୍ଧ ଜାତକ, ପ୍ରାଚୀନ ବୌଦ୍ଧ ଶାସ୍ତ୍ର, ତପପୋଇ, ଖୁଲଣା ସୁନ୍ଦରୀ ଉପାଖ୍ୟାନ, କଥାସରିତ ସାଗର, ଦଶକୁମାର ଚରିତ, ଗ୍ରୀକ୍ ନାବିକ ଟୋଲମିଙ୍କ ଭ୍ରମଣ ବୃତ୍ତାନ୍ତ, ଫାହିୟାନ ଓ ହୁଏନ୍‌ସାଂଙ୍କ ବିବରଣୀ ଏବଂ ଗ୍ରୀସିୟ ଓ ଆରବୀୟ ଲେଖକମାନଙ୍କ ବିବରଣୀ ପ୍ରଭୃତି ବିଭିନ୍ନ ପ୍ରକାର ଗ୍ରନ୍ଥ ଓ ପ୍ରତ୍ନତାତ୍ତ୍ୱିକ ଗବେଷଣାରୁ କଳିଙ୍ଗର ନୌ–ବାଣିଜ୍ୟ ବିଷୟରେ ଜାଣିବାକୁ ମିଳେ ।

କେବେ କଳିଙ୍ଗର ଏହି ନୌ–ବାଣିଜ୍ୟ ପରମ୍ପରା ଆରମ୍ଭ ହୋଇଥିଲା ଆଜି ବି ଠିକ୍ ରୂପେ କହି ହୁଏନା । କିନ୍ତୁ ଜଣାଯାଏ ମୌର୍ଯ୍ୟ ସମ୍ରାଟ ଅଶୋକଙ୍କର କଳିଙ୍ଗ ବିଜୟ ବେଳକୁ କଳିଙ୍ଗ ନୌ-ବାଣିଜ୍ୟ ପରମ୍ପରାରେ ପ୍ରତିଷ୍ଠା ଲାଭ କରିପାରିଥିଲା । କେବଳ ସେତିକି ନୁହେଁ, ବିଭିନ୍ନ ସ୍ଥାନରେ ଏହାର ଉପନିବେଶମାନ ମଧ୍ୟ ସ୍ଥାପନ କରି ସାରିଥିଲା ଏବଂ କଳିଙ୍ଗମାନେ ହେଉଛନ୍ତି ପୁରୋଧା ଭାରତୀୟ ଉପନିବେଶମାନଙ୍କର ''Further India''ରେ ପ୍ରତିଷ୍ଠା ପାଇଁ । (୧) ତା' ଛଡ଼ା ସେମାନଙ୍କର ମଧ୍ୟ ସ୍ପଷ୍ଟଧାରଣା ଥିଲା ବୋଇତ ଗଢ଼ିବାର ପ୍ରଣାଳୀ ଓ ବୋଇତ ନିର୍ମାଣ ପାଇଁ ଦରକାରୀ ସାମଗ୍ରୀ ବିଷୟରେ । ଖ୍ରୀଷ୍ଟିୟ ପ୍ରଥମ ଶତାବ୍ଦୀରେ ଗ୍ରୀକ୍ ପର୍ଯ୍ୟଟକ ଟୋଲେମିଙ୍କ ଲିଖିତ ଭୂଗୋଳ ଗ୍ରନ୍ଥରୁ ଜଣାଯାଏ ଯେ ପଲୁରା ବା ପାଲୁର–ଗଞ୍ଜାମ ନିକଟସ୍ଥ ଏକ ନଗର–କଳିଙ୍ଗର ସର୍ବଶ୍ରେଷ୍ଠ ବନ୍ଦର ଥିଲା । "ଏଥିରୁ ମଧ୍ୟ ଜଣାଯାଏ ଯେ ନନିଗେନ–ପୁରୀ, କଟକମ–କଟକ, କୋଣଗର–କୋଣାର୍କ, କୋଶସ–ବାଲେଶ୍ୱର, ପଲସ୍ତୁ–ଜଳେଶ୍ୱର, ଦୋଷରନ–ବୈତରଣୀ, ଅଦମସ–ସୁବର୍ଣ୍ଣରେଖା, ମନଦ–ମହାନଦୀ ପ୍ରଭୃତି ବିଭିନ୍ନ ପ୍ରଧାନ ନଦୀ ଓ ନଗରମାନ ପ୍ରଥମ ଶତାବ୍ଦୀର ବହୁ ପୂର୍ବରୁ କଳିଙ୍ଗମାନଙ୍କର ବାଣିଜ୍ୟକେନ୍ଦ୍ର ଥିଲା । (୨) ଉପକୂଳରେ ଥିବା ଚିଲିକା, ପୁରୀ, କୋଣାର୍କ, ତାମ୍ରଲିପ୍ତି, ସୁବର୍ଣ୍ଣରେଖା, ନରେଖା, ସାରଙ୍ଗୋ, ବାଲେଶ୍ୱର, ଲୋଇଚନପୁର, ଚୁଡ଼ାମନ, ଧାମରା ପ୍ରଭୃତି ପ୍ରଧାନ ବନ୍ଦର ପାଇଁ ପ୍ରସିଦ୍ଧି ଲାଭ କରିଥିଲା । ଖ୍ରୀଷ୍ଟପୂର୍ବ ତୃତୀୟ ଓ ଚତୁର୍ଥ ଶତାବ୍ଦୀର କେତେକ ଅନୁଶାସନରୁ ଜାଣାପଡ଼େ ଯେ ସମୁଦ୍ର ଯାତ୍ରା ଓ ସମୁଦ୍ର ବାଣିଜ୍ୟ ସେତେବେଳେ କଳିଙ୍ଗ ରାଜକୁମାରମାନଙ୍କର ଶିକ୍ଷା ବିଧାନର ଅନ୍ତର୍ଗତ ହୋଇଥିଲା ।(୩)

କଳିଙ୍ଗର ପ୍ରାଚୀନ ବନ୍ଦରମାନଙ୍କ ମଧ୍ୟରେ ତାମ୍ରଲିପ୍ତି, ଚେ–ଲି–ତା–ଲୋ, ପାଲୁର, ମାଣିକପାଟଣା, ପିଥୁଣ୍ଡ, ସୋନପୁର ଇତ୍ୟାଦି ପ୍ରଧାନ । ତାମ୍ରଲିପ୍ତି ଯାହା ପୂର୍ବ ଉପକୂଳର ଶୀର୍ଷରେ

ଅବସ୍ଥିତ ଥିଲା ତା' ହେଉଛି ସର୍ବାପେକ୍ଷା ପ୍ରଧାନ ଓ ଗୁରୁତ୍ୱପୂର୍ଣ୍ଣ । ତାମ୍ରଲିପ୍ତି ବନ୍ଦରକୁ ବର୍ତ୍ତମାନର ପଶ୍ଚିମବଙ୍ଗ ରାଜ୍ୟର ମିଦନାପୁର ଜିଲ୍ଲାର ତାମଲୁକ୍ ବୋଲି ନିରୂପଣ କରାଯାଉଛି । ଗ୍ରୀକ୍ ପର୍ଯ୍ୟଟକ ଟୋଲେମି ଦ୍ୱିତୀୟ ଶତାବ୍ଦୀରେ ଏହାକୁ ତାମଲିଟି (Tamalitis)ବୋଲି ବର୍ଣ୍ଣନା କରିଛନ୍ତି । ପୁରାଣରେ ଏହି କଳିଙ୍ଗ ବନ୍ଦରର ଅଧିବାସୀମାନେ 'ମହିଷ୍ୟ'(Mahisyas) ନାମରେ ପରିଚିତ । ଜୈନ ସ୍ଥାବିରବଳୀରୁ ଜଣାଯାଏ ଯେ ତାମ୍ରଲିପ୍ତିର ଅଧିବାସୀମାନେ ମଇଁଷି ମାଂସ ଖାଉଥିଲେ । ଏହା ସପକ୍ଷରେ ତେଣୁ ପଣ୍ଡିତ ବିନାୟକ ମିଶ୍ର (୪) ମତ ଦିଅନ୍ତି ଯେ ଏହି କାରଣରୁ ତାମ୍ରଲିପ୍ତିର ଅଧିବାସୀମାନଙ୍କୁ 'Mahisyas' ବୋଲି କୁହାଯାଉଥିଲା । ଯେ ଯା'ହେଉ ଏହି ପ୍ରାଚୀନ କଳିଙ୍ଗ ବନ୍ଦରରୁ ପାଲଟଣା ଜାହାଜ ଓ ବୋଇତମାନ ପଶ୍ଚିମବଙ୍ଗ ଉପକୂଳରେ ବ୍ରହ୍ମଦେଶକୁ ଓ ସିଧାସଳଖ ବଙ୍ଗୋପସାଗର ଅତିକ୍ରମ କରି Malaya Peninsula ଓ Indo–Chinaକୁ ଯାତ୍ରା କରୁଥିଲେ । (୫) ମୌର୍ଯ୍ୟ ସମ୍ରାଟ ଅଶୋକଙ୍କ ସମୟରେ ଭାରତୀୟ ଧର୍ମ ଯାଜକମାନେ ସିଂହଳକୁ ଓ ସିଂହଳରୁ ଭାରତକୁ ଏହି ବନ୍ଦର ଦେଇ ଯାତାୟତ କରୁଥିଲେ । ରାଜକୁମାର ମହେନ୍ଦ୍ର ଏହି ବାଟ ଦେଇ ସିଂହଳକୁ ବୌଦ୍ଧ ଧର୍ମ ପ୍ରଚ୍ଛର କରିବାକୁ ଯାଇଥିଲେ । ରାଜକୁମାରୀ ସଙ୍ଘମିତ୍ରା ଯେତେବେଳେ ବୋଧିଦ୍ରୁମର ଏକ ଶାଖା ନେଇ ସିଂହଳ ଯାଉଥିଲେ ସେତେବେଳେ ସମ୍ରାଟ ଅଶୋକ ନିଜେ ସଙ୍ଘମିତ୍ରାଙ୍କୁ ବିଦାୟ ଦେବା ପାଇଁ ଏହି ବନ୍ଦର ପର୍ଯ୍ୟନ୍ତ ଆସିଥିଲେ । ମହାବଂଶରୁ ଜଣାଯାଏ ତାମ୍ରଲିପ୍ତିରୁ ସିଂହଳ ଜଳଯାତ୍ରା ପାଇଁ ୭ ଦିନ ଲାଗୁଥିଲା । ପଞ୍ଚମ ଶତାବ୍ଦୀରେ ଚୀନ୍ ପରିବ୍ରାଜକ ଫାହିୟାନ୍ (Fahien) ଚୀନ୍‌କୁ ସିଂହଳ ବାଟ ଦେଇ ଯିବାକୁ ଏହି ବନ୍ଦରଠାରୁ ଯାତ୍ରା ଆରମ୍ଭ କରିଥିଲେ । ପରବର୍ତ୍ତୀ ସମୟରେ ଅନ୍ୟ ଦୁଇ ଚୀନ୍ ପରିବ୍ରାଜକ–ହୁଏନ୍‌ସାଂ ଓ ଇତ୍‌ସିଂ ଏହି ଉନ୍ନତ ବନ୍ଦର ଯାହା ସଂସ୍କୃତିର ଏକ ପୀଠସ୍ଥଳୀ ମଧ୍ୟ ଥିଲା ତାହା ପରିଦର୍ଶନ କରିଥିଲେ । ଏହା ଦକ୍ଷିଣ-ପୂର୍ବ ଏସିଆର ଏକ ବିରାଟ ସାମୁଦ୍ରିକ ବନ୍ଦର ଥିଲା ଏବଂ ବିଦେଶକୁ ତସା ରପ୍ତାନୀ ପାଇଁ ଏହା ପ୍ରସିଦ୍ଧି ଲାଭ କରିଥିଲା । ଏହି ବନ୍ଦର ମଧ୍ୟ Cotton ବସ୍ତ୍ର ରପ୍ତାନୀ ପାଇଁ ପ୍ରସିଦ୍ଧ ଥିଲା । ଏହି ବନ୍ଦରରୁ ବିଦେଶକୁ ରପ୍ତାନୀ ହୋଇଥିବା ଅନ୍ୟ ଦ୍ରବ୍ୟମାନଙ୍କ ମଧ୍ୟରେ ନୀଳ, ସିଲ୍‌କ, ତସା, ହାତୀ ଇତ୍ୟାଦି ପ୍ରଧାନ ।

'ଚେ–ଲି–ତା–ଲୋ' ବା 'ଚରିତ୍ରପୁର' କଳିଙ୍ଗର ଅନ୍ୟ ଏକ ମୁଖ୍ୟ ବନ୍ଦର ଥିଲା । ସପ୍ତମ ଶତାବ୍ଦୀରେ ପ୍ରସିଦ୍ଧ ଚିନ୍ ପରିବ୍ରାଜକ ହୁଏନ୍‌ସାଂ ତାଙ୍କ 'ସି–ୟୁ–କି'ରେ ଲେଖି ଯାଇଛନ୍ତି, ''Near the shore of the ocean in the South East was the city Che-li-ta-lo above 20 li in circuit which was a throughfare and resting place for Sea going traders and Strangers from distant lands,''(B) in the ''Wa-ta'' country meaning Orissa. ଏହା କଳିଙ୍ଗର ସଂସ୍କୃତି ଓ ନୌ–ବାଣିଜ୍ୟର ଏକ କେନ୍ଦ୍ରସ୍ଥଳୀ ଥିଲା ଏବଂ ସପ୍ତମ ଶତାବ୍ଦୀରେ ବୌଦ୍ଧଧର୍ମର ଏକ ପ୍ରଧାନ ପୀଠ ଥିଲା । କିନ୍ତୁ ବନ୍ଦର ଚେ–ଲି–ତା–ଲୋର ଅବସ୍ଥିତି ନିରୂପଣ ବିଷୟରେ ଗବେଷକମାନେ ବିଭିନ୍ନ ମତ ପୋଷଣ କରନ୍ତି । ବିଭିନ୍ନ ଦୃଷ୍ଟି କୋଣରୁ ଅନୁଧ୍ୟାନ ଓ ଅବଲୋକନ କରି ଆମେ ଜେନେରାଲ କନିଙ୍ଗହାମ୍‌ଙ୍କ ମତ ଉପଯୁକ୍ତ ବୋଲି କହିପାରିବା ଯିଏ ଚେ–ଲି–ତା–ଲୋ ବା ଚରିତ୍ରପୁରକୁ ଆଧୁନିକ ପୁରୀ ଜଗନ୍ନାଥ କ୍ଷେତ୍ର ବୋଲି ପ୍ରମାଣ କରିଛନ୍ତି ।

ପାଲୁର ହେଉଛି ପ୍ରାଚୀନ କଳିଙ୍ଗର ଅନ୍ୟତମ ପ୍ରସିଦ୍ଧ ବନ୍ଦର । ଦ୍ୱିତୀୟ ଶତାବ୍ଦୀର ଟୋଲେମିଙ୍କ (୮) ଠାରୁ ପଞ୍ଚଦଶ ଶତାବ୍ଦୀରେ ଭାରତ ମହାସାଗରରେ ପର୍ତ୍ତୁଗୀଜମାନଙ୍କ ପ୍ରବେଶ ପର୍ଯ୍ୟନ୍ତ ଏହା ଗୋଟିଏ ସମୃଦ୍ଧିଶାଳୀ ବନ୍ଦର ଥିଲା । ଗ୍ରୀକ୍ ନାବିକ ଟୋଲେମି (୯) ପାଲୁରାକୁ କଳିଙ୍ଗ ରାଜ୍ୟର ଏକ ସମୃଦ୍ଧିଶାଳୀ ଉନ୍ନତ ବନ୍ଦର ଭାବରେ ବର୍ଣ୍ଣନା କରିଯାଇଛନ୍ତି । ସେ ମଧ୍ୟ କିପରି ଏ ବନ୍ଦରରୁ ଦକ୍ଷିଣପୂର୍ବ ଏସିଆ ଦେଶମାନଙ୍କୁ ଜାହାଜମାନ ଯାତ୍ରା କରୁଥିଲା ସେ ବିଷୟରେ ଅବତାରଣା କରିଛନ୍ତି । ଏହି ପାଲୁରା ଆଧୁନିକ ଓଡ଼ିଶାର ଗଞ୍ଜାମ ଜିଲ୍ଲାର 'ପାଲୁର" ଯାହା ଚିଲିକା ହ୍ରଦର ଦକ୍ଷିଣ ସୀମାରେ ଅବସ୍ଥିତ ବୋଲି ଚିହ୍ନିତ କରାଯାଇଛି । (୧୦) ଏହି ବନ୍ଦର କରମଣ୍ଡଳ ଉପକୂଳରେ ଏକମାତ୍ର ବନ୍ଦର ଯାହା ଜଳଯାତ୍ରୀମାନଙ୍କର ପ୍ରସ୍ଥାନ ପାଇଁ କାମ କରୁଥିଲା । (୧୧) ପ୍ରଫେସର Sylvian Levy (୧୨) 'ଦନ୍ତପୁରା' ଓ ପାଲୁର ଏକ ଓ ଉଭୟେ ଗୋଟିଏ ଜାଗାର ଦୁଇଟି ନାମ ବୋଲି ବର୍ଣ୍ଣନା କରିଛନ୍ତି । ପ୍ରଫେସର କରୁଣା ସାଗର ବେହେରା ବୌଦ୍ଧ ସାହିତ୍ୟର 'ଦନ୍ତପୁରା' ଓ ପାଲୁର ଏକ ବୋଲି ମଧ୍ୟ ମତ ବ୍ୟକ୍ତ କରିଛନ୍ତି କାରଣ 'ପାଲୁ' ଅର୍ଥ 'ଦାନ୍ତ' ଓ ଉର୍ (Ur) ହେଉଛି 'ପୁର' (City) ।

ଟେଲିମିଙ୍କ ଭୂଗୋଳ ଉପରେ ଗବେଷଣା କରିଥିବା ଜେରିନିଙ୍କ ମତ ଅନୁସାରେ ପାଲୁରର ଦକ୍ଷିଣକୁ ଗୋଟିଏ ବନ୍ଦର ଥିଲା ଯେଉଁଠାରୁ ଜାହାଜ ସବୁ 'ସୁବର୍ଣ୍ଣଭୂମି' ଓ 'ସୁବର୍ଣ୍ଣଦ୍ୱୀପ' ଯାଉଥିଲା । ଗବେଷକମାନେ ଏହି ବନ୍ଦରକୁ ଗଞ୍ଜାମ ଜିଲ୍ଲାର ଗୋପାଳପୁର ବନ୍ଦର ବୋଲି ଅବତାରଣା କରିଛନ୍ତି ।

ଏହା ବ୍ୟତୀତ ଚିଲିକା ହ୍ରଦ ଉପକଣ୍ଠରେ ମାଣିକ ପାଟଣା (୧୩) ଠାରେ ଅନ୍ୟ ଏକ ବନ୍ଦର ଗଢ଼ି ଉଠିଥିଲା । ପ୍ରତ୍ନତାତ୍ତ୍ୱିକ ଖନନ ଦ୍ୱାରା ଏଠାରୁ ବାହାରିଥିବା ଜିନିଷରୁ ଅନୁମାନ କରାଯାଏ ଯେ ଏହି ବନ୍ଦର ସହିତ ରୋମ ସାମ୍ରାଜ୍ୟ, ସିଂହଳ ଓ ଚୀନ୍‌ର ନୌ–ବାଣିଜ୍ୟିକ ସମ୍ପର୍କ ରହିଥିଲା ।

ପୂର୍ବ ଉପକୂଳରେ କଳିଙ୍ଗର ଅନ୍ୟତମ ପ୍ରସିଦ୍ଧ ବ୍ୟବସାୟ ବାଣିଜ୍ୟିକ ବନ୍ଦର ହେଲା 'ପିଥୁଣ୍ଡ' । ଜୈନଗ୍ରନ୍ଥ "ଉତ୍ତରାଧ୍ୟୟନ ସୂତ୍ର" ଏହାକୁ ଏକ ଉନ୍ନତ ପୋତାଶ୍ରୟ ଭାବରେ ବର୍ଣ୍ଣନା କରିଛି । ପ୍ରଫେସର Sylvian Levi ଜୈନ ଗ୍ରନ୍ଥରେ ଏହି ପିଥୁଣ୍ଡ ହେଉଛି କଳିଙ୍ଗ ସମ୍ରାଟ ଖାରବେଳଙ୍କ ହାତୀଗୁମ୍ଫା ଶୀଳାଲେଖର ପିଥୁଣ୍ଡ ଜନପଦ ବୋଲି ମତ ଦେଇଛନ୍ତି । (୧୪) ଏହି ପିଥୁଣ୍ଡ ହେଉ ''May be tentatively located near Kalingapatnam'' । (୧୫) ଅନ୍ତରଙ୍ଗ ଓ ସୋନପୁର ପ୍ରାଚୀନ କଳିଙ୍ଗର ଆଉଦୁଇଟି ବନ୍ଦର ।

ସମୁଦ୍ର ଉପକଣ୍ଠରେ ଏହି ପ୍ରଧାନ ବନ୍ଦରମାନଙ୍କରୁ ଦୁର୍ଦ୍ଧର୍ଷ ସାହସୀ କଳିଙ୍ଗମାନେ ଗଭୀର ଭୀମ ଭୟଙ୍କର ସମୁଦ୍ର ପାର ହୋଇ ଭିନ୍ନ ନୌ-ପଥ ଦେଇ ସ୍ଥାପନ କରିଥିଲେସେମାନଙ୍କର ସମ୍ପର୍କ ବିଦେଶୀ ଦେଶମାନଙ୍କ ସହିତ । ବିଶେଷକରି କଳିଙ୍ଗର ଜାଭା, ସୁମାତ୍ରା, ମାଳୟ, ବାଲି, ବୋର୍ଣ୍ଣିଓ, ଚୀନ୍, ଶ୍ରୀଲଙ୍କା, ବ୍ରହ୍ମଦେଶ ସହିତ ସମ୍ପର୍କ ଗୁରୁତ୍ୱପୂର୍ଣ୍ଣ ଓ ଆକର୍ଷଣୀୟ । ପ୍ରାଚୀନ କଳିଙ୍ଗୀମାନେ ସିଂହଳର ଉପକୂଳ ଦେଇ ଓ ବଙ୍ଗୋପସାଗରର କୂଳେକୂଳେ ସେମାନଙ୍କର ଜାହାଜ ବାହିନେଇ ବେପାର କରିବାକୁ ଯାଉଥିଲେ ଉପରୋକ୍ତ ଦେଶମାନଙ୍କୁ ଏବଂ ବିତ୍ତଶାଳୀ କରିଥିଲେ ନିଜ ମାତୃଭୂମି କଳିଙ୍ଗକୁ । ସେହି ଦେଶମାନଙ୍କରେ ସମୟକ୍ରମେ ଗଢି ତୋଳିଥିଲେ ସେମାନଙ୍କର ବାଣିଜ୍ୟିକ ଉପନିବେଶମାନ, ପ୍ରଭାବ ପକାଇ ଥିଲେ ସେମାନଙ୍କ କଳା, ସଂସ୍କୃତି, ରାଜନୀତି ଓ ଧର୍ମ ଉପରେ । ବୀକିରଣ କରାଇଥିଲେ ସେଠାକାର ଆଦିମ ଅଧିବାସୀମାନଙ୍କଠାରେ ଜ୍ଞାନାଲୋକ, ଯଦ୍ୱାରା ସହସହ ବର୍ଷ ବିତିଯାଇଥିଲେ ସୁଦ୍ଧା ଓଡ଼ିଆ ସଭ୍ୟତା, ସଂସ୍କୃତିର ଛାପ ସେମାନଙ୍କଠାରେ ବିଶେଷ ଭାବେ 'ପରିଲକ୍ଷିତ ହେଉଛି । ଭାଦ୍ରବ ମାସର "ଖୁଦୁରୁକୁଣୀ ଓଷା" ଓ କାର୍ତ୍ତିକ ପୂର୍ଣ୍ଣିମାର ବୋଇତ ବନ୍ଦାଣ କଳିଙ୍ଗର ଏହି ଲୁପ୍ତ ଗୌରବକୁ ବଜାୟ ରଖିପାରିଛି ।

କଳିଙ୍ଗବାସୀମାନେ ଦକ୍ଷିଣପୂର୍ବ ଏସିଆର ଯେଉଁ ଦ୍ୱୀପପୁଞ୍ଜ ସହିତ ନୌ-ବାଣିଜ୍ୟ ସମ୍ପର୍କ ସ୍ଥାପନ କରିଥିଲେ ସେଗୁଡ଼ିକ ଏକତ୍ରିତ ଭାବରେ 'ସୁବର୍ଣ୍ଣଭୂମି' ବା 'ସୁବର୍ଣ୍ଣ ଦ୍ୱୀପ' ନାମରେ ସାରା ପୃଥିବୀରେ ପରିଚିତ ଥିଲା । ଏହି ଦ୍ୱୀପପୁଞ୍ଜର ମାଳୟ, ଜାଭା, ସୁମାତ୍ରା, ବୋର୍ଣ୍ଣିଓ ଓ ବାଲି ପ୍ରଭୃତି ପ୍ରଧାନ ଦ୍ୱୀପ ବାଣିଜ୍ୟ ପାଇଁ ଉତ୍କୃଷ୍ଟତମ ଥିଲା । ପ୍ରାଚୀନ ଚୀନ୍ ବିବରଣୀ ଯେଉଁଥିରେ କଳିଙ୍ଗର ଅଧିବାସୀମାନଙ୍କୁ 'କୁ-ଦନ୍-ଲୁନ୍' (୧୬) ବୋଲି କୁହାଯାଇଛି ଏଥିରୁ ଜଣାଯାଏ ଯେ ମାଳୟ ଦ୍ୱୀପପୁଞ୍ଜରେ କଳିଙ୍ଗୀୟମାନେ ସର୍ବପ୍ରଥମେ ରାଜ୍ୟ ଓ ସଂସ୍କୃତିର ବିକାଶ କରିଥିଲେ । ଏହି ସୂତ୍ରରୁ ଆହୁରି ମଧ୍ୟ ଜଣାଯାଏ ଯେ ସାହସୀ ନାବିକମାନେ ଖ୍ରୀଷ୍ଟିୟ ୨ୟ ଶତାବ୍ଦୀରେ ପାଲୁର ବନ୍ଦର ଦେଇ ମାଳୟ ଦ୍ୱୀପରେ ବାଣିଜ୍ୟ କରୁକରୁ ବସତି ସ୍ଥାପନ କରିଥିଲେ । ଜାଭା ଦ୍ୱୀପର ଇତିହାସରୁ ଜଣାପଡ଼େ ଯେ କଳିଙ୍ଗର ରାଜପୁତ୍ର ୨୦ ହଜାର ପରିବାରକୁ ପଠାଇ ଥିଲେ ସେଠାକୁ । କାଳକ୍ରମେ ଏହି ୨୦ ହଜାର ପରିବାର ବହୁଗୁଣିତ ହୋଇ କାନେ ନାମକ ଏକ ଶକ୍ତିଶାଳୀ ରାଜାଙ୍କର ପ୍ରଜା ହୋଇ ରହିଥିଲେ ଏବଂ ସେହି ରାଜାଙ୍କର ବଂଶଧରମାନେ ଦୀର୍ଘ ଦ୍ୱାବିଂଶତ ବର୍ଷ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ (୧୭) ଐତିହାସିକ ଏଲ୍‌ଫିନ୍ ଷ୍ଟୋନ୍ ଏହା ସପକ୍ଷରେ କହନ୍ତି ଯେ କଳିଙ୍ଗରୁ ଦଳେ ହିନ୍ଦୁ ଜାଭାରେ ଉପନୀତ ହୋଇ ସେ ସ୍ଥାନର ଅଧିବାସୀମାନଙ୍କୁ ସଭ୍ୟ କରିଥିଲେ ଓ ସେ ଦେଶକୁ ଜୟ କରି ସେଠାରେ ହିନ୍ଦୁରାଜ୍ୟ ସ୍ଥାପନ କରିଥିଲେ । ଜାଭା ସାଙ୍ଗକୁ ବାଲି ଦ୍ୱୀପରେ ହିନ୍ଦୁକରଣ ପ୍ରକ୍ରିୟା ପ୍ରଥମ ଶତାବ୍ଦୀରୁ ହୋଇଥିଲା ବୋଲି ଜଣାଯାଏ । କେତେକ ମତବ୍ୟକ୍ତ କରନ୍ତି ଯେ ବାଲିରେ ହିନ୍ଦୁ ଧର୍ମର ପ୍ରଭାବ ଜାଭାଦ୍ୱୀପ ଦେଇ ପହଞ୍ଚି ଥିଲା । କିନ୍ତୁ ବୃହତ୍ ସଂହିତା ଓ କଥାସରିତ ସାଗରରୁ ଜଣାଯାଏ ଯେ ବହୁ ପ୍ରାଚୀନ କାଳରୁ ଭାରତ ଓ ବାଲି ମଧ୍ୟରେ ସିଧା ସଳଖ ବାଣିଜ୍ୟିକ ସମ୍ପର୍କଥିଲା । (୧୮) ବାଲିରେ ହିନ୍ଦୁ ସଭ୍ୟତାର ବିକାଶ ପାଇଁ କଳିଙ୍ଗର ଦାନ ଅତୁଳନୀୟ । ବାଲି ଅଧିବାସୀମାନଙ୍କର ବର୍ତ୍ତମାନର ପ୍ରଚଳିତ ବେଶଭୂଷା, ଆସ୍ୱର ବ୍ୟବହାର, ହାତକାମ, ପୂଜାପଦ୍ଧତି, ପର୍ବପର୍ବାଣୀ ଖାଦ୍ୟ ସାମଗ୍ରୀ ପ୍ରଭୃତିକୁ ଅନୁଧ୍ୟାନ କଲେ ଜଣାଯାଏ ଯେ ନିଃସନ୍ଦେହରେ ସେଗୁଡ଼ିକ ପ୍ରାଚୀନକାଳରୁ କଳିଙ୍ଗ (ପ୍ରାଚୀନ ଓଡ଼ିଶା)ରୁ ପରିବ୍ୟାପ୍ତ ହୋଇଛି । ଓଡ଼ିଆରେ ଆମେ ଯାହାକୁ "ବୋଉ" ବୋଲି କହିଥାଉ ବାଲି ଅଧିବାସୀ ତାଙ୍କୁ କହନ୍ତି'ବୁ'(Bu)ଏବଂ ଓଡ଼ିଶାର ବୁଆ ଶବ୍ଦଟି ବାଲିରେ "ବୁଆ" (Buah) ଭାବରେ ପରିଚିତ । ଆମର ଚିନାବାଦାମ ଓ ଅରୁଆ ଚାଉଳକୁ ଯଥାକ୍ରମେ ସେମାନେ 'ଚିନା' ଓ ଅରୁଆ (Arua) ବୋଲି କହିଥାନ୍ତି । ଓଡ଼ିଆଙ୍କ ପରି ବାଲିବାସୀ ମଧ୍ୟ ସଜନା, ଶାଗ, କଦଳୀ, ମଣ୍ଡା, ଭଣ୍ଡା ପ୍ରଭୃତି ଖାଇବାକୁ ଭଲ ପାଆନ୍ତି । ସେହିପରି ପିଠା ମଧ୍ୟରେ ମଣ୍ଡା ଓ ଏଣ୍ଡୁରି ପିଠା ଓଡ଼ିଆଙ୍କ ପରି ସେମାନଙ୍କର ପ୍ରିୟ ଖାଦ୍ୟ ଅଟେ । ପୂଜାପଦ୍ଧତିରେ ମଧ୍ୟ ଉଭୟ ସ୍ଥାନର ଲୋକଙ୍କ ମଧ୍ୟରେ ସାମଞ୍ଜସ୍ୟ ଦେଖାଯାଏ । ଓଡ଼ିଶାର ଲୋକେ ଲକ୍ଷ୍ମୀ ଠାକୁରାଣୀଙ୍କୁ ପୂଜା କରୁଥିବା ବେଳେ ବାଲିର ଲୋକେ ଧନଦେବୀ ଶ୍ରୀଙ୍କୁ ପୂଜା କରିଥାନ୍ତି । ଓଡ଼ିଶାରେ ଜଗନ୍ନାଥ ଓ ପୁରୁଷୋତ୍ତମଙ୍କ ମଧ୍ୟରେ ଯେପରି ସମନ୍ୱୟ ହୋଇଥିଲା ସେହିପରି ବାଲି ଦ୍ୱୀପରେ ଶିବ ଓ ଜଗନ୍ନାଥଙ୍କର ସମନ୍ୱୟ ହୋଇଥିବା ଜଣାଯାଏ । ଅପରପକ୍ଷରେ ଓଡ଼ିଶାରେ କୁହାଯାଉଥିବା "ବୋଇତିକଖାରୁ" ବା "ବୋଇତାଳୁ" ବାହାର ଦେଶରୁ ଏହା ବୋଇତରେ ଆସିଥିବା ଯୋଗୁ ଏହାର ନାମ ଏପରି ହୋଇଥିବା ଜଣାଯାଏ । ଏସବୁ ପର୍ଯ୍ୟାଲୋଚନାରୁ ଜଣାଯାଏ ଯେ ଓଡ଼ିଶାର ଭାଷା, ଧର୍ମ, ଶୈଳିଚଳନ, ଆସ୍ୱର ବ୍ୟବହାର ବାଲିବାସୀଙ୍କଠାରେ ପ୍ରତିଫଳିତ ହୋଇଛି । ଏହା ବ୍ୟତୀତ ଇଣ୍ଡୋନେସିଆର ଅନ୍ୟ ଦ୍ୱୀପଗୁଡ଼ିକ ଓ ସିଂହଳ, ଚୀନ୍‌ରେ ମଧ୍ୟ କଳିଙ୍ଗୀୟମାନେ ସ୍ୱୀୟ ଗୌରବମୟ ନୌ-ବାଣିଜ୍ୟ ପରମ୍ପରା ଦ୍ୱାରା ପ୍ରାଚୀନ କଳିଙ୍ଗର ସମୃଦ୍ଧ ସଭ୍ୟତା ଓ ସଂସ୍କୃତିକୁ ବିକିରଣ କରି ପ୍ରଭାବ ଓ ପ୍ରତିଷ୍ଠା ଲାଭ କରିପାରିଥିଲେ ।

**References :**


(1) R. D. Banerjee, History of Orissa Vol I. Varanasi. 1980. P -93

(2) ଜଗବନ୍ଧୁ ସିଂହ, ପ୍ରାଚୀନ ଉତ୍କଳ, ପୃ: ୫୭୩-୫୭୬

(3) କୃପାସିନ୍ଧୁ ମିଶ୍ର, ଉତ୍କଳ ଇତିହାସ, ପୃ ୩୨

(4) Pt. Binayak Mishra, Indian Culture and the Cult. of Jagnnath, P. 27

(5) R. D. Banerjee, of cif., P. 94

(6) P. C. Prasad, Foreign Trade and Commerce in Ancient India, P. 86

(7) Thomas Watters, On Yuan Chwang's Travels in India Vol. II, 1973, New Delhi pp. 193-194.

(8) J. W. MacCrindle, Ancient India as described by Ptolemy pp 23, 63, 67, 70 and 180.

(9) Genini Research on Ptolemys Geography P 243

(10) K. S. Behera, Orissa Review, November, 1992, P 6

(11) R. C Majumdar, "Suvarnadipa" Dacca, 1937, P 7

(12) S. Choudhury, "Lost Forgotten Places of Orissa", Sidelights on history and Culture of Orissa Ed. by M. N. Das.

(13) K. S. Behera, op. cif pp.6-7

(14) B. S. Das, Economic History of Orissa pp.34-35

(15) K. S. Behera, Maritime trade in Ancient Orissa Sidelights on History and Culture of Orissa Ed. by M. W. Das, P. 117.

(16) ଡଃ ହରିଶ୍ଚନ୍ଦ୍ର ଦାସ, ଓଡ଼ିଶାର ନୌ-ବାଣିଜ୍ୟ ଓ ବାଲିଯାତ୍ରା, ଉତ୍କଳ ପ୍ରସଙ୍ଗ, ମେ, ୧୯୯୨, ପୃ: ୫୭ ।

(17) D. P. Singhal, India and World Civilization, Vol. II, P. 138.

(18) H. B. Sarkar, The Cultural and Poltical Background of Indian Javanese History, JIH, Vol. VLII, P. 403.



ଇତିହାସ ଅଧ୍ୟାପକ,
ଖୋସାଲପୁର ମହାବିଦ୍ୟାଳୟ,
ଗଞ୍ଜାମ ।





ମୟୂରଭଞ୍ଜ ବାଙ୍ଗିରିପୋଷିଠାରେ ଆଇ.ସି.ଡି.ଏସ୍. ପ୍ରକଳ୍ପର ଏକ ଗୃହକୁ ପଞ୍ଚାୟତିରାଜ ମନ୍ତ୍ରୀ
ଶ୍ରୀ ଦାମୋଦର ରାଉତ ଉଦ୍‌ଘାଟନ କରୁଛନ୍ତି ।

# ଗ୍ରାମ୍ୟ ଉନ୍ନୟନ ବିଭାଗର କାର୍ଯ୍ୟକ୍ରମ

ଶ୍ରୀ ଅଜିତ୍ କୁମାର ତ୍ରିପାଠୀ

ସ୍ୱାଧୀନତା ପ୍ରାପ୍ତିର ବହୁଦିନ ଧରି ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟକ୍ରମର ସୁପରିଚାଳନା ନିମିତ୍ତ ଏକ ସ୍ୱତନ୍ତ୍ର ବିଭାଗ ନଥିଲା । କ୍ଷୁଦ୍ର ଜଳସେଚନ, ଉଠାଜଳ ସେଚନ, ଗ୍ରାମ୍ୟ ନିର୍ମାଣ (ଗ୍ରାମ୍ୟ ରାସ୍ତା ଓ କୋଠାବାଡ଼ି) ଏବଂ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ଇତ୍ୟାଦି କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ଓଡ଼ିଶା ସରକାର ଜୁଲାଇ ୧,୯୯୦ ମସିହାରେ ଗ୍ରାମ୍ୟ ଉନ୍ନୟନ ନାମକ ଏକ ସ୍ୱତନ୍ତ୍ର ବିଭାଗ ଗଠନ କଲେ । ଏହା ପୂର୍ବରୁ କ୍ଷୁଦ୍ରଜଳ ସେଚନ ଏବଂ ଉଠାଜଳ ସେଚନ କାର୍ଯ୍ୟକ୍ରମ ସେଚ ଓ ଶକ୍ତି ବିଭାଗ ଅନ୍ତର୍ଭୁକ୍ତ ଥିଲା । ସେହିପରି ଗ୍ରାମ୍ୟ ଜଳ ଯୋଗାଣ ଏବଂ ପରିମଳ କାର୍ଯ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗ ଅଧୀନରେ ଥିଲା । ପୂର୍ବରୁ ଗ୍ରାମ୍ୟ ରାସ୍ତା ଓ କୋଠାବାଡ଼ି କାର୍ଯ୍ୟକ୍ରମ ପୂର୍ତ୍ତ ବିଭାଗ ଅଧୀନରେ ଥିଲା । ଯଥେଷ୍ଟ ପାଣ୍ଠି ଏବଂ ଧ୍ୟାନ ଅଭାବରୁ ଉକ୍ତ କାର୍ଯ୍ୟକ୍ରମଗୁଡ଼ିକ ଅବହେଳିତ ନହେଲେ ମଧ୍ୟ ଆଶାନୁରୂପ ସଫଳତା ଲାଭ କରିପାରି ନଥିଲା । ଅଧୁନା ଏହି ସ୍ୱତନ୍ତ୍ର ବିଭାଗର ପ୍ରଚେଷ୍ଟା ମୁଖ୍ୟତଃ ଗ୍ରାମାଞ୍ଚଳର ସର୍ବାଙ୍ଗୀନ ବିକାଶ ସାଧନ କରିବା ନିମନ୍ତେ ଉଦ୍ଦିଷ୍ଟ ।

## କ୍ଷୁଦ୍ରଜଳ ସେଚନ :

ଯୋଜନା ପ୍ରକ୍ରିୟାର ଆରମ୍ଭରୁ କୃଷି ଉତ୍ପାଦନ ଉପରେ ଗୁରୁତ୍ୱ ଦିଆଯାଇ ଆସୁଥିଲେ ମଧ୍ୟ, ଯଥେଷ୍ଟ ଜଳସେଚନର ଅଭାବ ଦୃଷ୍ଟିରୁ ଏହି କ୍ଷେତ୍ରରେ ଉଲ୍ଲେଖଯୋଗ୍ୟ ଅଗ୍ରଗତି ହୋଇ ପାରିନାହିଁ । ଓଡ଼ିଶାରେ ଉଭୟ କ୍ଷୁଦ୍ରଜଳ ସେଚନ (ପ୍ରବାହ) ଏବଂ ଉଠା ଜଳସେଚନର ବ୍ୟାପକ ସାମର୍ଥ୍ୟ ରହିଛି, ଯାହାର ପୂର୍ଣ୍ଣ ଉପଯୋଗ ଏକାନ୍ତ ଆବଶ୍ୟକ ।

କ୍ଷୁଦ୍ର ଜଳସେଚନ ସଂସ୍ଥା ଅଧୀନରେ ଥିବା ପ୍ରକଳ୍ପମାନଙ୍କର ଜଳସେଚନ କ୍ଷମତା ୬୦ ଏକରରୁ ୫,୦୦୦ ଏକର ମଧ୍ୟରେ ସୀମିତ । ଏହି ପ୍ରକଳ୍ପଗୁଡ଼ିକ ମାଧ୍ୟମରେ, ଖରିଫ ଏବଂ ରବି ଫସଲ ପାଇଁ ୧୯୯୦-୯୧ ରେ ଯଥାକ୍ରମେ ୨,୭୯୨ ହେକ୍ଟର ଏବଂ ୪୨୭ ହେକ୍ଟର ଜଳସେଚନ କ୍ଷମତା ସୃଷ୍ଟି କରାଯାଇଥିଲା । ସେହିପରି ୧୯୯୧-୯୨ ରେ ୧,୭୮୫ ହେକ୍ଟର ଖରିଫ ଏବଂ ୭୦ ହେକ୍ଟର ରବି ଫସଲ ପାଇଁ ଜଳସେଚନ କ୍ଷମତା ସୃଷ୍ଟି କରାଯାଇଛି । ୧୯୯୨-୯୩ ବର୍ଷରେ ଅତିରିକ୍ତ ୪,୪୦୪ ହେକ୍ଟର ଖରିଫ ଏବଂ ୫୨୮ ହେକ୍ଟର ରବି ଫସଲ ପାଇଁ ଜଳଯୋଗାଣ କ୍ଷମତା ସୃଷ୍ଟି କରାଯାଇଛି । ୧୯୯୩-୯୪ ବର୍ଷରେ ୧୦,୫୦୨ ହେକ୍ଟର ଖରିଫ ଏବଂ ୧,୫୩୫ ହେକ୍ଟର ରବି ଫସଲ ପାଇଁ ଅତିରିକ୍ତ ଜଳଯୋଗାଣ କ୍ଷମତା ସୃଷ୍ଟି କରାଯିବାର ଯୋଜନା ଅଛି । ରାଜ୍ୟରେ ପ୍ରଥମ ଥର ପାଇଁ ୩୭୬ଟି ଅଚଳ ଏବଂ ଆଂଶିକ ଅଚଳ ପ୍ରକଳ୍ପଗୁଡ଼ିକର ପୁନରୁଦ୍ଧାର କାର୍ଯ୍ୟ ହାତକୁ ନିଆଯାଇଛି, ଯାହା ସମ୍ପୂର୍ଣ୍ଣ ହେଲେ ୧,୪୧,୨୬୩ ହେକ୍ଟର ଖରିଫ ଏବଂ ୬୨,୩୯୦ ରବି ଫସଲ ପାଇଁ ଜଳଯୋଗାଣ କ୍ଷମତା ସୃଷ୍ଟି ହେବ । ଏହାଛଡ଼ା, ୟୁରୋପୀୟ ଅର୍ଥନୈତିକ ସଂସ୍ଥାରୁ ୧୫ କୋଟି ଟଙ୍କା ଋଣ ଅଣାଯାଇ ଅଧିକ ଜଳସେଚନ ପ୍ରକଳ୍ପ ସ୍ଥାପନ କରାଯିବାର ଯୋଜନା ଅଛି ।

## ଉଠାଜଳସେଚନ :

ସପ୍ତମ ଯୋଜନା କାଳ (୧୯୮୯-୯୦) ଶେଷ ସୁଦ୍ଧା ଓଡ଼ିଶା ଉଠା ଜଳସେଚନ ନିଗମ ଦ୍ୱାରା ସର୍ବମୋଟ ୧୧,୨୨୧ଟି ଉଠା ଜଳସେଚନ ପଏଣ୍ଟ ସ୍ଥାପନ କରାଯାଇ ୨,୫୦,୩୭୩ ହେକ୍ଟର ଖରିଫ ଏବଂ ୧,୫୦,୧୯୦ ହେକ୍ଟର ଜମି ପାଇଁ ଜଳ ଯୋଗାଣ କ୍ଷମତା ସୃଷ୍ଟି କରାଯାଇଥିଲା । ୧୯୯୦-୯୨ ମଧ୍ୟରେ, ୧,୨୧୧ଟି ଅଧିକ ପଏଣ୍ଟ ସ୍ଥାପନ କରାଯାଇ ୨୪,୦୦୫ ହେକ୍ଟର ଖରିଫ ଏବଂ ୧୩,୫୦୦ ହେକ୍ଟର ରବି ଫସଲ ପାଇଁ ଜଳ ସେଚନ କ୍ଷମତା ସୃଷ୍ଟି କରାଯାଇଛି । ୧୯୯୨-୯୩ ଖରିଫ ଋତୁରେ ୩,୬୩୫ଟି ପଏଣ୍ଟ ଚାଲୁ କରାଯାଇ ୩୧,୮୦୯ ହେକ୍ଟର ଜମିକୁ ଜଳ ଯୋଗାଇ ଦିଆଯାଇଥିଲା ।

୧୯୯୩-୯୪ ବର୍ଷରେ ୭୦୦ଟି ନୂତନ ପଏଣ୍ଟ ସ୍ଥାପନ କରାଯାଇ ୧୪,୦୦୦ ହେକ୍ଟର ଜମିକୁ ଅତିରିକ୍ତ ଜଳସେଚନ କ୍ଷମତା ସୃଷ୍ଟି କରାଯିବାର ଯୋଜନା ଅଛି ।

ଜର୍ମାନୀର କେ.ଏଫ୍.ଡବ୍ଲ୍ୟୁ. ସଂସ୍ଥା ଦ୍ୱାରା ସାହାଯ୍ୟ ପ୍ରାପ୍ତ ଏକ ପ୍ରକଳ୍ପ ୧୯୯୩-୯୮ ବର୍ଷମାନଙ୍କରେ କାର୍ଯ୍ୟକାରୀ କରାଯିବ । ଏହି ଯୋଜନା ଅନୁଯାୟୀ ଉପକୂଳବର୍ତ୍ତୀ କଟକ, ପୁରୀ ଏବଂ ବାଲେଶ୍ୱର ଜିଲ୍ଲାରେ ୫୬୦ଟି ନଳକୂପ, ୧୦୦ଟି ଷ୍ଟୀଡ୍ ଲିଫ୍ଟ ପ୍ରୋଜେକ୍ଟ ଏବଂ ୫୦ଟି ବଡ଼ଧରଣର ନଦୀରୁ ଜଳଉତ୍ତୋଳନ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଇ ୩୦,୦୦୦ ହେକ୍ଟର ଜମିକୁ ଜଳଯୋଗାଇ ଦିଆଯିବ । ଏହି ବାବଦରେ ସମୁଦାୟ ୧୨୦ କୋଟି ଟଙ୍କା ବ୍ୟୟ ଅଟକଳରୁ ୧୦୦ କୋଟି ଟଙ୍କା କେ.ଏଫ୍.ଡବ୍ଲ୍ୟୁ. ସଂସ୍ଥା ଦେବାକୁ ଚୁକ୍ତି କରିଛନ୍ତି ।

## ଗ୍ରାମ୍ୟ ନିର୍ମାଣ :

ଗ୍ରାମାଞ୍ଚଳରେ ସମସ୍ତ ପ୍ରକାର ଉନ୍ନୟନ ମୂଳକ କାର୍ଯ୍ୟକ୍ରମ ଉନ୍ନତ ଯାତାୟତ ସୁବିଧା ଉପରେ ହିଁ ନିର୍ଭର କରେ । ଆମ ରାଜ୍ୟର ଗ୍ରାମାଞ୍ଚଳରେ ଗମନା ଗମନ ଏକ ପ୍ରଧାନ ସମସ୍ୟା । ୧୯୯୨ ଶେଷ ସୁଦ୍ଧା ଏହି ବିଭାଗ ଅଧୀନସ୍ଥ ଗ୍ରାମ୍ୟ ରାସ୍ତାର ମୋଟ ଦୈର୍ଘ୍ୟ ୨୧,୬୨୯ କି:ମି: ଥିଲା । ୧୯୯୦–୯୧ରୁ ୧୯୯୨–୯୩ ବର୍ଷ ମଧ୍ୟରେ ୬୨୧ କି:ମି: ରାସ୍ତା ପିଚୁ କରାଯାଇଛି, ୧,୨୯୭ କି:ମି: ମେଟାଲ ବିଛାଯାଇଛି, ୯୬୫ କି:ମି: ଗୋଡ଼ି ଏବଂ ୧,୫୦୧ କି:ମି: ମାଟି କାମ କରାଯାଇଛି । ସେହି ସମୟ ମଧ୍ୟରେ ୮୪ଟି ସେତୁ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯାଇଛି । ୧୯୯୩–୯୪ ବର୍ଷରେ ୩୪୦ଟି ଗ୍ଲୁ ରହିଥିବା ଏବଂ ୪୦ଟି ନୂତନ ସେତୁ ନିର୍ମାଣ ସମ୍ପୂର୍ଣ୍ଣ କରାଯିବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ଏବଂ ଗ୍ରାମ୍ୟ ରାସ୍ତାର ଉନ୍ନତିକରଣ ପାଇଁ ୨୮-୫୦ ଲକ୍ଷ ଟଙ୍କା ପ୍ରସ୍ତାବ ଅଛି ।

## ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ :

ଜୀବନ ଧାରଣ ପାଇଁ ଜଳ ଏକ ମୌଳିକ ଆବଶ୍ୟକତା ଅଟେ । ସେଥିପାଇଁ ଗ୍ରାମାଞ୍ଚଳର ଲୋକମାନଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇଦେବା ଉପରେ ବିଶେଷ ଧ୍ୟାନ ଦିଆଯାଉଛି । ୨୫୦ ଲୋକଙ୍କ ପାଇଁ ଗୋଟିଏ କରି ହସ୍ତଚାଳିତ ନଳକୂପ ଯୋଗାଇ ଦେବାର ବ୍ୟବସ୍ଥା କରାଯାଇଛି । ଯେଉଁ ସବୁ ଗ୍ରାମରେ ଜଳଉତ୍ସ ନାହିଁ କିମ୍ବା ଗ୍ରୀଷ୍ମ ଋତୁରେ ଜଳ ଉତ୍ସ ଶୁଖିଯାଏ ବା ରାସାୟନିକ ଦୃଷ୍ଟି କୋଣରୁ ଜଳ ବ୍ୟବହାର ଅନୁପଯୋଗୀ, ସେହିପରି ଗ୍ରାମକୁ ପାଇପ୍ ଯୋଗେ ଜଳଯୋଗାଣ ବ୍ୟବସ୍ଥା କରାଯାଉଛି । ଏଥି ପାଇଁ ଅର୍ଥର ଅଭାବ ପୂରଣ କରିବାକୁ କେନ୍ଦ୍ର ସରକାରଙ୍କର ସହାୟତା ଲୋଡ଼ା ଯାଉଛି ।

ଉପକୂଳ ବର୍ତ୍ତୀ ଜିଲ୍ଲାମାନଙ୍କ ୨୦ଟି ଲୁଣାଗ୍ରସ୍ତ ବ୍ଲକରେ ବିଶୁଦ୍ଧ ପାନୀୟ ଜଳ ଯୋଗାଇଦେବା ପାଇଁ ଡେନମାର୍କ ସରକାରଙ୍କ ସାହାଯ୍ୟରେ ଏକ ଯୋଜନା କାର୍ଯ୍ୟକାରୀ କରାଯାଇଛି ।

ରାଜ୍ୟରେ ଗ୍ରାମ୍ୟ ପରିମଳ ଯୋଜନା ବୃହଦାକାରରେ କାର୍ଯ୍ୟକାରୀ କରାଯାଇ ସାମୁହିକ ପାଇଖାନା ଏବଂ ଘରୋଇ ପାଇଖାନା ଯୋଗାଇ ଦେବାର ବ୍ୟବସ୍ଥା କରାଯାଇଛି । ଏହି ସମୟ ମଧ୍ୟରେ ୧୨ଟି ସୁଲଭ ଶୌଚାଳୟ ସ୍ଥାପନ କରାଯାଇଛି ଏବଂ ଆଉ ୨୬ଟି ଶୌଚାଳୟର କାର୍ଯ୍ୟ ହାତକୁ ନିଆଯାଇଛି ।

ଉପରୋକ୍ତ କାର୍ଯ୍ୟକ୍ରମମାନଙ୍କର ସଫଳ ରୂପାୟନ ନିମିତ୍ତ ପଞ୍ଚାୟତ ରାଜ ଅନୁଷ୍ଠାନଗୁଡ଼ିକର ନିର୍ବାଚିତ ଲୋକ ପ୍ରତିନିଧିମାନଙ୍କର ଗୁରୁଦାୟିତ୍ୱ ରହିଛି ।

(୧) ନିର୍ବାଚିତ ପ୍ରତିନିଧିମାନେ ଅବଗତ ହେବା ଉଚିତ ଯେ, ପ୍ରତ୍ୟେକ ପଞ୍ଚାୟତ ଦପ୍ତରରେ ନଳକୂପ ରକ୍ଷଣାବେକ୍ଷଣ ଏବଂ ମରାମତି ନିମିତ୍ତ ଏକ ଅଭିଯୋଗ ପୁସ୍ତକ ଅଛି । ଅଭିଯୋଗ ପୁସ୍ତକରେ ଗ୍ରାମବାସୀମାନଙ୍କ ଦ୍ୱାରା ଦିଆଯାଇଥିବା ଅଭିଯୋଗଗୁଡ଼ିକୁ ପଞ୍ଚାୟତ ସମ୍ପାଦକ ବ୍ଲକ ଦପ୍ତରରେ ରଖାଯାଉଥିବା ଅଭିଯୋଗ ପୁସ୍ତକର ଅନ୍ତର୍ଭୁକ୍ତ କରାଯିବା ପାଇଁ ଅନ୍ତତଃ ସପ୍ତାହରେ ଥରେ ଠିକ୍ ଭାବେ ପଠାଇବା ଉଚିତ, ଯାହାକି ପର୍ଯ୍ୟାୟକ୍ରମେ ବ୍ଲକ ଦପ୍ତରରୁ ଗ୍ରାମ୍ୟ ଜଳ ଯୋଗାଣ ଏବଂ ପରିମଳ ସଂସ୍ଥାର କନିଷ୍ଠ ଯନ୍ତ୍ରୀଙ୍କ ଦ୍ୱାରା ସଂଗ୍ରହ କରାଯିବ ।

(୨) ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ସଂସ୍ଥାର କନିଷ୍ଠ ଯନ୍ତ୍ରୀଙ୍କୁ ନିୟମିତ ଭାବେ ପ୍ରତିମାସିକିଆ ବ୍ଲକ କର୍ମଚାରୀ ବୈଠକ ଏବଂ ପଞ୍ଚାୟତ ସମିତି ବୈଠକରେ ଯୋଗଦେବା ପାଇଁ ଡକାଯାଉ ନଳକୂପ ମରାମତି ଏବଂ ରକ୍ଷଣା ବେକ୍ଷଣ ବିଷୟରେ ଚିନ୍ତା ଆଲୋଚନା କରାଯିବା ଉଚିତ୍ । ଗ୍ରାମ୍ୟ ପରିମଳ ପାଇଁ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କ ଜରିଆରେ ଉଚ୍ଚ ପାଇଖାନା ନିର୍ମାଣ କରାଯିବ ଏବଂ ପଞ୍ଚାୟତ ସମିତିର ନିର୍ବାଚିତ ପ୍ରତିନିଧିମାନେ ଏଦିଗରେ ସମସ୍ତ ପ୍ରକାର ସହଯୋଗ କରିବେ ବୋଲି ଅନୁରୋଧ ।

(୩) ଉଠାଜଳ ସେଚନ ପଏଣ୍ଟଗୁଡ଼ିକର ବିଭିନ୍ନ ଉପକରଣ ଏପରିକି ମୁଖ୍ୟ ଯନ୍ତ୍ରାଂଶ ଚୋରି ହେଉଥିବା ଯୋଗୁଁ ପଏଣ୍ଟ ଚାଲୁ କରାଯିବାରେ ଭୀଷଣ ଅସୁବିଧା ସୃଷ୍ଟି ହେଉଛି । ଏପରିକି ବହୁ ପଏଣ୍ଟ ଅଚଳ ଅବସ୍ଥାରେ ଅଛି । ଉଠା ଜଳସେଚନ ପଏଣ୍ଟଗୁଡ଼ିକୁ ପାଳିକରି ଜଗିବା ପାଇଁ ନିର୍ବାଚିତ ପ୍ରତିନିଧିମାନେ ଲୋକ ମାନଙ୍କୁ ପ୍ରବର୍ତ୍ତାଇବା ଉଚିତ, ଯାହାଦ୍ୱାରା ଚୋରୀ ବନ୍ଦ ହୋଇପାରିବ ଏବଂ ପଏଣ୍ଟଗୁଡ଼ିକ ସ୍ୱାଭାବିକ ଭାବେ ଚାଲିପାରିବ ।

(୪) ପ୍ରତ୍ୟେକ ଉଠାଜଳସେଚନ ପଏଣ୍ଟର ଜଳସେଚନ କ୍ଷମତାକୁ ପୂର୍ଣ୍ଣ ଉପଯୋଗ କରାଇବାରେ ନିର୍ବାଚିତ ପ୍ରତିନିଧିମାନଙ୍କର ଏକ କର୍ତ୍ତବ୍ୟ ଅଛି । ବର୍ଦ୍ଧିତ ଜଳକର ଦେବାକୁ ଏବଂ ରବି ଓ ଖରିଫ୍ ଫସଲ ପାଇଁ, ଯେତେବେଳେ ଆବଶ୍ୟକ, ଉଠା ଜଳସେଚନ ନିଗମ ସହିତ ଚୁକ୍ତିପତ୍ର କରିବାକୁ ଚାଷୀମାନଙ୍କୁ ସେମାନେ ପ୍ରବର୍ତ୍ତାଇବା ଉଚିତ୍ । ଯେଉଁଠାରେ ଚୁକ୍ତି ଚୁକ୍ତାପ କରାଯାଇ ଅଧିକ ଚାଷ କରାଯାଇଛି, ସେଠାରେ ରାଜସ୍ୱ ଏବଂ ବିଦ୍ୟୁତ୍ ଶକ୍ତିର ଅପଚୟକୁ ପ୍ରତିରୋଧ କରିବା ମଧ୍ୟ ପ୍ରତିନିଧିମାନଙ୍କର ଅନ୍ୟଏକ କର୍ତ୍ତବ୍ୟ ।

ବହୁତ କ୍ଷେତ୍ରରେ ପମ୍ପକୁ ଚଳାଇ ଦେଇ ଚାଷୀ ପ୍ରତିନିଧି ବା ପମ୍ପ ଅପରେଟର୍‌ର ଚାଲିଯାନ୍ତି, ଯାହା ଫଳରେ ବହୁତ ପମ୍ପ ପୋଡ଼ି ଯାଏ । ଏହାକୁ ରୋକାଯାଇ ପାରିଲେ ପମ୍ପ ରକ୍ଷଣା ବେକ୍ଷଣ ଖର୍ଚ୍ଚ ବହୁତ କମିବ ଏବଂ ଚାଷୀମାନଙ୍କର ଫସଲ ମଧ୍ୟ ନଷ୍ଟ ହେବ ନାହିଁ ।

(୫) ଗ୍ରାମାଞ୍ଚଳରେ ସରକାରୀ ଘରଗୁଡ଼ିକର ଉପଯୁକ୍ତ ରକ୍ଷଣା ବେକ୍ଷଣ କରିବା ଗ୍ରାମ୍ୟ ଉନ୍ନୟନ ବିଭାଗର ଦାୟିତ୍ୱ । ପଞ୍ଚାୟତ ଓ ସମିତିର ଲୋକ ପ୍ରତିନିଧିମାନଙ୍କର କର୍ତ୍ତବ୍ୟ ହେଲା ଯେଉଁ ଗ୍ରାମରେ ଏହି ଭଳି ସରକାରୀ ଗୃହ, ଉପଯୁକ୍ତ ମରାମତି ଅଭାବରୁ ଭାଙ୍ଗିଯାଉଛି ତାକୁ ବିଭାଗୀୟ କର୍ମକର୍ତ୍ତାଙ୍କ ଦୃଷ୍ଟିକୁ ଆଣିବା ଏବଂ ଯେଉଁଠାରେ ସରକାରୀ ଗୃହ ଥାଇମଧ୍ୟ ବିଭାଗୀୟ କର୍ମଚାରୀମାନେ ରହୁନାହାନ୍ତି । ସେଥିପାଇଁ ସମ୍ପୃକ୍ତ ବିଭାଗର ଦୃଷ୍ଟି ଆକର୍ଷଣ କରିବା ।

(୬) ବିଧାୟକମାନଙ୍କ ସୁପାରିଶ ଅନୁସାରେ ଗ୍ରାମାଞ୍ଚଳରେ ରାସ୍ତା ଉନ୍ନତିକରଣ ଓ ମରାମତି କାର୍ଯ୍ୟ ଠିକାଦାରମାନଙ୍କ ଜରିଆରେ କରାଯାଇ ଥାଏ । ପଞ୍ଚାୟତ ଓ ପଞ୍ଚାୟତ ସମିତି ସ୍ତରରେ ଲୋକ ପ୍ରତିନିଧିମାନେ ଉପରୋକ୍ତ କାମଗୁଡ଼ିକର ଗୁଣାତ୍ମକ ମାନ ବିଷୟରେ ସଚେତନ ଓ ସଜାଗ ରହିବା ବିଧେୟ ।

(୭) କ୍ଷୁଦ୍ରଜଳ ସେଚନ ପ୍ରକଳ୍ପଗୁଡ଼ିକର ଉପଯୁକ୍ତ ରକ୍ଷଣାବେକ୍ଷଣ ଓ ଉପଯୋଗ ଦିଗରେ ମଧ୍ୟ ନିର୍ବାଚିତ ପଞ୍ଚାୟତ ଓ ସମିତି ପ୍ରତିନିଧିମାନଙ୍କର ଗୁରୁଦାୟିତ୍ୱ ରହିଛି । ବହୁକ୍ଷେତ୍ରରେ ଏଭଳି ପ୍ରକଳ୍ପର ଜଳଭଣ୍ଡାରଗୁଡ଼ିକରେ ଜବରଦଖଲକାରୀମାନେ ଚାଷ କରିବାର ଉଦ୍ୟମ କରନ୍ତି । ତାହାର ଉପଯୁକ୍ତ ପ୍ରତିରୋଧ କରିବାକୁ ହେବ ଓ କ୍ଷୁଦ୍ର ଜଳସେଚନ ବିଭାଗର ଦୃଷ୍ଟିକୁ ତୁରନ୍ତ ଆଣିବା ଆବଶ୍ୟକ ।

ଶାସନ ସଚିବ,
ଗ୍ରାମ୍ୟ ଉନ୍ନୟନ ବିଭାଗ ।



ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ ଆନୁକୂଲ୍ୟରେ ଦିଲ୍ଲୀଠାରେ ଆୟୋଜିତ 'ଓଡ଼ିଶା ଉତ୍ସବରେ' ଓଡ଼ିଶାର କଳାକାରମାନେ ନୃତ୍ୟ ପ୍ରଦର୍ଶନ କରୁଛନ୍ତି ।

# ବାନ୍ଧ କଳାର ଯୁଗନ୍ଧର ଶିଳ୍ପୀ
# ସ୍ୱର୍ଗତ ରାଧାଶ୍ୟାମ ମେହେର – ଏକ ଅନନ୍ୟ ପ୍ରତିଭା

ଶ୍ରୀ କେଶବ ଚନ୍ଦ୍ର ମେହେର

ପଶ୍ଚିମ ଓଡ଼ିଶାର ବାନ୍ଧକଳା ସମଗ୍ର ଭାରତ କାହିଁକି ପୃଥିବୀର ଏକ ଅଦ୍ୱିତୀୟ ଓ ସ୍ୱତନ୍ତ୍ର କଳା । ଭାରତର ଅନ୍ୟାନ୍ୟ ପ୍ରଦେଶର ପାରମ୍ପରିକ ବୟନ କଳା ସହ ଏହାର କୌଣସି ମେଳ ବା ସମ୍ପର୍କ ନାହିଁ । ଆମର ସମ୍ବଲପୁରୀ ବାନ୍ଧକଳାକୁ ନେଇ ଆମେ ଯେପରି ଗର୍ବ–ଗୌରବ ଅନୁଭବ କରୁଁ, ଠିକ୍ ସେଇପରି ଭାରତର ଅନ୍ୟାନ୍ୟ ପ୍ରଦେଶ ମଧ୍ୟ ସେମାନଙ୍କର ନିଜ ନିଜର ପାରମ୍ପରିକ ବୟନ କଳାକୁ ନେଇ ଗର୍ବ ଅନୁଭବ କରିଥାନ୍ତି । ଏକମାତ୍ର ବାନ୍ଧକଳା ବ୍ୟତୀତ ଭାରତର ଅନ୍ୟାନ୍ୟ ପ୍ରଦେଶମାନଙ୍କର ବୟନକଳା ମଧ୍ୟରେ ପରସ୍ପର କେତେକ ସାମଞ୍ଜସ୍ୟ ରହିଛି ଏବଂ ଏଗୁଡ଼ିକର ଅଧିକାଂଶ କଳା ମେସିନ ବା ଯନ୍ତ୍ର ମାଧ୍ୟମରେ ମଧ୍ୟ ସମ୍ଭବ ହୋଇପାରେ । କିନ୍ତୁ ପଶ୍ଚିମ ଓଡ଼ିଶାର ବାନ୍ଧକଳା ଏପରି ଏକ ମୌଳିକ ଓ ବିଚକ୍ଷଣ ବୟନକଳା ଯାହା ଅନ୍ୟାନ୍ୟ ପ୍ରାଦେଶିକ ବୟନକଳା ସହିତ କୌଣସି ସମ୍ପର୍କ ରଖେ ନାହିଁ ଏବଂ ଏହା କଦାପି ଯାନ୍ତ୍ରିକ କୌଶଳ ଦ୍ୱାରା ସମ୍ଭବ ହୁଏ ନାହିଁ । ଏପରି ଏକ ମୌଳିକ ଓ ମହନୀୟ କଳା ପ୍ରାୟ ପଞ୍ଚଦଶ ଶତାବ୍ଦୀରେ ପଶ୍ଚିମ ଓଡ଼ିଶାର ମେହେର (ଭୁଲିଆ)ମାନଙ୍କ ଦ୍ୱାରା ଆରମ୍ଭ ହୋଇ ଏବେ ତାହାର ଏକ ବିଚିତ୍ର ବିକାଶ ତଥା ନବନବ ରୂପ ସମ୍ଭାର ନେଇ ସମଗ୍ର ପୃଥିବୀକୁ ଯୁଗପତ୍ ଆନନ୍ଦ ଓ ବିସ୍ମୟରେ ଅଭିଭୂତକରି ଦେଇଛି । ଅବଶ୍ୟ ଆନୁମାନିକ ସେଇ ପଞ୍ଚଦଶ ଶତାବ୍ଦୀରୁ ଏଇ ବାନ୍ଧକଳା ପାଟୋଳା ନାମରେ ଗୁଜୁରାଟରେ ରହି ଆସିଛି ଏବଂ ତାହା ମଧ୍ୟ ଆନ୍ତର୍ଜାତିକ ଖ୍ୟାତିଲାଭ କରିପାରିଛି । ପାଟୋଳାର ଅନୁସରଣରେ ଆନ୍ଧ୍ରପ୍ରଦେଶରେ ମଧ୍ୟ ଏଇ ବାନ୍ଧକଳା ବୁଟ୍‌ଡ଼ାଭାସି ନାମରେ ପ୍ରଚଳିତ । କିନ୍ତୁ ଏଗୁଡ଼ିକ ନିତାନ୍ତ ଗତାନୁଗତିକ ହେବା ସଙ୍ଗେ ନମୁନା ସଂଖ୍ୟା ମଧ୍ୟ ଅଳ୍ପ । ଏପରିକି ଗୁଜୁରାଟ୍‌ର ପାଟୋଳାର ନମୁନା ସଂଖ୍ୟାକୁ ଆଙ୍ଗୁଠିରେ ଗଣି ଦେଇ ହେବ । ମାତ୍ର ପଶ୍ଚିମ ଓଡ଼ିଶାର ବାନ୍ଧକଳା ଗତାନୁଗତିକତାରୁ ମୁକ୍ତ ଏବଂ ତା'ର ନମୁନା ସଂଖ୍ୟା ଗଣନାତୀତ । ଖାଲି ସେତିକି ନୁହେଁ, ଏହା ସଂଖ୍ୟାତୀତ ଏବଂ ବୈଚିତ୍ର୍ୟ ପୂର୍ଣ୍ଣ ହେଲେ ମଧ୍ୟ ପ୍ରତ୍ୟେକ ନମୁନାର ଏକ କାବ୍ୟିକ ନାମକରଣ କରାଯାଇଛି । କୌଣସି ନମୁନା ବା ଡ଼ିଜାଇନ୍‌କୁ କେବଳ ପେଟେଣ୍ଟ ନମ୍ବର ଦେଇ ନମ୍ବ୍ର କରି ଛାଡ଼ି ଦିଆଯାଇ ନାହିଁ । ପ୍ରତ୍ୟେକ ନମୁନାର ଏପରି ଏକ ଏକ କାବ୍ୟିକ ନାମକରଣ ମୂଳରେ ପଶ୍ଚିମ ଓଡ଼ିଶାର ମେହେର ଶିଳ୍ପୀର ନବନବ ଉନ୍ମେଷଶାଳିନୀ ପ୍ରଜ୍ଞା ବା ଶିଳ୍ପ–କଳା ପ୍ରତିଭାର ପରିଚୟ ମିଳିଥାଏ ।

ମାତ୍ର ଦିନେ ଏଇ ପଶ୍ଚିମ ଓଡ଼ିଶାରେ ମଧ୍ୟ ଏଇ ବିଶ୍ୱବିଖ୍ୟାତ ବାନ୍ଧକଳା ଶିଶୁ ଅବସ୍ଥାରେ ରହିଥିଲା ଏବଂ ଏହାର ନମୁନା ସଂଖ୍ୟା ମଧ୍ୟ ସୀମିତ ଓ ଗତାନୁଗତିକ ଥିଲା । ସୁତରାଂ ତାହାର ପ୍ରସ୍ତୁ... ଏବଂ ପ୍ରସାର କେବଳ ପଶ୍ଚିମ ଓଡ଼ିଶାର ନାରୀ ସମାଜରେ ସୀମାବଦ୍ଧ ଥିଲା । କିନ୍ତୁ ଏହାର ଅଦ୍ଭୁତ ବିକାଶ ଏବଂ ପ୍ରସାର–ପ୍ରସ୍ତର ଦିଗରେ ଆଦ୍ୟ ଉଦ୍ୟୋକ୍ତା ତଥା ପ୍ରତିଭାଧର ବା... ଶିଳ୍ପୀ ସ୍ୱର୍ଗତ ରାଧାଶ୍ୟାମ ମେହେରଙ୍କର ଅପୂର୍ବ ନିଷ୍ଠା, ତାର... ଉଦ୍ୟମ, ଧୈର୍ଯ୍ୟ ଓ ପ୍ରତିଭାର ବିନିଯୋଗକୁ ଆମେ ଅ... ସର୍ବପ୍ରଥମେ ସ୍ମରଣ କରୁଛୁ । ଖ୍ୟାତନାମା ଶିଳ୍ପୀ ରାଧାଶ୍ୟାମଙ୍କର ଜନ୍ମ ୨୦–୧୧–୧୯୦୯ ତାରିଖରେ ସମ୍ବଲପୁରର ଏକ ସାଧାରଣ ଅବସ୍ଥାପନ୍ନ ମେହେର (ଭୁଲିଆ) ପରିବାର ମଧ୍ୟରେ । ତାଙ୍କ... ପିତାଙ୍କର ନାମ ଅରକ୍ଷିତ ମେହେର ଏବଂ ମାତାଙ୍କ ନାମ ଥୁ... ଜେମା ଦେଈ ମେହେର । ସେ ସାଧାରଣ ମେହେର ବୁଣାକାର ପରି ଲୁଗାବୁଣା କାମ କରୁଥିଲେ । ରାଧାଶ୍ୟାମ ବାବୁ ମଧ୍ୟ ଏ... କୌଳିକ ବୃତ୍ତି ଅଭ୍ୟସ୍ତ ହୋଇ ତାହାର ବହୁ ପରିବର୍ତ୍ତନ ଓ... ସଂସ୍କାର ଆଣିବାରେ ସମର୍ଥ ହୋଇଥିଲେ । ୯୦, ୧୦୦ ଖ... ଓସାର ପଟ୍ଟା ପ୍ରସ୍ତୁତ କରିବା ଏହାର ଏକ ଦୃଷ୍ଟାନ୍ତ ।

ସ୍ୱାଧୀନତା ପ୍ରାପ୍ତିର ପ୍ରାକ୍‌କାଳରେ ଉତ୍କଳ ପଟ୍ଟା ଏମ୍ପୋ... ନାମରେ ସେ ଏକ କଳା ଅନୁଷ୍ଠାନ ଗଠନ କରି ବାନ୍ଧକଳାର ପ୍ରସ୍ତୁ... ଉନ୍ନତି ସାଧନ ସକାଶେ ବହୁ ଶ୍ରମ ଓ ତ୍ୟାଗର ଆଦ... ରଖିଯାଇଛନ୍ତି । ପଶ୍ଚିମ ଓଡ଼ିଶାର ବୟନ ଶିଳ୍ପର ଘୋର ଦୁର୍ଦ୍ଦିନ... ଅନ୍ଧକାର ପରିବେଶରେ ସେ ସ୍ୱୀୟ ପ୍ରତିଭାର ଆଲୋକ–ବିକୀର୍ଣ୍ଣ... କରି ତନ୍ତୁବାୟ ସମ୍ପ୍ରଦାୟକୁ ବିଶେଷତଃ କଳାକୁଶଳ ମେହେ... ଜାତିକୁ ଜୀବିକାର୍ଜ୍ଜନର ଏକ ପ୍ରଶସ୍ତ ମାର୍ଗ ଦେଖାଇ ଯାଇ ଅଛନ୍ତି... ସେତେବେଳେ ମାତ୍ର କେତୋଟି ନମୁନାର ବାନ୍ଧଶାଢ଼ୀ ସମ... ପଶ୍ଚିମ ଓଡ଼ିଶାରେ ବୁଣା ହେଉଥିଲା ଏବଂ ସେଗୁଡ଼ିକ ଗ୍ରାହ... ଚକ୍ଷୁରେ ନିତାନ୍ତ ଘସରା ଓ ଗତାନୁଗତିକ ହୋଇ ଅନାଦୃତ ହେ... ଫଳରେ ବାନ୍ଧଶାଢ଼ୀ ବୁଣାକାରମାନେ ହାତ ବାନ୍ଧି ବସି... ଅବସ୍ଥାରେ ଥିଲେ । ସୂତାକୁ ବିଭିନ୍ନ ରଙ୍ଗରେ ବିଚିତ୍ର କରି ଦେ... ଗ୍ରାହକମାନଙ୍କୁ ଆକୃଷ୍ଟ କରିବା ପାଇଁ ସେତେବେଳେ ବି... ଧରଣର ରଙ୍ଗ ମଧ୍ୟ ସୁଲଭ ନ ଥିଲା । ସାମାନ୍ୟ କେତେ... ପ୍ରାକୃତିକ ରଙ୍ଗ (**Natural Colours**)ର ସାହାଯ୍ୟ... ମେହେରମାନେ ପାରମ୍ପରିକ (**Tradition**... ବାନ୍ଧଶାଢ଼ୀଗୁଡ଼ିକ ବୁଣି ନିତାନ୍ତ କମ୍ ମୂଲ୍ୟରେ ହାଟ–ବଜାର... ବିକ୍ରି କରି ଜୀବିକା ନିର୍ବାହ କରୁଥିଲେ । ଓଡ଼ିଶା ବାହା... ସେଗୁଡ଼ିକର ପ୍ରସାର–ପ୍ରସ୍ତର ବା ସୁବିଧା ନଥିଲା । ଏପରି... ସନ୍ଧିସନ୍ଧି ମୁହୂର୍ତ୍ତରେ ରାଧାଶ୍ୟାମ ବାବୁ ପାରମ୍ପରିକ ବାନ୍ଧ କ...

ସୂକ୍ଷ୍ମ ବୁଦ୍ଧିରୁ ଅନୁଧ୍ୟାନ ପୂର୍ବକ ବହୁ ନୂତନ ପର୍ଦ୍ଦା ଓ ଶାଢ଼ୀ ସୃଷ୍ଟି କରି ଏହି କଳାରେ ଏକ ଅଭିନବ ଅଧ୍ୟାୟ ଓ ଯୁଗର ସୃଷ୍ଟି କଲେ। ଏହି କଳାକୁ ତା'ର ସଂକୀର୍ଣ୍ଣ ସୀମିତ ପରିଧିରୁ ମୁକ୍ତକରି ସେ ତା' ପାଇଁ ଏକ ବୃହତ୍ତର କ୍ଷେତ୍ର ପ୍ରସ୍ତୁତ କରି ଯାଇଥିବାରୁ ତାଙ୍କୁ ବାନ୍ଧ କଳାର ନବଯୁଗର ପ୍ରବର୍ତ୍ତକ ବା ଯୁଗନ୍ଧର କୁହାଯାଇ ପାରେ। ସେ ପ୍ରଥମ ସମଗ୍ର ଓଡ଼ିଶାରେ ଏବଂ ଓଡ଼ିଶା ବାହାରେ ଏହି କଳାର ପ୍ରଚାର କରି ତା' ପାଇଁ ବଜାର ସୃଷ୍ଟି କରିବା ଦିଗରେ ତାଙ୍କର ନିରବଚ୍ଛିନ୍ନ ଉଦ୍ୟମ, ତ୍ୟାଗ ଓ ପରିଶ୍ରମର ପଟାନ୍ତର ନାହିଁ। ପ୍ରାରମ୍ଭାବସ୍ଥାରେ ବାନ୍ଧ ଶାଢ଼ୀ ଓ ପର୍ଦ୍ଦାକୁ ଜନପ୍ରିୟ କରି ଗ୍ରାହକ ସୃଷ୍ଟି କରିବା ପାଇଁ ସେ ନିଜ ଖର୍ଚ୍ଚରେ ବମ୍ବେ, କଲିକତା ପ୍ରଭୃତି ଭାରତର ନଗରୀମାନଙ୍କୁ ଯାଇ ବିନାମୂଲ୍ୟରେ ସେଠାକାର ଲୁଗା ଦୋକାନମାନଙ୍କରେ 'ଉତ୍କଳ ପର୍ଦ୍ଦା ଏଜେନ୍ସି'ର ପର୍ଦ୍ଦା ଓ ଶାଢ଼ୀଗୁଡ଼ିକ ପ୍ରଦର୍ଶିତ (Display) କରି ଖୋଲି ଆସିଥିଲେ। ଫଳରେ ଏହି କଳାର ସ୍ୱାତନ୍ତ୍ର୍ୟ ଓ ବିଚିତ୍ରତା ପ୍ରତି ଉକ୍ତ ନଗରୀମାନଙ୍କ ମହିଳା ସମାଜ ବିଶେଷତଃ ବମ୍ବେର ତତ୍କାଳୀନ ଚିତ୍ର ତାରକାମାନେ ମୁଗ୍ଧ ଆକୃଷ୍ଟ ହୋଇ ତା'ର ବ୍ୟବହାର କରିବାରେ ଲାଗିଲେ। ସୁତରାଂ, ସିନେମାର ରୁପେଲି ପର୍ଦ୍ଦାରେ ରାଧାଶ୍ୟାମ ବାବୁଙ୍କ ବାନ୍ଧ ଶାଢ଼ୀ ଚିତ୍ର ତାରକାମାନଙ୍କୁ ଅଧିକ ସୌନ୍ଦର୍ଯ୍ୟ ଦାନ କଲା। ଯେଉଁ ଚିତ୍ର ତାରକାମାନେ ଏଇବାନ୍ଧ ଶାଢ଼ୀକୁ ପ୍ରଥମେ ପସନ୍ଦ କରି ବ୍ୟବହାର କରିଥିଲେ ତଥା ଏଇ କଳାର ଆଦର ଓ ଚାହିଦା ସୃଷ୍ଟି କରାଇଥିଲେ ସେମାନଙ୍କ ମଧ୍ୟରେ ସୁରେୟା, ନର୍ଗିସ ପ୍ରମୁଖଙ୍କର ନାମୋଲ୍ଲେଖ କରାଯାଇପାରେ। ବଜାରକୁ କୃତ୍ରିମ ରଙ୍ଗ (Synthetic Colours) ଆସିବା ପରେ ଉତ୍କଳ ପର୍ଦ୍ଦା ଏଜେନ୍ସିର ଡ଼ିଜାଇନ୍ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଲା ଏବଂ ରଙ୍ଗର ସବୁର ଚମତ୍କାର ପ୍ରୟୋଗ କରି ରାଧାଶ୍ୟାମ ବାବୁ ନୂଆ ନୂଆ ବହୁ ପର୍ଦ୍ଦା ଓ ଶାଢ଼ୀ ସୃଷ୍ଟି କରିବାରେ ଲାଗିଲେ। ୨୨-୬-୧୯୬୧ ତାରିଖର 'ପ୍ରଜାତନ୍ତ୍ର'ର ଭାଷାରେ କହିବାକୁ ଗଲେ ସେ "ସମ୍ବଲପୁରୀ ହସ୍ତବୁଣା ଶିଳ୍ପ ଉନ୍ନୟନ ପାଇଁ ସାରା ଜୀବନ ବିତେଇ ପ୍ରାୟ ୫୦୦ ପ୍ରକାର ପର୍ଦ୍ଦା, ଶାଢ଼ୀ ଇତ୍ୟାଦି ପୃଥିବୀର ବିଭିନ୍ନ ଅଂଶକୁ ପଠାଇଥିଲେ। ଏଥିପାଇଁ ସେ ଡକ୍ଟର ମହତାବ, ଶ୍ରୀ ନିତ୍ୟାନନ୍ଦ କାନୁନଗୋଙ୍କ ପ୍ରେରଣା ବାରମ୍ବାର ପାଇଥିଲେ। ତାଭାରେ ଥିବା ୮୦୦ ବର୍ଷର ଗୋଟିଏ ପରଦାର ଡ଼ିଜାଇନ୍ ନିଖୁଣ ଭାବରେ କରି ପାରିଥିଲେ। ଏଣୁ ସେ ସର୍ବତ୍ର ଅଦ୍ଭୁତ ହୋଇପାରି ଥିଲେ"।

ସ୍ୱାଧୀନତା ପୂର୍ବବର୍ତ୍ତୀ ସମୟରେ ଗାଁ ଗହଳିରେ ମେହେରମାନେ ସାଧାରଣତଃ ୧୦ ନମ୍ବର ସୂତାରୁ ଆରମ୍ଭ କରି ୨୦ ବା ଖୁବ୍ ବେଶୀ ହେଲେ ୨୨ ନମ୍ବର ପର୍ଯ୍ୟନ୍ତ ସୂତାର ବ୍ୟବହାର ଜାଣିଥିଲେ ବା କରିପାରୁ ଥିଲେ। ମାତ୍ର ରାଧାଶ୍ୟାମ ବାବୁ ସମ୍ବଲପୁରୀ ବାନ୍ଧସାଢ଼ୀ ପର୍ଦ୍ଦା ଇତ୍ୟାଦିରେ ୮୦ରୁ ୧୦୦ ନମ୍ବର ପର୍ଯ୍ୟନ୍ତ ସୂକ୍ଷ୍ମ ସୂତାର ପ୍ରଚଳନ କରାଇ ଏବଂ ସେ ଦିଗରେ ମେହେର ବୁଣାକାରମାନଙ୍କୁ ଉପଯୁକ୍ତ ତାଲିମ ଏବଂ ନିର୍ଦ୍ଦେଶ ଦେଇ ଏ ଦିଗରେ ଏକ ବିରାଟ ପରିବର୍ତ୍ତନ ଆଣିପାରିଥିଲେ। କେବଳ ସେତିକି ନୁହେଁ, ତାଙ୍କ ଅଧୀନରେ ଏବଂ ନିର୍ଦ୍ଦେଶରେ କାମ କରୁଥିବା ମେହେର ବୁଣାକାରମାନଙ୍କୁ ତତ୍କାଳୀନ ବଜାର ତୁଳନାରେ ଯଥେଷ୍ଟ ଉଚ୍ଚହାରର ମଜୁରୀ ଦେଉଥିଲେ। ଏପରିକି ଏଇ ସବୁ ନୂତନ କାମରେ ବୁଣାକାରମାନଙ୍କୁ ଅଧିକ ତଥା ଉତ୍ସାହିତ କରିବା ପାଇଁ ଅନ୍ୟମାନଙ୍କ ଅପେକ୍ଷା ଚାରି-ପାଞ୍ଚ ଗୁଣ ଅଧିକ ମଜୁରୀ ଦେଉଥିଲେ। କେବଳ ସେତିକି ନୁହେଁ ଦୂରାଗତ ତାଙ୍କର ବୁଣାକାରମାନଙ୍କୁ ବନ୍ଧୁ ଚକ୍ଷୁରେ ଦେଖି ସେମାନଙ୍କର ଖାଦ୍ୟପେୟାଦିର ସୁବ୍ୟବସ୍ଥା ସହ ସେମାନଙ୍କ ସହ ମଧୁର ଆଳାପରେ ସେମାନଙ୍କୁ ମୁଗ୍ଧ କରୁଥିଲେ। ସେ ସମୟରେ ତାଙ୍କ ଅଧୀନରେ କାମକରିଥିବା ଏବଂ ବର୍ତ୍ତମାନ ବାନ୍ଧ ଶିଳ୍ପ କଳାରେ ଯଥେଷ୍ଟ ସୁଖ୍ୟାତ ଅର୍ଜନ କରିଥିବା ଅନେକ କୁଶଳୀ ଶିଳ୍ପୀ ତାଙ୍କର ସୁଗୁଣ ଓ ପ୍ରତିଭାକୁ ସ୍ମରଣ କରି ଝୁରି ହେଉଛନ୍ତି। ରାଧାଶ୍ୟାମ ବାବୁଙ୍କ ଅଧୀନରେ କାମ କରିଥିବା ବହୁ ବୁଣାକାର ସେ ସମୟରେ ସମ୍ପତ୍ତିସମ୍ପନ୍ନ ହୋଇ ଉଠିଥିଲେ। ସେ ବୁଣାକାରମାନଙ୍କ ପେଟକାଟି ଅର୍ଥ ଉପାର୍ଜନର ଚିନ୍ତା କସ୍ମିନକାଳେ କରିନଥିଲେ। କାରଣ ସେ ଥିଲେ ଯଥାର୍ଥ କଳାକାର ଓ ଜଣେ ଦରଦୀ ମଣିଷ। ବ୍ୟବସାୟୀ ବୁଦ୍ଧି ଖଟାଇ ବୁଣାକାରମାନଙ୍କୁ ଶୋଷଣ କରିବା ତାଙ୍କର ନୀତି ବିରୁଦ୍ଧ ଥିଲା। କଳାର ବିକାଶ ପାଇଁ ଏପରି ସ୍ୱାର୍ଥ ତ୍ୟାଗ କେତେ ଜଣଙ୍କଠାରେ ଦେଖାଯାଏ ?

ଅଧିକନ୍ତୁ ପଶ୍ଚିମ ଓଡ଼ିଶାରେ ବାନ୍ଧକଳାକୁ ଭାରତର ତୁଙ୍ଗନେତୃବର୍ଗଙ୍କ ସମ୍ମୁଖରେ ଉପସ୍ଥାପିତ କରି ସେମାନଙ୍କର ଦୃଷ୍ଟି ଓ ଆଗ୍ରହ ଆକର୍ଷଣ କରିପାରି ଥିଲେ। ତାଙ୍କର "ଉତ୍କଳ ପର୍ଦ୍ଦା ଏଜେନ୍ସି"ରେ ବାନ୍ଧ କଳାର ପର୍ଦ୍ଦା, ଶାଢୀ ଆଦି ଦେଖି ତତ୍କାଳୀନ ଭାରତର ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁ, ବିଜୟଲକ୍ଷ୍ମୀ ପଣ୍ଡିତ, ଇନ୍ଦିରାଗାନ୍ଧୀ, ଡକ୍ଟର ଜାକିର ହୁସେନ୍, ଡକ୍ଟର ହରେକୃଷ୍ଣ ମହତାବ ପ୍ରମୁଖ ଉଚ୍ଛ୍ୱସିତ ପ୍ରଶଂସା କରି ରାଧାଶ୍ୟାମ ବାବୁଙ୍କୁ ଅଭିନନ୍ଦନ ଜ୍ଞାପନ କରି ଅଛନ୍ତି। ତନ୍ମଧ୍ୟରୁ ସାମାନ୍ୟ କେତୋଟି ମନ୍ତବ୍ୟ ଏଠାରେ ଉଦ୍ଧାର କରୁଅଛୁ। ୧୪-୧୨-୧୯୫୧ ତାରିଖରେ ରାଧାଶ୍ୟାମ ବାବୁଙ୍କ ବାନ୍ଧକଳାର କାମ ସବୁ ଦେଖି ଶ୍ରୀମତୀ ବିଜୟଲକ୍ଷ୍ମୀ ପଣ୍ଡିତ ଏବଂ ପଣ୍ଡିତ ଜବାହରଲାଲ ନେହେରୁ ଲେଖିଛନ୍ତି- I have admired Orissa textiles for a long time. I am happy to see that they Continue to improve both in texture and design. My congratulations to Sri Radha Shyam Meher and all my good wishes for further success.

Vijaya Lakshmi Pandit
14-12-1951

Orissa textiles are famous for their beauty. Sambalpur is a centre for these and I am happy to find that this art is flourishing. I hope it will grow and flourish.

Sd /-Jawaharlal Nehru
14-12-1951

ସେହିପରି ଶ୍ରୀମତୀ ଇନ୍ଦିରା ଗାନ୍ଧୀ ଲେଖିଛନ୍ତି– I must congratulate Sri Radha Shyama Meher on the beautiful texiles he is producing. The two Samples that are before me a Silk Saree and a Silk and Wool mixed Shawal are quite perfect in their way and are the best specimens of Sambalpur texture of the materials and designs and the colouring are realy lively.

ଯାଦୁ ସମ୍ରାଟ ପି: ସି: ସରକାର ସେହିପରି ଅଭିଭୂତ ହୋଇ ଲେଖିଛନ୍ତି– I with my party visited Utkal Parda Agency and was much pleased to buy some saree for my family. They should get our co-operation and sincere support.

Sd /- P. C. Sarkar, Magician
25-5-1960

ହଜାର ହଜାର ଲୋକଙ୍କୁ ଯାଦୁ ବିଦ୍ୟାରେ ମନ୍ତ୍ରମୁଗ୍ଧ ଓ ଅଭିଭୂତ କରି ଦେଉଥିବା ଯାଦୁ ସମ୍ରାଟ ପି: ସି ସରକାରଙ୍କୁ ଅତ୍ୟନ୍ତ ଆନନ୍ଦ ଆଣି ଦେଇଥିବା ସମ୍ବଲପୁରୀ ବାନ୍ଧକାମ ଉପରେ ଭାରତର ପ୍ରଖ୍ୟାତ୍ ନାମା ଶିକ୍ଷାବିତ୍ ତଥା ନେତା ଡକ୍ଟର ଜାକିର ହୁସେନ୍ ମନ୍ତବ୍ୟ ପ୍ରକାଶ କରି ଲେଖିଛନ୍ତି–

I was delighted to see the specimens of characteristic Orissan textiles shown to me by Meher Art Fabric co-operative Society, Sambalpur. They are real things of beauty.

Sd /- Zakir Husain
7-12-1959

ଏଠାରେ ଆମେ ସୂଚାଇ ଦେବାକୁ ଚାହୁଁ ଯେ ରାଧାଶ୍ୟାମ ବାବୁ ସନ ୧୯୫୯ ବେଳକୁ ଶ୍ରୀଯୁକ୍ତ ଲିଙ୍ଗରାଜ ମେହେରଙ୍କ ସହିତ ମିଶି ମେହେର ଆର୍ଟ ଫେବ୍ରିକ୍ସ କୋ–ଅପରେଟିଭ୍ ସୋସାଇଟି ଗଠନ କରି ସାରିଥିଲେ।

ଭାରତର ଖ୍ୟାତନାମା ସମ୍ପାଦକ ଶ୍ରୀଯୁକ୍ତ ତୁଷାର କାନ୍ତି ଘୋଷ ରାଧାଶ୍ୟାମ ବାବୁଙ୍କର 'ଉତ୍କଳ ପର୍ଦ୍ଦା ଏଜେନ୍ସି, ପରିଦର୍ଶନ କରି ଲେଖିଛନ୍ତି–

I visited the Utkal Parda Agency today and was very pleased with what I saw. This institution is producing something of which we should be proud. I Understand the production is carried on by the members of one comunity. They deserve our thanks and congratulations.

Sd /- Tushar Kanti Ghosh
3-3-1951

## ଡକ୍ଟର ହରେକୃଷ୍ଣ ମହତାବ କହନ୍ତି–

'ରାଧାଶ୍ୟାମ ସରଳ ଗୃହସ୍ଥ ସାଧୁତାରେ ତାଙ୍କର ବିଶ୍ୱାସ। ଅସାଧୁ ଭାବରେ ଅର୍ଥ ଉପାର୍ଜନ କରିବାକୁ ସେ ଘୃଣା କରୁଥିଲେ। ତାଙ୍କର ଉଦ୍‌ଯୋଗ ଓ ନିଷ୍ଠାଫଳରେ ସମ୍ବଲପୁରୀ ବସ୍ତ୍ର ଭାରତସାରା ଜନପ୍ରିୟ ହୋଇ ପାରିଥିଲା। ସମ୍ବଲପୁରର ସେ ହେଉଛନ୍ତି ପ୍ରଥମ ବ୍ୟକ୍ତି, ଯାହାଙ୍କ ସହିତ ମୋର ଦେଖା ହେଉଥିଲା। ମନ୍ତ୍ରୀ ଥିଲାବେଳେ ଯେପରି, ମନ୍ତ୍ରୀ ନଥିଲାବେଳେ ସେପରି ମଧ୍ୟ ସେ ସବୁ କଥାରେ ମୋର ପରାମର୍ଶ ଲୋଡୁଥିଲେ। କର୍ତ୍ତବ୍ୟ କରୁଁକରୁଁ ତାଙ୍କର ପ୍ରାଣଯାଇଛି। ତାଙ୍କ ମୃତ୍ୟୁରେ ସେ ଧନ୍ୟ ହୋଇଛନ୍ତି।

ଓଡ଼ିଶା ତଥା ଭାରତର ବହୁ ତୁଙ୍ଗ ନେତା ତଥା ବିଶିଷ୍ଟ ବ୍ୟକ୍ତିଙ୍କ ସହିତ ତାଙ୍କର ଘନିଷ୍ଠ ପରିଚୟ ଥିଲେ ମଧ୍ୟ ସେ କାହାକୁ ନିଜର ସାମାନ୍ୟ ସ୍ୱାର୍ଥ ସକାଶେ ସୁଦ୍ଧା କେବେହେଲେ ଅନୁରୋଧ କରି ନାହାନ୍ତି।

ଏହା ବ୍ୟତୀତ ରାଧାଶ୍ୟାମ ବାବୁଙ୍କର କଳ୍ପନା ଶକ୍ତି ମଧ୍ୟ ଥିଲା ପ୍ରଖର। ସେ ଚମତ୍କାର ରୀତିରେ ଏକ ରାମାୟଣ ମଧ୍ୟ ରଚନା କରି ଯାଇଅଛନ୍ତି। ପୁନଶ୍ଚ ସେ ଥିଲେ ଜଣେ ସଂସ୍କାରବାଦୀ। ପୁରାତନ କୁସଂସ୍କାର ଓ ଅନ୍ଧବିଶ୍ୱାସକୁ ସେ ସହଜରେ ପରିହାର କରି ପାରୁଥିଲେ। ବୟନ ଶିଳ୍ପର କଣ୍ଟକାକୀର୍ଣ୍ଣ ପଥକୁ ଆପଣାର ପ୍ରତିଭା ଓ ନିରନ୍ତର ଉଦ୍ୟମ ବଳରେ ପରିଷ୍କାର ଏବଂ ପ୍ରଶସ୍ତ କରି ଉତ୍ତରାଧିକାରୀଙ୍କ ସକାଶେ ସହଜ ସୁଗମ କରି ଦେଇଥିବା ଫଳରେ ଆଜି ତାଙ୍କର ଆଶିର୍ବାଦ ଏବଂ ପରିଶ୍ରମ ହେତୁ ପଶ୍ଚିମ ଓଡ଼ିଶାର ବାନ୍ଧଶିଳ୍ପ ଏକ ସୁଉଚ୍ଚ ଆସନରେ ଆସୀନ ତଥା ଜାତୀୟ ଏବଂ ଆନ୍ତର୍ଜାତିକ କ୍ଷେତ୍ରରେ ପ୍ରତିଷ୍ଠା ଲାଭରେ ସମର୍ଥ ହୋଇ ଉଠିଛି।

ସନ ୧୯୬୧, ମଇ ୧୯ ତାରିଖରେ ୫୭ ବର୍ଷ ବୟସରେ ତାଙ୍କର ଆକସ୍ମିକ ମୃତ୍ୟୁରେ ସମସ୍ତ ଦେଶବାସୀ ଶୋକ ବିହ୍ୱଳ ହୋଇ ଉଠିଥିଲେ। ବହୁ ବିଶିଷ୍ଟ ବ୍ୟକ୍ତି, ଜନନାୟକ, ତଥା ତୁଙ୍ଗ ନେତୃବର୍ଗ ସେଇ ସମୟରେ ଶୋକାତୁର ହୋଇ ତାଙ୍କ ପ୍ରତି ସମ୍ମାନ ଜ୍ଞାପନ ସହ ସେଇ ପବିତ୍ର ଆତ୍ମାର ସଦ୍‌ଗତି କାମନା କରିଥିଲେ। ତାଙ୍କ ଆକସ୍ମିକ ବିୟୋଗରେ ଏଇ ଲେଖକ ମଧ୍ୟ ସେଇ ସମୟରେ ସମ୍ବଲପୁରରେ ପ୍ରକାଶିତ 'ସେବା' ପତ୍ରିକାରେ ଏକ ପ୍ରବନ୍ଧ ଲେଖି ତାଙ୍କ ପ୍ରତି ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲା। ଦୁର୍ଭାଗ୍ୟର କଥା, ମୋର ସେଇ ଲେଖା ଏବଂ ରାଧାଶ୍ୟାମ ବାବୁଙ୍କ ସମ୍ପର୍କରେ ଭାଷାତତ୍ତ୍ୱବିତ୍ ଅଧ୍ୟାପକ ଗୋଲକ ବିହାରୀ ଧଳଙ୍କ ଲେଖା ସଂଗୃହୀତ ହୋଇପାରି ନାହିଁ।

ଆହୁରି ପରିତାପର ବିଷୟ ଏଇଯେ, ତାଙ୍କର ଅକାଳ ବିୟୋଗରେ ୩୧ ବର୍ଷ ଅତିକ୍ରାନ୍ତ ହୋଇଥିଲେ ମଧ୍ୟ ଏପରି ଏକ

ମହାନ କଳାକାର, ବାଘକଳାର ବିକାଶ– ପ୍ରସାର ଦିଗରେ ଆଦ୍ୟ ଉଦ୍ୟୋକ୍ତା ତଥା ଉଦ୍‌ଗାତାଙ୍କୁ ଆମେ ପ୍ରାୟ ଭୁଲି ବସିଥିଲୁଁ । ମଝିରେ ମଝିରେ ମୁଁ ମୋର କେତେକ ଲେଖାରେ ବାଘକଳାର ଏଇ ପୂର୍ବସୂରୀଙ୍କୁ ଶ୍ରଦ୍ଧାର ସହ ସ୍ମରଣ କରିଥିଲେ ମଧ୍ୟ ସାମୂହିକ ଭାବରେ ସେଇ ପ୍ରତିଭାର ପୂଜା ପାଇଁ ସେପରି ଉଦ୍ୟମ ଓ ଉତ୍ସାହ ଦେଖା ଦେଇନଥିଲା ।

ଏବେ ଅତ୍ୟନ୍ତ ଆନନ୍ଦର ବିଷୟ ଏଇଯେ କେତେକ ଗୁଣଗ୍ରାହୀ ତଥା ସହୃଦୟ ବନ୍ଧୁଙ୍କର ସଦୁଦ୍ୟମ ତଥା ଉତ୍ସାହ ହେତୁ 'ସ୍ୱର୍ଗତ ରାଧାଶ୍ୟାମ ମେହେର ଜୟନ୍ତୀ କମିଟୀ' ଗଠିତ ହୋଇଅଛି ଏବଂ ୨୦–୧୧–୧୯୯୨ ତାରିଖଠାରୁ ତାଙ୍କର ଜୟନ୍ତୀ ଦିବସ ସମାରୋହରେ ଓଡ଼ିଶାର ଅନେକସ୍ଥ ପାଳନ କରାଯାଉଅଛି । ବିଳମ୍ବରେ ହେଲେ ମଧ୍ୟ ପୂଜ୍ୟ–ପୂଜାର ଏଇ ଯେଉଁ ଆଗ୍ରହ, ଉତ୍ସାହ ତଥା ମହତ ଉଦ୍ୟମ ଦେଶ ଓ ଦଶ ପକ୍ଷରେ ଏକ ଶୁଭ ସଙ୍କେତ । ଏଇ ଅବକାଶରେ ସେଇ ମହାନ୍ କଳାକାରଙ୍କ ଅବଦାନ ନିଚୟକୁ ସ୍ମରଣପୂର୍ବକ ତାଙ୍କ ପ୍ରତି ଆମେ ଶ୍ରଦ୍ଧା ସମ୍ମାନ ଅର୍ପଣ କରିବା ସଙ୍ଗେ ସଙ୍ଗେ ସେଇ ପବିତ୍ର ଆତ୍ମାର ଆଶୀର୍ବାଦ କାମନା କରୁଅଛୁଁ ।

---

**କ୍ଷତିବନ୍ଧ ସଦନ, ବରଗଡ଼ ।**




ଭୁବନେଶ୍ୱରଠାରେ ଅନୁଷ୍ଠିତ ମହିଳା ବିକାଶ ନିଗମର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ମାନପତ୍ର ପ୍ରଦାନ କରୁଛନ୍ତି ।

# ସେବା ଓ ସଂଗ୍ରାମବ୍ରତୀ ବିଶ୍ୱନାଥ

ଡକ୍ଟର ବ୍ରଜବନ୍ଧୁ ଭଞ୍ଜ

ଆବାଲ୍ୟରୁ ଜମିଦାରୀ ବଂଶର ଖ୍ୟାତି ଭିତରେ ବଢ଼ିଆସିଥିବା ସଂଗ୍ରାମୀ ବିଶ୍ୱନାଥଙ୍କ ମନରେ ଦରିଦ୍ରଙ୍କ ପ୍ରତି ଥିଲା ଅଶେଷ ଶ୍ରଦ୍ଧା ଓ ସହାନୁଭୂତି । ଆଡ଼ମ୍ବରପୂର୍ଣ୍ଣ, ସ୍ୱଚ୍ଛଳ୍ୟ ପରିବେଶ ଭିତରେ ବଢ଼ିଥିଲେ ହେଁ, ଅସହାୟ, ଦରିଦ୍ର ବୁଭୁକ୍ଷୁଙ୍କ ପାଇଁ ବିଶ୍ୱନାଥଙ୍କ ପ୍ରାଣ ସର୍ବଦା କାନ୍ଦି ଉଠୁଥିଲା । ତେଣୁ ସେ ବରିଷ୍ଠ ସଂଗ୍ରାମୀ, ମହାପୁରୁଷ ବିଶ୍ୱନାଥ ଆମର ଚିର ନମସ୍ୟ ।

ସ୍ୱାଧୀନତା ଆନ୍ଦୋଳନରେ ଯୋଗଦେବାଠାରୁ ମୃତ୍ୟୁପର୍ଯ୍ୟନ୍ତ, ଶୋଷଣ ଲାଞ୍ଛନା ବିରୁଦ୍ଧରେ ଆପ୍ରାଣ ଲଢ଼େଇ ଓ ଦରିଦ୍ର ନାରାୟଣଙ୍କ ସେବା ଥିଲା ତାଙ୍କ ଜୀବନର ପରମବ୍ରତ । ମାନ୍ଦ୍ରାଜ ପ୍ରଦେଶରେ ସେ ଥିଲେ ଜଣେ ଟାଣୁଆ କୃଷକ କର୍ମୀ । ୧୯୧୯ ମସିହାରେ ଗାନ୍ଧିଜୀଙ୍କ ଆନ୍ଦୋଳନ ଡାକରାରେ ବିଶ୍ୱନାଥ ଦାସ କଂଗ୍ରେସରେ ଯୋଗଦେଲେ । ସେତେବେଳେ ସେ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତ୍ୟକ୍ଷ ସଂସର୍ଶରେ ଆସିଲେ । ବିଚ୍ଛିନ୍ନ ଓଡ଼ିଶା ବାହରେ ଥିବା ଗଞ୍ଜାମ ଅଞ୍ଚଳ ପାଇଁ ସେ ହେଲେ ଉତ୍କଳ ପ୍ରାଦେଶିକ କଂଗ୍ରେସର ଜଣେ ମୁଖ୍ୟ କର୍ମୀ । ଏତିକି ବେଳେ ଆରମ୍ଭ ହେଲା ତାଙ୍କର ସଂଗ୍ରାମୀ ଜୀବନ ।

୧୯୩୫ ଭାରତ ଆଇନ୍ ବଳରେ ପ୍ରାଦେଶିକ ସ୍ତରରେ ଯେତେବେଳେ ମନ୍ତ୍ରୀମଣ୍ଡଳ ଗଠନ ହେବାର ସ୍ଥିରହେଲା, ସେତେବେଳେ କଂଗ୍ରେସ ଅନ୍ୟାନ୍ୟ ରାଜନୈତିକ ଦଳମାନଙ୍କ ସହ ଭୋଟ ରଣାଙ୍ଗନରେ ଅବତୀର୍ଣ୍ଣ ହେଲା ଏବଂ ସଂଖ୍ୟା ଗରିଷ୍ଠତା ହାସଲ କଲା । ମାତ୍ର ପ୍ରାଦେଶିକ କଂଗ୍ରେସ ଅନୁଷ୍ଠାନରେ ରାଜନୈତିକ କନ୍ଦଳ ସୃଷ୍ଟି ହେଲା । ଦୁଇ ନେତା ହରେକୃଷ୍ଣ ମହତାବ ଓ ପଣ୍ଡିତ ନୀଳକଣ୍ଠ ଦାସଙ୍କ ରାଜନୈତିକ ଶତ୍ରୁତାରୁ । ପଣ୍ଡିତ ନୀଳକଣ୍ଠ ଦାସ ନିଜେ ଓଡ଼ିଶାର ପ୍ରଥମ ପ୍ରଧାନମନ୍ତ୍ରୀ ହେବାକୁ ଚାହୁଁ ଥିଲେ । ମାତ୍ର ହରେକୃଷ୍ଣ ମହତାବ ଏହା ବିରୁଦ୍ଧରେସ୍ୱର ଉତ୍ତୋଳନ କରିଥିଲେ । ଫଳରେ ପ୍ରାଦେଶିକ କଂଗ୍ରେସରେ ତୀବ୍ର ଗୋଷ୍ଠୀକନ୍ଦଳ ହେବାରୁ ବିଶ୍ୱନାଥ ଦାସଙ୍କୁ ପ୍ରାର୍ଥୀ କରିବାକୁ ମସୁଧା ହେଲା । ଦୁଇଗୋଷ୍ଠୀର ସହାୟତାରେ ବିଶ୍ୱନାଥ ଦାସ ହେଲେ ଓଡ଼ିଶାର ପ୍ରଥମ କଂଗ୍ରେସ ପ୍ରଧାନମନ୍ତ୍ରୀ ମାତ୍ର ଦୁଇଗୋଷ୍ଠୀର ଲୋକେ ବିଶ୍ୱନାଥ ଦାସଙ୍କୁ ଫୀଡ଼ନକ କରିବାକୁ ବସିଥିଲେ । ଏପରିକି ନୀଳକଣ୍ଠ ଦାସ ଚାହୁଁଥିଲେ ଯେ ବିଶ୍ୱନାଥ ଦାସ ଅଳ୍ପଦିନ ପରେ ପ୍ରଧାନମନ୍ତ୍ରୀତ୍ୱ ତାଙ୍କୁ ହିଁ ଛାଡ଼ିଦେବେ । କିନ୍ତୁ ସ୍ୱାଭିମାନ ଓ ସଚ୍ଚୋଟପଣିଆ ଭିତରେ ବିଶ୍ୱନାଥ ଥିଲେ ଚିର ଅଟଳ ଓ ଅଟଳ । ଗୋଷ୍ଠୀ ରାଜନୀତିରୁ ଦୂରେଇ ରହି ସେ କୌଣସି ନେତାଙ୍କ ଦ୍ୱାରା ପ୍ରଭାବିତ ହେଲେନାହିଁ ବା ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେଲେ ନାହିଁ । ଫଳରେ ଅଭିମାନୀ ନୀଳକଣ୍ଠ ଦାସ ମନ୍ତ୍ରୀମଣ୍ଡଳରେ ଖୋଲାଖୋଲି ବିରୁଦ୍ଧାଚରଣ ଓ ଶତ୍ରୁତା କଲେ । ବିଭିନ୍ନ କ୍ଷେତ୍ରରେ ମନ୍ତ୍ରୀମଣ୍ଡଳକୁ ବଦନାମ୍ କରିବାକୁ ଚେଷ୍ଟା କଲେ । ମାତ୍ର ନୀଳକଣ୍ଠ ଦାସଙ୍କ ଏଭଳି ଖୋଲାଖୋଲି ସମାଲୋଚନା ମନ୍ତ୍ରୀମଣ୍ଡଳକୁ ବହୁତ ହୁସିଆର ଓ ସାବଧାନ ହିଁ କରି ଦେଇଥିଲା ।

ପ୍ରଧାନମନ୍ତ୍ରୀତ୍ୱକୁ ସ୍ୱୀକାର କରିବା ପରେ ବିଶ୍ୱନାଥ ଦାସ ବହୁ ଜନହିତକର କାର୍ଯ୍ୟରେ ନିଜକୁ ନିୟୋଜିତ କଲେ । କୃଷକମାନଙ୍କ ପାଇଁ ତାଙ୍କ ମନ୍ତ୍ରୀମଣ୍ଡଳରେ ଭୂମିକା ଥିଲା ଗୁରୁତ୍ୱପୂର୍ଣ୍ଣ । ସୋସାଲିଷ୍ଟମାନେ କୃଷକମାନଙ୍କୁ ଏକଜୁଟ କରାଇ ଯେଉଁ ଆନ୍ଦୋଳନ ଆରମ୍ଭ କରିଥିଲେ, ବିଶ୍ୱନାଥ ଦାସ ସେମାନଙ୍କର ଦାବୀ ଅନୁଯାୟୀ ବହୁ ପଦକ୍ଷେପ ନେଲେ । ତାଙ୍କ ମନ୍ତ୍ରୀମଣ୍ଡଳ ଜଳସେଚନ ଟିକସ୍‌ଭାରକୁ ଶତକଡ଼ା ୨୫ ଭାଗ କମାଇ ଦେଲେ । ଗୋଚରଭୂମି ଟିକସ୍ ମଧ୍ୟ ଶତକଡ଼ା ୫୦ ଭାଗ କମାଗଲା । ଚାଷୀମାନଙ୍କୁ ସେମାନଙ୍କ ଜମି ଉପରେ ପୂର୍ଣ୍ଣ ମାଲିକାନା ସତ୍ତ୍ୱ ଦିଆଗଲା । ଜମି ଉପରେ ଥିବା ଗଛର ଅଧିକାର ଚାଷୀ ଉପରେ ନ୍ୟସ୍ତ କରାଗଲା । ଯେଉଁ ଜମିଦାର ଓ ତାଙ୍କର ଲୋକମାନେ ଗରିବ ଚାଷୀଙ୍କୁ ହଇରାଣ କରୁଥିଲେ ସେମାନଙ୍କୁ ଉଚିତ ଶାସ୍ତି ପାଇଁ ନିୟମମାନ ପ୍ରଣୟନ କରାଗଲା । ମାନ୍ଦ୍ରାଜ ପ୍ରଦେଶରୁ ଆସି ଓଡ଼ିଶା ସହ ମିଶିଥିବା ଅଞ୍ଚଳଗୁଡ଼ିକରେ ଜମିଦାରଙ୍କ ଶୋଷଣରୁ କୃଷକମାନଙ୍କୁ ରକ୍ଷା କରିବା ମଧ୍ୟ ବ୍ୟବସ୍ଥା ରହିଲା ।

ଓଡ଼ିଶା ମହାଜନୀ କାରବାର ଆଇନ୍‌ପ୍ରଣୟନ କରାଯାଇ ଗରିବ ଲୋକମାନଙ୍କୁ ମହାଜନୀ ଋଣ କାରବାରରୁ ରକ୍ଷା କରିବାର ବ୍ୟବସ୍ଥା ମନ୍ତ୍ରୀମଣ୍ଡଳ ମଧ୍ୟ କଲା । ଜମି ବନ୍ଧକ ଆଇନ୍‌ର ପ୍ରଚଳନ କରାଗଲା । ବିଭିନ୍ନ ଦୈବ ଦୁର୍ବିପାକରୁ କୃଷକମାନଙ୍କୁ ସୁରକ୍ଷା ଓ ସାହାଯ୍ୟ ପ୍ରଦାନ ବ୍ୟବସ୍ଥା ରହିଲା । ବିଭିନ୍ନ ଉନ୍ନତ ଓ ଅଧିକ ଅମଳକ୍ଷମ ବିହନ ଅଣାଯାଇ ଚାଷୀମାନଙ୍କ ମଧ୍ୟରେ ବଣ୍ଟନ ମଧ୍ୟ କରାଗଲା । ଜଣେ କୃଷକ କର୍ମୀ ଓ ସଂଗଠକ ଭାବରେ ବିଶ୍ୱନାଥଦାସ ତାଙ୍କର ରାଜନୈତିକ ଜୀବନ ଆରମ୍ଭ କରିଥିଲେ ଏବଂ ନିଜର ପ୍ରଧାନମନ୍ତ୍ରୀତ୍ୱ କାଳରେ ସେମାନଙ୍କର ଉନ୍ନତି ପାଇଁ ଏହିପରି ବହୁ କାର୍ଯ୍ୟ କଲେ ।

ପ୍ରଧାନମନ୍ତ୍ରୀ ବିଶ୍ୱନାଥ ନିଜର ଶାସନକାଳ ସମୟରେ ନିଜର ସଚ୍ଚୋଟ ପଣିଆ, ସାଧୁତା ଓ ଦକ୍ଷତା ଦ୍ୱାରା ସମସ୍ତଙ୍କର ଶ୍ରଦ୍ଧାଭାଜନ ହୋଇ ପାରିଥିଲେ। ନିଜର ମନ୍ତ୍ରୀମଣ୍ଡଳ ଓ କଂଗ୍ରେସ କମିଟିର ପରାମର୍ଶରେ ସେ ସବୁ କାର୍ଯ୍ୟ ସମ୍ପାଦନ କରୁଥିଲେ। ନିଜ ପଦପଦବୀ ଓ କ୍ଷମତା ସେ କେବେ ହେଲେ ନିଜ କାର୍ଯ୍ୟ ପାଇଁ ବିନିଯୋଗ କରି ନଥିଲେ। ସେତେବେଳେ ଖବରକାଗଜମାନଙ୍କରୁ ଜଣାଯାଏ ଯେ କଂଗ୍ରେସର ଗୋଷ୍ଠୀ ବିବାଦର ସୁଯୋଗନେଇ ବହୁ ଅଣକଂଗ୍ରେସୀ ମଧ୍ୟ କଂଗ୍ରେସକୁ ପଶିଆସି ନିଜର ଆଧିପତ୍ୟକୁ ବଢ଼ାଇ ଥିଲେ। ନେତାମାନେ ନିଜର ଲୋକମାନଙ୍କୁ କଂଗ୍ରେସକୁ ଆଣି ସେମାନଙ୍କୁ ମେମ୍ବର କରାଇ ପ୍ରାଦେଶିକ କଂଗ୍ରେସରେ ସେମାନଙ୍କର ପ୍ରତିଷ୍ଠା ଜାହିର କରିବାର ଉଦ୍ୟମ କରିଥିଲେ। ଗ୍ରାମ୍ୟ କମିଟିଠାରୁ ପ୍ରାଦେଶିକ କମିଟି ପର୍ଯ୍ୟନ୍ତ କଂଗ୍ରେସରେ ତୀବ୍ର ବାଦାନୁବାଦ ଚାଲିଲା। ମାତ୍ର ଏ ସବୁ କିଛି ବିଶ୍ୱନାଥ ଦାସଙ୍କୁ ପ୍ରଭାବିତ କରିପାରି ନଥିଲା। ସବୁ ବିବାଦରୁ ଊର୍ଦ୍ଧ୍ୱରେ ରହି ସେ ଜନତାର ସେବାକୁ ହିଁ ନିଜର ଚରମ ଲକ୍ଷ୍ୟ ବୋଲି ଗ୍ରହଣ କରିଥିଲେ।

ଜଣେ ଦକ୍ଷ ଶାସକ ଭାବରେ ନୁହେଁ, ଜଣେ ଉଚ୍ଚମନା ଓ ନିର୍ଭିକ ଜାତୀୟବାଦୀ ନେତା ଭାବରେ ସେ ବେଶ୍ ଖ୍ୟାତି ସମ୍ପନ୍ନ ଥିଲେ। ନିଜର ଆତ୍ମସମ୍ମାନ ଓ ଆତ୍ମବିଶ୍ୱାସକୁ ସେ ବହୁତ ପ୍ରାଧାନ୍ୟ ଦେଉଥିଲେ। ପ୍ରଧାନମନ୍ତ୍ରୀତ୍ୱ କାଳରେ ସେ ବହୁ ଗୋରା ଅଫିସରଙ୍କ ସହ ମିଶି କାର୍ଯ୍ୟ କରୁଥିଲେ ମଧ୍ୟ ସେମାନଙ୍କୁ ଅଯଥା ଭୟ ବା ପ୍ରାଧାନ୍ୟ ଦେଉ ନଥିଲେ। ଜଣେ ଗୋରାସାହେବ ତାଙ୍କର ଅଧସ୍ତନ ହେଲେ ବି ଉପଯୁକ୍ତ ସମ୍ମାନ ନଦେବାରୁ ବିଶ୍ୱନାଥ ଦାସ କ୍ଷୁବ୍ଧ ହୋଇ ସେହି ଅଫିସରଙ୍କୁ ଆଉ ଏପରି ନ କରିବାକୁ ଚେତାବନୀ ଦେଇଥିଲେ। ତତ୍କାଳୀନ ଗଭର୍ଣ୍ଣରଙ୍କ ସହ ବହୁତ କ୍ଷେତ୍ରରେ ତାଙ୍କର ଅମତ ହେଉଥିଲା ଏବଂ ନିଃସଂକୋଚରେ ବିଶ୍ୱନାଥ ଦାସ ତାଙ୍କର ମତାମତକୁ ବ୍ୟକ୍ତ କରୁଥିଲେ। ଥରେ ଗଭର୍ଣ୍ଣର ରାଗିଯାଇ ତାଙ୍କୁ କହିଥିଲେ ଯେ, ସେ ହେଉଛନ୍ତି ଗଭର୍ଣ୍ଣର, ମାତ୍ର ସେହି ସମୟରେ ବିଶ୍ୱନାଥ ଦୃଢ଼ତାର ସହିତ ନିଜ ମତ ଜାହିର କରି କହିଥିଲେ ଯେ ସେ ହେଉଛନ୍ତି ଗଭର୍ଣ୍ଣମେଣ୍ଟ ବା ସରକାର। ସେ ତାଙ୍କର ସହକର୍ମୀମାନଙ୍କୁ ନିଜ ଘରକୁ ଡାକି ତାଳପତ୍ର ଚଟେଇରେ ବସିବାକୁ ଅନୁରୋଧ କରୁଥିଲେ ଓ କଦଳୀ ପତ୍ରରେ ଖାଦ୍ୟ ପରଷୁ ଥିଲେ। ଏଥିରେ ବହୁତ ଗୋରା ଅଫିସର ମଧ୍ୟ ସାମିଲ ହେଉଥିଲେ। ଯେତେବେଳେ ତାଙ୍କର ଜଣେ ଅଧସ୍ତନ କମିଶନରଙ୍କୁ ରାଜ୍ୟପାଳ ପଦକୁ ଉନ୍ନୀତ କରାଗଲା ବିଶ୍ୱନାଥ ଦାସ ଏହାର ଘୋର ବିରୋଧ କରିଥିଲେ ଏବଂ ଇସ୍ତଫା ଦେବାକୁ ମଧ୍ୟ ଧମକ ଦେଇଥିଲେ।

ବିଶ୍ୱନାଥ ଦାସଙ୍କ ପ୍ରଧାନମନ୍ତ୍ରୀତ୍ୱ ସମୟରେ ଓଡ଼ିଶାରେ ଗଡ଼ଜାତ ଲୋକମାନଙ୍କର ରାଜା ଓ ବ୍ରିଟିଶ୍ ବିରୋଧୀ ଆନ୍ଦୋଳନ ତୀବ୍ରରୂପ ନେଇଥିଲା। ବିଶ୍ୱନାଥ ଦାସ ତାଙ୍କର ପୂର୍ଣ୍ଣ ସମର୍ଥନ ଏହି ଆନ୍ଦୋଳନକୁ ଦେବାରୁ ଆନ୍ଦୋଳନଗୁଡ଼ିକ ଅଧିକ ସକ୍ରିୟ ହୋଇଥିଲା। ତାଙ୍କ ମନ୍ତ୍ରୀମଣ୍ଡଳ ଯେ ପର୍ଯ୍ୟନ୍ତ ଗଡ଼ଜାତ ଲୋକଙ୍କ ଦୁର୍ଦ୍ଦଶା ଦୂର ନ ହୋଇଛି ସେ ପର୍ଯ୍ୟନ୍ତ ସାମନ୍ତମାନଙ୍କୁ ସହଯୋଗ କରିବ ନାହିଁ ବୋଲି ଖୋଲ୍‌ଖୋଲ୍ ପ୍ରକାଶ କରିଥିଲେ।

ଯେତେବେଳେ ରାଜାଙ୍କ ଗୁଣ୍ଡାମାନଙ୍କର ଦୌରାତ୍ମ୍ୟରେ ଅତିଷ୍ଠହୋଇ ତାଳଚେର ଓ ଢେଙ୍କାନାଳରେ ପ୍ରଜାମାନେ ଶରଣାର୍ଥୀ ଭାବେ ହଜାର ହଜାର ସଂଖ୍ୟାରେ ଆସି ଅନୁଗୁଳରେ ପହଞ୍ଚିଲେ ଓଡ଼ିଶାର କଂଗ୍ରେସ ସରକାର ସେମାନଙ୍କୁ ସବୁମତେ ସାହାଯ୍ୟ କରିଥିଲା। ସେମାନଙ୍କୁ ରିଲିଫ୍‌ଠାରୁ ଗୃହନିର୍ମାଣ ଓ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଥିଲା।

ବିଚ୍ଛିନ୍ନ ଗଞ୍ଜାମର ଅଧିବାସୀ ଭାବରେ ବିଶ୍ୱନାଥ ଦାସ ଛାତ୍ରକାଳରୁ ଅନୁଭବ କରିଥିଲେ ବିଚ୍ଛିନ୍ନ ଅଞ୍ଚଳର ଦୁର୍ଦ୍ଦଶା କଥା। ଯେତେବେଳେ ଓଡ଼ିଶା ପ୍ରଦେଶ ୧୯୩୬ ମସିହାରେ ଗଠନ ହେଲା ବହୁ ଓଡ଼ିଆ ଭାଷାଭାଷୀ ଅଞ୍ଚଳ ଆଧୁନିକ ଓଡ଼ିଶା ପ୍ରଦେଶ ବାହାରେ ରହିଗଲା। ସେଠାରେ ଥିବା ଓଡ଼ିଆମାନଙ୍କର ଉନ୍ନତି ପାଇଁ ସେ ତାଙ୍କର ପ୍ରଧାନମନ୍ତ୍ରୀତ୍ୱ କାଳରେ ବିଭିନ୍ନ ପଡ଼ୋଶୀ ସରକାରମାନଙ୍କୁ ଅନୁରୋଧ କରିଥିଲେ। ଯେତେବେଳେ ଜାମସେଦପୁରରେ ସ୍କୁଲମାନଙ୍କରୁ ଓଡ଼ିଆ ଭାଷା ଉଠିଯିବାକୁ ବସିଲା, ତାଙ୍କ ସରକାର ଟାଟା ଇସ୍ପାତ୍ କାରଖାନାର ମ୍ୟାନେଜରଙ୍କୁ ଏ ବିଷୟରେ ଅବଗତ କରାଇ ତାହାର ପ୍ରତିକାର କରିବାକୁ ଅନୁରୋଧ କରିଥିଲେ।

ବିଶ୍ୱନାଥ ଥିଲେ ଜଣେ ସଚ୍ଚା ଗାନ୍ଧିବାଦୀ। ଅତି ସରଳ ଜୀବନ ଯାପନ ମଧ୍ୟରେ ସେ ନିଜକୁ ଖୁବ୍ ଉଚ୍ଚକୋଟୀର ମଣିଷ ରୂପେ ପ୍ରମାଣିତ କରିଥିଲେ। ଖଦଡ଼ ତାଙ୍କର ବସ୍ତ୍ର ଥିଲା। ନମ୍ରତା ଥିଲା ତାଙ୍କର ଭୂଷଣ। ସାଧୁତା ତାଙ୍କର ସ୍ଥିତି ଥିଲା। ଯେଉଁମାନେ ତାଙ୍କୁ ପ୍ରଥମେ ଅପାରଗ ଓ ହାଲୁକା ବୋଲି ଭାବିଥିଲେ ପୁଣି ସେଇମାନେ ତାଙ୍କର ପ୍ରଶଂସା କଲେ। ତାଙ୍କର ଦକ୍ଷତା ଯୋଗୁ ସେ ଅଢ଼େଇ ବର୍ଷକାଳ ତୀବ୍ର ପ୍ରାଦେଶିକ ରାଜନୀତିରେ ସମନ୍ୱୟ ରକ୍ଷାକରି ମନ୍ତ୍ରୀମଣ୍ଡଳକୁ ବଞ୍ଚାଇ ପାରିଥିଲେ। ନିର୍ଭୀକ ଗାନ୍ଧିବାଦୀ ବିଶ୍ୱନାଥ ଦାସ ଅସ୍ପୃଶ୍ୟତା ନିବାରଣ ଆନ୍ଦୋଳନର ମଧ୍ୟ ଜଣେ ଅଗ୍ରଣୀ କର୍ମୀ ଥିଲେ। ତାଙ୍କ ମନ୍ତ୍ରୀମଣ୍ଡଳ ଓ ତାଙ୍କୁ ଅପଦସ୍ତ କରିବା ପାଇଁ କଂଗ୍ରେସ ବିରୋଧୀ ବହୁ ଶକ୍ତି ବ୍ୟସ୍ତ ଥିଲେ ମାତ୍ର କଂଗ୍ରେସ ଭିତରର ବହୁ ନେତାଙ୍କ କଂଗ୍ରେସ ବିରୋଧୀ କାର୍ଯ୍ୟକଳାପ ତାଙ୍କୁ ବହୁତ ଦୁଃଖ ଦେଉଥିଲା। ଏହି ମର୍ମରେ ସେ ବହୁପତ୍ର ଡକ୍ଟର ରାଜେନ୍ଦ୍ରପ୍ରସାଦଙ୍କୁ ମଧ୍ୟ ଲେଖିଥିଲେ।

କଂଗ୍ରେସର ବିନା ପରାମର୍ଶରେ ବ୍ରିଟିଶ୍ ସରକାର ଭାରତକୁ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ମିତ୍ରପକ୍ଷ ରାଷ୍ଟ୍ରଭାବେ ଘୋଷଣା କଲା। ତା'ର ପ୍ରତିବାଦରେ କଂଗ୍ରେସ ମନ୍ତ୍ରୀମଣ୍ଡଳସବୁ ଇସ୍ତଫା ଦେଲେ ନଭେମ୍ବର ୧୯୩୯ ମସିହାରେ। ବିଶ୍ୱନାଥ ଦାସ ଗାନ୍ଧୀଙ୍କ ଡାକରାରେ ଯୋଗଦେଲେ ବ୍ୟକ୍ତିଗତ ସତ୍ୟାଗ୍ରହରେ। କଟକ ଏବଂ ଗଞ୍ଜାମର ଗ୍ରାମେଗ୍ରାମେ ବୁଲି ସେ ଆନ୍ଦୋଳନର ବାର୍ତ୍ତା ଲୋକଙ୍କ ପାଖେ ପହଞ୍ଚାଉଥିଲେ। ୧୯୪୨ ମସିହାର ଭାରତଛାଡ଼ ଆନ୍ଦୋଳନବେଳେ ବିଶ୍ୱନାଥ ଦାସ ପୁଲିସ୍ ଦ୍ୱାରା ଆରେଷ୍ଟ ହେଲା ପରେ ବ୍ରହ୍ମପୁର ଜେଲ୍‌ରେ ବନ୍ଦୀ ହେଲେ। ସେ ଜେଲ୍ ଭିତରେ ବହୁ ଅତ୍ୟାଚାରର ସମ୍ମୁଖୀନ ମଧ୍ୟ ହେଲେ। ଜେଲ୍ ଭିତରେ ତିରଙ୍ଗା ପତାକା ଉଡ଼ାଇବାକୁ ଚେଷ୍ଟାକଲାବେଳେ ପୁଲିସ୍‌ର ଲାଠି ପ୍ରହାର ମଧ୍ୟ ତାଙ୍କୁ ସହିବାକୁ ପଡ଼ିଲା।

୧୯୪୬ ମସିହାର ନିର୍ବାଚନବେଳେ ଏହି ଦକ୍ଷ ବ୍ୟବସ୍ଥାପକ କିନ୍ତୁ ପ୍ରାର୍ଥୀ ହୋଇପାରି ନଥିଲେ । ନିର୍ବାଚନରେ ସେ ତାଙ୍କର ଖର୍ଚ୍ଚ ହିସାବ ନ ଦେଖାଇ ପାରିବାରୁ କୋର୍ଟ ଦ୍ୱାରା ୬ ବର୍ଷ ପାଇଁ ନିର୍ବାଚନ ଲଢ଼ିବାକୁ ଅଯୋଗ୍ୟ ଘୋଷିତ ହେଲେ ।

ସ୍ୱାଧୀନତା ପରେ ବିଶ୍ୱନାଥ ଦାସ ବିଭିନ୍ନ ଗଠନାତ୍ମକ କାର୍ଯ୍ୟରେ ମନୋନିବେଶ କଲେ । ୧୯୫୫ରେ ସେ ପ୍ରାଦେଶିକ କଂଗ୍ରେସର ସଭାପତି ଭାବେ ମନୋନୀତ ହେଲେ । ୧୯୫୬ ମସିହାରେ ସେ ରାଜ୍ୟସଭାକୁ ନିର୍ବାଚିତ ହେଲେ । ରାଜ୍ୟ ସଭାରେ ବିଭିନ୍ନ ସମସ୍ୟାର ବିତର୍କରୁ ତାଙ୍କର ଜ୍ଞାନ ଓ ବିଭିନ୍ନ କ୍ଷେତ୍ରରେ ଗଭୀର ଜ୍ଞାନବତ୍ତାରର ପରିଚୟ ମିଳେ ।

୧୯୬୨ ମସିହାରେ ବିଶ୍ୱନାଥ ଦାସ ଗଞ୍ଜାମରୁ ବ୍ୟବସ୍ଥାପକ ରୂପେ ଜୟଲାଭ କଲେ । କିନ୍ତୁ ତାଙ୍କର ଦକ୍ଷତା ଓ ପୂର୍ବ ପ୍ରତିଷ୍ଠା ଯୋଗୁ ତାଙ୍କୁ ଉତ୍ତର ପ୍ରଦେଶର ରାଜ୍ୟପାଳ ରୂପେ ମନୋନୀତ କରାଗଲା । ସମ୍ପୂର୍ଣ୍ଣ ପାଞ୍ଚ ବର୍ଷ କାଳ ସେ ଉତ୍ତର ପ୍ରଦେଶର ରାଜ୍ୟପାଳ ରୂପେ ନିଜର ଦାୟିତ୍ୱ ତୁଲାଇ ପୁଣି ନିଜର ଗାଁକୁ ଫେରି ଆସିଥିଲେ । ନିଜର ସମୟକୁ ବିଭିନ୍ନ ଗଠନାତ୍ମକ କ୍ଷେତ୍ରରେ ସେ ନିୟୋଜିତ କରିଥିଲେ ।

୧୯୭୧ ମସିହାର କଥା । ଓଡ଼ିଶାରେ ଏକ ରାଜନୈତିକ ସଙ୍କଟ ଦେଖାଗଲା । ରାଜ୍ୟ ବିଧାନ ସଭାରେ କୌଣସି ଦଳ ସଂଖ୍ୟାଗରିଷ୍ଠତା ହାସଲ କରିପାରିଲା ନାହିଁ । ଫଳରେ ଏକ ମିଳିତ ମନ୍ତ୍ରୀମଣ୍ଡଳର ପ୍ରସ୍ତାବ ଆସିଲା । ମାତ୍ର ମୁଖ୍ୟମନ୍ତ୍ରୀ ପଦ ପାଇଁ ଟଣାଓଟରା ଲାଗିବାରୁ ପୁଣି ନିରପେକ୍ଷ ବିଶ୍ୱନାଥ ଦାସଙ୍କୁ ଏହି ମିଳିତ ମନ୍ତ୍ରୀମଣ୍ଡଳର ନେତୃତ୍ୱ ନେବା ପାଇଁ ଆମନ୍ତ୍ରଣ କରାଗଲା । ଅନିଚ୍ଛୁକ ଏବଂ ବିଧାନ ସଭାର ସଦସ୍ୟ ନଥିବା ବିଶ୍ୱନାଥ ଦାସ ହେଲେ ଓଡ଼ିଶାର ମୁଖ୍ୟମନ୍ତ୍ରୀ । ରାଉରକେଲାରୁ ସେ କଂଗ୍ରେସ (ଶାସକ) ଦଳର ଶ୍ରୀ ବିନାୟକ ଆଚାର୍ଯ୍ୟ (ଭବିଷ୍ୟତରେ ମୁଖ୍ୟମନ୍ତ୍ରୀ)ଙ୍କୁ ହରାଇ ବିଧାନ ସଭା ସଦସ୍ୟ ରୂପେ ନିର୍ବାଚିତ ହେଲେ ।

କିନ୍ତୁ ବିଶ୍ୱନାଥ ଦାସଙ୍କ ଏ ସମୟର ମନ୍ତ୍ରୀତ୍ୱର ଅବସାନ ଘଟିଥିଲା ଖୁବ୍ ଶୀଘ୍ର ଏବଂ ବଡ଼ ଦୁଃଖଦ ଘଟଣା ମଧ୍ୟରେ । ମିଳିତ ମନ୍ତ୍ରୀମଣ୍ଡଳରେ ସଦସ୍ୟମାନେ ନିଜ ନିଜ ଭିତରେ ଫାଇଦା ପାଇଁ ଝଗଡ଼ା ଲାଗିଲେ । ଫଳରେ ରାଜନୈତିକ ଅସ୍ଥିରତା ପ୍ରବଳ ହେଲା । ମୁଖ୍ୟମନ୍ତ୍ରୀ ବିଶ୍ୱନାଥ ଦାସ ନିଜର ବୃଦ୍ଧାବସ୍ଥାରେ ବି ଦୃଢ଼ ମନୋବଳ ନେଇ ସବୁର ସମାଧାନର ଉଦ୍ୟମ କଲାବେଳେ ବହୁ ତୁଙ୍ଗ କଂଗ୍ରେସ ଓ ଅଣକଂଗ୍ରେସ ନେତାମାନେ ନିଜର ସ୍ୱାର୍ଥ ହାସଲ ପାଇଁ ନଗ୍ନ ଓ ନିର୍ଲଜ କାଦୁଅ ଫୋପଡ଼ାରେ ବ୍ୟସ୍ତ ରହିଲେ । ଏପରିକି ବିଶ୍ୱନାଥ ଦାସଙ୍କ ନିଜର ପୁରାତନ ସହକର୍ମୀମାନେ ଆଶ୍ଚର୍ଯ୍ୟଜନକ ଭାବେ ଗୋଷ୍ଠୀ କନ୍ଦଳରେ ଜଡ଼ିତ ହୋଇ ମୁଖ୍ୟମନ୍ତ୍ରୀଙ୍କୁ ବିନା କାରଣରେ ଖୋଲାଖୋଲି ଭାବରେ ବିରୋଧ କଲେ । ବିଶ୍ୱନାଥଙ୍କର ଆଉ ସ୍ପୃହା ନଥିଲା । କ୍ଷୋଭର ସହ ସେ ଇସ୍ତଫା ଦେଲେ ।

ତତ୍‌ପରେ ବିଶ୍ୱନାଥ ଦାସ ଆଉ ରାଜନୀତିରେ ଜଡ଼ିତ ହୋଇ ନାହାଁନ୍ତି । ଲୋକସେବକ ମଣ୍ଡଳର ସଭ୍ୟ ଭାବରେ ଓ ପରେ ସଭାପତି ଭାବରେ ସେ ବହୁ ଜନହିତକର କାର୍ଯ୍ୟ କରିଥିଲେ । ବେଦଭବନମାନ ସ୍ଥାପନ କରି ଭାରତୀୟ ସଂସ୍କୃତି ଓ ପରମ୍ପରାର ସମୃଦ୍ଧି ପାଇଁ ଉଦ୍ୟମ କରିଥିଲେ । ୧୯୮୪ ମସିହାରେ ତାଙ୍କର ମୃତ୍ୟୁ ହେଲା । ମାତ୍ର ତାଙ୍କର ଦୀର୍ଘଦିନର ସଂଗ୍ରାମୀ ଜୀବନ ଆମ ପାଇଁ ଏକ ଆଲୋକ ବର୍ତ୍ତିକା ।

ଗବେଷକ, ଇତିହାସ ବିଭାଗ,
ଉତ୍କଳ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର-୭୫୧୦୦୪ ।



ରବୀନ୍ଦ୍ର ମଣ୍ଡପଠାରେ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ମୌସୁମୀ ନାଟକ ଉତ୍ସବକୁ ଉଦ୍‌ଘାଟନ କରୁଛନ୍ତି ।

# ଜନସଂଖ୍ୟା ନିୟନ୍ତ୍ରଣ – ଆଜିର ଆବଶ୍ୟକତା

ଶ୍ରୀ ପୂର୍ଣ୍ଣଚନ୍ଦ୍ର ମହାନ୍ତି

ଦ୍ରୁତ ଜନସଂଖ୍ୟା ବୃଦ୍ଧି ସାରା ବିଶ୍ୱରେ ଉଦ୍‌ବେଗ ସୃଷ୍ଟି କରିଛି । ପୃଥିବୀରେ ପ୍ରତି ସେକଣ୍ଡରେ ୩ଟି ଶିଶୁ ଜନ୍ମଗ୍ରହଣ କରୁଛନ୍ତି । ଜାତିସଂଘ ପକ୍ଷରୁ ପ୍ରକାଶିତ ୧୯୯୦ ମସିହାର ବିଶ୍ୱ ଜନସଂଖ୍ୟା ରିପୋର୍ଟରୁ ଜଣାଯାଇଛି ଯେ ପ୍ରତି ଦିନ ପୃଥିବୀରେ ଲୋକସଂଖ୍ୟା ଅଢ଼େଇ ଲକ୍ଷ ବୃଦ୍ଧି ହେଉଛି । ସମ୍ପ୍ରତି ପୃଥିବୀର ଲୋକସଂଖ୍ୟା ୫୫୦ କୋଟିରୁ ସାମାନ୍ୟ ଅଧିକ । ୨୦୦୦ ମସିହା ବେଳକୁ ପୃଥିବୀର ଜନସଂଖ୍ୟା ୬୦୦ ଶହ କୋଟିକୁ ଟପିଯିବ ବୋଲି ଅନୁମାନ କରାଯାଉଛି । ଏବେ ବୈଜ୍ଞାନିକମାନେ ଆଶଙ୍କା ପ୍ରକାଶ କରୁଛନ୍ତି ଯେ ଯଦି ଏହିହାରରେ ଜନସଂଖ୍ୟା ବୃଦ୍ଧି ପାଏ ତା'ହେଲେ ୨୧୧୬ ମସିହା ଜୁଲାଇ ମାସ ୧୩ ତାରିଖ ସକାଳେ ଯେଉଁ ଶିଶୁ ଜନ୍ମ ହେବ ପୃଥିବୀ ପୃଷ୍ଠରେ ଠିଆହେବା ପାଇଁ ତା'କୁ ଜାଗା ମିଳିବ ନାହିଁ ।

ଆମ ଦେଶ ଭାରତରେ ଏ ସମସ୍ୟା ଆହୁରି ଜଟିଳ । ସମଗ୍ର ବିଶ୍ୱରେ ଜନସଂଖ୍ୟା କ୍ଷେତ୍ରରେ ଭାରତର ସ୍ଥାନ ଦ୍ୱିତୀୟ । ଚୀନ୍ ହେଉଛି ବିଶ୍ୱର ପ୍ରଥମ ଜନବହୁଳ ରାଷ୍ଟ୍ର । ସ୍ୱାଧୀନତା ପ୍ରାପ୍ତି ବେଳକୁ ଭାରତର ଜନସଂଖ୍ୟା ୩୪ କୋଟି ୨୦ ଲକ୍ଷ ଥିଲା । ୧୯୯୧ ମସିହା ଜନଗଣନାରୁ ଜଣାପଡ଼ିଛି ଯେ ଭାରତର ଲୋକସଂଖ୍ୟା ୮୪ କୋଟି ୩୯ ଲକ୍ଷ ୩୦ ହଜାର ୮୬୨ । ବୈଜ୍ଞାନିକମାନେ ଆଶଙ୍କା ପ୍ରକାଶ କରିଛନ୍ତି ଯେ ଯଦି ଏପରି ହାରରେ ଭାରତର ଜନସଂଖ୍ୟା ବୃଦ୍ଧି ପାଏ ତା'ହେଲେ ଆସନ୍ତା ୨୦୦୫ ମସିହା ବେଳକୁ ଭାରତର ଜନସଂଖ୍ୟା ୧୦୪ କୋଟି ୪୬ ଲକ୍ଷକୁ ବୃଦ୍ଧି ପାଇବ । ଜନସଂଖ୍ୟା ବୃଦ୍ଧି କେବଳ ଆମ ଦେଶର ଅର୍ଥନୈତିକ ଓ ସାମାଜିକ ସମସ୍ୟା ସୃଷ୍ଟି କରୁନାହିଁ ତାହା ପରିବେଶ ଉପରେ କୁ'ପ୍ରଭାବ ପକାଉଛି । ଯୋଜନା କମିଶନଙ୍କ ହିସାବ ଅନୁସାରେ ଆମ ଜନସଂଖ୍ୟାର ଏକ ଚତୁର୍ଥାଂଶରୁ ଅଧିକ ଦାରିଦ୍ର୍ୟ ସୀମାରେଖା ତଳେ ରହିଛନ୍ତି ।

ଏହି ପରିପ୍ରେକ୍ଷୀରେ ଆମ ରାଜ୍ୟ ଓଡ଼ିଶା କଥା ବିଚାର କରାଯାଉ । ବିଂଶ ଶତାବ୍ଦୀରେ ଓଡ଼ିଶାର ଜନସଂଖ୍ୟା ବୃଦ୍ଧିହାର ଅନୁଶୀଳନ କଲେ ସର୍ବଭାରତୀୟ ବୃଦ୍ଧିହାର ତୁଳନାରେ ଅପେକ୍ଷାକୃତ ଏକ ପୃଥକ ଛବି ଦୃଷ୍ଟିଗୋଚର ହୁଏ । ୧୯୦୧–୧୧ ମଧ୍ୟରେ ଓଡ଼ିଶାର ଜନସଂଖ୍ୟା ବୃଦ୍ଧିହାର ଶତକଡ଼ା ୧୪·୪୪ ଥିବା ବେଳେ ଭାରତର ଜନସଂଖ୍ୟା ବୃଦ୍ଧିହାର ଶତକଡ଼ା ୫·୭୫ ଥିଲା । ୧୯୨୧–୩୧, ୧୯୩୧–୪୧ ଓ ୧୯୪୧–୫୧ ମଧ୍ୟରେ ବୃଦ୍ଧିହାର ଯଥାକ୍ରମେ ଶତକଡ଼ା ୧୧·୯୪, ୧୦·୨୨ ଓ ୬·୩୮ ଥିବାବେଳେ ଭାରତର ବୃଦ୍ଧିହାର ଯଥାକ୍ରମେ ୧୧·୧, ୧୪·୨୨ ଓ ୧୩·୩୧ ଥିଲା । ଅର୍ଥାତ୍ ଓଡ଼ିଶାରେ ଜନସଂଖ୍ୟା କ୍ରମାଦ୍ୱୟରେ ବୃଦ୍ଧି ପାଇଲା କିନ୍ତୁ ସର୍ବଭାରତୀୟ ସ୍ତରରେ ଜନସଂଖ୍ୟା ବୃଦ୍ଧିହାର ମୋଟା ମୋଟି ଭାବେ କମ୍‌ଥିଲା । ଓଡ଼ିଶାର ଜନସଂଖ୍ୟା ବୃଦ୍ଧିହାର ୧୯୫୧–୬୧ ଓ ୧୯୬୧–୭୧ ମଧ୍ୟରେ ଯଥାକ୍ରମେ ୧୯·୮୨ ଓ ୨୫·୦୫ ଥିବାବେଳେ ଭାରତର ବୃଦ୍ଧିହାର ୨୧·୫୧ ଓ ୨୪·୮୦ ଥିଲା । ୧୯୭୧–୮୧ ଓ ୧୯୮୧–୯୧ ମଧ୍ୟରେ ଉକ୍ତ ବୃଦ୍ଧିହାର ଯଥାକ୍ରମେ ୨୪·୬୬ ଓ ୨୩·୫୦ ମଧ୍ୟରେ ସୀମିତ ଥିଲେ ହେଁ ଓଡ଼ିଶାରେ ଏହା ୨୦·୧୭ କୁ ହ୍ରାସ ପାଇ ୧୯୯୧ରେ ୧୯·୫୦ରେ ରହିଛି । ଓଡ଼ିଶାରେ ହୋଇଥିବା ୧୯୯୧ ଜନଗଣନାର ପ୍ରାଥମିକ ଫଳାଫଳ ଅନୁଯାୟୀ ରାଜ୍ୟର ମୋଟ ଲୋକସଂଖ୍ୟା ୩ କୋଟି ୧୫ ଲକ୍ଷ ୧୨ ହଜାର ୭୦ ଅଟେ । ୧୯୦୧ ମସିହାଠାରୁ ୧୯୯୧ ମସିହା ୯୦ ବର୍ଷ ମଧ୍ୟରେ ଓଡ଼ିଶାର ଜନସଂଖ୍ୟା ୩ ଗୁଣରୁ କିଛି ଅଧିକ ବୃଦ୍ଧି ପାଇଥିବା ବେଳେ ଓଡ଼ିଶାର ସହରାଞ୍ଚଳଗୁଡ଼ିକର ଲୋକସଂଖ୍ୟା ୧୭ ଗୁଣ ବୃଦ୍ଧି ପାଇଛି । ଭୁବନେଶ୍ୱର ସହର ଲୋକସଂଖ୍ୟା ୪ ଲକ୍ଷ ୧୨ ହଜାରରେ ପହଞ୍ଚିବା ଫଳରେ ଏହା ରାଜ୍ୟର ସବୁଠାରୁ ଅଧିକ ଜନସଂଖ୍ୟା ବିଶିଷ୍ଟ ସହର । ସେହିପରି କଟକ ସହର ଲୋକସଂଖ୍ୟା ୪ ଲକ୍ଷ ୨ ହଜାର ହୋଇଥିବାରୁ ଏହାର ସ୍ଥାନ ଦ୍ୱିତୀୟରେ ରହିଛି ।

ଜନସଂଖ୍ୟା ବୃଦ୍ଧିହାର ଅବ୍ୟାହତ ରହିଲେ ପ୍ରାକୃତିକ ପରିବେଶ ଉପରେ ଏହାର ନାହିଁ ନଥିବା କୁପ୍ରଭାବ ପଡ଼ିବ । ପରିବେଶ ପ୍ରଦୂଷଣର କାରଣ ବହୁବିଧ ହେଲେ ମଧ୍ୟ ଅତିରିକ୍ତ ଜନସଂଖ୍ୟା ବୃଦ୍ଧି ଏକ ମୁଖ୍ୟ କାରଣ କହିଲେ ଅତ୍ୟୁକ୍ତି ହେବନାହିଁ । ପୃଥିବୀରେ ବାସୋପଯୋଗୀ ଓ କୃଷି ଜମି ସୀମିତ । ତେଣୁ ବର୍ଦ୍ଧିତ ଜନସଂଖ୍ୟାକୁ ଖାଦ୍ୟ ଓ ବାସଗୃହ ଯୋଗାଇବା ପାଇଁ ବ୍ୟାପକ ଜଙ୍ଗଲ କଟାଯାଇ ବାସୋପଯୋଗୀ ଓ କୃଷିଜମି ପ୍ରସ୍ତୁତ କରାଯାଉଛି । ସୀମିତ ଜମିରୁ ଅଧିକ ଫସଲ ପାଇବା ପାଇଁ ପ୍ରଚୁର ପରିମାଣ ରାସାୟନିକ ସାର ଓ କୀଟନାଶକ ଔଷଧ ପ୍ରୟୋଗ କରାଯିବା ଫଳରେ ମାଟି, ଜଳ, ଓ ବାୟୁ ଦୂଷିତ ହେବା ସଙ୍ଗେ ସଙ୍ଗେ ଆମର ଅନେକ ଉପକାରୀ ଜୀବାଣୁ ମଧ୍ୟ ନଷ୍ଟ

ହୋଇଯାଉଛନ୍ତି । ମନୁଷ୍ୟର ଆବଶ୍ୟକତାର ଅନ୍ତନାହିଁ । ମନୁଷ୍ୟର ଆବଶ୍ୟକତା ଯେତିକି ବଢ଼ୁଛି ଶିଳ୍ପ ମଧ୍ୟ ଅଭିବୃଦ୍ଧି ଲାଭ କରୁଛି । କିନ୍ତୁ ଶିଳ୍ପ ଅଭିବୃଦ୍ଧି ଫଳରେ ପରିବେଶ ଯେ ବହୁ ପରିମାଣରେ ପ୍ରଦୂଷିତ ହେଉଛି ଏଥିରେ କୌଣସି ସନ୍ଦେହ ନାହିଁ ।

ବ୍ୟାପକ ଜଙ୍ଗଲ କଟାଯିବା ଫଳରେ ଦିନକୁ ଦିନ ଜଙ୍ଗଲର କ୍ଷେତ୍ରଫଳ କମିଯାଉଛି । ଏକ ସମୀକ୍ଷାରୁ ଜଣା ଯାଇଛି ଯେ ପ୍ରତିବର୍ଷ ପ୍ରାୟ ୧୫୫,୦୦୦ ହେକ୍ଟର ଜଙ୍ଗଲ ହ୍ରାସ ପାଇବାରେ ଲାଗିଛି । ଜଙ୍ଗଲ ହିଁ ପରିବେଶକୁ ନିର୍ମଳ ରଖିଥାଏ । ଜଙ୍ଗଲ ହ୍ରାସ ହେବା ଫଳରେ ପରିବେଶ ପ୍ରଦୂଷିତ ହେବା ସଙ୍ଗେ ସଙ୍ଗେ ଅନେକ ଅଞ୍ଚଳରେ ଅନିୟମିତ ବୃଷ୍ଟି ଓ ଜଳବାୟୁରେ ପରିବର୍ତ୍ତନ ଲକ୍ଷ୍ୟ କରାଯାଉଛି । ଏହି ଅବସ୍ଥା ଲାଗିରହିଲେ ଏସିଆ ମହାଦେଶର ବହୁ ଅଞ୍ଚଳ ମରୁଭୂମି ପାଲଟି ଯିବାର ସମ୍ଭାବନା ରହିଛି ।

ଜନସଂଖ୍ୟା ସମସ୍ୟା ଏପରି ଉଦ୍‌ବେଗଜନକ ଅବସ୍ଥାରେ ପହଞ୍ଚିଛି ଯେ ଏହାକୁ ରୋକା ନଗଲେ ଦେଶ ତିଷ୍ଠିବା ଅସମ୍ଭବ ହୋଇପଡ଼ିବ । ଦେଶରୁ କ୍ଷୁଧା ଓ ଦାରିଦ୍ର୍ୟ ଦୂର କରିବା ସମ୍ଭବ ହେବ ନାହିଁ । ବିଂଶ ଶତାବ୍ଦୀରେ ଅଧିକାଂଶ ଦେଶ ଜନସଂଖ୍ୟା ବୃଦ୍ଧି ରୋକିବା ପାଇଁ ଉଦ୍ୟମ କରୁଛନ୍ତି । ଜୀବନରେ ଗୋଟିଏ ମାତ୍ର ସନ୍ତାନର ମା'ଙ୍କୁ ବିଶେଷ ସୁବିଧା ସୁଯୋଗ ମିଳିବାର ବ୍ୟବସ୍ଥା କରାଯାଉଛି । ଜନସଂଖ୍ୟା ନିୟନ୍ତ୍ରଣ ପାଇଁ କେନ୍ଦ୍ରସରକାର ଓ ଆମ ରାଜ୍ୟ ସରକାର ପରିବାର କଲ୍ୟାଣ ଯୋଜନା କାର୍ଯ୍ୟକାରୀ କରୁଛନ୍ତି । ଗୋଟିଏ ବା ଦୁଇଟି ସନ୍ତାନ ଜନ୍ମହେବା ପରେ ଯେଉଁ ଦମ୍ପତିମାନେ, ସ୍ଥାୟୀ ଗର୍ଭନିରୋଧ ପଦ୍ଧତି ଗ୍ରହଣ କରୁଛନ୍ତି ସେମାନଙ୍କୁ ପ୍ରୋତ୍ସାହନ ଦେବା ପାଇଁ ସବୁଜ ପତ୍ରିକା ଯୋଗାଇ ଦିଆଯାଉଛି । ଜଣେ ସବୁଜ ପତ୍ରିକାଧାରୀ ୬ଟି ସ୍ୱତନ୍ତ୍ର ସୁବିଧା ପାଇପାରିବେ ଯଥା–

(୧) ରାଜ୍ୟ ସରକାର ବିଶ୍ୱ ଗୃହନିର୍ମାଣ ସଂସ୍ଥା ଦ୍ୱାରା ନିର୍ମିତ ଗୃହଗୁଡ଼ିକ ମଧ୍ୟରୁ ଶତକଡ଼ା ୫ଟି ଗୃହ ସବୁଜ ପତ୍ରିକାଧାରୀଙ୍କୁ ଯୋଗାଇ ଦିଆଯିବ ।

(୨) ଘରଡ଼ିହ ନଥିବା ସବୁଜ ପତ୍ରିକାଧାରୀ ପରିବାରକୁ ୪ ଡେସିମିଲ ଜମି ବିନା ମୂଲ୍ୟରେ ଯୋଗାଇ ଦିଆଯିବ ।

(୩) ନିମ୍ନ ଆୟକାରୀ ବା ମଧ୍ୟମ ଆୟକାରୀ ଗୋଷ୍ଠୀର ଲୋକଙ୍କୁ ଦିଆଯାଉଥିବା ଗୃହ ନିର୍ମାଣ ଋଣରୁ ଶତକଡ଼ା ୫ ଭାଗ ଏ ଧରଣର ପରିବାର ପାଇଁ ସଂରକ୍ଷିତ ରହିବ ।

(୪) ମେଡ଼ିକାଲ ଇଞ୍ଜିନିୟରିଂ, ପଲିଟେକ୍‌ନିକ୍ ଓ ଆଇ.ଟି.ଆଇ. ପ୍ରଭୃତି ଶିକ୍ଷାନୁଷ୍ଠାନମାନଙ୍କରେ ଶତକଡ଼ା ପାଞ୍ଚଭାଗ ସ୍ଥାନ ଏପରି ପରିବାରର ପିଲାମାନଙ୍କ ପାଇଁ ସଂରକ୍ଷିତ ରହିବ ।

(୫) ଏହି ଦମ୍ପତିମାନଙ୍କ ମଧ୍ୟରୁ ସ୍ୱାମୀ କିମ୍ବା ସ୍ତ୍ରୀ ସରକାରୀ କର୍ମଚାରୀ ହୋଇଥିଲେ ତାଙ୍କ ଦରମାର ଦୁଇଟି ଇନକ୍ରିମେଣ୍ଟର ସମତୁଲ ପ୍ରୋତ୍ସାହନ ଭତ୍ତା ଦିଆଯିବ ।

(୬) ସବୁଜ ପତ୍ରିକାଧାରୀମାନଙ୍କ ପାଇଁ ଦଶହଜାର ଟଙ୍କାର ଏକ ବାର୍ଷିକ ଲଟେରୀର ସୁଯୋଗ ଅସ୍ତ୍ରୋପଚାର ହେବା ପରଠାରୁ ପାଞ୍ଚବର୍ଷ ପର୍ଯ୍ୟନ୍ତ ଉନ୍ମୁକ୍ତ ରହିବ । ଏହି ଲଟରୀରେ ପତ୍ରିକାଧାରୀ ଥରେ ଜୟଯୁକ୍ତ ହେଲେ ପରବର୍ତ୍ତୀ ଲଟରୀରେ ଭାଗନେଇ ପାରିବେ ନାହିଁ ।

ଜନସଂଖ୍ୟା ବୃଦ୍ଧି ତୁଳନାରେ ଜନ୍ମନିୟନ୍ତ୍ରଣ ଅସ୍ତ୍ରୋପଚାର ଓ ଅନ୍ୟାନ୍ୟ ବ୍ୟବସ୍ଥା ଆଶାନୁରୂପ ଫଳପ୍ରଦ ହୋଇପାରୁ ନାହିଁ । କାରଣ ପରିବାର ନିୟନ୍ତ୍ରଣର ଉପକାରିତାକୁ ବହୁ ବ୍ୟକ୍ତି ପର୍ଯ୍ୟାପ୍ତ ମାନସିକ ସ୍ତରରେ ଗ୍ରହଣ କରି ପାରିନାହାନ୍ତି । ସାମାଜିକ କୁସଂସ୍କାର, ଶିକ୍ଷାର ଅଭାବ ଓ ଦାରିଦ୍ର୍ୟତା ଏହାର ମୂଳ କାରଣ । ଦେଶର ଅର୍ଦ୍ଧାଧିକ ଜନତା ଅଶିକ୍ଷିତ । ଏଥିପାଇଁ ଜନସଂଖ୍ୟା ବୃଦ୍ଧିର କୁପରିଣାମ ବୁଝାଇବା ଲାଗି ଆମର ଗଣପ୍ରଚାର ମାଧ୍ୟମ ବିଶେଷ ପ୍ରଭାବଶାଳୀ ହୋଇପାରିନି ।

ସର୍ବଭାରତୀୟ ସ୍ତରରେ ଜନସଂଖ୍ୟା ବୃଦ୍ଧିହାର ୨.୧୧ ଭାଗ ଥିବା ବେଳେ ଓଡ଼ିଶାରେ ସେହି ହାର ୧.୯୫ ଭାଗ ରହିଛି । ଏହାକୁ ୨୦୦୦ ମସିହା ସୁଦ୍ଧା ୧.୨ ହାରରେ ରଖିବା ପାଇଁ ରାଜ୍ୟ ସରକାର କେତେକ ବଳିଷ୍ଠ ପଦକ୍ଷେପ ନେଇଛନ୍ତି । ରାଜ୍ୟ ଯୋଜନା ବୋର୍ଡ଼ ଅଧ୍ୟକ୍ଷଙ୍କଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଯାଇ ଜନସଂଖ୍ୟା ନିୟନ୍ତ୍ରଣ ପାଇଁ କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି ।

କେନ୍ଦ୍ର ସରକାରଙ୍କ ପକ୍ଷରୁ "ଦୁଇ ସନ୍ତାନ ଏକ ପରିବାର" ନୀତିନିର୍ଦ୍ଧାରଣ କରାଯାଇଥିବା ବେଳେ ଓଡ଼ିଶାରେ "ଏକ ସନ୍ତାନ ଏକ ପରିବାର" ନୀତିକୁ ଲୋକପ୍ରିୟ କରିବା ପାଇଁ କମିଟି ସୁପାରିଶ କରିଛନ୍ତି । ଯେଉଁ ଦମ୍ପତି ଗୋଟିଏ ପୁତ୍ର ସନ୍ତାନ ବା ଦୁଇଟି କନ୍ୟା ସନ୍ତାନ ପରେ ପରିବାର ନିୟନ୍ତ୍ରଣ କରିବେ ସେମାନଙ୍କୁ ସ୍ୱତନ୍ତ୍ର ପ୍ରୋତ୍ସାହନ ବ୍ୟବସ୍ଥାର ଅନ୍ତର୍ଭୁକ୍ତ କରାଯିବ । ଏହା ଉଭୟ ବେସରକାରୀ ଓ ସରକାରୀ ଲୋକମାନଙ୍କ ପାଇଁ ଲାଗୁ କରାଯିବ । ଏହି ପ୍ରୋତ୍ସାହନ ଯୋଜନା ତ୍ୱରାନ୍ୱିତ କରିବା ପାଇଁ ପ୍ରାଥମିକ ପର୍ଯ୍ୟାୟରେ ୧୦ ଲକ୍ଷ ଟଙ୍କାର ଏକ ପାଣ୍ଠି ଗଠନ କରାଯାଇ ରାଜ୍ୟସ୍ତରୀୟ ଲଟରୀ ପ୍ରବର୍ତ୍ତନ କରାଯିବ । ପୂର୍ବରୁ ଗ୍ରହଣ କରାଯାଇଥିବା ଅନୁରୂପ କାର୍ଯ୍ୟକ୍ରମର ପୁନଃପ୍ରଚଳନ ପାଇଁ କମିଟି ମଧ୍ୟ ସୁପାରିଶ କରିଛନ୍ତି । ସବୁଜ ପତ୍ରିକାଧାରୀଙ୍କୁ ପୂର୍ବରୁ ମିଳୁଥିବା ୬ଟି ସ୍ୱତନ୍ତ୍ର ସୁବିଧା ସହ ଆଇ.ଆର.ଡି.ପି. (I.R.D.P.) କାର୍ଯ୍ୟକ୍ରମରେ ଲକ୍ଷ୍ୟ ଧାର୍ଯ୍ୟ କରାଯାଉଥିବା ହିତାଧିକାରୀ ସଂଖ୍ୟାର ଶତକଡ଼ା ୨୫ ଭାଗ ଏହି ସବୁଜ ପତ୍ରିକାଧାରୀଙ୍କ ପାଇଁ ସଂରକ୍ଷିତ ରହିବ । ଦୁଇ ସନ୍ତାନରୁ ଅଧିକଥିବା ଦମ୍ପତି ସରକାରୀ କର୍ମଚାରୀ ହୋଇଥିଲେ ସେମାନଙ୍କୁ ପଦୋନ୍ନତି, ପ୍ରସବକାଳୀନ ଛୁଟି ଓ ଅନ୍ୟାନ୍ୟ ସୁବିଧା ସୁଯୋଗରୁ ବଞ୍ଚିତ କରାଯିବ ଓ ଦୁଇରୁ ଅଧିକ ସନ୍ତାନ ଥିବା ବ୍ୟକ୍ତିଙ୍କୁ ସରକାରୀ ଚାକିରି ଦିଆଯିବ ନାହିଁ । ଦୁଇରୁ ଅଧିକ ସନ୍ତାନ ଥିବା ବ୍ୟକ୍ତିଙ୍କୁ ବିଧାନ ସଭା ବା ପାର୍ଲାମେଣ୍ଟ ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରିବା ଅଧିକାରରୁ ବଞ୍ଚିତ କରିବାପାଇଁ ଲୋକପ୍ରତିନିଧି ଆଇନ ୧୯୯୨ରେ ଆବଶ୍ୟକ ସଂଶୋଧନ କରିବା ଲାଗି ଯୋଜନା

ବୋର୍ଡ କମିଟି ସୁପାରିଶ କରିଛନ୍ତି । ନିକଟରେ ହୋଇଥିବା ୪୬ ମେ ଜାତୀୟ ଉନ୍ନୟନ ପରିଷଦ ବୈଠକରେ ଅଭିଭାଷଣ ଦେଇ ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ "ଏକ ସନ୍ତାନ ଏକ ପରିବାର" ନୀତି କେବଳ ସରକାରୀ କର୍ମଚାରୀଙ୍କ ପାଇଁ ନୁହେଁ ଏହାମଧ୍ୟ ଜିଲ୍ଲାପରିଷଦ ପ୍ରାର୍ଥୀଙ୍କ ପାଇଁ ଏକ ନିର୍ଦ୍ଦିଷ୍ଟ ସମୟ ସୀମାରେଖାଠାରୁ ଲାଗୁ କରାଯିବ । ଗ୍ରାମ ପଞ୍ଚାୟତ, ପଞ୍ଚାୟତ ସମିତି, ପୌରସଭା ଓ ସମବାୟ ସମିତି ନିର୍ବାଚନ ଆଇନରେ ଆବଶ୍ୟକ ପରିବର୍ତ୍ତନ କରାଯାଇ ଦୁଇ ସନ୍ତାନରୁ ଅଧିକ ଥିବା ପ୍ରାର୍ଥୀଙ୍କୁ ନିର୍ବାଚନରେ ଭାଗନେବା ପାଇଁ ସୁଯୋଗ ଦିଆଯିବ ନାହିଁ। ଓଡ଼ିଶା ଜିଲ୍ଲାପରିଷଦ ଆଇନ ଭଳି ଲୋକ ପ୍ରତିନିଧି ଆଇନର ମଧ୍ୟ ଆବଶ୍ୟକୀୟ ପରିବର୍ତ୍ତନ ଆଣିବା ସକାଶେ କେନ୍ଦ୍ର ସରକାରଙ୍କୁ ମାନ୍ୟବର ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି ।

ଜନସଂଖ୍ୟା ଅଭିବୃଦ୍ଧିର ଅପକାରିତା ତଥା ଭୟାବହତା ସମ୍ପର୍କରେ ସଚେତନତା ସୃଷ୍ଟି କରିବା ପାଇଁ ରାଜ୍ୟ ସରକାର କେତେକ ପଦକ୍ଷେପ ନେଇଛନ୍ତି । ତନ୍ମଧ୍ୟରୁ ଆକାଶବାଣୀ ଓ ଦୂରଦର୍ଶନ ଜରିଆରେ ପରିବାର ନିୟନ୍ତ୍ରଣର ଉପକାରିତାର ପ୍ରଚାର କରାଯିବା ପାଇଁ ସ୍ଥିର କରାଯାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ଗୀତ ଓ ଲୋକନୃତ୍ୟ ମାଧ୍ୟମରେ ଜନସଂଖ୍ୟା ନିୟନ୍ତ୍ରଣ ପାଇଁ ସଚେତନତା ସୃଷ୍ଟି କରୁଛନ୍ତି ।

"ଗୋଟିଏ ସନ୍ତାନ ସ୍ୱାଗତ ଯୋଗ୍ୟ" ଦୁଇଟି ସନ୍ତାନ ଯଥେଷ୍ଟ, ତିନୋଟି ସନ୍ତାନ ଦେଶପ୍ରତି ବିପଦ–ଏକଥା ସମସ୍ତ ସଚେତନଶୀଳ ନାଗରିକ ହୃଦୟଙ୍ଗମ କରି ଦେଶର ପ୍ରଗତି ପାଇଁ ଜନସଂଖ୍ୟା ନିୟନ୍ତ୍ରଣ ଦିଗରେ ସଫଳ ଉଦ୍ୟମ କରିବା ଆବଶ୍ୟକ ।

କ୍ୱାର୍ଟର ନମ୍ବର ଭି.ଏ: ୨୦/ ୨,
ୟୁନିଟ୍–୨, ଭୁବନେଶ୍ୱର ।



ଶ୍ରୀ ଗନ୍ଧର୍ବସେନ ରଣାଙ୍କ ଦ୍ୱାରା ରଚିତ ଶିଶୁପୁସ୍ତିକା 'ମହକ ପ୍ୟାରୀ'କୁ ସୂଚନା ଓ ଲୋକ ସମ୍ପର୍କ ବିଭାଗ ମନ୍ତ୍ରୀ ଶ୍ରୀ ବୈରାଗୀ ଜେନା ଉନ୍ମୋଚନ କରୁଛନ୍ତି । ଶ୍ରମ ଓ ନିଯୁକ୍ତି ରାଷ୍ଟ୍ର ମନ୍ତ୍ରୀ ଶ୍ରୀ ପ୍ରଫୁଲ୍ଲ ସାମଲ ଓ ବିଧାନ ସଭା ସଦସ୍ୟ ଶ୍ରୀ ବିଜୟଶ୍ରୀ ରାଉତରାୟ ଉକ୍ତ ଉତ୍ସବରେ ଉପସ୍ଥିତ ଅଛନ୍ତି ।

# ଭୁବନେଶ୍ୱର କବିଚନ୍ଦ୍ର – ଏକ ବିସ୍ମୃତ ପ୍ରତିଭା

ଅଧ୍ୟାପକ ଗୋବିନ୍ଦ ପାଢ଼ୀ

ପ୍ରତିଭା କାଳ ଜୟୀ । ବ୍ୟକ୍ତିର ମୃତ୍ୟୁ ହୁଏ କିନ୍ତୁ ପ୍ରତିଭା ମରେନା । ପ୍ରତିଭା ଚିର ଅମର..... ଅବିନଶ୍ୱର । କବି ଭୁବନେଶ୍ୱର କବିଚନ୍ଦ୍ରଙ୍କ କାବ୍ୟିକ ପ୍ରତିଭା ଏହାର ଏକ ଜ୍ୱଳନ୍ତ ଉଦାହରଣ ।

ଗଞ୍ଜାମ ଜିଲ୍ଲାର ଏକ ପ୍ରଧାନ ବାଣିଜ୍ୟ କେନ୍ଦ୍ର ହିଞ୍ଜିଳିକାଟୁ । "ହିଞ୍ଜଳି" ଓ "କାଟୁ"ର ସମ୍ମିଶ୍ରଣରେ ହିଞ୍ଜିଳିକାଟୁ ନାମରେ ଏହି ଜନପଦଟି ନାମିତ । ଏକଦା ବଡ଼ ଟିଗିରିଆର ଜନୈକ ବିଖ୍ୟାତ ଗୌତମ ଗୋତ୍ରଧର ବ୍ରାହ୍ମଣ ପଣ୍ଡିତ ଦାମୋଦର ମିଶ୍ର ତଦାନୀନ୍ତନ ଟିଗିରିଆ ରାଜାଙ୍କ ବିରାଗଭାଜନ ପୂର୍ବକ ରାଜ୍ୟରୁ ନିର୍ବାସିତ ହୋଇ ହିଞ୍ଜିଳିକାଟୁ ନିକଟସ୍ଥ ବୁଗୁଡ଼ା ଗ୍ରାମରେ ପଦାର୍ପଣ କରି ବାସ କରିଥିଲେ । ଜନଶ୍ରୁତି କହେ ଏହି 'ମିଶ୍ର' ବଂଶ କାଳକ୍ରମେ 'ପାଠୀ' ସାଙ୍ଗିଆ ଧାରୀରେ ପରିବର୍ତ୍ତିତ ହୋଇଛନ୍ତି । କବି ଭୁବନେଶ୍ୱର କବିଚନ୍ଦ୍ର, ଓରଫ ଭୁବନି କବି ଏହି ବଂଶର ଜଣେ ସୁଯୋଗ୍ୟ ଦାୟାଦ । ପଣ୍ଡିତ ଦାମୋଦର ମିଶ୍ର କବିଚନ୍ଦ୍ରଙ୍କ ଊର୍ଦ୍ଧ୍ୱତମ ତ୍ରୟୋଦଶ ପୁରୁଷ ।

ଟିଗିରିଆ ରାଜ୍ୟରେ ବିଦ୍ରୋହ କରିଥିବା ଅପରାଧରେ ଅନ୍ୟ ଦୁଇଜଣ ବ୍ୟକ୍ତି ଦାମୋଦର ପାଣିଗ୍ରାହୀ ଓ ଦାମୋଦର ମହାନ୍ତି ମଧ୍ୟ ପଣ୍ଡିତ ଦାମୋଦର ମିଶ୍ରଙ୍କ ସହିତ ବିତାଡ଼ିତ ହୋଇଥିବାର ଲୋକଶ୍ରୁତି ରହିଛି ।

ଏମାନଙ୍କର ଉତ୍ତରାଧିକାରୀ ବଂଶଜମାନେ କାଳକ୍ରମେ "ଚୌଧୁରୀ" "ପଟ୍ଟନାୟକ" ଓ "ପାଠୀ" ନାମରେ ଅଭିହିତ ହୋଇ ଗଞ୍ଜାମର ବୁଗୁଡ଼ା, ସାରୁପୋଡ଼ିଙ୍ଗି, ବାଣନଇଖଇଡ଼ା, ପୁନାଦ, ଦୁର୍ବନ୍ଧ ଗ୍ରାମମାନଙ୍କରେ ବସବାସ କରୁଥିବାର ପ୍ରମାଣ ମିଳୁଛି । ଏଯାବତ୍ ଚୌଧୁରୀ ଓ ପଟ୍ଟନାୟକ ପରିବାରର କୁଳଗୁରୁ ଓ ପୁରୋହିତ ହେଉଛନ୍ତି ପାଠୀ ପରିବାର ।

ଭୁବନେଶ୍ୱର କବିଚନ୍ଦ୍ର ହିଞ୍ଜିଳିଗ୍ରାମରେ ଇଂରେଜୀ ୧୮୪୬ ମସିହା (ଶାଳୀ ବାହାନ ଅବ୍ଦ ୧୭୬୮) ଫାଲ୍ଗୁନ କୃଷ୍ଣ ଦଶମୀ ବୁଧବାର ଦିନ ବୃଷ ଲଗ୍ନରେ ଯଜୁର୍ବେଦୀୟ କାଣ୍ୱଶାଖାଧ୍ୟାୟୀ ବ୍ରାହ୍ମଣ ଶ୍ରୀ ହରେକୃଷ୍ଣ ପାଠୀ ନାମଧେୟ ଜନୈକ ବୈଷ୍ଣବ ଧର୍ମୀ ରାଧାକୃଷ୍ଣ ଉପାସକଙ୍କ ଧର୍ମପତ୍ନୀ କୃଷ୍ଣପ୍ରିୟାଙ୍କ ଔରସରୁ ଜନ୍ମ ଲାଭ କରିଥିଲେ । ପରମ ପରମାର୍ଥୀ ସାଧ୍ୱୀ କୃଷ୍ଣପ୍ରିୟାଙ୍କ ଅଳିଅଳ ସନ୍ତାନ 'ଭୁବନି' ପାଞ୍ଚ ବର୍ଷ ବୟସରେ ବର୍ଣ୍ଣଜ୍ଞାନ ଲାଭ କରି ତତ୍ପରେ ସ୍ୱ ପିତାଙ୍କ ସାହଚର୍ଯ୍ୟରେ ଅମର କୋଷାଭିଧାନ ଓ ବସୁ ପ୍ରକ୍ରିୟା ବ୍ୟାକରଣ ଶିକ୍ଷା ଲାଭ କରିଥିଲେ । ୧୨ ବର୍ଷ ବୟସରେ ଗଞ୍ଜାମ ଜିଲ୍ଲା ଶେରଗଡ଼ (ଶେରଗଡ଼) ନିବାସୀ ତତ୍କାଳୀନ ପ୍ରସିଦ୍ଧ ଜ୍ୟୋତିଷୀ ସ୍ୱର୍ଗୀୟ ଗୋବିନ୍ଦ ପଞ୍ଚଜ୍ୟୋତିଷ ମହାପାତ୍ରଙ୍କଠାରୁ ଜ୍ୟୋତିଷ ଶାସ୍ତ୍ର ଅଧ୍ୟୟନ କରିଥିଲେ ।

ବୈଷ୍ଣବଧର୍ମୀ କବି କିଛିଦିନ ଶ୍ରୀଗୋପାଳ ମନ୍ତ୍ର ଜପ କରି ସିଦ୍ଧି ଲାଭ କରିଥିବାର ପୂର୍ବେ ପ୍ରକାଶିତ 'ଉତ୍କଳ ସାହିତ୍ୟ ମାସିକ ପତ୍ର ଓ ସମାଲୋଚନା'ରୁ ପ୍ରମାଣ ମିଳୁଛି । ସତର ବର୍ଷ ବୟସରେ କବି 'କ' ଠାରୁ 'କ୍ଷ' ପର୍ଯ୍ୟନ୍ତ ଆଦ୍ୟ ଅକ୍ଷର ପ୍ରୟୋଗାନ୍ତେ ଏକାନୁପ୍ରାସ ଯମକାଳଙ୍କାରେ "ଶ୍ରୀକୃଷ୍ଣ ଜଣାଣ" ରଚନା କରିଯାଇଛନ୍ତି । ଶ୍ରୀକୃଷ୍ଣ ଜଣାଣ ହେଉଛି କବିଙ୍କ ବହୁପଦ ସମ୍ବଳିତ କୃଷ୍ଣଭକ୍ତି କୀର୍ତ୍ତନ ମୂଳକ ଏକ ଜଣାଣ ।

କବି ଭୁବନେଶ୍ୱର କବିଚନ୍ଦ୍ର ନବାକ୍ଷର ବୃତ୍ତିରେ ସମଗ୍ର ରାମାୟଣକୁ ସଂକ୍ଷିପ୍ତ କରି ୮୦୨୨ ପଦରେ 'ରାମଚନ୍ଦ୍ର ବିଳାସ' ନାମକ ଏକ ପୌରାଣିକ ଗ୍ରନ୍ଥ ସାତକାଣ୍ଡରେ ବିଭକ୍ତ କରି ରଚନା କରି ଯାଇଛନ୍ତି । ନୟନାଭିରାମ ପୁରୁଷୋତ୍ତମ ପ୍ରଭୁ ରାମଚନ୍ଦ୍ରଙ୍କ ପ୍ରତି କବିଙ୍କ ପ୍ରଗାଢ଼ ଭକ୍ତି ଭକ୍ତ ଗ୍ରନ୍ଥରେ ପ୍ରତିଫଳିତ । କାବ୍ୟର ନିମ୍ନଲିଖିତ ପଂକ୍ତିରୁ ଏହି ଗ୍ରନ୍ଥର ରଚନା କାଳର ସ୍ପଷ୍ଟ ପ୍ରମାଣ ମିଳେ ।

"ସତରଶ ପଞ୍ଚାଶୀ ଶକାବ୍ଦ ॥ ଠାରେ ସପ୍ତଦଶ ଅଙ୍କଠାରେ ଏ ଶ୍ରୀରାମ ପୁରାଣ ॥ କହିଲେ ହେ ସାଧୁଜନେ ଶୁଣ । ଶ୍ରୀଦିର୍ବ୍ୟସିଂହ ଦେବ ପାଣ ॥ ଅଙ୍କରେ ଏ ଗ୍ରନ୍ଥ ବିରଚିଣ । ଶ୍ରୀମାର୍ଗଶୀର ପୂର୍ଣ୍ଣିମାରେ ॥ ଏ ଗ୍ରନ୍ଥ ଶ୍ରୀଗୁରୁବାସରେ । ଶେଷ ହୋଇଲା ଦୋଷ ମୋର ॥ ନଘେନ କମଳାବରେ ॥"

କବିଙ୍କୁ ଯେତେବେଳେ ଅଠର ବର୍ଷ ବୟସ, ସେତେବେଳେ ତ୍ରୟୋଦଶାକ୍ଷର ବୃତ୍ତରେ "ରାମାୟଣ ଚୂଡ଼ାମଣି" ନାମକ ଏକ ରାମଭକ୍ତିମୂଳକ ଗ୍ରନ୍ଥ ସାତକାଣ୍ଡରେ ରଚନା କରି ତତ୍କାଳୀନ ଖଲିକୋଟ ଖଲିକୋଟ ରାଜା ହରିହର ମର୍ଦ୍ଦରାଜଙ୍କ ସମ୍ମୁଖରେ ଖଲିକୋଟ ନିକଟସ୍ଥ ନିର୍ମଳଝରଠାରେ ପାରାୟଣ କରିଥିବାର ପ୍ରମାଣ ରହିଛି । କିଛିଦିନ ପରେ ଏହି ଗ୍ରନ୍ଥକୁ ଜୟପୁର ରାଜାଙ୍କ ରାଜଗୁରୁଙ୍କ ନାମରେ ଭଣିତି କରି ଏକଶହ ଷୋହଳ ଟଙ୍କା ଏକ ଘୋଡ଼ା ଓ ଦୁଇଟି ପଟ୍ଟବସ୍ତ୍ର ପ୍ରାପ୍ତ ହେବାର ସୂଚନା ମିଳୁଛି । ତା'ପରେ କବି 'ରାଧାମାଧବ ବିଳାସ' ନାମକ ଏକ କାବ୍ୟ ରଚନା କରି ସେହି ରାଜଗୁରୁଙ୍କ ସୁପୁତ୍ର ତତ୍କାଳୀନ ଜୟପୁର ରାଜ୍ୟାଶ୍ରିତ

ପିଟାମହଲ ଗ୍ରାମ ନିବାସୀ ସଦାଶିବ ରାଜଗୁରୁଙ୍କୁ ସମର୍ପଣ କରି ତାଙ୍କ ଦ୍ୱାରା ସମ୍ମାନିତ ହୋଇଥିବାର ପ୍ରମାଣ ମଧ୍ୟ ମିଳୁଛି ।

କବି ବାଇଶି ବର୍ଷ ବୟସରେ କବି ସମ୍ରାଟ ଉପେନ୍ଦ୍ରଭଞ୍ଜଙ୍କ ଅମର କାବ୍ୟ 'ବୈଦେହୀଶ ବିଳାସ'ର ଅନୁକରଣରେ ସକାର ଆଦ୍ୟାକ୍ଷରେ ୫୨ ଛାନ୍ଦ ବିଶିଷ୍ଟ 'ସୀତେଶ ବିଳାସ' ରଚନା କରିଯାଇଛନ୍ତି ।

ଏଥିରେ କବିଙ୍କ ବାକ୍ ଚାତୁରୀ, ଭାଷାର ସାବଲୀଳତା, ବର୍ଣ୍ଣନା ପରିପାଟୀର ଲାଳିତ୍ୟ ଓ ସୌଷ୍ଠବ୍ୟ ସ୍ୱତଃ ପ୍ରମାଣିତ । ଉକ୍ତ କାବ୍ୟରେ ଭଞ୍ଜୀୟ ଭାବଧାରା ଓ ଶୈଳୀର ବଳିଷ୍ଠ ପ୍ରଭାବ ଅତି ସୁସ୍ପଷ୍ଟ ହେଲେ ହେଁ ରଚନାର ମୌଳିକତା ପ୍ରତୀୟମାନ ହୁଏ । କବିଙ୍କ ଅନ୍ୟାନ୍ୟ କାବ୍ୟ ମଧ୍ୟରେ 'ବ' କାର ନିୟମରେ ୧୨ ଛାନ୍ଦ ବିଶିଷ୍ଟ କୃଷ୍ଣଭକ୍ତି ରସାମୃତ "ବାସୁଦେବ ବିଳାସ" ଅନ୍ୟତମ । ଏଥିରେ କବି ଅତି ମର୍ମସ୍ପର୍ଶୀ ଭାବେ କୃଷ୍ଣ ଜନ୍ମ ବୃତ୍ତାନ୍ତକୁ ପରିବେଷଣ କରି ଯାଇଛନ୍ତି ଯାହାକି ନିମ୍ନୋକ୍ତ ପଂକ୍ତିରୁ ଜଣାପଡ଼େ ।

ଯେଣି ଗହ ଥାଳୀ<br>
"ବାଜି ଥାଳି ଥାଳି<br>
ହୁଳହୁଳି ଦେଇ ଚଳିଲେ<br>
ଦେହରେ ଚନ୍ଦନ<br>
ବିଲୋକି ନନ୍ଦନ<br>
ବୋଲି ହେଲା ପରି ଭାଳିଲେ<br>
ବାଳକ ! ବଧାଇ ଆନନ୍ଦ ହୋଇଲେ<br>
ବୋଲେକେ ଆନନ୍ଦ ହୋଇକରି ନନ୍ଦ<br>
ବୁକରେ ନନ୍ଦନ ଲଭିଲେ ।"

ଉପେନ୍ଦ୍ର ଭଞ୍ଜଙ୍କ 'ଚିତ୍ର କାବ୍ୟ ବନ୍ଧୋଦୟ'ର ଅନୁକରଣରେ ଭୁବନି କବି ୮୪ ବନ୍ଧ ବିଶିଷ୍ଟ ଦ୍ୱାଦଶ ଛାନ୍ଦରେ 'ପ୍ରବନ୍ଧ ରତ୍ନାକର' ରଚନା କରିଯାଇଛନ୍ତି । ଆହୁରି ମଧ୍ୟ ପ୍ରତ୍ୟେକ ପଦରେ ହରି ଓ ହରଙ୍କୁ ପ୍ରାର୍ଥନା ପୂର୍ବକ 'କ'ଠାରୁ 'କ୍ଷ' ଅକ୍ଷର ପ୍ରୟୋଗ କରି ଶିବରାମ ଜଣାଣ ରଚନା କରି ଯାଇଛନ୍ତି ।

କବିଙ୍କ କ୍ଷୀଣୀର ରସରେ ରସାଣିତ 'ହେଗ ରତନ' ଏକ ସୁନ୍ଦର ଓ ଭାବୋଦ୍ଦୀପକ ରଚନା । 'କ' ଠାରୁ 'କ୍ଷ' ପର୍ଯ୍ୟନ୍ତ ୩୪ ପଦବିଶିଷ୍ଟ ଚଉତିଶା ଭୀତିରେ ରଚିତ ହେଗ ସବୁ କବିଙ୍କ ରସିକତା ଓ ପ୍ରେମ ବିଳସିତ ଭାବକୁ ସୂଚାଇ ଦେଉଛି ।

ଅନ୍ୟାନ୍ୟ ରଚନା ସମୂହ ମଧ୍ୟରୁ ସୀତାରାମ ଜଣାଣ, ଲକ୍ଷ୍ମୀକାନ୍ତ, ଜଣାଣ, ଦ୍ରୌପଦୀରକ୍ଷ, ଚୌପଦୀମାଳା, ଚୌପଦୀ ଭୂଷଣ, କଳାବତୀ ଚଉତିଶା, ରାସଲୀଳା, ଦଶପଦୀ, ସପ୍ତପୋଇ, ଧ୍ୟାନମନାସ, ଲିଖନ କୋଳି ବିପ୍ରଲୀଳା ପ୍ରଭୃତି ଅନେକ ଚଉତିଶା, ଚୌପଦୀ, କାବ୍ୟ କବିତା ଅଦ୍ୟାବଧି ଲୋକଲୋଚନ ଅଗୋଚରରେ ରହିଛି ।

ତେତିଶ ବର୍ଷ ବୟସରେ କବି ବୃନ୍ଦାବନ ଧାମରୁ ତୀର୍ଥାଟନ ଶେଷ କରି 'ବ୍ରଜତାପିନୀ' ନାମକ ସଂସ୍କୃତ ସଂକୀର୍ତ୍ତନ ଉପଯୋଗୀ କାବ୍ୟକୁ ବଙ୍ଗଳା ଭାଷାରେ ଅନୁବାଦ କରିଯାଇଛନ୍ତି । ତାହାର ଏକ ଉଦାହରଣ ଦେଲୁ...... "ଅନ୍ତଦିନେ ମହାପ୍ରଭୁ ବିବେଚନାକେଲ ନୋହିଲା ବିରହ ଶାନ୍ତ ହେଯାଛେ ବେଗଲ ରାଧାଅଂଶ ଧରି ଆମି ହୋଇବୁ ଜନମ ନିତ୍ୟସ୍ଥଳ ପୂର୍ବ ଭାଗେ ନଦୀୟା ଉତ୍ତମ" କବିଙ୍କ ଅନ୍ୟ କେତେକ ବଙ୍ଗଳା ଭାଷାରେ ରଚିତ କବିତା ମଧ୍ୟ ଦୃଷ୍ଟିଗୋଚର ହେଉଛି ।

ଚଉତିଶ ବର୍ଷ ବୟସରେ କବି ଜ୍ୟୋତିଷ ଶାସ୍ତ୍ରମୂଳକ ଶ୍ରୀ ଶ୍ରୀନିବାସାଚାର୍ଯ୍ୟ କୃତ 'ଶ୍ରୀନିବାସ ଦୀପିକା'କୁ ମୂଳ ସଂସ୍କୃତରୁ ପଦ୍ୟାନୁବାଦ କରି ୪୫ ଛାନ୍ଦରେ ପ୍ରକାଶ କରିଛନ୍ତି । ଏହି ପଦ୍ୟାନୁବାଦ କବିଙ୍କ ପଦସଂଯୋଜନାର ଅପୂର୍ବଶୈଳୀ ଓ ମନୋଜ୍ଞ ବର୍ଣ୍ଣନା ଚାତୁରୀର ଅତି ସୁନ୍ଦର ବ୍ୟାଖ୍ୟା ପ୍ରତିପାଦନ କରିଛି । ଭୁବନି କବି ଆହୁରି ମଧ୍ୟ "ଜାତକ ପ୍ରକରଣ"ର ଅନୁବାଦ କରିଯାଇଛନ୍ତି । କବି କାଳିଦାସ କୃତ ଜ୍ୟୋତିଷ ଶାସ୍ତ୍ର ମୂଳକ 'କଟପାୟା'ର ଏକ ପ୍ରାଣସ୍ପର୍ଶୀ ବର୍ଣ୍ଣନା ମଧ୍ୟ ସ୍ୱମାତୃଭାଷାରେ କରିଯାଇଛନ୍ତି ।

କଟପାୟାରେ ଅଶ୍ୱିନୀଠାରୁ ରେବତୀ ପର୍ଯ୍ୟନ୍ତ ୨୭ କୋଟି ନକ୍ଷତ୍ର ସମୂହର ଲଗ୍ନ ଭୋଗ ଓ ଆକାରର ରସାଳ ବର୍ଣ୍ଣନା ରହିଛି । ଜଣେ ଜ୍ୟୋତିଷ ଶାସ୍ତ୍ର ଅଜ୍ଞ ବ୍ୟକ୍ତି ମଧ୍ୟ ସହଜରେ ଏହି ଗ୍ରନ୍ଥ ସାହାଯ୍ୟରେ କ୍ଷେତ୍ର ନିର୍ଣ୍ଣୟ କରି ପାରିବ ।

କବିଙ୍କ "ଅଙ୍ଗୋଗରୀ" ନାମକ ଅନ୍ୟ ଏକ ଜ୍ୟୋତିଷ ଶାସ୍ତ୍ରମୂଳକ କାବ୍ୟ ରହିଛି । ଦିବସରେ ଛାଇକୁ ମାପି ସମୟ ନିରୂପଣ କରିବାର ବର୍ଣ୍ଣନା ଏଥିରେ ପୁରୋହିତ କର୍ମ କବିଙ୍କ ପ୍ରଧାନ ଜୀବିକା ହେଲେ ହେଁ ଜ୍ୟୋତିଷ, ସ୍ମୃତି ଓ କର୍ମକାଣ୍ଡ ପଦ୍ଧତିରେ ସେ ମଧ୍ୟ ପ୍ରବୀଣ ଥିଲେ । ତାଙ୍କର ବାସସ୍ଥଳୀ ଥିଲା ଜରାଜୀର୍ଣ୍ଣ ସଂକୀର୍ଣ୍ଣ ପ୍ରାୟ ୪ ଫୁଟ ୬ ଇଞ୍ଚ ପ୍ରସ୍ଥ ପରିମିତ ଏକ କୁଟୀର । ଉତ୍କଟ ଦାରିଦ୍ର୍ୟ କବିଙ୍କ ଐଶ୍ୱରିକ ପ୍ରତିଭା ନିକଟରେ ପରାଜୟ ସ୍ୱୀକାର କରିଥିଲା । ସ୍ୱ ଜୀବଦଶାରେ କବି ଗୁମୁସର ରାଜବଂଶୋଦ୍ଭବ ହିଞ୍ଜିଳିକାଟୁ ନିବାସୀ ଜମିଦାର ଶ୍ରୀ ଶ୍ରୀ କ୍ଷତ୍ରୀୟ ବରଦେବ ବାସୁଦେବ ଶରଣ ଭଞ୍ଜଙ୍କଠାରୁ ସୁବର୍ଣ୍ଣକୁଣ୍ଡଳ, ପଟ୍ଟବସ୍ତ୍ର ସହିତ 'କବିଚନ୍ଦ୍ର' ଉପାଧିରେ ଭୂଷିତ ହୋଇଥିଲେ ।

ଯଶସ୍ୱୀ କବି ଭୁବନେଶ୍ୱରଙ୍କର ଅନେକ ରଚନା ଏଯାଏ ଅପ୍ରକାଶିତ ରହିଛି । ବହୁଦିନ ପୂର୍ବେ ଶ୍ରୀନିବାସ ଦୀପିକା କଟକର ସ୍ୱର୍ଗୀୟ ଗୌରୀ ଶଙ୍କର ରାୟଙ୍କ ଦ୍ୱାରା ମୁଦ୍ରିତ ହୋଇଥିଲା । କବିଙ୍କ ରଚିତ 'ଭବାନୀ ଚଉତିଶା' ଅଧ୍ୟାପକ ଜାନକୀବଲ୍ଲଭ ମହାନ୍ତି (ଭରଦ୍ୱାଜ)ଙ୍କ ସଙ୍କଳିତ ଚଉତିଶା ସଂକଳନରେ ସ୍ଥାନ ପାଇଛି । କେତେକ ରଚନା ତତ୍କାଳୀନ ଖଲ୍ଲିକୋଟରୁ ପ୍ରକାଶିତ 'ପ୍ରଜାବନ୍ଧୁ ସାହିତ୍ୟ ପତ୍ରିକାରେ ସ୍ଥାନ ପାଇଥିବାର ସୂଚନା ମିଳୁଛି । 'ହେଗରତ୍ନ' କବିଙ୍କ ଦାୟାଦମାନଙ୍କ ଦ୍ୱାରା ପ୍ରକାଶିତ ହୋଇ ବଜାରରେ ବିକ୍ରୟ ହେଉଛି ।

ଭୁବନେଶ୍ୱର କବିଚନ୍ଦ୍ର ଆଜି ଏ ଧରାଧାମରେ ନାହାନ୍ତି । ତାଙ୍କର ପରିଣତ ୪୫ ବର୍ଷ ୫ ମାସ ୨୨ ଦିନରେ ୧୮୪୮ ଶକାବ୍ଦ (ଇଂରେଜୀ ୧୯୨୭ ମସିହା) ଫାଲ୍ଗୁନ କୃଷ୍ଣ [illegible] ବାର ଦିନ ଏ ମର ପୃଥିବୀରୁ ଅନ୍ତର୍ହିତ ହୋଇଯାଇଛି । [illegible]

ରହିଛି ତାଙ୍କର ଲେଖନୀ ପ୍ରସୂତ ରସୋତ୍ତୀର୍ଣ୍ଣ କାବ୍ୟ କବିତା ଛାନ୍ଦ ଚୌପଦୀ ଚଉତିଶାର ଅପୂର୍ବ ସମାରୋହ ।

ଏହି ଅବିସ୍ମରଣୀୟ ପ୍ରତିଭା ସମ୍ପନ୍ନ କବି ଜୀବଦ୍ଦଶାରେ ପ୍ରଚାର ଧର୍ମୀ ନଥିବାରୁ ତାଙ୍କର ଖ୍ୟାତି ସୀମିତ ପରିସର ମଧ୍ୟରେ ଆବଦ୍ଧ ରହିଥିଲା । ଯଦି ଆଜି ଏହି ମହାନ୍ କବିଙ୍କ କାବ୍ୟକୃତିକୁ ଏକ ଗ୍ରନ୍ଥାବଳୀ ଆକାରରେ ପ୍ରକାଶ କରିବାର ସଫଳ ପ୍ରୟାସ ହୁଏ, ତେବେ ତାହା ଉତ୍କଳର ସାରସ୍ୱତ ଭଣ୍ଡାରକୁ ଅଧିକେ ସ୍ମୃଦ୍ଧ କରନ୍ତା....... ଏଥିରେ ତିଳେମାତ୍ର ସନ୍ଦେହ ନାହିଁ ।

---

ଗଞ୍ଜାମ ମହାବିଦ୍ୟାଳୟ,
ଗଞ୍ଜାମ ।



ସମ୍ପୂର୍ଣ୍ଣ ସାକ୍ଷରତା ଅଭିଯାନ ଯୋଜନା ଓ ପରିଚାଳନା ନିମନ୍ତେ ସଚିବାଳୟଠାରେ ଜିଲ୍ଲାପାଳମାନଙ୍କ ପାଇଁ ଅନୁଷ୍ଠିତ ଏକ ପ୍ରଶିକ୍ଷଣ କର୍ମଶାଳା ।

# ରାସ୍ତା ଦୁର୍ଘଟଣା ପ୍ରତି ସଚେତନତା

ଶ୍ରୀମତୀ ବାସନ୍ତୀ ରାଉତ

ଆଜିର ଅତ୍ୟାଧୁନିକ ଯୁଗର ପ୍ରତ୍ୟହ ଖବର କାଗଜର ପୃଷ୍ଠା ଓଲଟାଇଲେ ଅନେକ ସ୍ଥାନରେ ରାସ୍ତା ଦୁର୍ଘଟଣା ଘଟିଥିବାର ସମ୍ବାଦ ଦୃଷ୍ଟିକୁ ଆସେ । ଅନୁସନ୍ଧାନରୁ ଜଣାଯାଏ ଯେ ଦିନକୁ ଦିନ ଦୁର୍ଘଟଣା ସଂଖ୍ୟା ବଢ଼ି ବଢ଼ି ଚାଲିଛି । ଏହାଦ୍ୱାରା ବହୁ ମୂଲ୍ୟବାନ ଜୀବନ ହାନୀହେବା ସହ ଲକ୍ଷ ଲକ୍ଷ ଟଙ୍କାର ବହୁ ଜାତୀୟ ସମ୍ପତ୍ତି ମଧ୍ୟ ନଷ୍ଟ ହେଉଛି । ସଡ଼କ ଦୁର୍ଘଟଣାକୁ ରୋକିବା ପାଇଁ ୧୯୮୬ ମସିହାରେ କେନ୍ଦ୍ର ସରକାର ଜାତୀୟ ସଡ଼କ ସୁରକ୍ଷା ପରିଷଦ ଗଠନ କରିଥିଲେ । ଏହି ପରିଷଦର ପରାମର୍ଶ ଅନୁଯାୟୀ ୧୯୮୮ ମସିହାରୁ ପ୍ରତ୍ୟେକ ରାଜ୍ୟ ସଡ଼କ ସୁରକ୍ଷା ସପ୍ତାହ ପ୍ରତ୍ୟେକ ବର୍ଷ ପାଳନ କରି ଆସୁଛନ୍ତି । ରାଜ୍ୟ ସରକାର ଏହି ରାସ୍ତା ଦୁର୍ଘଟଣାକୁ ରୋକିବା ନିମନ୍ତେ ଯଥେଷ୍ଟଯତ୍ନବାନ୍ ହୋଇଛନ୍ତି । ଅନେକ ନିୟମ ପ୍ରଣୟନ କରିଛନ୍ତି । ରାସ୍ତାରେ ଚାଲିବା ସମୟରେ ବା ଗାଡ଼ି ଚଳାଇବା ସମୟରେ ପ୍ରତ୍ୟେକ ବ୍ୟକ୍ତି ସଚେତନ ହେବା ଲାଗି ପରାମର୍ଶ ଦେଉଛନ୍ତି । ସ୍କୁଲ କଲେଜମାନଙ୍କରେ ବକ୍ତୃତା ପ୍ରତିଯୋଗିତା ସ୍ଥଳରେ ରାସ୍ତା ଦୁର୍ଘଟଣା ଓ ତା'ର ପ୍ରତିରୋଧର ଉପାୟ ପ୍ରତି ଗୁରୁତ୍ୱ ଆରୋପ କରିଛନ୍ତି । ଦକ୍ଷ ଗାଡ଼ି ଚାଳକମାନଙ୍କୁ ସରକାରଙ୍କ ତରଫରୁ ମାନପତ୍ର ସହ ପୁରସ୍କାର ପ୍ରଦାନ କରି ସମ୍ମାନିତ କରୁଛନ୍ତି । ତେବେ ଏ ସବୁ ସତ୍ତ୍ୱେ ଜନସାଧାରଣଙ୍କର ସହଯୋଗ ବିନା ରାସ୍ତା ଦୁର୍ଘଟଣା ରୋକିବା ସମ୍ଭବ ନୁହେଁ । ସରକାରୀ ଭାବରେ ନିୟମ କରାଯାଉଛି ଯେ କଟକ, ଭୁବନେଶ୍ୱର ରାସ୍ତାରେ ପରିବହନ ଗାଡ଼ି ଘଣ୍ଟାକୁ ୪୦ କି: ମି:, ୨ ଚକିଆ ଗାଡ଼ି ଘଣ୍ଟାକୁ ୫୦ କି:ମି:, ଯେ କୌଣସି ଲାଇଟ୍ ଭେଇକିଲ ଘଣ୍ଟାକୁ ୬୦ କି: ମି: ବେଗରେ ଗାଡ଼ି ଚଳାଇବା ପାଇଁ ନୀତି ନିର୍ଦ୍ଧାରଣ କରାଯାଇଛି । ମାତ୍ର ତା'ନଇରି ଏହାଠାରୁ ଅଧିକ ବେଗରେ ଗାଡ଼ି ଚଳାଇବା ଫଳରେ ବହୁ ଦୁର୍ଘଟଣା ଘଟୁଥିବାର ଦେଖାଯାଉଛି ।

## ଗାଡ଼ି ଚାଳକର କର୍ତ୍ତବ୍ୟ :

ପ୍ରଥମ କଥା ହେଲା ଗାଡ଼ି ଚଳାଇବା ସମୟରେ ପ୍ରତ୍ୟେକ ଗାଡ଼ି ଚାଳକ ଟ୍ରାଫିକ୍ ସଙ୍କେତ ମାନି ଗାଡ଼ି ଚଳାଇବା ଉଚିତ । ସାମନାରୁ ଆସୁଥିବା ଗାଡ଼ି ଦେଉଥିବା ସଙ୍କେତକୁ ଦେଖି ନିଜର ଗାଡ଼ି ଚଳାଇବା ଉଚିତ । ଗାଡ଼ିଟି ଚଳାଇବା ପୂର୍ବରୁ ପ୍ରଥମେ ଗାଡିର ଯାନ୍ତ୍ରିକ ତ୍ରୁଟି ପ୍ରତି ଦୃଷ୍ଟି-ଦେବା ନିହାତି ଆବଶ୍ୟକ । ରାସ୍ତାର ଉଭୟ ପାର୍ଶ୍ୱକୁ ଦେଖି ରାସ୍ତା ଅତିକ୍ରମ କରିବା ଆବଶ୍ୟକ । ଯେ କୌଣସି ଜନଗହଳି ସ୍ଥାନମାନଙ୍କରେ ଗାଡ଼ିର ଗତି ଧୀର କରିଦେବା ଉଚିତ । ଗାଡ଼ି ଚଳାଇବା ସମୟରେ ଚାଳକ ମାଦକ ଦ୍ରବ୍ୟ ସେବନ କରିବା ଆଦୌ ଗ୍ରହଣୀୟ ନୁହେଁ । କୌଣସି ଦୁଇଚକିଆ ଯାନ ଯଥା- ସ୍କୁଟର, ମଟରସାଇକେଲ ଚଳାଇବା ସମୟରେ ହେଲ୍‌ମେଟ୍ ବ୍ୟବହାର କରିବା ନିତାନ୍ତ ଆବଶ୍ୟକ । ରାସ୍ତାରେ ଗାଡ଼ି ଅଟକାଇ କୌଣସି ବନ୍ଧୁ ବା ଆତ୍ମୀୟ ସ୍ୱଜନଙ୍କ ସହିତ ମଧୁରବାକ୍ୟାଳାପ କରି ରାସ୍ତା ଅବରୋଧ କଲେ ଦୁର୍ଘଟଣା ଘଟିବାରେ ଅନେକ ସମ୍ଭାବନା ଥାଏ । ତେଣୁ ଏଥିପ୍ରତି ଦୃଷ୍ଟିଦେବା ଆବଶ୍ୟକ । ରାସ୍ତାରେ ଗାଡ଼ିଚଳାଇବା ସମୟରେ ବୃଦ୍ଧ, ଅନ୍ଧ, ଛୋଟା, ଛୋଟପିଲା ତଥା ଗାଈ ଗୋରୁ ଇତ୍ୟାଦିଙ୍କ ପ୍ରତି ଦୃଷ୍ଟିରଖି ଗାଡ଼ି ଚଳାଇବା ଉଚିତ । ଶାରୀରିକ ଅକ୍ଷମ ବ୍ୟକ୍ତିମାନଙ୍କୁ ରାସ୍ତାପାର ହେବାରେ ସାହାଯ୍ୟ କରିବା ପ୍ରତ୍ୟେକ ନାଗରିକର କର୍ତ୍ତବ୍ୟ ।


ପାଦରେ ଚାଲି ଚାଲି ଯାଉଥିବା ଲୋକମାନେ ମଧ୍ୟ ଅନେକ ସମୟରେ ରାସ୍ତା ଦୁର୍ଘଟଣାର ଶିକାର ହୋଇଥାନ୍ତି । ଯଥା- ପଛରୁ କୌଣସି ଗାଡ଼ିଆସି ଧକ୍କା ଦେଲେ କିଛି କରିବାର ଉପାୟ ନଥାଏ । ଅନେକ ସମୟରେ ଦେଖାଯାଏ ଯେ ଦଳଦଳ ହୋଇ କେତେଜଣ ଗପସପ କରି ଯାଉଥିବା ସମୟରେ ରାସ୍ତା ଦୁର୍ଘଟଣାର ଶିକାର ହୋଇଥାନ୍ତି । ରାସ୍ତାରେ ଚାଲୁଥିବା ସମୟରେ ଜଣେ ବା ଦୁଇଜଣରୁ ଅଧିକ ହାତଧରାଧରି ହୋଇ ରାସ୍ତା ଅବରୋଧ କରି ଚାଲିଲେ ଦୁର୍ଘଟଣା ଘଟିଥାଏ । ତେଣୁ ରାସ୍ତାରେ ଚାଲିବା ସମୟରେ ପ୍ରତ୍ୟେକ ବ୍ୟକ୍ତି ନିୟମ ମାନି ଚାଲିଲେ ଦୁର୍ଘଟଣାରୁ ରକ୍ଷା ମିଳିଥାଏ । ରାସ୍ତାରେ ଚାଲିବା ସମୟରେ ନିଜର ବାମ ପଟ ରାସ୍ତାରେ ଚାଲିବା ଉଚିତ । ଆବଶ୍ୟକ ସ୍ଥଳେ କୌଣସି ଯାନ ବାହାନ ଆସିଲେ ରାସ୍ତା ଛାଡ଼ି ଦେଇ ତଳକୁ ଖସି ଚାଲିବା ଉଚିତ । ଅନ୍ଧାର ରାତିରେ ଟର୍ଚ୍ଚ ବା ଲଣ୍ଠନ ବ୍ୟବହାର କରିବା ନିଜ ପାଇଁ ନିରାପଦ । ରାସ୍ତାର ମୋଡ଼ ଜାଗାରେ ଠିଆ ହୋଇ ବାମ, ଡାହାଣ ତଥା ଆଗ ଓ ପଛ ସୁବିଧାକୁ ଭଲ ଭାବରେ ଲକ୍ଷ୍ୟ କରି ତା'ପରେ ରାସ୍ତା ପାର ହେଲେ ବିପଦର ସମ୍ଭାବନା ନଥାଏ । ଟ୍ରାଫିକ୍ ଲାଇଟ ଥିବା ସ୍ଥାନରେ ସବୁଜ ରଙ୍ଗର ଆଲୋକ ଦେଖାଇଲା ପରେ ଟ୍ରାଫିକ୍ ପୋଲିସ୍‌ର ନିର୍ଦ୍ଦେଶ ଅନୁସାରେ ରାସ୍ତା ଅତିକ୍ରମ କରିବା ଉଚିତ । କୌଣସି ସ୍ଥାନରେ ଯଦି ଲେଭେଲ୍ କ୍ରସିଂ ଥାଏ, ତେବେ ଗେଟ୍ ପଡୁଥିବା ସମୟରେ ଟ୍ରେନ୍ ପାଖେଇ ଆସୁଥିବା ବେଳେ ଏବଂ ଗେଟ୍‌ପଡ଼ିଯାଇଥିବା ସମୟରେ ଲେଭେଲ୍ କ୍ରସିଂ ପାର ହେବା ପାଇଁ ଦୁଃସାହସିକ ପଦକ୍ଷେପ ନେବା ଠିକ୍ ନୁହେଁ ।

ବସ୍‌ରେ ଚଢ଼ିବା ସମୟରେ ଅନ୍ୟମାନଙ୍କୁ ଠେଲାଠେଲି କରି ବସ୍‌ରେ ଚଢ଼ିବା ଆଦୌ ଉଚିତ ନୁହେଁ ଏବଂ ବସ୍‌ରୁ ଓହ୍ଲାଇବା ସମୟରେ ବସ୍ ସମ୍ପୂର୍ଣ୍ଣ ରୂପେ ରହିବା ପରେ ସାବଧାନତାର ସହ ବସ୍‌ରୁ ଓହ୍ଲାଇଲେ ରାସ୍ତା ଉପରେ ବସ୍‌ରୁ ପଡ଼ିଯିବାର ଭୟ ନଥାଏ। ବସ୍‌ରୁ ଓହ୍ଲାଇବା ସମୟରେ ରାସ୍ତାର ଦୁଇ କଡ଼କୁ ଲକ୍ଷ୍ୟ ରଖି ବସ୍ ପାସ୍ କରି ସାରିବା ପରେ ରାସ୍ତା ପାର ହେବା ଉଚିତ। ନଚେତ ଅନେକ ସମୟରେ ବସ୍ ପଛକୁ ବ୍ୟାକ୍ କଲେ ସେହି ସମୟକୁ କୌଣସି ବ୍ୟକ୍ତି ବସ୍ ପଛକୁ ରହିଯାଇଥିଲେ ଦୁର୍ଘଟଣା ଘଟିଥାଏ। ଏହିପରି କେତେକ ନୀତି ଓ ନିୟମ ପ୍ରତି ଦୃଷ୍ଟିରଖି ରାସ୍ତାରେ ଯାତାୟତ କରିବା ପ୍ରତ୍ୟେକ ବ୍ୟକ୍ତି ବିଶେଷଙ୍କ କର୍ତ୍ତବ୍ୟ।

ବର୍ଷାରେ ଗାଡ଼ି ଚଳାଇବା ସମୟରେ ଗାଡ଼ିର ୱାଇପର୍, ବ୍ଲେଡ୍ ଓ ବ୍ରେକ୍ ପ୍ରତି ସଚେତନ ହେବା ପ୍ରତ୍ୟେକ ଗାଡ଼ି ଚାଳକର ପ୍ରଥମ କର୍ତ୍ତବ୍ୟ। ଯଦି ପ୍ରବଳ ବର୍ଷା ସମୟରେ ଗାଡ଼ି ଚଳାଇବା ନିତାନ୍ତ ଆବଶ୍ୟକ ପଡ଼େ ତେବେ ଦିବାଲୋକରେ ହେଡ୍ ଲାଇଟ୍ ଦେଇ ଗାଡ଼ି ଚଳାଇବା ଉଚିତ। ବର୍ଷା ସମୟରେ ଗାଡ଼ି ବନ୍ଦ କରିବା ପାଇଁ ଅଧିକ ସମୟ ଲାଗିଥାଏ। ତେଣୁ ଗାଡ଼ି ବନ୍ଦ କରିବା ସମୟରେ ସାମନାରେ ଥିବା ଦୂରତ୍ୱ ରକ୍ଷା କଲେ ବିପଦର ସମ୍ଭାବନା ନଥାଏ। ଧାରାବାହିକ ବର୍ଷା ଅପେକ୍ଷା ଅସରାଏ ବର୍ଷା ହୋଇ ବନ୍ଦ ହୋଇଯାଇଥିବା ରାସ୍ତାରେ ଅଧିକ ସାବଧାନତା ସହ ଗାଡ଼ି ଚଳାଇବା ଆବଶ୍ୟକ।

ମଟର ଗାଡ଼ି ଆଇନ୍‌ରେ ରାସ୍ତା ନିରାପତ୍ତା ପାଇଁ ପ୍ରଣୟନ କରାଯାଇଥିବା ନିୟମଗୁଡ଼ିକ ପ୍ରତ୍ୟେକ ଗାଡ଼ିଚାଳକ ଅବଗତ ହେବା ବିଧେୟ। ନିଜେ ଚଳାଉଥିବା ଗାଡ଼ିର ନମ୍ବର ପ୍ଲେଟ୍‌ରେ ନିୟମ ଅନୁଯାୟୀ ଲେଖା ହେବା ଉଚିତ। ଭୁଲ ଲେଖା ପାଇଁ ୨,୦୦୦ ଟଙ୍କା .ଜୋରିମାନା ଦେବାକୁ ପଡ଼ିଥାଏ। ପ୍ରତ୍ୟେକ ଗାଡ଼ିର ଷ୍ଟିଆରିଂ, ବ୍ରେକ୍, ଟାୟାର, ଲାଇଟ୍ ଇତ୍ୟାଦି ଭଲ ଭାବରେ ପରୀକ୍ଷା କରି ତା'ପରେ ଗାଡ଼ି ଚଳାଇବା ଗାଡ଼ିଚାଳକର କର୍ତ୍ତବ୍ୟ। ଗାଡ଼ିର ଆଗ ଏବଂ ପଛ ଦୁଇପଟ ଲାଇଟ ଜଳୁଥିବା ଆବଶ୍ୟକ। ନଚେତ ଦୁର୍ଘଟଣା ଘଟିବାର ସମ୍ଭାବନା ଅଧିକ ଥାଏ। କୌଣସି ଗାଡ଼ିଚାଳକ ନିଶାଦ୍ରବ୍ୟ ସେବନ କରି ଗାଡ଼ି ଚଳାଉଥିବା ସମୟରେ ଦୁର୍ଘଟଣା ଘଟାଇଲେ ସେଥିପାଇଁ ସରକାର କଠୋର ଦଣ୍ଡର ବ୍ୟବସ୍ଥା କରିଛନ୍ତି। ତେବେ ପ୍ରତ୍ୟେକ ଗାଡ଼ିଚାଳକ ଏବଂ ଗାଡ଼ିରେ ବସି ଯାଉଥିବା ଯାତ୍ରୀ ଓ ଚାଲିକରି ଯାଉଥିବା ପଦଯାତ୍ରୀମାନେ ପ୍ରତ୍ୟେକ ସାବଧାନତା ଅବଲମ୍ବନ କରି, ସଚେତନତା ସହ ଟ୍ରାଫିକ୍ ସଙ୍କେତ ମାନି ଯାତାୟତ କଲେ ରାସ୍ତା ଦୁର୍ଘଟଣାରୁ ବଞ୍ଚିତ ହେବା ସହ ବହୁ ଧନ ଜୀବନ ତଥା ଜାତୀୟ ସମ୍ପତ୍ତି ରକ୍ଷା କରିବାରେ ସହାୟକ ହୋଇଥାନ୍ତି।

ରେଲୱାଇ କଲୋନୀ, ଇ: ୪୩/୪,
ଭୁବନେଶ୍ୱର।



ଓଡ଼ିଶା ରିପୋର୍ଟର୍ସ ଆସୋସିଏସନର କର୍ମକର୍ତ୍ତାମାନେ ମାନ୍ୟବର ରାଜ୍ୟପାଳ ଶ୍ରୀ ବି: ସତ୍ୟନାରାୟଣ ରେଡ୍ଡୀଙ୍କୁ ସ୍ମରଣିକା ପ୍ରଦାନ କରୁଛନ୍ତି।

# ପୁରୀ ବେଳାଭୂମି ମହୋତ୍ସବ

(୧୭–୨୧ ଅକ୍ଟୋବର, ୧୯୯୩)





ଉଦ୍‌ଯାପନୀ ଉତ୍ସବରେ ମାନ୍ୟବର ରାଜ୍ୟପାଳ ଶ୍ରୀ ବି. ସତ୍ୟନାରାୟଣ ରେଡ୍ଡୀ ଉଦ୍‌ବୋଧନ ଦେଉଛନ୍ତି। କେନ୍ଦ୍ର ରେଳବାଇ ରାଷ୍ଟ୍ରମନ୍ତ୍ରୀ ଶ୍ରୀ କାହ୍ନୁ ଚରଣ ଲେଙ୍କା ମଞ୍ଚାସୀନ ଅଛନ୍ତି।

ବେଳାଭୂମି ଉତ୍ସବକୁ ...ମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ...ଘାଟନ କରୁଛନ୍ତି। କେନ୍ଦ୍ର ...ନ ଓ ରାଜ୍ୟ ପର୍ଯ୍ୟଟନ ...ଗଣ ଉତ୍ସବରେ ଉପସ୍ଥିତ ଅଛନ୍ତି।




ଦ୍ୱିତୀୟ ଦିବସରେ କୁମାରୀ ରଜନୀ ଶ୍ରୀଙ୍କର ଶିବ ତାଣ୍ଡବ ନୃତ୍ୟ ପ୍ରଦର୍ଶନ କରୁଛନ୍ତି।





ପ୍ରଥମ ଦିବସରେ କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରୀ ଶ୍ରୀ ଗୁଲାମନବୀ ଆଜାଦ୍ ଖୋଲାଯାଇଥିବା ଏକ ପ୍ରଦର୍ଶନୀକୁ ଉଦ୍‌ଘାଟନ କରୁଛନ୍ତି।


ଉତ୍ସବରେ ଶ୍ରୀମତୀ [illegible] ଓ [illegible] ଭୋଳାନାଥ ଓ ପାର୍ବତୀ ନୃତ୍ୟନାଟିକା ପ୍ରଦର୍ଶନ କରୁଛନ୍ତି।



ଓଡ଼ିଶା ଖଣି ନିଗମର କର୍ମଚାରୀମାନେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ୩,୦୦,୦୦୦ ଟଙ୍କାର ଏକ ଚେକ୍ ତାଙ୍କ ସଚିବାଳୟ ପ୍ରକୋଷ୍ଠରେ ଭେଟି ପ୍ରଦାନ କରୁଛନ୍ତି ।



ମୁଖ୍ୟଯନ୍ତ୍ରୀ(ଓଡ଼ିଶା) ଓ ମୁଖ୍ୟଯନ୍ତ୍ରୀ (ଜାତୀୟ ରାଜପଥ) କର୍ମଚାରୀଙ୍କ ତରଫରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ଫଣ୍ଡକୁ ତାଙ୍କ ସଚିବାଳୟ ପ୍ରକୋଷ୍ଠରେ ଭେଟି ଯଥାକ୍ରମେ ୧,୦୦,୦୦୦ ଏବଂ ୨୫,୦୦୦ ଟଙ୍କାର ଚେକ୍ ପ୍ରଦାନ କରୁଛନ୍ତି । ପୂର୍ତ୍ତ ମନ୍ତ୍ରୀ ଶ୍ରୀ ନଳିନୀକାନ୍ତ ମହାନ୍ତି ଓ ପୂର୍ତ୍ତ ସଚିବ ଶ୍ରୀ ଜି. ସି. ମିଶ୍ର ଉପସ୍ଥିତ ଅଛନ୍ତି ।



ଶହୀଦ୍ ନଗର ଦୁର୍ଗା ପୂଜା କମିଟିର ସଦସ୍ୟମାନେ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକଙ୍କୁ ଭେଟି ମହାରାଷ୍ଟ୍ରର ଭୂକମ୍ପ ପ୍ରପୀଡ଼ିତମାନଙ୍କ ପାଇଁ ୫,୦୦୦ ଟଙ୍କାର ଏକ ଚେକ୍ ପ୍ରଦାନ କରୁଛନ୍ତି ।




ୟୁନିସେଫ୍‌ର ପ୍ରତିନିଧି ଡକ୍ଟର ଡାନ୍ ଇ. ରୋହ୍‌ଡେ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକଙ୍କୁ ତାଙ୍କ ସଚିବାଳୟ ପ୍ରକୋଷ୍ଠରେ ସାକ୍ଷାତ କରୁଛନ୍ତି ।



ଆଞ୍ଚଳିକ ସେନାବାହିନୀ ଦିବସର ଉଦ୍‌ଯାପନୀ ଉତ୍ସବ ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ୧୨୦(ଟି:ଏ) ବାଟାଲିୟନକୁ ବୁଲି ଦେଖୁଛନ୍ତି ।



ହୋଟେଲ୍ ପ୍ରାଚୀଠାରେ ଭାରତୀୟ ସୋସାଇଟି ନିଡ୍‌ଲକ୍ରାଫ୍ଟ ସଙ୍ଘ, ଓଡ଼ିଶା ଶାଖାର ୨୦ତମ ବାର୍ଷିକ ପ୍ରଦର୍ଶନୀକୁ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ଉଦ୍‌ଘାଟନ କରୁଛନ୍ତି ।



ଭୁବନେଶ୍ୱର କଳିଙ୍ଗ ଏନ୍‌କ୍ଲେଭଠାରେ ଆୟୋଜିତ ରାଜ୍ୟସ୍ତରୀୟ ପୂର୍ବତନ ସୈନିକମାନଙ୍କ ସମାବେଶକୁ ମାନ୍ୟବର ରାଜ୍ୟପାଳ ଶ୍ରୀ ବି. ସତ୍ୟନାରାୟଣ ରେଡ୍ଡୀ ଉଦ୍‌ଘାଟନ କରୁଛନ୍ତି ।




୬୦ ପଦାତିକ ବାହିନୀ ପରିସର ମଧ୍ୟରେ ଆୟୋଜିତ ୪୪ତମ ଆଞ୍ଚଳିକ ସେନାବାହିନୀ ଦିବସ ପାଳନ ଅବସରରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ମନ୍ତ୍ରୀ ଶ୍ରୀ ବୈରାଗୀ ଜେନାଙ୍କ ଉଦ୍‌ବୋଧନ ।





ଦଇତାରୀଠାରେ ସ୍ଥାପନ ହେବାକୁ ଯାଉଥିବା ୦.୫ ଏମ୍. ଟି. ଉତ୍ପାଦନ କ୍ଷମ ଇସ୍ପାତ୍ କାରଖାନାର ଅନୁମତି ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ନିପ୍ ଇସ୍ ସମନ୍ୱିତ ଇସ୍ପାତ୍ ଲିମିଟେଡ୍‌ର ପ୍ରଥମ ଜ୍ୟାପାନେଜ୍ ଶ୍ରୀ କେ. କେ. ସିଂହ ଯୋଗାଯୋଗକାରୀଙ୍କ ସହିତ ଆଲୋଚନା କରୁଛନ୍ତି ।



ରାଜ୍ୟ ଯୋଜନା ବୋର୍ଡ଼ ବୈଠକରେ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ଉଦ୍ଘାଟନ କରୁଛନ୍ତି ।




ରାଜ ଭବନଠାରେ ମାନ୍ୟବର ରାଜ୍ୟପାଳ ଶ୍ରୀ ବି. ସତ୍ୟନାରାୟଣ ରେଡ୍ଡୀ ୟୁନିସେଫ୍‌ର ଅଭିନବ କାର୍ଡ ଅଭିଯାନକୁ ଉଦ୍‌ଘାଟନ କରୁଛନ୍ତି ।



ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ଅବସରରେ ବିଧାନ ସଭା ପରିସର ମଧ୍ୟରେ ଥିବା ତାଙ୍କ ପ୍ରତିମୂର୍ତ୍ତି ନିକଟରେ ବିଧାନ ସଭା ବାଚସ୍ପତି ଶ୍ରୀ ଯୁଧିଷ୍ଠିର ଦାସ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି ।



ସଚିବାଳୟଠାରେ ଅନୁଷ୍ଠିତ ବିଜ୍ଞାନ ଓ ବୈଷୟିକ ପରିଷଦର ପ୍ରଥମ ବୈଠକରେ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ଉଦ୍‌ବୋଧନ ଦେଉଛନ୍ତି ।



ପୁରୀ ନିର୍ମାଣ ଭବନଠାରେ ପ୍ରଭୁ ଜଗନ୍ନାଥଙ୍କ ମନ୍ଦିର ମରାମତି ବିଷୟରେ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ସମ୍ପୃକ୍ତ ପଦାଧିକାରୀମାନଙ୍କ ସହିତ ଆଲୋଚନା କରୁଛନ୍ତି ।



ଡି: ଏ: ଭି: ସ୍କୁଲଠାରେ ଦ୍ୱିତୀୟ ମହାତ୍ମା ହଂସରାଜ ଟୁର୍ଣ୍ଣାମେଣ୍ଟର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକଙ୍କ ଅଭିଭାଷଣ ।



ସୈନ୍ୟବାହିନୀର ବିଦ୍ୟୁତ୍ ଡିଭିଜନ୍ ଓ ଯାନ୍ତ୍ରିକ ଡିଭିଜନ୍‌ର ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ଉକ୍ତ ଡିଭିଜନ୍‌ର ଇଞ୍ଜିନିୟରମାନେ ଏକ୍ ମାରାଥନ୍ ମୋଟର ସାଇକେଲ୍ ରାଲିରେ ସମଗ୍ର ଦେଶ ପରିକ୍ରମାରେ ବାହାରି ଭୁବନେଶ୍ୱର ୧୨୦ ବାଟାଲିୟନ୍‌ଠାରେ ପହଞ୍ଚି ରାଉରକେଲା ଅଭିମୁଖେ ଯାତ୍ରା କରୁଛନ୍ତି ।




[illegible] ଉତ୍କଳ ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ଆୟୋଜିତ କୁମାର ଉତ୍ସବ ଅବସରରେ ସାଧାରଣ ଅଭିଯୋଗ ଓ ପେନସନ୍ ମନ୍ତ୍ରୀ ଶ୍ରୀ ପ୍ରସନ୍ନ ପାଟଶାଣୀଙ୍କ ଅଭିଭାଷଣ ।

# ଆଜିର ଶିଶୁ

ଶ୍ରୀ ପଞ୍ଚାନନ ପରିଡ଼ା

ଶିଶୁ ହେଉଛି ସମାଜର ମେରୁଦଣ୍ଡ । ଶୈଶବାବସ୍ଥାରେ ହିଁ ଶିଶୁ ନିଜର ପ୍ରତିଭାକୁ ବିକଶିତ କରିଥାଏ । ଏହି ବିକାଶ ପାଇଁ ଯେଉଁମାନେ ଭିତ୍ତି ସ୍ଥାପନ କରିଥାଆନ୍ତି ସେମାନେ ହେଲେ ମା, ବାପା, ଶିକ୍ଷକ, ପାରିପାର୍ଶ୍ୱ, ନୀତିନିୟମ ସର୍ବୋପରି ସରକାର । ବିଂଶ ଶତାବ୍ଦୀ ବର୍ତ୍ତମାନ ସାୟଂକାଳରେ ଉପନୀତ । ଏକବିଂଶ ଶତାବ୍ଦୀ ଅଙ୍କୁରିତ ହେବାକୁ ପ୍ରସ୍ତୁତ । ଅତ୍ୟାଧୁନିକ ଯୁଗର ଏହି ଶିଶୁମାନଙ୍କୁ ନୂତନ ଦିଗ୍‌ଦର୍ଶନ ଦେବାରେ ସହାୟକ ହୋଇଥାଆନ୍ତି ପ୍ରଥମରେ ମାଆ, ଦ୍ୱିତୀୟରେ ପରିବାର, ତୃତୀୟରେ ଶିକ୍ଷକ, ଚତୁର୍ଥରେ ସମାଜ ଓ ସରକାର ।

ଏହି ପୁଣ୍ୟଭୂମି ଭାରତରେ କେତେ ଯେ ମହାମାନବ ଜନ୍ମ ନେଇଛନ୍ତି ତା'ର କିଛି ଇୟତ୍ତା ନାହିଁ । ପୁରାଣ ପୃଷ୍ଠାକୁ ଉନ୍ମୋଚନ କଲେ ସତ୍ୟ ଯୁଗର ପ୍ରହ୍ଲାଦ,ଧ୍ରୁବ, ତ୍ରେତା ଯୁଗର ହନୁମାନ, ଦ୍ୱାପର ଯୁଗର କୃଷ୍ଣ, ଭୀମ, ଅଭିମନ୍ୟୁ, ଲକ୍ଷ୍ମଣ କୁମାର ଇତ୍ୟାଦି ଅନେକଙ୍କ କଥା ମନେ ପଡ଼େ । ଇତିହାସର ଗଭୀର ପୃଷ୍ଠାକୁ ଓଲଟାଇଲେ ଧ୍ରୁବ ଶର୍ମା, ବାଜିରାଉତ, ଲାଲବାହାଦୁର ଶାସ୍ତ୍ରୀ, ରାମକୃଷ୍ଣ ପରମହଂସ, ଶିବାଜୀ ଇତ୍ୟାଦି । ସର୍ବୋପରି ଆମ୍ଭମାନଙ୍କର ଚିରନମସ୍ୟ ବାପୁଜୀ ପ୍ରେରଣାର ଉତ୍ସ ହୋଇ ଅଲିଭା ସ୍ମୃତି ରଖି ଯାଇଛନ୍ତି ।

ସେହିମାନଙ୍କ ଭଳି ବୀର ସନ୍ତାନ କ'ଣ ଆଜି ଏ ଭାରତ ବର୍ଷରେ ଜନ୍ମ ଗ୍ରହଣ କରୁନାହାଁନ୍ତି ? କରୁଛନ୍ତି ସତ, କିନ୍ତୁ ସେମାନଙ୍କ ପାଇଁ ଯେଉଁ ସବୁ ପ୍ରେରଣା, ଉତ୍ସାହ ଆବଶ୍ୟକ, ତାହା ଆଜିର ଶିଶୁ ପ୍ରାପ୍ତ ପାଉନି ।

ପ୍ରଥମେ ମାଆଙ୍କ ବିଷୟରେ ଆଲୋକ ପାତ କରାଗଲେ ଦେଖାଯିବ, ଆଜିର କେତେକ ମାଆମାନେ ସନ୍ତାନମାନଙ୍କ ପାଇଁ ଯଥେଷ୍ଟ ସମୟ ଦେଇ ପାରୁନାହାଁନ୍ତି । ଆଧୁନିକା ସହରୀ କେତେକ ମାଆମାନେ ଆଜି କ୍ଲବ୍ ତ କାଲି ପାର୍ଟି । ତା'ପରଦିନ ବନ୍ଧୁ ଘରେ, ପୁଣି ତା'ପର ଦିନ କୌଣସି ଟୁର୍ । ସନ୍ତାନ ସନ୍ତତି କଥା ପଚାରେ କିଏ ?

ଆଜିର ସମାଜରେ ଅର୍ଥନୈତିକ ଅବସ୍ଥା ଅତି ଶୋଚନୀୟ । ଅଧିକାଂଶ କ୍ଷେତ୍ରରେ ପୁରୁଷମାନଙ୍କ ସହ ସମତାଳରେ ଛିଡ଼ା ହୋଇ ପରିବାରର ଅର୍ଥନୈତିକ ଦୁରାବସ୍ଥାକୁ ଏଡ଼ାଇବା ପାଇଁ ମାଆମାନେ କର୍ମଜୀବୀ ହେବାକୁ ଆଗ୍ରହ ପ୍ରକାଶ କରୁଛନ୍ତି । ଯାହାଫଳରେ କି ସେମାନେ ନିଜର ଜନ୍ମିତ ଶିଶୁମାନଙ୍କ ପ୍ରତି ଯଥେଷ୍ଟ ଧ୍ୟାନ ଦେଇ ପାରୁନାହାନ୍ତି । ଯେଉଁଠି ମାଆମାନେ କର୍ମଜୀବୀ ନୁହନ୍ତି, ସେଠି ମଧ୍ୟ ଦେଖାଯାଉଛି ବାପା ମାଆଙ୍କ ମଧ୍ୟରେ ସାମାନ୍ୟ ସାମାନ୍ୟ କଥାକୁ କେନ୍ଦ୍ରକରି ଭୁଲ ବୁଝାମଣା ହୋଇ କଳିକଜିଆର ସୂତ୍ରପାତ ହେଉଛି । ଯାହା ଫଳରେ ଶିଶୁଟି ଖୁବ୍ ସହଜରେ ଖରାପ ହେବା ପାଇଁ ଖୋରାକ ପାଇ ଯାଉଛି । କିନ୍ତୁ ଯେଉଁ ଯୁଗଜନ୍ମା ମହାପୁରୁଷମାନଙ୍କ କାହାଣୀକୁ ଆମେ ଇତିହାସ ପୃଷ୍ଠାରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ କରିଛେ ସେମାନଙ୍କର ମାଆମାନେ ସେଭଳି ନଥିଲେ । ସନ୍ତାନମାନଙ୍କୁ ସୁ-ଉପଦେଶ ଦେବାରେ ସେମାନଙ୍କର ଯଥେଷ୍ଟ ସମୟ ଅତିବାହିତ କରୁଥିଲେ ।

ଯଦି ପରିବାର କଥା ଆଲୋଚନାକୁ ଅଣାଯାଏ, ତେବେ ଦେଖାଯାଉଛି ପରିବାରରେ କାହାରି ମଧ୍ୟରେ ଆଦି ଆନ୍ତରିକତା ନାହିଁ । ଅର୍ଥ ପାଇଁ ସମସ୍ତଙ୍କ ମଧ୍ୟରେ ଆଜି ଟାଣ ସୃଷ୍ଟି ହେଉଛି । ଭାଇ ଭାଇକୁ ଆଜି ପଚାରୁ ନାହିଁ । ବାପା, ମାଆ, ଭାଇ ଭଉଣୀ କାହାରି ମଧ୍ୟରେ ଶାନ୍ତି ଶୃଙ୍ଖଳା ନାହିଁ । କିନ୍ତୁ ଯଦି ଆମେ ଦେବ ଦେବ ମହାଦେବଙ୍କ କଥା ଚିନ୍ତା କରି କାମରେ ଲଗାଇବାକୁ ଚେଷ୍ଟା କରିବା ତେବେ ଆଜି ସମାଜରେ ଯେତେ ସବୁ ଅଶାଳୀନତା ଲକ୍ଷ୍ୟ ହେଉଛି ସେତେ ବୁଝନ୍ତା ନାହିଁ । ମହାଦେବଙ୍କର ବାହାନ ବୃଷଭ, ଦୁର୍ଗାଙ୍କର ବାହନ ସିଂହ, କାର୍ତ୍ତିକଙ୍କର ବାହାନ ମୟୂର ଏବଂ ଗଣେଶଙ୍କ ବାହାନ ମୂଷା । ମୂଷା ବୃଷଭ ସିଂହର ଖାଦ୍ୟ, ମହାଦେବଙ୍କ ପାଖରେ ନାଗସାପ । ମୂଷା ହେଉଛି ଖାଦ୍ୟ ସାପର, ସାପ ହେଉଛି ମୟୂରର ଖାଦ୍ୟ ହେଲେ କୈଳାସର ସେହି ଶିବମନ୍ଦିରରେ ସେମାନେ ଏପରି ମିଳିମିଶି ରହନ୍ତି ଯେ କାହାରି ମନରେ କେବେ ହେଲେ ଅବିଶ୍ୱାସ ନଥାଏ । ସ୍ୱାମୀ, ସ୍ତ୍ରୀ ମଧ୍ୟରେ, ବାପ, ପୁଅ ମଧ୍ୟରେ, ମାଆ ପୁଅ ମଧ୍ୟରେ କିମ୍ବା ଭାଇ ଭାଇ ମଧ୍ୟରେ ନିଜର କର୍ତ୍ତବ୍ୟ ପ୍ରତି ନିଜେ ସଚେତ୍ ଯତ୍ନବାନ କିନ୍ତୁ ଆଜି ଆମର ପରିବାରରେ ସେ ସବୁ ଅତି କ୍ୱଚିତ୍ ଦେଖାଯାଏ ।

ଶିକ୍ଷକଙ୍କ ନିକଟରୁ ଶିଶୁଟି ପାଞ୍ଚ ବର୍ଷ ବୟସରେ ଆସେ ବିଦ୍ୟାଶିକ୍ଷା କରିବାକୁ । ଆଜିର ଶିକ୍ଷକ ସେ ଯୁଗର ଗୁରୁ ନୁହଁନ୍ତି । ଆଜି ଗୁରୁକୁଳ ଆଶ୍ରମ ନାହିଁ କି, ଉପମନ୍ୟୁ ଏକଲବ୍ୟ ଭଳି ଶିଷ୍ୟ ମଧ୍ୟ ବିରଳ । ଶିକ୍ଷକ ନିଜକୁ ମାଳି ସଜାଇ ନାହାନ୍ତି କି ଶିଷ୍ୟମାନେ ଆଜି ଫୁଲ ହୋଇ ଫୁଟୁ ନାହାନ୍ତି । ଆଜି ଅନେକ ଶିକ୍ଷକଙ୍କ ମନରେ ଆନ୍ତରିକତା ନାହିଁ କି ସ୍ନେହ ମଧ୍ୟ ନାହିଁ । ଅତି

ଶିକ୍ଷକ ରାମ ଦାସ ହୋଇ ହାତରେ ଝୁଲା ଧରି ଶିବାଜୀଙ୍କୁ ଉପଯୁକ୍ତ ଶିଷ୍ୟ ହେବାକୁ ସ୍ୱପ୍ନ ମଧ୍ୟ ଦେଖୁ ନାହାନ୍ତି । ଶିକ୍ଷକଙ୍କ କଥା ମନେ ପଡ଼ିଲେ ଆଜି ମନରେ କ୍ଷୋଭ ହୁଏ । ମହାଶୟର ମହାନତାକୁ ଉପଲବ୍ଧି କରିବାକୁ କେତେ ଜଣ ଶିକ୍ଷକ ଚେଷ୍ଟା କରୁଛନ୍ତି ? କେତେକ ଶିକ୍ଷକ ଆଜି ଶ୍ରେଣୀ ଗୃହରେ ଠିକ ଶିକ୍ଷାଦାନ ନକରି ଗୃହ ଶିକ୍ଷକ ହୋଇ ଅର୍ଥ ଉପାର୍ଜନ କରିବାକୁ ଅଧିକ ଶ୍ରେୟ ମଣୁଛନ୍ତି । ବେଳେ ବେଳେ ମନ ମଧ୍ୟରେ ସ୍ୱତଃ ପ୍ରଶ୍ନ ଉଠେ, ଯେଉଁ ଶିକ୍ଷକ ଶ୍ରେଣୀ ଗୃହରେ ୨୦ରୁ ୩୦ ଜଣ ଶିଶୁଙ୍କୁ ଶିକ୍ଷା ଦେବାକୁ ଅସମର୍ଥ, ସେ କିପରି ଗୃହଶିକ୍ଷକ ଭାବେ ଶିକ୍ଷା ଦାନ ଦେଇ ସୁନାମ ନେଇ ପାରିବ ? ଏଥି ପାଇଁ ଦାୟୀ କିଏ ? ଫଳତଃ ଶିକ୍ଷକମାନଙ୍କୁ ପିଲାମାନେ ଭୟକରୁ ନାହାନ୍ତି, ଭକ୍ତି ତ ଦୂରର କଥା । ପରୀକ୍ଷା ହଲରେ ଅସଦାଚରଣ କରିବା ମଧ୍ୟ ବାଦ୍ ପଡୁନାହିଁ ।

ଶେଷରେ ସରକାର । ସରକାର ଶିକ୍ଷାର ମାନଦଣ୍ଡକୁ ଉନ୍ନତି ପଥରେ ନେବାପାଇଁ ଯଥା ସମ୍ଭବ ଚେଷ୍ଟା କରୁଛନ୍ତି । ଚଉଦ ବର୍ଷର କମ୍ ଶିଶୁମାନଙ୍କୁ ଅବୈତନିକ ଶିକ୍ଷାଦାନର ବ୍ୟବସ୍ଥା ରଖାଯାଇଛି । ଆହୁରି ମଧ୍ୟ ଅନୁନ୍ନତ ହରିଜନ ଓ ଆଦିବାସୀ ଶିଶୁମାନଙ୍କୁ ଖାଦ୍ୟ ପୋଷାକ ଅର୍ଥ ସହ ମାଗଣା ଶିକ୍ଷାଦାନର ବ୍ୟବସ୍ଥା ଅଛି । ଛୋଟ ଛୋଟ ଶିଶୁମାନଙ୍କୁ ଉନ୍ନତ ପରିବେଶରେ ରଖି ଗଢ଼ିବା ପାଇଁ ଅଙ୍ଗନବାଡ଼ି, ବାଲବାଡ଼ି କେନ୍ଦ୍ରମାନ ଖୋଲା ଯାଇଛି । ବିଶେଷ କରି ଦେଶ ବିଦେଶର ଖବର ଜଣାଇ ଦେବାକୁ ବିଦ୍ୟାଳୟମାନଙ୍କରେ ମଧ୍ୟ ଦୂରଦର୍ଶନ କାର୍ଯ୍ୟକ୍ରମ ଦେଖିବା ସୁଯୋଗ ଦିଆଯାଇଛି । ଦୂରଦର୍ଶନ ଜରିଆରେ ଆଦର୍ଶ ଶିକ୍ଷାମାନ ଦିଆଯାଉଛି ।

ଗୋଟିଏ ଉଦାହରଣ ଏଇଠି ପ୍ରାସଙ୍ଗିକ ହେବ, ଜଙ୍ଗଲରେ ଅନେକ ଶୁଆ ଥାଆନ୍ତି ହେଲେ ସେମାନଙ୍କୁ ଧରିଆଣି ଘରେ ପାଳନ କରି ଯେଉଁଳି ଶିକ୍ଷା ଦିଆଯାଏ ସେ ତାହା ଗ୍ରହଣ କରେ । ସାଧୁ ଘରେ ରହିଲେ ସାଧୁ ବାକ୍ୟ ଶିଖାଇଲେ ରାମ ନାମ ଗାଇବ । ଅସାଧୁ ଘରେ ରଖି ଶିକ୍ଷା ଦିଆଗଲେ ଅସାଧୁ ଭାଷା କହିବ । ସେହିଭଳି ଯେଉଁ ସରଳ ନିଷ୍ପାପ ଶିଶୁ ପବିତ୍ର ହୃଦୟ ନେଇ ଏ ଧରାପୃଷ୍ଠକୁ ଆସୁଛି, ତାକୁ ସତ୍ ମାର୍ଗରେ ପରିଚାଳିତ କରି ସତ୍ ଶିକ୍ଷା ଦେବାର ଦାୟିତ୍ୱ ଯେଉଁ ମାଆ, ପରିବାର ଶିକ୍ଷକମାନଙ୍କର ରହିଛି, ସେମାନେ ସମସ୍ତେ ନିଜ ନିଜର କର୍ତ୍ତବ୍ୟରେ ସଚେତନ ରହିଲେ ଆମର ପୁଣ୍ୟଭୂମି ଭାରତ ଯୁଗ ଯୁଗ ପାଇଁ ପୁଣ୍ୟଭୂମି ହୋଇ ରହିବ ।

---

ସରସ୍ୱତୀ ଶିଶୁ ମନ୍ଦିର, ବରମୁଣ୍ଡା,
ଭୁବନେଶ୍ୱର ।



ବନ୍ୟପ୍ରାଣୀ ସପ୍ତାହ ଉପଲକ୍ଷେ ସୂଚନା ଭବନଠାରେ ଆୟୋଜିତ ଏକ ପ୍ରଦର୍ଶନୀକୁ ଜଙ୍ଗଲ ଓ ସମବାୟ ମନ୍ତ୍ରୀ ଶ୍ରୀ ଅଦ୍ୱୈତ ପ୍ରସାଦ ସିଂହ ବୁଲି ଦେଖୁଛନ୍ତି ।

# ସେହି ରକ୍ତସ୍ନାତ ଲୁଣିଆର କାହାଣୀ

ପ୍ରଫେସର ଜଗନ୍ନାଥ ପଟ୍ଟନାୟକ

ଏହା ଥିଲା ୧୯୪୨ ମସିହା ସେପ୍ଟେମ୍ବର ୨୨ ତାରିଖର ଘଟଣା । ସେଦିନ ଭଦ୍ରକଠାରୁ ୧୫ କିଲୋମିଟର ଦୂରରେ ଧାମନଗର ଥାନା ଅନ୍ତର୍ଗତ ଲୁଣିଆ ଗ୍ରାମ ନିକଟସ୍ଥ ଗୁଡ଼ିଆପଡ଼ି ପଡ଼ିଆ ରକ୍ତସ୍ନାତ ହୋଇଥିଲା । ସେଠାରେ ପୋଲିସ ସ୍ୱାଧୀନତା ସଂଗ୍ରାମୀଙ୍କ ଉପରେ ଗୁଳିଚାଳନା କରି ୯ ଜଣଙ୍କର ପ୍ରାଣନେବା ସଙ୍ଗେ ସଙ୍ଗେ ୫ ଜଣଙ୍କୁ ଆହତ କରିଥିଲେ । ତାହା 'ଭାରତଛାଡ଼' ଆନ୍ଦୋଳନର ଏକ ରୋମାଞ୍ଚକର ଅଧ୍ୟାୟ । ଘଟଣାଟି ଥିଲା ନିମ୍ନ ପ୍ରକାରର ।

୧୯୪୨ ମସିହାର ଐତିହାସିକ ଭାରତଛାଡ଼ ଆନ୍ଦୋଳନ ସମୟରେ ସମଗ୍ର ଧାମନଗର ଥାନାରେ ଏକ ଅଭୂତପୂର୍ବ ଜାଗରଣ ଦେଖାଦେଇଥିଲା । ତା' ମୂଳରେ କେତେକ କାରଣ ରହିଥିଲା । ତନ୍ମଧ୍ୟରୁ ସେ ଅଞ୍ଚଳର ଲୋକମାନଙ୍କର ଆର୍ଥିକ ଦୁରାବସ୍ଥା, କେତେକ ନେତାଙ୍କର ଐକାନ୍ତିକ ପ୍ରଚେଷ୍ଟା ଓ ସର୍ବୋପରି ମୀରାବେନଙ୍କର ଉକ୍ତ ଅଞ୍ଚଳ ପରିଦର୍ଶନ ଥିଲା ଉଲ୍ଲେଖଯୋଗ୍ୟ ।

ଧାମନଗର ଥିଲା ଏକ ବନ୍ୟାକ୍ଲିଷ୍ଟ ଅଞ୍ଚଳ: ବୈତରଣୀ, ରେଙ୍ଗୁଟି, କୋଚିଳା, ରେବ, କପାଳୀ, ବାଲିଚନ୍ଦ୍ରୁରୀ ଆଦି ନଦୀ ଉକ୍ତ ଅଞ୍ଚଳ ଦେଇ ପ୍ରବାହିତ ହୋଇଥିବାରୁ ପ୍ରତ୍ୟେକ ବର୍ଷ ସେହି ସବୁ ନଦୀରେ ଭୟାବହ ବନ୍ୟା ଆସି ଫସଲ ନଷ୍ଟ ହୋଇଯାଉଥିଲା । କୃଷି ଥିଲା ଲୋକମାନଙ୍କର ମୁଖ୍ୟ ଜୀବିକା । ତେଣୁ ଦାରିଦ୍ର୍ୟ ଥିଲା ସେମାନଙ୍କର ଚିର ସହଚର । ବେଢ଼ି ଉପରେ କୋରଡ଼ା ମାଡ଼ ପରି ସେ ଅଞ୍ଚଳରେ ଜମିଦାରମାନଙ୍କର ଅତ୍ୟାଚାରରେ ଲୋକମାନେ ଅତିଷ୍ଠ ହୋଇପଡ଼ିଥିଲେ । ଲୋକେ ନିଜ ବାଡ଼ିରେ ଗଛ କାଟିଲେ ତା'ର ଅଧେ ନେଉଥିଲେ ଜମିଦାରମାନେ । ସେମାନେ ମଧ୍ୟ ଜମିଦାରଙ୍କର ବେଠୀ, ବେଗାରୀ ଖଟୁଥିଲେ । ଭେଟି ଓ ନାନାପ୍ରକାର କର ମଧ୍ୟ ସେମାନଙ୍କୁ ଦେବାକୁ ପଡ଼ୁଥିଲା । ସେମାନଙ୍କ ପୁଅ ଝିଅମାନଙ୍କର ବିବାହର ହେଲେ ଲୋକମାନଙ୍କୁ 'ବାହା–ଚିନା' ନାମରେ ଟଙ୍କା ଭେଟି ଦେବାକୁ ପଡ଼ୁଥିଲା କେବଳ ସେତିକି ନୁହେଁ, ସେ ଅଞ୍ଚଳର ଲୋକମାନେ ଯାହା ବା ମୁଠେ– ଧାନ ଅମଳ କରୁଥିଲେ, ତାହା ମହାଜନମାନେ ଧାନ ଆଦି କରଜ ଦେଇ ସୁଧ ଆକାରରେ ନେଇଯାଉଥିଲେ । ଲୋକମାନଙ୍କର ଏହି ଆର୍ଥିକ ଦୁରବସ୍ଥା ସମୟରେ ଗାନ୍ଧିଜୀଙ୍କର ବାଣୀ ପହଞ୍ଚିଥିଲା ଉକ୍ତ ଅଞ୍ଚଳର ନେତାମାନଙ୍କ ମାଧ୍ୟମରେ । ତା'ପୂର୍ବରୁ ଧାମନଗରଠାରେ ଏକ କଂଗ୍ରେସ ଅଫିସ ପ୍ରତିଷ୍ଠା କରାଯାଇ ସାରିଥାଏ । ଏହି କଂଗ୍ରେସ ଅଫିସକୁ ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ କଂଗ୍ରେସ ନେତାମାନେ ଆସି ସେଠାକାର ନେତାମାନଙ୍କ ସହ ଗାଁ ଗାଁରେ ପ୍ରଚାର କରିଥିଲେ । ସେମାନେ ସଭାସମିତି କରି କହୁଥିଲେ, "ସ୍ୱାଧୀନତା ପାଇବାପରେ ଜମିଦାରୀ ଉଠିଯିବ, ଆମ ଶାସନ ଆମ ହାତକୁ ଆସିବ । କର ଟିକ୍ସ ଉଠିଯିବ, ଚୌକିଦାରୀ ଟିକସ ଉଠିଯିବ, ବନ୍ୟା ସମସ୍ୟାର ସମାଧାନ ହେବ, ବେଠୀ ବେଗାରୀ ଉଠିଯିବ, ଶିକ୍ଷାର ପ୍ରସାର ହେବ ।" ସ୍ୱାଧୀନତା ଆନ୍ଦୋଳନର ଏହିସବୁ ବାଣୀ ଶୁଣି ଲୋକମାନେ ବିଶେଷ ଭାବେ ଅନୁପ୍ରାଣୀତ ହୋଇଥିଲେ । ସେହି ଅଞ୍ଚଳର ନେତାମାନଙ୍କ ମଧ୍ୟରୁ କଣ୍ଟାପାରୀ ଗ୍ରାମର ଜଗନ୍ନାଥ ଦାସ, କଟସାହିର ମୁରଲୀଧର ପଣ୍ଡା, ଅନ୍ତରହସନାବାଦର ମୁରଲୀଧର ଜେନା, କାଶିମପୁରର ବୈଷ୍ଣବ ଚରଣ ନାୟକ, ଫନକଡ଼ିହର ବାମଦେବ ନାୟକ, ସୂର୍ଯ୍ୟପୁରର ରଜନୀ ଗୋସ୍ୱାମୀ, ହଂସନାବାଦର ସାଗର ଭୂୟାଁ, ବାହାଡ଼ବିଲର ନବକିଶୋର ନାୟକ, ବେତାଳିଶାର ରାମଚନ୍ଦ୍ର ବାରିକ, କଣ୍ଟାପାରୀ ମିଶ୍ରପୁରର ପୂର୍ଣ୍ଣାନନ୍ଦ ନାୟକ, ଧାମନଗରର ସୂର୍ଯ୍ୟମଣୀ ତ୍ରିପାଠୀ, ନଯୋରର ବଂଶୀଧର ପଣ୍ଡା, ହରିସଂଶର ଯୁଧିଷ୍ଠିର ନାୟକ, ପଦ୍ମସାହିର କୃଷ୍ଣଚନ୍ଦ୍ର ମାଝୀ, ନନ୍ଦୋରର ନିଶାକର ପଣ୍ଡା, ତୋରଣିଆର ଗଣନାଥ ପାଢ଼ୀ, ହସନାବାଦର ଆନନ୍ଦ ଚନ୍ଦ୍ର ମଲ୍ଲିକ, ତାଳପଦାର କୃପାସିନ୍ଧୁ ଦାସ ଓ ଗୌର ଚନ୍ଦ୍ର ମହାପାତ୍ର, ଲଇମର ଅନିରୁଦ୍ଧ ମହାନ୍ତି ଓ ପ୍ରଭାକର ତ୍ରିପାଠୀ ଏବଂ ବେତାଳିଶାର ନାରାୟଣ ଚନ୍ଦ୍ର ବାରିକ, ଖପରାପଦାର ସଚ୍ଚିଦାନନ୍ଦ ପଣ୍ଡା ଓ ତ୍ରୈଲୋକ୍ୟନାଥ ସାହୁଙ୍କ ନାମ ଉଲ୍ଲେଖଯୋଗ୍ୟ । ସେହିପରି ବାହାରୁ ନବକୃଷ୍ଣ ଚୌଧୁରୀ, ଗୋପବନ୍ଧୁ ଚୌଧୁରୀ, ଡକ୍ଟର ହରେକୃଷ୍ଣ ମହତାବ, କରୁଣାକର ପାଣିଗ୍ରାହୀ, ରବୀନ୍ଦ୍ର ମୋହନ ଦାସ, ନୀଳାମ୍ବର ଦାସ, ନନ୍ଦକିଶୋର ଦାସ ଓ ଭଦ୍ରକର ମହମ୍ମଦ ହନିଫ ପ୍ରମୁଖ ଧାମନଗର ଆସି ଲୋକମାନଙ୍କୁ ସ୍ୱାଧୀନତା ସଂଗ୍ରାମରେ ଯୋଗଦେବା ପାଇଁ ପ୍ରୋତ୍ସାହିତ କରିଥିଲେ । ଏତଦ ବ୍ୟତୀତ ଉକ୍ତ ଅଞ୍ଚଳକୁ ମୀରାବେନଙ୍କର ଆଗମନ ନେତା ଓ କର୍ମୀମାନଙ୍କ ହୃଦୟତନ୍ତ୍ରୀରେ ଶିହରଣ ସୃଷ୍ଟି କରିଥିଲା । ସେ ୧୯୪୨ ମସିହା ଜୁନ ମାସରେ ଏକ ଛୋଟ ଘୋଡ଼ାରେ ଚଢ଼ି ଅଣ୍ଡେଇଲି, ଖପରାପଦା, ଚଟପାହୀ, ଅସୁରାଲି, କୋଠାର ଦେଇ ଧୁସୁରୀରେ ପହଞ୍ଚି ଥିଲେ । ଧୁସୁରୀ ନିକଟସ୍ଥ ସୂର୍ଯ୍ୟପୁର ଗ୍ରାମରେ ୨ ଦିନ ରହି [illegible] ଯାଇଥିଲେ । ସେ ବୈଷ୍ଣବ ଚରଣ ନାୟକ ଓ ମୁରଲୀଧର ଜେନା ପ୍ରମୁଖ ନେତାଙ୍କୁ ଭେଟି ସେମାନଙ୍କ ସହିତ ଭବିଷ୍ୟତର କାର୍ଯ୍ୟଯୋଜନା ଆଲୋଚନା

ବିଷୟରେ ଆଲୋଚନା କରିଥିଲେ । ଉକ୍ତ ଅଞ୍ଚଳରେ ମୀରାବେନଙ୍କର ଗସ୍ତ ଲୋକଙ୍କ ଉପରେ ବିଶେଷ ପ୍ରଭାବ ପକାଇଥିଲା । ଏହିସବୁ କାରଣରୁ ଧାମନଗର ଅଞ୍ଚଳରେ ଭାରତ ଛାଡ଼ ଆନ୍ଦୋଳନ ଏକ ଅଭୂତପୂର୍ବ ରୂପ ଧାରଣ କରିଥିଲା ।

ଇତି ମଧ୍ୟରେ ଧୂଷୁରୀରେ ଗୋଟିଏ ଦୁଇଟି ଘଟଣା ଉକ୍ତ ଅଞ୍ଚଳରେ ରାଜନୈତିକ ତତ୍ପରତା ବୃଦ୍ଧି କରାଇଥିଲା । ତନ୍ମଧ୍ୟରୁ ଗୋଟିଏ ଥିଲା ୧୯୪୨ ମସିହା ସେପ୍ଟେମ୍ବର ୫ ତାରିଖ ଦିନର ଘଟଣା । ସେଦିନ ଧୂଷୁରୀଠାରେ ତତ୍କାଳୀନ ବାଲେଶ୍ୱର ଜିଲ୍ଲାର ପୋଲିସ୍ ଏସ୍: ପି: ମେଜର ଜି: ଆର୍: ଜି: ଫକ୍ସଙ୍କୁ କର୍ମୀମାନେ ଘେରାଉ କରିଥିଲେ । ପରେ ପରେ ମଧ୍ୟ ସେଠାରେ ଚୌ..ଦାର ଓ ଦଫାଦାରଙ୍କ ପୋଷାକ ଓ ସରକାରୀ କାଗଜପତ୍ର ଲୋକମାନେ ପୋଡ଼ି ଦେଇଥିଲେ । ଉକ୍ତ ଘଟଣା ପରେ ଧାମନଗରଥାନାର ପୋଲିସ୍ ସବ୍‌ଇନିସ୍‌ପେକ୍ଟର ବାଲେଶ୍ୱରରୁ କିଛି ସଶସ୍ତ୍ର ପୋଲିସ ଫୌଜ ମଗାଇ ଆଣିଲେ । ଉକ୍ତ ସବ୍‌ଇନିସ୍‌ପେକ୍ଟର ଥିଲେ ଜଣେ ଦୁର୍ଦ୍ଦାନ୍ତ ପ୍ରକୃତିର ଲୋକ । ତାଙ୍କ ନାମ ଥିଲା ବଳରାମ ବେହେରା । ଏସ୍: ପି:ଙ୍କୁ ଘେରାଉ ପରେ ସେ ଅତ୍ୟନ୍ତ ନିର୍ମମ ହୋଇ ପଡ଼ିଥିଲେ ।

ଏହା ଥିଲା ସେପ୍ଟେମ୍ବର ୨୦ ତାରିଖର କଥା । ସେଦିନ ମୁରଲୀଧର ଜେନାଙ୍କୁ କୁଆଁସଠାରେ ପୋଲିସ ଗିରଫ କରି ତାଙ୍କ ନିକଟରୁ ଚିଠିଟିଏ ନେଇ ଯାଇଥିଲେ । ସେଥିରେ ଲେଖା ଥିଲା, "ତୁମେ ପ୍ରସ୍ତୁତ ହୁଅ । ୨୫ ତାରିଖ ଦିନ ଆମେ ଭଦ୍ରକ କଚେରୀ ଦଖଲ କରିବା ।" ଏହି ଚିଠି ମୁରଲିଧର ପଣ୍ଡା ଲେଖିଥିବାର ଜଣାପଡ଼ିଥିଲା । ତେଣୁ ତାଙ୍କୁ ଗିରଫ କରିବା ପାଇଁ ୨୧ ତାରିଖ ରାତି ଦୁଇଟା ସମୟରେ ଧାମନଗର ଥାନାରୁ ସବ୍‌ଇନିସ୍‌ପେକ୍ଟର ବଳରାମ ବେହେରାଙ୍କ ଅଧକ୍ଷତାରେ ଏକ ପୋଲିସ ଫୌଜ କଟସାହୀ ଲୁଣିଆ ଅଭିମୁଖେ ଯାତ୍ରା କରିଥିଲେ । ଧାମନଗରରୁ କୋଠାର, କୋଠାରରୁ ଅସୁରାଳୀ ଓ ସେହି ଗ୍ରାମ ନିକଟରେ କପାଳୀ ନଦୀ ପାର ହୋଇ ଶ୍ରୀରଙ୍ଗୀଠାରେ ସେମାନେ ବିଶ୍ରାମ କରିଥିଲେ । ସେଠାରୁ ଭୋର ୫.୩୦ରେ ବାହାରି ମୁରଲୀଧର ପଣ୍ଡାଙ୍କ ଘର କଟସାହି ଗ୍ରାମରେ ପହଞ୍ଚିଲେ ସକାଳ ୬.୩୦ରେ । ତାଙ୍କ ଘର ଘେରାଉ କରିବା ପରେ ସର୍ବତ୍ର ଶଙ୍ଖ, ଘଣ୍ଟା ବାଜି ଉଠିଥିଲା । ଏହା ଶୁଣି ପାର୍ଶ୍ୱବର୍ତ୍ତୀ ଗ୍ରାମ ପଥରଡିହ, ଇଟାପାଳ, ନନ୍ଦୋର, ଖପରପଡ଼ା, ଶ୍ରୀରଙ୍ଗୀ ଆଦି ଗ୍ରାମରୁ ପ୍ରାୟ ୫,୦୦୦ରୁ ୬,୦୦୦ ଲୋକ ଖଣ୍ଡିଏ ଖଣ୍ଡିଏ ବାଡ଼ି ଧରି ସେଠାରେ ରୁଣ୍ଡ ହୋଇ ଯାଇଥିଲେ । ପୋଲିସ ଫୌଜ ମୁରଲିଧର ପଣ୍ଡାଙ୍କ ଘର ଘେରାଉ କରିବା ଦୂରେ ଥାଉ, ସେମାନଙ୍କୁ ଲୋକମାନେ ଘେରି ଯାଇଥିଲେ । ପୋଲିସ ଗଳି ଭିତରେ ରହି ବାହାରକୁ ଆସିପାରିନଥିଲେ । ସେମାନଙ୍କର ଏହି ଅସହାୟ ଅବସ୍ଥା ଦେଖି ସମବେତ ଜନତା ସେମାନଙ୍କଠାରୁ ବନ୍ଧୁକ ଓ ଗୁଳି ଛଡ଼ାଇ ନେଇଥିଲେ । ସେଠାରେ ପହଞ୍ଚିବା ପରେ ପୋଲିସ ଫୌଜ କାକୁତି ମିନତି କରି କହିଥିଲେ, 'ଭାଇ, ଆମେ ତୁମମାନଙ୍କର ଭାଇ, ତୁମେ ଆମର ସ୍ୱାଧୀନତା ପାଇଁ ଲଢୁଛ । ଦେଶ ସ୍ୱାଧୀନ ହେଲେ ଆମେ ଉପଭୋଗ କରିବୁ । ଯେତେବେଳେ ସରକାରଙ୍କ ଦାନ ଖାଉଛୁ, ଆମେ କରିବୁ କ'ଣ ? ବନ୍ଧୁକ ନଦେଲେ ଆମ ଦାନାପାଣୀ ଗୁଳିଯିବ । ଆମେ କେବେ ତୁମ ନେତାଙ୍କୁ ଗିରଫ କରିବୁ ନାହିଁ ।' ଏହାଶୁଣି ସରଳ ବିଶ୍ୱାସୀ ଲୋକମାନେ ମଝିରେ ଗୋଟିଏ ଗାରଟାଣି କହିଥିଲେ 'ତୁମେ ଗୁଳି ବନ୍ଧୁକ ନିଅ । ମାତ୍ର ଆମେ ସେ ଗାର ପାରି ହୋଇ ଆଗକୁ ଯିବୁ ନାହିଁକି ତୁମେ ମଧ୍ୟ ପଛକୁ ଫେରିବ ନାହିଁ ।" ପଛରୁ ମୁରଲୀଧର ପଣ୍ଡା ପାଟି କରି କହୁଥାଆନ୍ତି 'ବନ୍ଧୁକ ଫେରାଅ ନାହିଁ । ସେମାନେ ବିଶ୍ୱାସ ଘାତକ । ତାଙ୍କୁ ତୁମେ ଚିହ୍ନିନାହଁ ।" ମାତ୍ର ସେତେବେଳକୁ ସେମାନେ ବନ୍ଧୁକ ଫେରାଇ ଦେଇ ସାରିଥିଲେ । ସତକୁ ସତ ବନ୍ଧୁକ ଫେରିପାଇବା ମାତ୍ରେ ସବ୍‌ଇନିସ୍‌ପେକ୍ଟର ବଳରାମ ବେହେରା ଆଦେଶ ଦେଇଥିଲେ ଗୁଳିମାରିବା ପାଇଁ । ଠିକ୍ ସେଇଠି ପୋଲିସ ଫୌଜ ବୁଲିପଡ଼ି ଗୁଳି ମାରିଥିଲେ । ଏହା ଥିଲା ସକାଳ ୮.୩୦ ସମୟର କଥା । ଗୁଳିମାରିବା ପାଇଁ ପ୍ରସ୍ତୁତ ହେଉଥିବାର ଦେଖି ନିଧି ମହାଲିକ କହିଥିଲେ ବେଇମାନ ପୋଲିସ, ତୁମେ ଆମଠୁ ସରଳ ବିଶ୍ୱାସରେ ବନ୍ଧୁକ ନେଇଗଲ । ଗୁଳି ମାରିବାକୁ ଯାଉଛ ।" ଏକଥା ଶୁଣି ପୋଲିସ ପ୍ରଥମେ ତାଙ୍କୁ ହିଁ ଲକ୍ଷ୍ୟକରି ଗୁଳି ମାରିଥିଲେ । ଗୁଳି ଖାଇ ସେ କହିଥିଲେ 'ମୋତେ ପାଣିଦେବା ଦରକାର ନାହିଁ । ମୁଁ ଗଲିଲି । ମୋର ଛୁଆ ପିଲାଙ୍କୁ ଦେଖିବ । ଆନ୍ଦୋଳନ ଚଳାଇଥିବ ।" ଏତିକି କହିବାପରେ ତାଙ୍କର ପ୍ରାଣବାୟୁ ଉଡ଼ି ଯାଇଥିଲା । ପରେ ପରେ ଅନ୍ୟ ୧୩ ଜଣଙ୍କ ଦେହରେ ଗୁଳି ବାଜିଥିଲା । ସେଠାରେ ୬ ଜଣଙ୍କର ମୃତ୍ୟୁ ହୋଇଥିଲା । ସେଠାରେ ଉପସ୍ଥିତ ଜନତା ମୁରଲୀଧର ପଣ୍ଡାଙ୍କ ନିର୍ଦ୍ଦେଶ କ୍ରମେ ଶବ ଓ ଆହତ ବ୍ୟକ୍ତିଙ୍କୁ ଶୋଭାଯାତ୍ରାରେ ନେଇ ଆସିଥିଲେ ଭଦ୍ରକ ଡାକ୍ତର ଖାନା । ବାଟରେ ଅନ୍ୟ ୩ ଜଣଙ୍କର ମୃତ୍ୟୁ ହୋଇଥିଲା । ଶୋଭା ଯାତ୍ରାରେ ପ୍ରାୟ ୫୦୦ ଜଣ ନେତା ଯୋଗ ଦେଇଥିଲେ । ରାସ୍ତାର ଦୁଇପଟରେ ବହୁ ସ୍ତ୍ରୀ, ପିଲା ଶୋଭାଯାତ୍ରୀକାରୀ ଓ ଶହୀଦମାନଙ୍କୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଡାକ୍ତରଖାନାରେ ଆହତ ବ୍ୟକ୍ତିମାନଙ୍କର ଚିକିତ୍ସା କରାଯାଇଥିଲା ଓ ଭଦ୍ରକ ଡାକ୍ତର ଖାନାର ଅନତି ଦୂରରେ ଲୋକମାନେ ମୃତ ବ୍ୟକ୍ତିଙ୍କୁ ସସମ୍ମାନରେ ପୋଡ଼ି ଦେଇଥିଲେ ।

ଏହିପରି ଭାବେ ଖଡ଼ିଆପଣ ପଡ଼ିଆ ସେପ୍ଟେମ୍ବର ୨୨ ତାରିଖ ଦିନ ସତ୍ୟାଗ୍ରହୀଙ୍କ ରକ୍ତରେ ସ୍ନାତ ହୋଇଥିଲା । ସ୍ୱାଧୀନତା ଲାଭ ପରେ ନବକୃଷ୍ଣ ଚୌଧୁରୀ ଉକ୍ତ ସ୍ଥାନକୁ ଶହୀଦନଗର ନାମରେ ନାମିତ କରାଇଥିଲେ । ସେହିଦିନଠାରୁ ଲୁଣିଆ ଖଡ଼ିଆପଣ ପଡ଼ିଆ ଶହୀଦନଗର ନାମରେ ଖ୍ୟାତ । ଉକ୍ତ ଘଟଣାର ସୁବର୍ଣ୍ଣ ଜୟନ୍ତୀ ଉପଲକ୍ଷେ ଦେଶ ମାତୃକାର ଚରଣ ତଳେ ସେହି ଶୋଣିତ ଅର୍ଘ୍ୟ ଅମର ଶହୀଦଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛି ।

ଏଚ୍–୨/୧୦୧
ନୟାପଲ୍ଲୀ, ଭୁବନେଶ୍ୱର–୧୫ ।

# ସର୍ବ ମଙ୍ଗଲ୍ୟ ମାଙ୍ଗଲ୍ୟେ

ଇଂ ବିଜୟକୁମାର ନାୟକ

ତୁମେ ତ ପରିବ୍ୟାପ୍ତ ଏ ଜଗତର
ସ୍ଥୂଳରେ ଏବଂ ସୂକ୍ଷ୍ମାତି ସୂକ୍ଷ୍ମରେ
ମୋତେ ଶକ୍ତି ଦିଅ,
ଦିବ୍ୟନେତ୍ର ଦିଅ,
ଚେତନା ଦିଅ,
ତୁମକୁ ଦେଖିବି, ଅନୁଭବି ନେବି ଚେତନରେ
ଜଡ଼ରେ ଏବଂ ମହାଜାଗତିକ ସ୍ପନ୍ଦନରେ ।

ତୁମେ ତ ବ୍ୟାପ୍ତ ନିର୍ଗୁଣରେ
ଲୀଳା ରଚ ସଗୁଣରେ
ପ୍ରକୃତିର ଶୋଭାରେ ଆଉ ତା' ରୋଷରେ
ମନୁଷ୍ୟ ସ୍ୱଭାବରେ ଶ୍ୱାପଦର ହିଂସ୍ରତାରେ
ପରମାଣୁର ସ୍ପନ୍ଦନରେ, ପୃଥିବୀର ଦୋଳନରେ
ଜନ୍ମରେ ଆଉ ମୃତ୍ୟୁରେ ।

ତୁମେ ତ ସ୍ଥିତ ଅର୍ଦ୍ଧମାତ୍ରା, ପୂର୍ଣ୍ଣମାତ୍ରୀ
ଏବଂ ବଷଟ୍‌କାରରେ
ନାଦାତ୍ମିକା ତୁମେ, ସ୍ଥିତ ପ୍ରଳୟ ଜଳରେ
ନାନା ରୂପେ ଉଦ୍‌ଭାସିତ ହୁଅ
ଦୁଷ୍ଟର ସଂହାରରେ, ଆର୍ତ୍ତର ପୀଡ଼ନରେ
ଜଗତର କାରଣରେ,
ସୃଷ୍ଟିରେ,
ସୃଜନରେ ଆଉ
ଧ୍ୱଂସରେ ।

ତୁମେ ତ ସୂର୍ଯ୍ୟର ଉତ୍ତାପ,
ଆଉ ଅଗ୍ନିର ଦାହିକା
ମେଘର ବୃଷ୍ଟି ତୁମେ, ମରୁତ ବାହିକା
ପୁରୁଷର ଧୈର୍ଯ୍ୟ ଆଉ ଦାୟିତ୍ୱତା
ନାରୀର ସୌନ୍ଦର୍ଯ୍ୟ, ଲଜ୍ଜ୍ୟା ଆଉ
ସହନଶୀଳତା
ଔଷଧିର ଶକ୍ତି ତୁମେ, ଅମୃତ କଣିକା ।

ତୁମେ ଜାଗି ଥିଲ ଦିନେ ଦେବଙ୍କ ପୁଞ୍ଜରୁ
ଆଜି କିନ୍ତୁ ଜାଗି ଉଠ ଆମର ଅନ୍ତରୁ
ଅସ୍ତ୍ର ରୂପେ ମାଗି ନିଅ, ହିଂସା, ଦ୍ୱେଷ, ଲୋଭ
ସେହି ଅସ୍ତ୍ରେ ଛିନ୍ନ କର ତମଃ ଗୁଣ ସବୁ
ଦିବ୍ୟତାରେ ଭରି ଦିଅ ଜନ ମାନସକୁ ।

ତୁମେ, ଦେଇଥିଲ ପ୍ରତିଶ୍ରୁତି
ଆବିର୍ଭୂତା ହେବ ଦୁର୍ଗମ କାଳରେ
ଯେବେ ପଡ଼ିବ ବିପତ୍ତି
ହେ ପ୍ରକୃତି ତୁମେ ଜାଗି ଉଠ
ଅକାଳେ ବୋଧିତା ଆଜି,
ମହାକାଳରୁ ଆବିର୍ଭୂତା ହୁଅ
ଜଗତରେ ଖେଳି ଯାଉ ତୁମ ତେଜ ଆଉ ଶକ୍ତି ।
ତୁମେ ହିଁ ତ ବିଷ୍ଣୁମାୟା, ଚେତନା ଓ ବୁଦ୍ଧି
ନିଦ୍ରା, କ୍ଷୁଧା, ଛାୟା, ଶକ୍ତି, ତୃଷ୍ଣା, କ୍ଷାନ୍ତି ଆଉ ଜାତି,
ଲଜ୍ଜା, ଶାନ୍ତି, ଶ୍ରଦ୍ଧା, କାନ୍ତି, ଲକ୍ଷ୍ମୀ ପୁଣି ବୃତ୍ତି,
ସ୍ମୃତି, ଦୟା, ତୁଷ୍ଟି, ମାତୃ, ଭ୍ରାନ୍ତି ଆଉ ଚିତି ।

ତୁମେ ହିଁ ତ ସାଧନାର ଏ ବାଇଶି ପାହାଚ
କୁଣ୍ଡଳୀନୀ ତୁମେ, ଜାଗି ଉଠ 'ମା' ସହସ୍ରାକୁ
ଉଜ୍ଜୀବିତ କର ଚେତନାକୁ
ଅତିକ୍ରମୀ ଏ ବାଇଶି ପାହାଚ
ପରଂ ବ୍ରହ୍ମଙ୍କ ପୂର୍ଣ୍ଣ ନେତ୍ର ଦ୍ୱୟେ ଦେଖିବି–
ତୁମର ଶାଶ୍ୱତ ରୂପକୁ ।

ତୁମର ଆଗମନୀରେ ଜିବା ଦେବି ଜେଜି
ତୁମେ ତ ଭରି ଦେଇଛ ମୋ ଦେହରେ
ଆଳସ୍ୟତା, ଅଜ୍ଞାନତା
ଆଉ ମହିଷାର ରିପୁ ଗୋଟି ଗୋଟି
ତୁମରି ଶାଣିତ ଖଡ଼୍‌ଗ ଛିନ୍ନ କରୁ ଏହି ଅଙ୍ଗ ସବୁ
ପ୍ରସନ୍ନତାରେ ଭରି ଦିଅ ମୋର ଅନ୍ତରକୁ ।

ତୁମେ ଆଜି ଅଭିଷିକ୍ତା ହୁଅ ଦେବୀ ସୂକ୍ତର ମନ୍ତ୍ରରେ
ତୁମେ ଆଜି ନିନାଦିତା ହୁଅ ସପ୍ତଶତୀର ମନ୍ତ୍ରରେ
'ସର୍ବ ମଙ୍ଗଳ୍ୟ ମାଙ୍ଗଲ୍ୟେ' ତୁମେ ଆଜି ଜାଗି ଉଠ
ଅମୃତ ବୃଷ୍ଟି ତୁମ ଭରି ଯାଉ ଏ ଧରାରେ ଧରାରେ ।

ଉଦାନ୍ତରଜନ ବିହାର,
ଭୁବନେଶ୍ୱର ।

# କଳିଙ୍ଗର ନୌ–ବାଣିଜ୍ୟ

ଶ୍ରୀ ଶରତ କୁମାର ବିଶ୍ୱାଳ

ଖ୍ରୀ:ପୂ: ୬ଷ୍ଠ ଶତାବ୍ଦୀରେ ଭାରତର ପୂର୍ବ ଉପଖଣ୍ଡରେ ବଙ୍ଗୋପସାଗର କୂଳରେ ଏକ ଜନପଦର ଅଭ୍ୟୁଦୟ ହୋଇଥିଲା ତାହାହିଁ ହେଉଛି କଳିଙ୍ଗ । କାଳକ୍ରମେ ଏହାର ପରିସୀମା ଉତ୍ତରରେ ଗଙ୍ଗାନଦୀଠାରୁ ଦକ୍ଷିଣରେ ଗୋଦାବରୀ ନଦୀ ଉପତ୍ୟକା ଓ ପୂର୍ବରେ ବଙ୍ଗୋପସାଗରଠାରୁ ପଶ୍ଚିମରେ ବର୍ତ୍ତମାନ ମଧ୍ୟପ୍ରଦେଶର ଅମରକଣ୍ଟକ ପର୍ବତମାଳ ପର୍ଯ୍ୟନ୍ତ ବିସ୍ତୃତ ଥିଲା । ରାଜା ବଳିଙ୍କର ୫ ପୁତ୍ରଙ୍କ ମଧ୍ୟରୁ କଳିଙ୍ଗଙ୍କ ନାମାନୁସାରେ ପ୍ରାଚୀନ କଳିଙ୍ଗର ନାମକରଣ ହୋଇଥିବାର ପୁରାଣରୁ ଜଣାଯାଏ । ଆଉ କେତେକଙ୍କ ମତାନୁସାରେ ପ୍ରାଚୀନ କଳିଙ୍ଗର ଅଧିବାସୀଙ୍କ ନାମାନୁସାରେ ଏ ରାଜ୍ୟର ନାମ କରଣ ହୋଇଛି । କୃଷି କଳିଙ୍ଗର ଅଧିବାସୀମାନଙ୍କର ପ୍ରଧାନ ବୃତ୍ତି ଥିବାରୁ ସେମାନଙ୍କୁ 'କାଲିଙ୍ଗ' ବୋଲି କୁହାଯାଉଥିଲା । ଏହି କାଲିଙ୍ଗଶବ୍ଦରୁ କଳିଙ୍ଗର ନାମକରଣ ହୋଇଥିବାର ଅନୁମାନ କରାଯାଏ । ଏହି ପ୍ରାଚୀନ କଳିଙ୍ଗର ଅଧିବାସୀମାନେ ଦିନେ କଳା, ଭାସ୍କର୍ଯ୍ୟ, ବୀରତ୍ୱ ଓ ନୌବାଣିଜ୍ୟରେ ସାରା ଭାରତ ବର୍ଷର ଅଗ୍ରଭାଗରେ ଥିଲେ ।

ସୁଦୂର ଦରିଆପାରି ଦେଶମାନଙ୍କରେ କଳିଙ୍ଗର ସାଧବ ପୁଅମାନେ ବୋଇତ ନେଇ ବେପାର ବଣିଜକରି କଳିଙ୍ଗବାସୀଙ୍କୁ ଏକ ବୀର ଓ ଯଶସ୍ୱୀ ଜାତି ଭାବେ ସାରା ବିଶ୍ୱରେ ପରିଚିତ କରାଇଥିଲେ ।

ଏହି ରାଜ୍ୟର ସୁଦୀର୍ଘ ସମୁଦ୍ର ଉପକୂଳ ଥିବାରୁ ପ୍ରାଚୀନ କଳିଙ୍ଗର ଅଧିବାସୀମାନେ ନୌବାଣିଜ୍ୟରେ ପରାକାଷ୍ଠା ପ୍ରଦର୍ଶନ କରିଥିଲେ ।

ନୌବାଣିଜ୍ୟ ଜରିଆରେ କଳିଙ୍ଗ ପୁଅ ସମଗ୍ର ସମୁଦ୍ର ଉପରେ ତା'ର ଆଧିପତ୍ୟ ଜାହିର କରିଥିଲା ଓ ସମୁଦ୍ର ଆରପାଖରେ ବାଣିଜ୍ୟ କରି ବସତି ସ୍ଥାପନ କରିଥିଲା ସେଥିପାଇଁ ବୋଧେ କାଳିଦାସ ତାଙ୍କ ରଘୁବଂଶ କାବ୍ୟରେ କଳିଙ୍ଗ ରାଜାଙ୍କୁ 'ମହୋଦଧିପତି' ରୂପେ ବର୍ଣ୍ଣନା କରିଛନ୍ତି । ପ୍ରାଚୀନ ବୌଦ୍ଧଶାସ୍ତ୍ରମାନଙ୍କରେ ବର୍ତ୍ତମାନର ବଙ୍ଗୋପ ସାଗରକୁ କଳିଙ୍ଗସାଗର ନାମରେ ବର୍ଣ୍ଣନା କରାଯାଇଥିବାର ଦେଖିବାକୁ ମିଳେ ।

ଗ୍ରୀକ୍ ପର୍ଯ୍ୟଟକ ଟେଲୋମି ପ୍ରଥମ ଶତାବ୍ଦୀରେ କଳିଙ୍ଗର କେତେଗୁଡ଼ିଏ ସମୃଦ୍ଧଶାଳୀ ନଗର, ବନ୍ଦର ଓ ନଦୀ ବିଷୟରେ ତାଙ୍କ ବିବରଣୀରେ ବର୍ଣ୍ଣନା କରିଛନ୍ତି । ତାଙ୍କ ବର୍ଣ୍ଣିତ ନନୀଗେନ–ପୁରୀ, କୋଣଗର–କୋଣାର୍କ, ପଲଉ–ପଲେଶ୍ୱର, ଅଦମସ–ସୁବର୍ଣ୍ଣରେଖା, କଳର୍ଦ୍ଦମ–କଟକ, ପଲୁରା–ଗଞ୍ଜାମର ଏକ ନଗର, କୋଶସ–ବାଲେଶ୍ୱର, ଦୋସରନେ–ବୈତରଣୀ ପ୍ରଭୃତି ବଡ଼ବଡ଼ ନଦୀ ଓ ବନ୍ଦର ନଗରମାନ ପ୍ରଥମ ଶତାବ୍ଦୀର ବହୁ ପୂର୍ବରୁ ବାଣିଜ୍ୟ କେନ୍ଦ୍ର ଭାବରେ ଗଢ଼ି ଉଠିଥିଲା । ସେ ସମୟରେ ପୁରୀ, କୋଣାର୍କ, ତାମ୍ରଲିପ୍ତ, ଚିଲିକା, ଧାମରା, ସୁବର୍ଣ୍ଣରେଖା, ବାଲେଶ୍ୱର ଓ ସାରଗୋ ପ୍ରଭୃତି ପ୍ରଧାନ ପ୍ରଧାନ ବନ୍ଦର ଦେଇ ସାଧବପୁଅମାନେ ନୌବାଣିଜ୍ୟ କରୁଥିଲେ । ସାଧବପୁଅମାନେ କାର୍ତ୍ତିକ ପୂର୍ଣ୍ଣିମା ଦିନ ପ୍ରତ୍ୟୁଷରୁ ସ୍ନାନକରି ବୋଇତରେ ଗଙ୍ଗାମାତାଙ୍କୁ ନିଜ ରାଜ୍ୟରେ ଉତ୍ପନ୍ନ ହେଉଥିବା ପାନ ଓ ବାହାର ଦେଶରୁ ପାନ ବିନିମୟରେ ଆଣୁଥିବା ଗୁଆ ସମର୍ପଣ କରି ଚୀନ, ଶ୍ୟାମ, ବ୍ରହ୍ମଦେଶ, କାମ୍ବୋଡ଼ିଆ ଓ ସୁବର୍ଣ୍ଣଦ୍ୱୀପ ଆଧୁନିକ ଇଣ୍ଡୋନେସିଆ ଅନ୍ତର୍ଗତ ଜାଭା, ସୁମାତ୍ରା, ବର୍ଣ୍ଣିଓ ବାଲିଦ୍ୱୀପ ଅଭିମୁଖେ ବାଣିଜ୍ୟ କରିବା ଉଦ୍ଦେଶ୍ୟରେ ଜଳଯାତ୍ରା କରୁଥିଲେ । ଏତଦ୍‌ବ୍ୟତୀତ ମାଳୟ, ସିଂହଳ, ସିଙ୍ଗାପୁର ଏପରିକି ସୁଦୂର ରୋମ୍ ଦେଶକୁ ବୋଇତରେ ଯାଇ କଳିଙ୍ଗ ପୁଅମାନେ ବାଣିଜ୍ୟ ବ୍ୟବସାୟ କରୁଥିଲେ । ବ୍ରହ୍ମଦେଶର ପେଗୁ ଅଞ୍ଚଳରେ କଳିଙ୍ଗବାସୀମାନେ ଉପନିବେଶ ସ୍ଥାପନ କରିଥିବାର ମେଘାସ୍ଥିନିସ୍‌ଙ୍କ ବିବରଣୀରୁ ଜଣାପଡ଼େ । ମାର୍ଗଶିର ମାସରେ ଉତ୍ତର ପୂର୍ବ ଦିଗରୁ ପ୍ରବାହିତ ହେଉଥିବା ମୌସୁମୀ ବାୟୁ ସାଧବପୁଅମାନଙ୍କର ବୋଇତଯାତ୍ରା ପାଇଁ ଅନୁକୂଳ ହେଉଥିବାରୁ ପ୍ରାୟ ସେମାନେ କାର୍ତ୍ତିକ ପୂର୍ଣ୍ଣିମା ପରି ଶୁଭ ଓ ପବିତ୍ର ଦିନରେ ଜଳଯାତ୍ରା ଆରମ୍ଭ କରୁଥିଲେ ବୋଲି ଅନୁମାନ କରାଯାଏ । କାରଣ ସେତେବେଳେ ପାଲଟଣା ବୋଇତ ନେଇ ଦକ୍ଷିଣ ପୂର୍ବ ଓ ଦକ୍ଷିଣ ପଶ୍ଚିମ ଦିଗକୁ ସାଧବ ପୁଅମାନେ ନୌ–ବାଣିଜ୍ୟ କରିବାକୁ ଯାଉଥିଲେ । ତେଣୁ କାର୍ତ୍ତିକ ପୂର୍ଣ୍ଣିମାହିଁ ଜଳଯାତ୍ରା ପାଇଁ ପ୍ରକୃଷ୍ଟ ସମୟ ଭାବେ ଧାର୍ଯ୍ୟ ହୋଇଥିବାର ଅନୁମାନ କରାଯାଏ । ଏହି ଦିନ ପ୍ରତ୍ୟୁଷରୁ ସାଧବ ବୋହୂମାନେ ସ୍ନାନସାରି ବନ୍ଦାପନା ଥାଳି ହାତରେ ଧରି ବୋଇତ ବନ୍ଦାଣ କରୁଥିଲେ ଓ ନିଜନିଜର ସ୍ୱାମୀମାନେ ସର୍ବକୁଶଳରେ ବାଣିଜ୍ୟ ସାରି ଫେରି ଆସିବା ପାଇଁ ଗଙ୍ଗାମାତାଙ୍କୁ ପ୍ରାର୍ଥନା କରି ସାଧବ ପୁଅଙ୍କର ଶୁଭ ମନାସି ବିଦାୟ ଦେଉଥିଲେ । ବନ୍ଦରମାନଙ୍କରେ ଅନ୍ୟାନ୍ୟ ଜ୍ଞାତିକୁଟୁମ୍ବ ଓ ଆତ୍ମୀୟ ସ୍ୱଜନମାନେ ଉପସ୍ଥିତ ରହି ସାଧବ ପୁଅମାନଙ୍କୁ ବିଦାୟ ଦେଉଥିଲେ । ସମଗ୍ର ବନ୍ଦର, ନଗରୀ ଉତ୍ସବ ମୁଖରିତ ହୋଇ ଉଠୁଥିଲା । କଳିଙ୍ଗରେ ଉତ୍ପାଦନ ହେଉଥିବା ମସଲା, ପାନ, ହୀରା, ମୂଲ୍ୟବାନ ପଥର,

ହାତୀଦାନ୍ତ ଓ ହାତୀଦାନ୍ତରେ ନିର୍ମିତ ସୂକ୍ଷ୍ମ କାରୁକାର୍ଯ୍ୟ, ସୂକ୍ଷ୍ମ ଓ ସୁନ୍ଦର ବସ୍ତ୍ର, ପାଟଲୁଗା ଇତ୍ୟାଦି, ବିଦେଶକୁ ବୋଇତରେ ବୋଝେଇ କରି ରପ୍ତାନି କରିବା ନିମନ୍ତେ ସାଧବପୁଅମାନେ ନେଉଥିଲେ । ସିଂହଳକୁ ହାତୀ ମଧ୍ୟ ରପ୍ତାନି ହେଉଥିଲା । ବିଦେଶରେ ବାଣିଜ୍ୟ ସାରି ସାଧବ ପୁଅ ଫେରିଆସୁଥିଲା, ବୋଇତରେ ଅଜସ୍ର ଧନସମ୍ଭାର ଧରି କଳିଙ୍ଗକୁ । ବିଦେଶରୁ ମୁକ୍ତା, ସୁନା, ରୁପା, ରେଶମବସ୍ତ୍ର, ଗୁଆ, ମୂଲ୍ୟବାନ ରତ୍ନ, କଳାମେଘାପାଟ, ମେଘଡ଼ମ୍ବରୁ ଶାଢ଼ୀ ଇତ୍ୟାଦି ଆମଦାନୀ କରି କଳିଙ୍ଗକୁ ଆଣୁଥିଲେ ।

ଆଜି ବି ପ୍ରାଚୀନ କଳିଙ୍ଗର ନୌ–ବାଣିଜ୍ୟର ସ୍ମାରକୀ ବହନ କରି ଓଡ଼ିଶାର ପୁରପଲ୍ଲୀରେ ଅନେକଗୁଡ଼ିଏ ପର୍ବପାଳନ କରାଯାଉଛି । ତନ୍ମଧ୍ୟରୁ କାର୍ତ୍ତିକ ପୂର୍ଣ୍ଣିମାରେ ବାଲିଯାତ୍ରା ଓ ବୋଇତ ବନ୍ଦାଣ, ଚୈତ୍ର ପୁନେଇଁରେ ଘୋଡ଼ାନାଚ, ଭାଦ୍ରବ ମାସରେ ଖୁଦୁରୁକୁଣୀ ଓଷା, ଦୀପାବଳିରେ ବୋଇତ ଝୋଟି ଇତ୍ୟାଦି ଚିରାଚରିତ ପ୍ରଥାନୁସାରେ ପାଳିତ ହେଉଛି । ପ୍ରାଚୀନ ବୋଇତ ଯାତ୍ରାର ସ୍ମୃତିକୁ ପାଳନ କରିବା ନିମନ୍ତେ ଏବେ ବି ଓଡିଶାର ଲୋକମାନେ କାର୍ତ୍ତିକ ପୂର୍ଣ୍ଣିମା ଦିନ ପ୍ରତ୍ୟୁଷରୁ ନଈ, ନାଳ, ପୋଖରୀ ଓ ସମୁଦ୍ରରେ ସ୍ନାନକରି ଶୋଲ ଓ କଦଳୀ ବାସୁଣାରେ ନିର୍ମିତ ରଙ୍ଗ ବେରଙ୍ଗର ଡଙ୍ଗାମାନ ଭସାଇଥାନ୍ତି । ପ୍ରତ୍ୟେକ ଗ୍ରାମ ଓ ସହର ନଦୀ କୂଳ ଓ ଘାଟ କାର୍ତ୍ତିକ ପୂର୍ଣ୍ଣିମା ଦିନ ପ୍ରତ୍ୟୁଷରୁ ଏକ ଯାତ୍ରା ବା ମେଳା ଭଳି ପ୍ରତୀୟମାନ ହୁଏ । ସୁଜଜ୍ଜିତ ବୋଇତରେ ଜଳୁଥିବା ଦୀପବତିର ଆଲୋକ ଜଳରେ ପ୍ରତିଫଳିତ ହୋଇ ଏକ ମନୋରମ ଦୃଶ୍ୟ ସୃଷ୍ଟି କରିଥାଏ । କଟକ ଗଡ଼ଗଡ଼ିଆଘାଟଠାରେ କାର୍ତ୍ତିକ ପୂର୍ଣ୍ଣିମାଠାରୁ ଆରମ୍ଭ ହୋଇ ସାତଦିନ ଧରି ଚାଲୁଥିବା ବାଲିଯାତ୍ରା ଅନ୍ୟାନ୍ୟ ସ୍ଥାନରେ ଅନୁଷ୍ଠିତ ହେଉଥିବା ସ୍ମାରକୀ ଯାତ୍ରାଠାରୁ ମହାସମାରୋହରେ ପାଳିତ ହୁଏ । ଏହି ଯାତ୍ରା ବାଲିଯାତ୍ରା ନାମରେ ସାରା ଓଡ଼ିଶାର ପୁରପଲ୍ଲୀରେ ବିଖ୍ୟାତ ଲାଭ କରିଛି । ପ୍ରତିବର୍ଷ ହଜାର ହଜାର ଲୋକ ଓଡ଼ିଶାର ବିଭିନ୍ନ ଜାଗାରୁ ଏ ଯାତ୍ରା ଦେଖିବା ପାଇଁ ଆସିଥାନ୍ତି । ଏତଦ୍‌ବ୍ୟତୀତ ପାରାଦ୍ୱୀପ ବନ୍ଦରରେ ମଧ୍ୟ କାର୍ତ୍ତିକ ପୂର୍ଣ୍ଣିମା ଦିନ ପ୍ରାଚୀନ ବୋଇତ ଯାତ୍ରାର ସ୍ମୃତି ବହନକରି ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୁଏ ।

ସୁଖର କଥା ସମୃଦ୍ଧଶାଳୀ ପ୍ରାଚୀନ କଳିଙ୍ଗର ନୌବାଣିଜ୍ୟର ସ୍ମୃତି ସ୍ମରଣ ନିମନ୍ତେ ଓଡ଼ିଶା ସରକାର ଗତବର୍ଷ ନଭେମ୍ବର ୯ ତାରିଖ କାର୍ତ୍ତିକ ପୂର୍ଣ୍ଣିମା ଦିନ ପାରାଦ୍ୱୀପ ବନ୍ଦରରୁ ଇଣ୍ଡୋନେସିଆର ବାଲିଦ୍ୱୀପ ଅଭିମୁଖେ ଏକ ଐତିହାସିକ ନୌଯାତ୍ରା ଆରମ୍ଭ ହୋଇଥିଲା । ଭାରତୀୟ ନୌବାହିନୀର ଜାହାଜ ଆଇ: ଏନ୍: ଏସ୍:–'ସମୁଦ୍ର' କାର୍ତ୍ତିକ ପୂର୍ଣ୍ଣିମା ଦିନ ସକାଳରୁ ବାଲୀଦ୍ୱୀପ ଅଭିମୁଖେ ସାତଜଣ ନୌ–ଅଭିଯାତ୍ରୀଙ୍କୁ ଧରି ଯାତ୍ରା ଆରମ୍ଭ କରିଥିଲା । ଏଥିରେ ଜଣେ ଓଡ଼ିଆ ସ୍ଥାନ ପାଇଥିଲେ । ଓଡ଼ିଶାର ପାରାଦ୍ୱୀପ ବନ୍ଦରରୁ ଏହି ଐତିହାସିକ ବାଲିଦ୍ୱୀପ ଯାତ୍ରା ଆରମ୍ଭ ହୋଇ ଓ ଏହି ନୌ–ଅଭିଯାତ୍ରୀମାନେ ଇଣ୍ଡୋନେସିଆର ବାଲିଦ୍ୱୀପରେ ପହଞ୍ଚିଥିଲେ । ଓଡ଼ିଶାର ବନ୍ଦର ଗୋପାଳପୁର ବାଟ ଦେଇ ଭାଇଜାଗ୍, ମାଡ୍ରାଜ, କାମ୍ବେଲ, ବେ ଅଫ୍ ନିକୋବର ଥାଇଲାଣ୍ଡ, ବେଙ୍କାଙ୍ଗ ଏବଂ ଇଣ୍ଡୋନେସିଆର ଜାକର୍ତ୍ତା ଓ ସୁରବାୟା ଆଦି ବନ୍ଦର ଦେଇ ଏହି ଜାହାଜ ଯାତ୍ରାକରି ବାଲିଦ୍ୱୀପରେ ପହଞ୍ଚିବ । ସେଠାରେ ଜାହାଜ ପହଞ୍ଚିଲା ପରେ ୧୯୯୩ ମସିହା ଜାନୁଆରୀ ୩୧ ତାରିଖ ଦିନ ନୌ ଅଭିଯାତ୍ରୀମାନଙ୍କୁ ସମ୍ବର୍ଦ୍ଧନା ଦେବା ଲାଗି ଏକ ଉତ୍ସବ ଅନୁଷ୍ଠିତ ହେବା ସଙ୍ଗେ ସଙ୍ଗେ ଓଡ଼ିଶା ଉତ୍ସବ ଉଦ୍‌ଯାପିତ ହୋଇଥିଲା । ଏହି ଐତିହାସିକ ସ୍ମୃତିସ୍ମରଣ ଓଡ଼ିଶାର ଯୁବକ ଯୁବତୀମାନଙ୍କ ପାଇଁ ନିଶ୍ଚିତ ଭାବରେ ଏକ ପ୍ରେରଣାର ଉତ୍ସ ହେବ ।

ଅଧ୍ୟକ୍ଷ, ସରକାରୀ ଉଚ୍ଚତର ମାଧ୍ୟମିକ ବିଦ୍ୟାଳୟ,
ସାଲେପୁର, କଟକ ।




ଭୁବନେଶ୍ୱରଠାରେ ରାଜ୍ୟ ସମବାୟ ବ୍ୟାଙ୍କ ସମ୍ମିଳନୀ ଗୃହରେ ରାଜ୍ୟ ଶିଶୁକଲ୍ୟାଣ ପରିଷଦ ଦ୍ୱାରା ଆୟୋଜିତ ପୂର୍ବାଞ୍ଚଳ ଆଞ୍ଚଳିକ ପରିଷଦ ବୈଠକରେ ଭାରତ ଶିଶୁକଲ୍ୟାଣ ପରିଷଦର ଅଧ୍ୟକ୍ଷା ଶ୍ରୀମତୀ ବିଦ୍ୟାବେନ ଶାହା ଅଧ୍ୟକ୍ଷତା କରୁଛନ୍ତି ।

# ଓଡ଼ିଶା ବାହାରେ ଜଗନ୍ନାଥ

ଶ୍ରୀ ଅନନ୍ତ ରାମ କର କୌଣ୍ଡିନ୍ୟ

ଶ୍ରୀ ଜଗନ୍ନାଥ ଚେତନା ଏକ ନିର୍ଦ୍ଦିଷ୍ଟ ଧର୍ମ ନ ହୋଇ ମଧ୍ୟ ଓଡ଼ିଶା ବାହାରେ ଭାରତ ତଥା ପୃଥିବୀର ଅନେକ ସ୍ଥାନରେ ପ୍ରସାର ଲାଭ କରିଛି । ଭାରତର ବିଭିନ୍ନ ସ୍ଥାନରେ ଥିବା ଯେ କୌଣସି ଆଞ୍ଚଳିକ ଦେବତାଙ୍କ ମଧ୍ୟରେ ଜଗନ୍ନାଥ ହିଁ ଅଧିକ ପ୍ରସାରବନ୍ତ, ଏକଥା ଅନୁମାନ କରିହୁଏ । ଚତୁର୍ଦ୍ଦଶ ଶତାବ୍ଦୀ ବେଳକୁ ଭାରତର ବିଭିନ୍ନ ସ୍ଥାନରେ ଜଗନ୍ନାଥ ଚେତନା ପହଞ୍ଚିସାରିଛି । ତତ୍କାଳୀନ ଭାରତର ଜୟପୁର, ପଞ୍ଜାବ, ମହାରାଷ୍ଟ୍ର, ବର୍ଦ୍ଧମାନ, ବିକାନୀର, ମଧ୍ୟପ୍ରଦେଶ, ବାଙ୍କୁଡ଼ା, ପଶ୍ଚିମ ବଙ୍ଗ, ଆସାମ, ମଣିପୁର, ଛୋଟନାଗପୁର, ଆନ୍ଧ୍ର ଅଞ୍ଚଳରେ ଜଗନ୍ନାଥ ଚେତନା ପ୍ରସାର ଲାଭ କରିପାରିଥିଲା । ପରବର୍ତ୍ତୀ କାଳରେ ନେପାଳ, ନ୍ୟୁୟର୍କ, ଲଣ୍ଡନ, ସାନ୍‌ଫ୍ରାନ୍‌ସିସ୍‌କୋ, କାନାଡ଼ା, ମସ୍କୋ, ମରିସସ୍, ବର୍ମା, ଜାପାନ, ପ୍ରଭୃତି ସ୍ଥାନରେ ଜଗନ୍ନାଥ ଚେତନାର ପ୍ରସାର ଘଟି ମନ୍ଦିର ନିର୍ମାଣ ହେଲା । ଏପରିକି ନୌ–ବାଣିଜ୍ୟ କାଳରେ ଓଡ଼ିଆମାନେ ଦରିଆ ସେପାରି ବ୍ରହ୍ମଦେଶ, ୟୁନାନ୍, ଚମ୍ପା, ବାଲିଦ୍ୱୀପ ପ୍ରଭୃତି ଅଞ୍ଚଳରେ ଜଗନ୍ନାଥ ଚେତନା ପ୍ରସାର ଘଟାଇଥିଲେ । କିନ୍ତୁ ଜଗନ୍ନାଥଙ୍କ ମହିମା ପ୍ରସାର ପାଇଁ କୌଣସି ପ୍ରଚାରକ ଉଦ୍ୟମ କରିନାହାନ୍ତି । ଜଗନ୍ନାଥ ଜଗତର ନାଥ । ସ୍ୱତଃ ସେ ବିଶ୍ୱ ପ୍ରସାରୀ ।

ଛଅ ଶହ ବର୍ଷ ପୂର୍ବେ ରାଜସ୍ଥାନର ରାଜଧାନୀ ଜୟପୁରର ସାବାଇ ରାଜାମାନେ ଶ୍ରୀକ୍ଷେତ୍ରକୁ ଆସିଥିବା ଐତିହାସିକ ପ୍ରମାଣ ରହିଛି । ଶ୍ରୀକ୍ଷେତ୍ର ଦର୍ଶନରୁ ଫେରି ସେମାନେ ଜୟପୁରଠାରେ ଏକ ଜଗନ୍ନାଥ ମନ୍ଦିର ନିର୍ମାଣ କରିଥିଲେ । ପଞ୍ଜାବ କେଶରୀ ରଣଜିତ ସିଂହ ବାହାଦୁର ୧୮୦୯ରେ ପୁରୀ ଆସି ପଞ୍ଜାବୀ ମଠ ପ୍ରତିଷ୍ଠା କରିବା ସହ ପଶ୍ଚିମ ଦ୍ୱାର ତୋରଣ ମଣ୍ଡପ ନିର୍ମାଣ କରିଥିଲେ । ଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ରଣଜିତ ସିଂହ ପ୍ରଦାନ କରିଥିବା "କୋହିନୁର ହୀରା" ଚଣ୍ଡନ୍ତ ଜମେ ଠିକି ଇଂଲଣ୍ଡରେ ରହିଛି । ମହାରାଷ୍ଟ୍ରରେ ଜଗନ୍ନାଥଙ୍କ ମହିମା ଅପାର । ମହାରାଷ୍ଟ୍ରର ରାଜା ରଘୁଜୀ ଭୌସଲା, ଶିବାଜୀ ପଣ୍ଡିତ, ଭବାନୀ ପଣ୍ଡିତ ପ୍ରମୁଖ ଜଗନ୍ନାଥଙ୍କୁ ବିସ୍ତର ଭୂସମ୍ପତ୍ତି ଦାନ କରିଛନ୍ତି । ମାଳବ ରାଜ୍ୟର ରାଣୀ ଅହଲ୍ୟା ବାଈଙ୍କ ସ୍ମୃତିରେ ତାଙ୍କ କନ୍ୟା ମୁକ୍ତାବାଈ ଗଙ୍ଗାନଦୀ ହୁଗୁଳୀ ଜଗନ୍ନାଥ ଘାଟଠାରୁ ସ୍ୱର୍ଗଦ୍ୱାର ପର୍ଯ୍ୟନ୍ତ ଜଗନ୍ନାଥ ମାର୍ଗ ନିର୍ମାଣ କରିଥିଲେ । ସେହିପରି ଛୋଟନାଗପୁର ଭୌସଲା ପରିବାର ଜଗନ୍ନାଥଙ୍କ ପାଇଁ ବାର୍ଷିକ ଲୁଗା ନାଗପୁରୀ ଜଗନ୍ନାଥଙ୍କ ନିକଟକୁ ପଠାଉଥିଲେ । ବଙ୍ଗ ଦେଶର ବର୍ଦ୍ଧମାନ ରାଜପରିବାର ଜଗନ୍ନାଥଙ୍କ ପରମ ଭକ୍ତ । ଏହି ରାଜବଂଶର ଧର୍ମବୀର କୀର୍ତ୍ତିଚନ୍ଦ୍ର ବଙ୍ଗର ବର୍ଦ୍ଧମାନ, ତାଲାନା, ରାଣୀଗଞ୍ଜ, ଶ୍ୟାମ ବଜାର ପ୍ରଭୃତି ସ୍ଥାନରେ ଜଗନ୍ନାଥଙ୍କ ପୂଜା ପ୍ରଚଳନ କରିଥିଲେ । ଏଥି ସହ ସେ ପୁରୀ ମାର୍କଣ୍ଡ ପୋଖରୀ ପାହାଚ ନିର୍ମାଣ ଓ କାଞ୍ଚନ ନଗରରେ ରଥଯାତ୍ରା ପ୍ରଚଳନ କରିଥିଲେ । ରାଜସ୍ଥାନ ବିକାନୀର ରାଜପରିବାରର "ଡୁଙ୍ଗର ସିଂହ" ବିକାନୀରଠାରେ ଏକ ଜଗନ୍ନାଥ ମନ୍ଦିର ନିର୍ମାଣ କରିଥିଲେ । ମଧ୍ୟପ୍ରଦେଶ ବିଳାସପୁର ନିକଟ ରତ୍ନପୁରଠାରେ ପ୍ରାଚୀନ କାଳରେ ଦୁଇଟି ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ହୋଇଛି । ମଧ୍ୟପ୍ରଦେଶର ସାରଙ୍ଗଗଡ଼ (୧୬୯୭) ରାୟଗଡ଼ (୧୬୧୭) ଠାରେ ଦୁଇଟି ପ୍ରାଚୀନ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ହୋଇଥିଲା । ସେହିପରି ବଙ୍ଗର ବାଙ୍କୁଡ଼ାଠାରେ ୧୩୫୮ରେ ଏକ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ହୋଇଥିଲା । ମଣିପୁର ରାଜଧାନୀ ଇମ୍ଫାଲଠାରେ ରାଜର୍ଷି ଭାଗ୍ୟଚନ୍ଦ୍ର ରଥଯାତ୍ରା ଓ 'ଗୀତଗୋବିନ୍ଦ ଗାନ' ଆଦି ପ୍ରଚଳନ କରିଥିଲେ । ବର୍ତ୍ତମାନ ସୁଦ୍ଧା ଏହା ଜୟଦେବ ଯାତ୍ରା ନାମରେ ଖ୍ୟାତ । ବିହାର, ଛୋଟନାଗପୁର, ନାଗବଂଶୀମାନେ ୧୬୮୩ରେ ଦୋଏସା ଗଡ଼ ଓ ଜଗନ୍ନାଥପୁରଠାରେ ୧୬୯୧ ମସିହାରେ ଦୁଇଟି ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା କରିଥିଲେ । ବର୍ତ୍ତମାନ ସୁଦ୍ଧା ଏଠାରେ ରଥଯାତ୍ରା ପ୍ରଚଳିତ । ଆନ୍ଧ୍ରପ୍ରଦେଶର ସୋମପେଣ୍ଟ ନିକଟ ସାବକୋଟା ଓ ଶ୍ରୀକାକୁଳମ୍‌ଠାରେ ପ୍ରାଚୀନ ଜଗନ୍ନାଥ ମନ୍ଦିର ରହିଛି । ସେହିପରି ଦିଲ୍ଲୀ, କଲିକତା, ବିଜୟନଗର, ବମ୍ବେ 'ପ୍ରଭୃତି ସ୍ଥାନରେ ଜଗନ୍ନାଥ ମନ୍ଦିର ରହିଛି ।

ନେପାଳ ରାଜପରିବାର ଶ୍ରୀ ଜଗନ୍ନାଥଙ୍କ ପରମ ଭକ୍ତ । ନେପାଳ ରାଜାଙ୍କ ପାଇଁ ଶ୍ରୀ ମନ୍ଦିରରେ ସ୍ୱତନ୍ତ୍ର ଦେବନୀତିର ସୁଯୋଗ ଦିଆଯାଇଛି । ନେପାଳରୁ ବିଷ୍ଣୁଶିଳା ଶ୍ରୀକ୍ଷେତ୍ରକୁ ଅଣାଯାଇଥିଲା । ଶହ ଶହ ବର୍ଷ ପୂର୍ବରୁ ଜଗନ୍ନାଥଙ୍କ ମହିମା ଭାରତର ବିଭିନ୍ନ ପ୍ରାନ୍ତରରେ ଏତେମାତ୍ରାରେ ପ୍ରଭାବ ବିସ୍ତାର କରିଛି ଯେ ମଣିପୁର, ଗୁଜୁରାଟ, ରାଜସ୍ଥାନ ଭଳି ଦୂରାନ୍ତ ଅଞ୍ଚଳରୁ ଲୋକମାନେ ପୁରୀ ଆସୁଥିଲେ । ସେ କାଳରେ ଆଜିଭଳି ଗମନାଗମନର ସୁବିଧା ନ ଥିଲା । ତଥାପି ବହୁ ବାଧାବିଘ୍ନ ସତ୍ତ୍ୱେ ଲୋକମାନେ ପାଦରେ ଚାଲି ଚାଲି ପୁରୀ ଆସୁଥିଲେ । ଦୀର୍ଘ ୩ ମାସକାଳ ଚାଲି ଚାଲି ଆସିବା ବାଟରେ ଅନେକ ପ୍ରକାର ରୋଗ ତଥା ଦୁର୍ଘଟଣାରେ ସମ୍ମୁଖୀନ ହେଉଥିଲେ । ବର୍ତ୍ତମାନ ସୁଦ୍ଧା ଆସାମର ଲୋକ ସଂସ୍କୃତିରେ ଜଗନ୍ନାଥଙ୍କ ପ୍ରଭାବ ଅତ୍ୟନ୍ତ ଅନ୍ତରଙ୍ଗ । ଐତିହାସିକ ଅନୁଧ୍ୟାନରୁ ଜଣାଯାଏ ୧୫୮୩ରେ ଆସାମର ରାଜା ଜଗନ୍ନାଥଙ୍କ ଦର୍ଶନରେ ଆସି ଜଗନ୍ନାଥଙ୍କୁ ଭୋଗ ପ୍ରଦାନ କରିଥିଲେ । ଆହୋମ ରାଜା ଜୟସିଂହଙ୍କ ଆଦେଶ

ପୁରୀରେ ଶ୍ରୀକ୍ଷେତ୍ରରୁ ବଂଶୀବାଦନ ବିଗ୍ରହ ନିଆଯାଇ ଗଡ଼ଗ୍ରାମର ମୂଳରେ ପ୍ରତିଷ୍ଠା କରାଯାଇଥିଲା । ଆସାମର ଶ୍ରେଷ୍ଠ କବି ଶଙ୍କର ଦେବ (୧୪୪୯–୧୫୬୮) ଓ ତାଙ୍କର ଶିଷ୍ୟମାନେ ଶ୍ରୀକ୍ଷେତ୍ର ଆସି ଏକ ବର୍ଷ ରହଣି କରି "ଉତ୍କଳ ଦର୍ଶନ" କାବ୍ୟ ରଚନା କରିଥିଲେ । ଆସାମର ଅନ୍ୟତମ ଶ୍ରେଷ୍ଠ କବି ଶ୍ରୀଧର ନିଜଳି ମୂଳସ୍ଥ କୀର୍ତ୍ତନ (ଗୁଣ୍ଡିଚା କୀର୍ତ୍ତନ) ମଧ୍ୟ ରଚନା କରିଥିଲେ । ବର୍ତ୍ତମାନ ସୁଦ୍ଧା ଆସାମର ପୂଜା ପାର୍ବଣରେ ଜଗନ୍ନାଥଙ୍କ ପ୍ରଭାବ ସ୍ପଷ୍ଟ ରହିଛି । ଆସାମ ନାମରୂପ ଜିଲ୍ଲାର ଚଟାଲକୁରି, ବେଲବାରି, ମିତାନୀ, ଗୁଗୁମାନ, ଗୋଆଲ ପାରା, ଜିଲ୍ଲାର ମାଜଗାଓଁ, ବେଗୁନାଗାଓ, ଗୋଆଲପାରା ପ୍ରଭୃତି ସହରରେ ଜଗନ୍ନାଥଙ୍କ ମନ୍ଦିର ଅଛି । ପ୍ରତ୍ୟେକ ବର୍ଷ ବୈଶାଖ ସଂକ୍ରାନ୍ତିରେ ଆସାମର ଝିଅମାନେ ଜଗନ୍ନାଥଙ୍କ କୌତୁକ ବାହାଘର ନାମକ ଏକ ପର୍ବ ମଧ୍ୟ ଆସାମରେ ପାଳିତ ହୁଏ । ଏକ କଦଳୀ ଗଛକୁ ଜଗନ୍ନାଥ ମନେକରି ଏହି ବିବାହ ଉତ୍ସବ ପାଳନ କରିଥାନ୍ତି । କାମରୂପ ଜିଲ୍ଲାର ସନ୍ଧେଲୀ ଏକ ସୁନ୍ଦରୀ ଦିଆ ଆଦି ଶାରେ 'ଜଗନ୍ନାଥର ସଭା" ନାମରେ ଏକ ମେଳା ଅନୁଷ୍ଠିତ ହୁଏ ।

ଆସାମର ଲୋକ ସଂସ୍କୃତିରେ ଜଗନ୍ନାଥଙ୍କ ମହିମା ଅତ୍ୟନ୍ତ ଲୋକପ୍ରିୟ । ଦକ୍ଷିଣ ଦିଲ୍ଲୀର "ହାଉଜଖାସ୍"ଠାରେ ଶ୍ରୀନୀଳାଚଳ ସେବା ସଙ୍ଘ ନାମରେ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ହୋଇଛି । ୧୯୭୯ ମସିହାରେ କଳାହାଣ୍ଡି ରାଜା ଶ୍ରୀ ପ୍ରତାପ କେଶରୀ ଦେଓ ଲୋକସଭା ସଦସ୍ୟ ଥିବା କାଳରେ ଏହି ଜଗନ୍ନାଥ ମନ୍ଦିର ଆରମ୍ଭ କରିଥିଲେ । ପ୍ରତିବର୍ଷ ଏଠାରେ ରଥଯାତ୍ରା ମଧ୍ୟ ପାଳିତ ହୁଏ । ଏହି ସବୁ ଦୃଷ୍ଟାନ୍ତରେ ଅନୁମିତ ଯେ ଜଗନ୍ନାଥ କୌଣସି ଧର୍ମ କିମ୍ବା ଆଞ୍ଚଳିକତା ମଧ୍ୟରେ ସୀମିତ ନୁହନ୍ତି । ଭାରତର ବିଭିନ୍ନ ଅଞ୍ଚଳ ତଥା ଭାରତ ବାହାରେ ମଧ୍ୟ ଜଗନ୍ନାଥଙ୍କ ମହିମା ଅପାର । ତଥାପି ଏଠି ଅନୁମାନ କରିବା କଥା ଓଡ଼ିଶା ଉପକୂଳରେ ଥିବା ହସ୍ତପଦ ବିହୀନ କାଷ୍ଠମାଦଳୀ ବିଗ୍ରହ ସର୍ବାଧିକ ପ୍ରସାରଶାଳୀ ଦେବତା । କଳାଠାକୁର କଳାର ଠାକୁର । ସତେ ଅବା–"ସେ କଳା ଜଗତ ବାଉଳା" ।

---

ଆଡ଼ଭୋକେଟ୍,
ବ୍ରହ୍ମପୁର-୪ ।



ବଡ଼ପଡ଼ାରେ ଶ୍ରୀଜଗନ୍ନାଥ ମନ୍ଦିରରେ ଶ୍ରୀଜଗନ୍ନାଥଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବରେ କର୍ତ୍ତା ଶ୍ରୀ ଭଗବାନ ପାଣିଗ୍ରାହୀ ଓ ପ୍ରଧାନ ଶ୍ରୀ ଦେବରାଜ ତ୍ରିପାଠୀ ।

# ଖାଉଟୀ ସୁରକ୍ଷା ଆଇନ ଓ ସ୍ୱେଚ୍ଛାସେବୀ ସଙ୍ଗଠନ

ଶ୍ରୀ ବିଚିତ୍ରାନନ୍ଦ ସାମଲ

ଖାଉଟୀ ବା ଉପଭୋକ୍ତାର ସଂଜ୍ଞା ସୁଦୂର ପ୍ରସାରୀ, ଏହାର ଅର୍ଥ ବ୍ୟାପକ । ଏତିକି କହିଲେ ଯଥେଷ୍ଟ ହେବ ଯେ, ପ୍ରତ୍ୟେକ ଲୋକ ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଖାଉଟୀ ବା ଉପଭୋକ୍ତା । ଯେଉଁ ବ୍ୟକ୍ତି ଆଲୋକ, ଜଳ, ବାୟୁ ଓ ପରିବେଶ ଉପଭୋଗ କରେ ସେ ମଧ୍ୟ ଜଣେ ଖାଉଟୀ ବା ଉପଭୋକ୍ତା । ସ୍ୱାଧୀନତା ପରେ ଦେଖାଯାଇଛି ଯେ, କେତେକ ଲୋକ ଦେଶ ପାଇଁ ତ୍ୟାଗ କରିବା ଆଳରେ ଦେଶର ସମ୍ପତ୍ତିକୁ ଲୁଟ୍ କରି ଭୋଗ କରୁଛନ୍ତି । ସେଥିପାଇଁ ଏହି ଗୋଷ୍ଠୀ ଅର୍ଥ ଓ କ୍ଷମତା ବଳରେ ଦେଶର କୋଟି କୋଟି ସରଳ ଓ ଅଶିକ୍ଷିତ ଜନତାକୁ ଶୋଷଣ କରି ଚାଲିଛନ୍ତି । ନିରୀହ ନିଷ୍ପେସିତ କୋଟି କୋଟି ଜନତା ଏପରି ଅନ୍ୟାୟ ବିରୁଦ୍ଧରେ କିପରି ଅଭିଯୋଗ କରିବେ, କାହା ପାଖରେ କରିବେ ଓ କିଏ କେତେ ଦିନ ମଧ୍ୟରେ ସେ ଅଭିଯୋଗ ଶୁଣି ନ୍ୟାୟ ପ୍ରଦାନ କରିବ, ସେ ବିଷୟରେ ଚିନ୍ତା କରାଯାଇ ୧୯୮୬ ମସିହାରେ ତତ୍କାଳୀନ କେନ୍ଦ୍ର ସରକାର ଏକ ଯୁଗାନ୍ତକାରୀ ଖାଉଟୀ ସୁରକ୍ଷା ଆଇନ ପ୍ରଣୟନ କଲେ, ଯାହାକୁ କି "Consumer Protection Act, 1986" କୁହାଗଲା । ଏହି ଆଇନ ବଳରେ ଖାଉଟୀର ସଂଜ୍ଞା ନିର୍ଦ୍ଧାରଣ ସହିତ ତା'ର ଅଧିକାର ସମ୍ବନ୍ଧରେ ବିଶଦ ଭାବରେ ବର୍ଣ୍ଣନା କରାଯାଇଛି । ଏହା ଫଳରେ ୧,୦୦୦ ଟଙ୍କା ପର୍ଯ୍ୟନ୍ତ କ୍ଷତିଗ୍ରସ୍ତ ହେଉଥିବା ଖାଉଟୀମାନେ ଅଯଥାରେ ଖର୍ଚ୍ଚାନ୍ତ ହୋଇ କୋର୍ଟ କଚେରୀର ଦ୍ୱାରସ୍ଥ ନହୋଇ ନିଜ କପାଳକୁ ଆଦରି ରହୁଥିଲେ, ସେହିମାନେ ମଧ୍ୟ ମାତ୍ର ୫୦ ପଇସା କ୍ଷତିଗ୍ରସ୍ତ ହୋଇ ବିନା ଖର୍ଚ୍ଚରେ ନିଜର କ୍ଷତିପୂରଣ ନିମନ୍ତେ ଖାଉଟୀ ସୁରକ୍ଷା ଅଦାଲତର ଆଶ୍ରୟ ନେଇ ପାରୁଛନ୍ତି । ଏହାର ଅନେକ ଉଦାହରଣ ମଧ୍ୟ ରହିଛି । ଯେଉଁ ଅଧିକାରଗୁଡ଼ିକ ଏହି ଆଇନ ଖାଉଟୀମାନଙ୍କୁ ଦେଇଛି ସେଗୁଡ଼ିକ ହେଲା, (୧) ନିରାପତ୍ତା ଅଧିକାର, (୨) ଜାଣିବାର ଅଧିକାର, (୩) ବାଛି କିଣିବାର ଅଧିକାର, (୪) ଆପତ୍ତି ଅଭିଯୋଗ କରିବାର ଅଧିକାର, (୫) ଶିକ୍ଷା ଅଧିକାର, (୬) ସୁସ୍ଥ ପରିବେଶ ରକ୍ଷା ଅଧିକାର, (୭) ପ୍ରତିନିଧିତ୍ୱ ଅଧିକାର ଏବଂ (୮) ବାସନ୍ଦ କରିବାର ଅଧିକାର । ଏହାର ପରିସୀମା ଏତେ ବ୍ୟାପକ ଯେ ଦୈନନ୍ଦିନ ଜୀବନରେ ଯେଉଁ ସବୁ ଅସୁବିଧା ଏହି ଆଇନ ତଥା ଅଧିକାରର ପରିସରଭୁକ୍ତ ହୋଇଥିବ ତାହାର ସଦୁପଯୋଗ କରି ସମ୍ପୂର୍ଣ୍ଣ ଭାବେ ନିରାପଦରେ ଜୀବନ ଯାପନ କରିପାରିବେ ।

ଆଇନର ପରିସର ମଧ୍ୟରେ ବ୍ୟବସାୟୀମାନଙ୍କର ଅସାଧୁ କାରବାର ଯୋଗୁଁ କ୍ଷତି, ନିମ୍ନ ମାନର ଖାଉଟୀ ଦ୍ରବ୍ୟ ବିକ୍ରି, ବର୍ଦ୍ଧିତ ସେବାରେ ଅବକ୍ଷୟ ଏବଂ ତ୍ରୁଟି, ପଦାର୍ଥର ଉଲ୍ଲିଖିତ ଉଚିତ୍ ମୂଲ୍ୟଠାରୁ ଅଧିକ ଦାମ୍‌ରେ ବିକ୍ରି ବିଷୟ ଖାଉଟୀ ସୁରକ୍ଷା ଅଦାଲତରେ ବିଚାର ହୋଇପାରିବ । ଖାଉଟୀମାନେ କିଣିଥିବା ପଦାର୍ଥର ତ୍ରୁଟି ସୁଧାରିବା, ପଦାର୍ଥ ବଦଳାଇ ଦେବା, ମୂଲ୍ୟ ଫେରନ୍ତ ଦେବା ଏବଂ ଯେ କୌଣସି କ୍ଷତି ନିମନ୍ତେ କ୍ଷତିପୂରଣ ଦେବା ତଥା ମୋକଦ୍ଦମା ଖର୍ଚ୍ଚ ବାବଦକୁ ଖର୍ଚ୍ଚ ଦେବା ନିମନ୍ତେ ଖାଉଟୀମାନେ ତ୍ରିସ୍ତରୀୟ ଖାଉଟୀ ଅଦାଲତର ଆଶ୍ରୟ ନେଇ ପାରିବେ ।

(୧) ଜିଲ୍ଲା ଉପଭୋକ୍ତା ବିବାଦ ପ୍ରତିକାର ସଂସ୍ଥା ।

(୨) ରାଜ୍ୟ ଉପଭୋକ୍ତା ବିବାଦ ପ୍ରତିକାର ଆୟୋଗ ।

(୩) ଜାତୀୟ ଉପଭୋକ୍ତା ବିବାଦ ପ୍ରତିକାର ଆୟୋଗ ।

ଏହି ଆଇନକୁ ଅଧିକ ସକ୍ରିୟ ଏବଂ ଫଳପ୍ରଦ କରିବା ନିମନ୍ତେ କେନ୍ଦ୍ର ସରକାର ନିକଟରେ (ତା ୨୧-୬-୧୯୯୩ ରିଖ) ଏହାର ସଂଶୋଧନ କରି ଏକ ଅଧ୍ୟାଦେଶ ଜାରି କରିଛନ୍ତି । ଏହି ସଂଶୋଧନ ଫଳରେ ଦେଶର ଖାଉଟୀ ଆନ୍ଦୋଳନ ନୂତନ ମୋଡ଼ ନେବ ବୋଲି ଆଶା କରାଯାଏ । ପୂର୍ବରୁ ସମସ୍ତ ରାଜ୍ୟ ସରକାର ପ୍ରତ୍ୟେକ ଜିଲ୍ଲାରେ ଅସ୍ଥାୟୀ ଭାବେ ଜିଲ୍ଲା ଫୋରମ୍‌ମାନ ଗଠନ କରିଥିଲେ । ଭାରତର ଉଚ୍ଚତମ ନ୍ୟାୟାଳୟର ଏକ ନିର୍ଦ୍ଦେଶ ଅନୁସାରେ ଏହି ଫୋରମ୍‌ଗୁଡ଼ିକର ସ୍ଥାୟୀ କାର୍ଯ୍ୟକାରୀ ନିମନ୍ତେ ବ୍ୟବସ୍ଥା ହେଉଥିବା ବେଳେ ଏହି ଅଧ୍ୟାଦେଶ ଜାରି କରାଗଲା, ଯାହା ଫଳରେ ଏହା ଆହୁରି କ୍ଷୀପ୍ରତର ଭାବେ କାର୍ଯ୍ୟକାରୀ ହେବାର ଆଶା କରାଯାଉଛି । ଏବେ ଓଡ଼ିଶାର ୨୭ଟି ଜିଲ୍ଲାରେ ଫୋରମ୍‌ମାନ ଗଠନ ପାଇଁ ସବୁ ପ୍ରକାର ବନ୍ଦୋବସ୍ତ କରାଯାଇଛି ବୋଲି ମାନ୍ୟବର ଯୋଗାଣ ମନ୍ତ୍ରୀ ଏକ ଭାଷଣରେ ପ୍ରକାଶ କରିଛନ୍ତି ।

ଏହି ଅଧ୍ୟାଦେଶ ଜାରି ହେବା ଫଳରେ ଖାଉଟୀ ଅଦାଲତଗୁଡ଼ିକୁ ଅଧିକ କ୍ଷମତା ଦିଆଯାଇଛି । ତେବେ ଆଇନର ପରିସରକୁ ସରକାରୀ ହାସ୍‌ପାତାଳର ସେବାକୁ ଆଣିବା ପାଇଁ କାର୍ଯ୍ୟନିର୍ବାହୀ ଗୋଷ୍ଠୀ କରିଥିବା ସୁପାରିଶ ଏହି ଅଧ୍ୟାଦେଶରେ ସ୍ଥାନ ପାଇନାହିଁ । ବେସାମରିକ ଯୋଗାଣ ମନ୍ତ୍ରୀ ଶ୍ରୀ ଏ: କେ: ଆଣ୍ଟୋନୀ ସରକାରୀ ହାସ୍‌ପାତାଳଗୁଡ଼ିକୁ ତ୍ରୁଟି ବିଚ୍ୟୁତି ସୁଧାରିବା ପାଇଁ ଶେଷ ସୁଯୋଗ ଦେଇଛନ୍ତି । ଯଦି ସେଥିରେ କର୍ତ୍ତୃପକ୍ଷ

ହୋଇଥାନ୍ତି, ତେବେ ଏହି ସେବାକୁ ଖାଉଟୀ ଆଇନ ପରିସରଭୁକ୍ତ କରାଯିବ ବୋଲି କୁହାଯାଇଛି । ଅନ୍ୟ କେତେକ ମୁଖ୍ୟ ବିଷୟକୁ ପରିସରଭୁକ୍ତ କରାଯାଇଛି । ତାହା ହେଲା :—

(୧) ବିକ୍ରି ହେବା ସମୟ ଶେଷ ହେବା ପରେ ବିକ୍ରି କରାଯାଉଥିବା ଔଷଧ କିମ୍ବା ଖାଦ୍ୟ ପଦାର୍ଥ ଯାହାର ବ୍ୟବହାର ଜୀବନ ପ୍ରତି ନିରାପଦ ନଥିବ କିମ୍ବା ବିପଦଜନକ ହୋଇଥିବ ସେ ସବୁ ପଦାର୍ଥକୁ ପ୍ରତ୍ୟାହାର କରିନେବା ପାଇଁ ଆଦେଶ ଜାରି କରିବା ।

(୨) ରନ୍ଧନ ଗ୍ୟାସ୍ ସଂଯୋଗ ଦେଉଥିବା ଗ୍ୟାସ୍ ଡିଲର୍ ଖାଉଟୀମାନଙ୍କୁ ନିଜ ଦୋକାନରୁ ଗ୍ୟାସ୍ ଚୁଲା ନେବାକୁ ବାଧ କରୁଥିବା ଭଳି ନିୟନ୍ତ୍ରଣମୂଳକ ବେପାର କରୁଥିବା ବ୍ୟବସାୟୀଙ୍କ ବିରୋଧରେ ଅଭିଯୋଗ ।

(୩) ସାଧାରଣ ସ୍ୱାର୍ଥ ଜଡ଼ିତ ଥିବା କେତେକ ଖାଉଟୀମାନଙ୍କ ପକ୍ଷରୁ ଅଭିଯୋଗ ଯଥା—ଉଦ୍ଦିଷ୍ଟ ଷ୍ଟାଣ୍ଡରେ ଯାନ ବାହାନ ରଖିବା ପାଇଁ ଅଧିକ ପଇସା ଦାବୀ କରିବା ଏବଂ କୌଣସି କମ୍ପାନୀ ଅଗ୍ରୀମ ହିସାବରେ ଗ୍ରାହକମାନଙ୍କଠାରୁ ଲକ୍ଷ ଲକ୍ଷ ଟଙ୍କା ନେଇ ଅଗ୍ରୀମ ବାତିଲ ହେବା ସତ୍ତ୍ୱେ ଅଗ୍ରୀମ ଫେରସ୍ତ ନଦେବା ବିଷୟରେ ଅଭିଯୋଗ ।

(୪) ଗୃହ ଯୋଗାଣ ବା ନିର୍ମାଣରେ ତ୍ରୁଟି, ଅବହେଳା, ଠକେଇ ଓ ରକ୍ଷଣାବେକ୍ଷଣ ସମସ୍ୟା ସମ୍ବନ୍ଧରେ ଅଭିଯୋଗ ।

(୫) ଖାଉଟୀ ବିବାଦ ଫଇସଲା ନିମନ୍ତେ ଗଠିତ ହୋଇଥିବା ଫୋରମ୍‌ଗୁଡ଼ିକରେ ବିଚାର ହେବାକୁ ଥିବା କ୍ଷତିର ପରିମାଣ ମଧ୍ୟ ବୃଦ୍ଧି କରାଯାଇଛି । ଜିଲ୍ଲା ଫୋରମ୍ ପାଇଁ ୫ ଲକ୍ଷ ଟଙ୍କା ଓ ରାଜ୍ୟ କମିଶନ୍ ପାଇଁ ୨୦ ଲକ୍ଷ ଟଙ୍କା ସୀମା ରଖାଯାଇଛି । ୨୦ ଲକ୍ଷ ଟଙ୍କାରୁ ଅଧିକ ପରିମାଣ ସମ୍ବଳିତ ଅଭିଯୋଗ ସବୁ ଜାତୀୟ କମିଶନ ପରିସରଭୁକ୍ତ ହେବ ।

(୬) ସେବା କ୍ଷେତ୍ରରେ ଯେଉଁ ତ୍ରୁଟି ବିଚ୍ୟୁତି ଥିବ, ତାହାକୁ ଦୂର କରିବା ପାଇଁ ଆଦେଶ ଦେବା, ମୂଲ୍ୟ ଫେରସ୍ତ ପାଇଁ ଆଦେଶ ଦେବା ଏବଂ ଗୁରୁତ୍ୱହୀନ ଅଭିଯୋଗ କ୍ଷେତ୍ରରେ ଦଣ୍ଡବିଧାନ କରିବା ପାଇଁ ନିର୍ଦ୍ଦେଶ ଦେବା ପାଇଁ ସମସ୍ତ ଫୋରମ୍‌ଗୁଡ଼ିକୁ ଅତିରିକ୍ତ କ୍ଷମତା ପ୍ରଦାନ କରାଯାଇଛି ।

ଆଉ ମଧ୍ୟ ଜଣେ ବିଧବା ମହିଳା ନିଜର ଗୁଜୁରାଣ ମେଣ୍ଟାଇବା ନିମନ୍ତେ ଏକ ସିଲାଇ ମେସିନ୍ କିଣି ଏବଂ ଜଣେ ବ୍ୟକ୍ତି ସ୍ୱଳ୍ପ ଆୟ ନିଯୁକ୍ତି ନିମନ୍ତେ ମୋଟର କାର୍ କିଣି କୌଣସି ଅସୁବିଧାର ସମ୍ମୁଖୀନ ହେଉଥାନ୍ତି ତେବେ ସେମାନେ ଉପରୋକ୍ତ ସଂସ୍ଥାରେ ଉପଯୁକ୍ତ ପ୍ରତିକାର ଲୋଡ଼ି ପାରିବେ ।

ଓଡ଼ିଶା ସରକାରଙ୍କ ଉଦ୍ୟମରେ ଭୁବନେଶ୍ୱରଠାରେ ୧୯୯୩ ସେପ୍ଟେମ୍ବର ୨୫ ଓ ୨୬ ତାରିଖରେ ଖାଉଟୀ କଲ୍ୟାଣ କ୍ଷେତ୍ରରେ ସ୍ୱେଚ୍ଛାସେବୀ ସଙ୍ଗଠନଗୁଡ଼ିକର ଭୂମିକା ଶୀର୍ଷକ ଏକ ଦୁଇ ଦିନିଆ ଜାତୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଏହି ଆଲୋଚନାଚକ୍ରକୁ ଜାତୀୟ ଖାଉଟୀ କମିଶନ୍‌ର ଅଧ୍ୟକ୍ଷ ଶ୍ରୀ ଜଷ୍ଟିସ୍ ଭି. ବି. ଇରାଡ଼ି ଉଦ୍‌ଘାଟନ କରିଥିଲେ ଓ ଯୋଗାଣ ମନ୍ତ୍ରୀ ଶ୍ରୀ ଭାଗବତ ବେହେରା ସଭାପତିତ୍ୱ କରିଥିଲେ । ଓଡ଼ିଶା ସମେତ ବିଭିନ୍ନ ରାଜ୍ୟର ପ୍ରମୁଖ ସ୍ୱେଚ୍ଛାସେବୀ ସଙ୍ଗଠନର କର୍ମକର୍ତ୍ତାମାନେ ଅଂଶ ଗ୍ରହଣ କରିଥିଲେ । ଜଷ୍ଟିସ୍ ଶ୍ରୀ ଇରାଡ଼ି ତାଙ୍କର ଭାଷଣରେ ଖାଉଟୀ ସୁରକ୍ଷା ଦିଗରେ ଉଲ୍ଲେଖନୀୟ କାର୍ଯ୍ୟ ନିମନ୍ତେ ଓଡ଼ିଶା ସରକାରଙ୍କୁ ପ୍ରଶଂସା କରିଥିଲେ ଏବଂ ଅନ୍ୟ ରାଜ୍ୟଗୁଡ଼ିକର ଏହିଭଳି ଉଦ୍ୟମ ହେବା ଦରକାର ବୋଲି କହିଥିଲେ ।

ମନ୍ତ୍ରୀ ଶ୍ରୀ ବେହେରା ଓଡ଼ିଶା ସରକାରଙ୍କର ଏ ଦିଗରେ ବିଭିନ୍ନ ପଦକ୍ଷେପ ବିଷୟରେ ସୂଚନା ଦେଇ କହିଥିଲେ ଯେ, (୧) ଖାଉଟୀ ସୁରକ୍ଷା ପାଇଁ ରାଜ୍ୟର ସମସ୍ତ ଜିଲ୍ଲାରେ ଖାଉଟୀ ଫୋରମ୍‌ମାନ ଗଠନ କରିବାକୁ ପଦକ୍ଷେପ ନିଆଯାଇଛି, (୨) ବ୍ଲକ୍ ସ୍ତରରେ ସ୍ୱେଚ୍ଛାସେବୀ ଖାଉଟୀ ସମିତିମାନ ଗଠନ କରାଯାଇଛି, (୩) ରାଜ୍ୟ ସ୍ତରରେ ଖାଉଟୀ ସୁରକ୍ଷା ସଚେତନତା ନିମନ୍ତେ ଏକ "ଚେତନା ଭବନ" ସ୍ଥାପନ ନିମନ୍ତେ ପଦକ୍ଷେପ ନିଆଯାଇଛି, (୪) ଏ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରୁଥିବା ସ୍ୱେଚ୍ଛାସେବୀ ସଙ୍ଗଠନ ଓ ବ୍ୟକ୍ତି ବିଶେଷଙ୍କୁ "ଚେତନା ସମ୍ମାନ" ପ୍ରଦାନ ପାଇଁ ବ୍ୟବସ୍ଥା କରାଯାଇଛି ।

ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ରାଜ୍ୟପାଳ ଶ୍ରୀ ବି. ସତ୍ୟନାରାୟଣ ରେଡ୍ଡୀ ଓଡ଼ିଶା ସରକାରଙ୍କର ବିଭିନ୍ନ ପଦକ୍ଷେପଗୁଡ଼ିକର ସୂଚନା ଦେଇଥିଲେ ଏବଂ ଖାଉଟୀ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଭୂମିକା ନିମନ୍ତେ ସ୍ୱେଚ୍ଛାସେବୀ ସଙ୍ଗଠନ ଏବଂ ବ୍ୟକ୍ତି ବିଶେଷଙ୍କୁ ଚେତନା ସମ୍ମାନରେ ସମ୍ମାନିତ କରିଥିଲେ । ବର୍ତ୍ତମାନ ଓଡ଼ିଶାରେ ୮୩ଟି ସ୍ୱେଚ୍ଛାସେବୀ ସଙ୍ଗଠନ ଏ କ୍ଷେତ୍ରରେ କାର୍ଯ୍ୟ କରୁଛନ୍ତି ଏବଂ ନିକଟରେ ଏହା ୪୦୦କୁ ବୃଦ୍ଧି ପାଇବ ବୋଲି ଆଶା ପ୍ରକାଶ କରିଥିଲେ । ରାଜ୍ୟର ବିଶ୍ୱବିଦ୍ୟାଳୟଗୁଡ଼ିକରେ ଖାଉଟୀ କଲ୍ୟାଣ ସମ୍ପର୍କୀୟ ପାଠ୍ୟକ୍ରମ ଖୋଲିବା ପାଇଁ ସରକାରଙ୍କର ଅଭିମୁଖ୍ୟ ବିଷୟରେ ରାଜ୍ୟପାଳ ସୂଚନା ଦେଇଥିଲେ । ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଖାଉଟୀ ଆନ୍ଦୋଳନ କ୍ଷେତ୍ରରେ ଭାରତରେ ଓଡ଼ିଶା ଉଲ୍ଲେଖନୀୟ ଭାବେ ଅଗ୍ରଗତି ହାସଲ କରି ଅଗ୍ରଣୀ ଭୂମିକା ଗ୍ରହଣ କରିବ ବୋଲି ଆଶା କରାଯାଏ ।

ଖାଉଟୀ ସୁରକ୍ଷା ଆନ୍ଦୋଳନରେ ସ୍ୱେଚ୍ଛାସେବୀ ସଙ୍ଗଠନଗୁଡ଼ିକର ପ୍ରମୁଖ ଭୂମିକା ରହିଛି । ସେମାନେ ନିଷ୍ଠାପର ଭାବେ କାର୍ଯ୍ୟ କରି ଏହି ଆନ୍ଦୋଳନକୁ ତଥା ଏହାର ବାର୍ତ୍ତାକୁ ସମାଜର ପ୍ରତ୍ୟେକ ସ୍ତରରେ ପହଞ୍ଚାଇବା ନିମନ୍ତେ ଯତ୍ନବାନ ହେବା ଆବଶ୍ୟକ । ସ୍ୱେଚ୍ଛାସେବୀ ସଙ୍ଗଠନ ବ୍ୟତିରେକେ ଏହି ଆନ୍ଦୋଳନର କୌଣସି ଫଳ ମିଳେ ନାହିଁ । ଏଣୁ କେନ୍ଦ୍ର ସରକାର ତଥା ରାଜ୍ୟ ସରକାରମାନେ ଖାଉଟୀ ସୁରକ୍ଷା ସଙ୍ଘ ଏବଂ ସଙ୍ଗଠନମାନ ଗଠନ କରିବାରେ ଉତ୍ସାହିତ କରୁଛନ୍ତି । ଆମ ଓଡ଼ିଶାରେ ସରକାରଙ୍କ ତରଫରୁ ସ୍ୱେଚ୍ଛାସେବୀ ସଙ୍ଗଠନ ଗଠନ ଏବଂ ସାହାଯ୍ୟ ସହଯୋଗ କ୍ଷେତ୍ରରେ କାର୍ଯ୍ୟକାରୀ ପଦକ୍ଷେପ ଗ୍ରହଣ କରାଯାଇଛି । ଏହି ଖାଉଟୀ ଆନ୍ଦୋଳନ ଏବଂ

ଖାଉଟୀମାନଙ୍କ ସୁରକ୍ଷା ନିମନ୍ତେ କେତେକ ସୁଚିନ୍ତିତ ପରାମର୍ଶ ଏଠାରେ ଦିଆଯାଇପାରେ ।

(୧) ଯେଉଁ ଅଞ୍ଚଳରେ ସ୍ୱେଚ୍ଛାସେବୀ ସଙ୍ଗଠନ ଗଠନ କରାଯାଇଥିବ, ସେ ଅଞ୍ଚଳର ପ୍ରତ୍ୟେକ ନାଗରିକ ଯେପରି ସଭ୍ୟ ହେବେ ଅଥବା ସଭ୍ୟଭୁକ୍ତ କରାଇବା ନିମନ୍ତେ ଚେଷ୍ଟିତ ହେବା ଆବଶ୍ୟକ ।

(୨) ସେ ଅଞ୍ଚଳର ପ୍ରତ୍ୟେକ ସାହି, ବସ୍ତି, ଗାଁ, ପଡ଼ା ଇତ୍ୟାଦିରେ କିଛି ଦିନ ଅନ୍ତରରେ (ଅତି କମ୍‌ରେ ସପ୍ତାହରେ ଏକ ଦିନ) ଖାଉଟୀ ସୁରକ୍ଷା ସଚେତନତା ଆଲୋଚନାଚକ୍ରର ବ୍ୟବସ୍ଥା କରିବା ଉଚିତ୍ । ସେହି ଆଲୋଚନାଚକ୍ରକୁ ଏ ବିଷୟରେ ଉତ୍ତମ ଜ୍ଞାନ ଥିବା ବ୍ୟକ୍ତି ବିଶେଷଙ୍କୁ ଆମନ୍ତ୍ରଣ କରାଯାଇ ତାଙ୍କଠାରୁ ବିଶେଷ ଭାବେ ଜାଣିବା ଦରକାର । ଅନ୍ତତଃପକ୍ଷେ ବର୍ଷକୁ ଥରେ ଖାଉଟୀ ସୁରକ୍ଷା ସେମିନାର ସହିତ ପ୍ରଦର୍ଶନୀର ଆୟୋଜନ କରି ବିଭିନ୍ନ ଖାଉଟୀ ସାମଗ୍ରୀରେ ଠକେଇ, ମାପ ଓଜନରେ ଠକେଇ, ପୁଡ଼ିଆ ସାମଗ୍ରୀରେ ଠକେଇ, ଅପମିଶ୍ରଣ ଇତ୍ୟାଦି ବିଷୟରେ ଅବଗତ କରାଇବା ଦରକାର ।

(୩) ବିଭିନ୍ନ ଦିନରେ (ସୁବିଧା ଅନୁସାରେ) ପଥପ୍ରାନ୍ତ ସଭାମାନ ଆୟୋଜନ କରି ସାଧାରଣ ଖାଉଟୀମାନଙ୍କୁ ଏ ବିଷୟରେ ବୁଝାଇବା ଦରକାର ।

(୪) ଛୋଟ ଛୋଟ ନାଟକ ମାଧ୍ୟମରେ ଖାଉଟୀମାନଙ୍କର ସମସ୍ୟାଗୁଡ଼ିକୁ ଲୋକ ଲୋଚନକୁ ଅଣାଯାଇ ପାରେ । ଯଦ୍ୱାରା କି ଏହା ଖାଉଟୀମାନଙ୍କ ଉପରେ ଭଲ ପ୍ରଭାବ ପକାଇବ ।

(୫) ବିଭିନ୍ନ ପୋଷ୍ଟର, ଲିଫ୍‌ଲେଟ୍, ପାମ୍ଫଲେଟ୍ ମାଧ୍ୟମରେ ଖାଉଟୀ ସୁରକ୍ଷା ଆନ୍ଦୋଳନର ବାର୍ତ୍ତାକୁ ସମାଜର ପ୍ରତ୍ୟେକ ସ୍ତରରେ ପହଞ୍ଚାଇବାକୁ ଚେଷ୍ଟା ହେବା ଉଚିତ ।

(୬) ଖାଉଟୀମାନଙ୍କର କ୍ଷତି ହେବା ଭଳି ଏବଂ ଭ୍ରାନ୍ତ ଧାରଣା ଦିଆଯାଇ କୌଣସି ଦ୍ରବ୍ୟର ପ୍ରଚାରକୁ ବନ୍ଦ କରିବା ନିମନ୍ତେ ସ୍ୱେଚ୍ଛାସେବୀ ସଙ୍ଗଠନ ପ୍ରମୁଖ ଭୂମିକା ଗ୍ରହଣ କରିବା ଆବଶ୍ୟକ । ଦରକାର ହେଲେ ଏହା ବିରୁଦ୍ଧରେ ଖାଉଟୀ ଅଦାଲତର ଦୃଷ୍ଟିକୁ ଅଣାଯାଇ ପ୍ରତିକାର ଲୋଡ଼ାଯାଇ ପାରେ ।

(୭) ବିଶ୍ୱବିଦ୍ୟାଳୟ ସ୍ତରରେ ଏବଂ ସ୍କୁଲ୍ ସ୍ତରରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟି କରିବା ନିମନ୍ତେ ବକ୍ତୃତା ପ୍ରତିଯୋଗିତା ଓ ପ୍ରବନ୍ଧ ପ୍ରତିଯୋଗିତାମାନ ଆୟୋଜନ କରିବା ଆବଶ୍ୟକ ।

(୮) ସବୁବେଳେ କୌଣସି ଖାଉଟୀ ସମସ୍ୟାକୁ ଖାଉଟୀ ଅଦାଲତର ଦୃଷ୍ଟିକୁ ନନେଇ ଆପୋଷ ମାଧ୍ୟମରେ ସମାଧାନ କରିବାକୁ ଚେଷ୍ଟିତ ହେବା ଦରକାର । ଏଥିରେ ବିଫଳ ହେଲେ ଅଦାଲତର ଦୃଷ୍ଟିକୁ ନେବା ବିଧେୟ ।

(୯) ଖାଉଟୀମାନଙ୍କୁ ବୁଝାଇବା ସହିତ ସମସ୍ତ ବ୍ୟବସାୟୀମାନଙ୍କୁ ଏହାର ଉପକାରିତା ବିଷୟରେ ବୁଝାଇବା ଆବଶ୍ୟକ । ଏହା ହେଲେ ଅଯଥା ବିବାଦଗୁଡ଼ିକ ଏଡ଼ାଇ ଦେଇ ହେବ ।

(୧୦) ସରକାରୀ ଦପ୍ତରମାନଙ୍କରେ ଏହାର ପ୍ରଭାବ ପକାଇବା ଉଚିତ, କାରଣ ସେମାନଙ୍କଠାରୁ ଉତ୍ତମ ସେବା ପାଇବା ପାଇଁ ଜନସାଧାରଣ ହକ୍‌ଦାର । ସେବା ନିମନ୍ତେ ସେମାନେ ମଧ୍ୟ ଉତ୍ତରଦାୟୀ । ଏହା ହେଲେ ସରକାରୀ ଦପ୍ତରଗୁଡ଼ିକ ସୁରୁଖୁରୁରେ ଚାଲିପାରିବ ।

(୧୧) କୌଣସି ଖାଉଟୀର ସମସ୍ୟାକୁ ନେଇ ଯଥାଶୀଘ୍ର ତାଙ୍କୁ ସାହାଯ୍ୟ ସହଯୋଗ ଯୋଗାଇ ଦେବା ବାଞ୍ଛନୀୟ ।

(୧୨) ଖାଉଟୀ ସଙ୍ଗଠନଗୁଡ଼ିକ ସବୁବେଳେ ସରକାରଙ୍କ ସହିତ ଯୋଗସୂତ୍ର ରଖିବା ଉଚିତ ।

(୧୩) ସରକାରଙ୍କ ଦ୍ୱାରା ଆୟୋଜିତ ସମସ୍ତ ସେମିନାର, ସଭା ସମିତିଗୁଡ଼ିକରେ ଯୋଗ ଦେବା ପାଇଁ ସ୍ୱେଚ୍ଛାସେବୀ ସଙ୍ଗଠନମାନଙ୍କୁ ଆମନ୍ତ୍ରଣ କରାଯିବା ଆବଶ୍ୟକ ।

(୧୪) ସମସ୍ତ ଖାଉଟୀ ଅଦାଲତଗୁଡ଼ିକ ଖାଉଟୀମାନଙ୍କର ଅଭିଯୋଗ ଏବଂ ସଙ୍ଗଠନଗୁଡ଼ିକର ଅଭିଯୋଗ ପ୍ରତି ଉଚିତ ଧ୍ୟାନ ଦେବା ଆବଶ୍ୟକ । ଏହା ହେଲେ ଖାଉଟୀ ଆନ୍ଦୋଳନ ସଫଳ ହୋଇପାରିବ ।

(୧୫) ଯଥା ସମୟରେ ଖାଉଟୀ ଅଭିଯୋଗର ଫଇସଲା ନିମନ୍ତେ ସ୍ୱେଚ୍ଛାସେବୀ ସଙ୍ଗଠନର ଭୂମିକା ଅତୀବ ଗୁରୁତ୍ୱପୂର୍ଣ୍ଣ ।

(୧୬) ସମସ୍ତ ସ୍ୱେଚ୍ଛାସେବୀ ସଙ୍ଗଠନ ତରଫରୁ ସେହି ଅଞ୍ଚଳ ନିମନ୍ତେ ଏକ "ସଚେତନ ଖାଉଟୀ" ପୁରସ୍କାରର ବ୍ୟବସ୍ଥା କରାଯିବା ଉଚିତ । ଏହା ହେଲେ ଲୋକମାନଙ୍କ ମଧ୍ୟରେ ଖାଉଟୀ ଆନ୍ଦୋଳନ ପ୍ରତି ଆଗ୍ରହ ସୃଷ୍ଟି ହେବ ।

ଯେ କୌଣସି ନ୍ୟାଯ୍ୟ ଆନ୍ଦୋଳନ ପାଇଁ ସମସ୍ତଙ୍କ ସାହାଯ୍ୟ ସହଯୋଗ ଲୋଡ଼ା । ଏହି ଖାଉଟୀ ଆନ୍ଦୋଳନ ପାଇଁ ଖାଉଟୀ, ଖାଉଟୀ ସଙ୍ଗଠନ ଓ ସରକାରଙ୍କର ସକ୍ରିୟ ସାହାଯ୍ୟ ଓ ସହଯୋଗ ମିଳିଲେ ଏହା ସମସ୍ତଙ୍କୁ ନିଶ୍ଚିତ ଭାବେ ଯେ ସ୍ପର୍ଶ କରିପାରିବ ଏଥିରେ ସନ୍ଦେହ ନାହିଁ ।

ଏଫ୍-ଏଲ୍/୧, ପ୍ରେସ କଲୋନୀ,
ମଧୁପାଟଣା, କଟକ-୭୫୩୦୧୦ ।



# ଶ୍ରୀ ଶ୍ରୀଧବଳେଶ୍ୱର ଓ ବଡ଼ଓଷା ପର୍ବ

ଶ୍ରୀ ରାଧାନାଥ ଦାସ

ମନ୍ଦିର ମାଳିନୀ ପୁଣ୍ୟଭୂମି ଉତ୍କଳର ପ୍ରତିଟି ପୁର ପଲ୍ଲୀରେ ବିଭିନ୍ନ ପ୍ରକାର ଧର୍ମ ତଥା ସମ୍ପ୍ରଦାୟର ମଠ ଏବଂ ଦେବାଳୟମାନ ଦୃଷ୍ଟି ଗୋଚର ହୋଇଥାଏ । ବିଭିନ୍ନ ସମୟରେ ଆମର ଏହି ଉତ୍କଳ ଭୂମିରେ ବିଭିନ୍ନ ପ୍ରକାର ରାଜା ବା ସମ୍ରାଟମାନେ ରାଜତ୍ୱ କରି ଆସିଛନ୍ତି । ସେମାନଙ୍କ ମଧ୍ୟରୁ ବୌଦ୍ଧ, ଜୈନ, ଶାକ୍ତ, ସୌର, ଗାଣପତ୍ୟ, ଶୈବ ଏବଂ ବୈଷ୍ଣବ ଧର୍ମର ଉପାସକମାନେ ବିଶେଷ ପ୍ରସିଦ୍ଧି ଲାଭ କରିଛନ୍ତି । ସେଥିପାଇଁ ଆଜି ଉତ୍କଳର ବିଭିନ୍ନ ସ୍ଥାନରେ ଏହି ଭିନ୍ନ ଭିନ୍ନ ଧର୍ମର ମଠ ଏବଂ ମନ୍ଦିରମାନଙ୍କରେ ବିଭିନ୍ନ ପ୍ରକାର ପୂଜା ପଦ୍ଧତି ତଥା ଉପାସନା ଆଦି ଦୃଷ୍ଟି ଗୋଚର ହୋଇଥାଏ । ବର୍ଣ୍ଣିତ ଧବଳେଶ୍ୱର ପୀଠ ଏକ ପ୍ରାଚୀନ ଶୈବପୀଠ ରୂପେ ସମଗ୍ର ଭାରତ ବର୍ଷରେ ବେଶ୍ ସୁପରିଚିତ ।

"ପଦ୍ମ ପୁରାଣ"ର ଉତ୍ତର ଖଣ୍ଡରୁ ଜଣାଯାଏ ଯେ, ଏକଦା ଶ୍ରୀଶଙ୍କର ଦେବୀ ଭବାନୀଙ୍କୁ କଥୋପ କଥନ ଛଳରେ ତୀର୍ଥମାନଙ୍କର ମହାତ୍ମ୍ୟ ବର୍ଣ୍ଣନା କରିବାକୁ ଯାଇ ପ୍ରକାଶ କରିଥିଲେ ଯେ, ଶ୍ରୀଶ୍ରୀଧବଳେଶ୍ୱର ଦେବ, ଉତ୍ତର ଭାରତସ୍ଥ ଗଙ୍ଗା ତୀରରେ ଥିବା ଶ୍ରୀଶ୍ରୀବିଶ୍ୱେଶ୍ୱର ଭଳି ମହିମାନ୍ୱିତ । ଏହି ପବିତ୍ର ପୀଠରେ ସ୍ନାନ, ତର୍ପଣ, ବ୍ରାହ୍ମଣ ଭୋଜନ ଏବଂ ବହୁବିଧ ବ୍ୟବହାର୍ଯ୍ୟ ଦ୍ରବ୍ୟ ଦାନ ଫଳରେ ଅଶେଷ ପୁଣ୍ୟ ଲାଭ ହୋଇଥାଏ । "ପଦ୍ମ ପୁରାଣ"ରେ ପୁଣି ବର୍ଣ୍ଣିତ ଅଛି ଯେ, ସ୍ୱୟଂ ମହାଦେବ ସତ୍ୟ ଯୁଗରେ ନୀଳକଣ୍ଠ ନାମରେ, ତ୍ରେତା ଯୁଗରେ ହର ନାମରେ, ଦ୍ୱାପର ଯୁଗରେ ଶିବ ନାମରେ ଏବଂ କଳି ଯୁଗରେ ଧବଳେଶ୍ୱର ନାମରେ ନିଜର ମହାତ୍ମ୍ୟ ପ୍ରକଟିତ କରିଥିଲେ । ବାସ୍ତବରେ କହିବାକୁ ଗଲେ ଅତି ପ୍ରାଚୀନ ଏହି ଶୈବ ପୀଠ ଅନେକଗୁଡ଼ିଏ ସଂସ୍କୃତି ତଥା ଐତିହ୍ୟର ବାର୍ତ୍ତା ବହନ କରି, ଶାନ୍ତିର ପ୍ରତୀକ ସ୍ୱରୂପ, ଧବଳିମାର ପ୍ରାଣ ପ୍ରାଚୁର୍ଯ୍ୟରେ ନିଜର ମହନୀୟତା ସାରା ବିଶ୍ୱରେ ପ୍ରତିପାଦିତ କରି, ଏବେ ବି ମୂକସାକ୍ଷୀ ରୂପେ ନୀଳ ସ୍ୱଚ୍ଛ ଜଳରାଶି ଘେରା ପବିତ୍ର ଶୈଳଖଣ୍ଡ ଉପରେ ଦଣ୍ଡାୟମାନ ।

ଇତିହାସ କହେ, ଉତ୍କଳର ଗଜପତି ସମ୍ରାଟ ପୁରୁଷୋତ୍ତମ ଦେବଙ୍କ ସହଧର୍ମିଣୀ, ପାଟରାଣୀ ପଦ୍ମାବତୀ ଦେବୀଙ୍କ ପୂଜା ଆରାଧନା ନିମନ୍ତେ ଗଜପତି ପ୍ରତାପରୁଦ୍ର ଦେବ, ଉତ୍କଳର ପ୍ରାଚୀନ ରାଜଧାନୀ କଟକ ନଗରର ଉପକଣ୍ଠରେ, ମହାନଦୀର ମଧ୍ୟ ଭାଗରେ ଥିବା ଏକ କ୍ଷୁଦ୍ର ଦ୍ୱୀପ ଉପରେ ଶ୍ରୀଶ୍ରୀ ଧବଳେଶ୍ୱର ମହାଦେବଙ୍କ ପାଇଁ ବର୍ତ୍ତମାନର ମନ୍ଦିର ନିର୍ମାଣ କରାଇଥିଲେ । ତଥାପି ମନ୍ଦିରର ନିର୍ମାଣ କାଳ ଏବଂ ଶ୍ରୀଜୀଉଙ୍କର ପ୍ରତିଷ୍ଠାକାଳ ବିଷୟରେ, ଏ ପର୍ଯ୍ୟନ୍ତ ଐତିହାସିକମାନଙ୍କର ଭିନ୍ନମତ ପ୍ରମାଦପୂର୍ଣ୍ଣ । ପୁରାଣର ବର୍ଣ୍ଣନାରୁ ଜଣାଯାଏ ଯେ, ଉକ୍ତ ପୀଠ ହରିହର କ୍ଷେତ୍ର ନାମରେ ପ୍ରସିଦ୍ଧି ଲାଭ କରିଥିଲା । ବର୍ତ୍ତମାନ ସୁଦ୍ଧା ଲୋକେ ଏହାକୁ ଶ୍ରୀଶ୍ରୀଧବଳେଶ୍ୱର ହରିହର କ୍ଷେତ୍ର କିମ୍ବା "ଅନନ୍ତ କୁଦ" ବୋଲି କହିଥାନ୍ତି । ହରି ଏବଂ ହରଙ୍କର ଏହି ପବିତ୍ର ପୀଠରେ ଘଟିଛି ଅଭୂତପୂର୍ବ ସମନ୍ୱୟ । ପୁରାତନ କାଳରୁ ଉକ୍ତ ପୀଠରେ ଶ୍ରୀଶ୍ରୀ ଅନନ୍ତ ବାସୁଦେବଙ୍କ ମନ୍ଦିର ଥିଲା । କାଳକ୍ରମେ କାଳର କରାଳ କବଳରେ ତାହା ଭାଙ୍ଗି ଭଗ୍ନ ସ୍ତୂପରେ ପରିଣତ ହୋଇଯାଇଛି । ବର୍ତ୍ତମାନ ସୁଦ୍ଧା ଶ୍ରୀଶ୍ରୀ ଅନନ୍ତ ବାସୁଦେବଙ୍କ କଳାମୁଗୁନି ପଥର ମୂର୍ତ୍ତି ଧବଳେଶ୍ୱର ମନ୍ଦିର ମୁଖଶାଳା ପାର୍ଶ୍ୱରେ ଅବସ୍ଥାପିତ । ଏହି ପବିତ୍ର ସ୍ଥାନଟିର ମହନୀୟତା ଉପଲବ୍ଧି କରି, କେତେ ଯେ କବି, ପାଠକ, ଭାବୁକ, ଉପାସକ, ସାଧକ, ରୋଗୀ, ଭୋଗୀ, ଯୋଗୀ ଏବଂ ଭକ୍ତ ବର୍ଗର ବିଭିନ୍ନ ସମୟରେ ଏଠାକୁ ଆସି ଶିବ ଆରାଧନାରେ ଲିପ୍ତ ରହି, ନିଜ ନିଜର ମନସ୍କାମନା ପୂର୍ଣ୍ଣ କରିଥାନ୍ତି ।

ବର୍ଣ୍ଣିତ ଶୈବ ପୀଠ ସମ୍ପର୍କରେ ଜଣାଯାଏ, ଏହା କଟକ ଜିଲ୍ଲାର ଆଠଗଡ଼ ସବ୍‌ଡିଭିଜନର ମଣ୍ଡେଶ୍ୱର ଗ୍ରାମ ନିକଟରେ ମହାନଦୀର ଏକ କ୍ଷୁଦ୍ର ଦ୍ୱୀପରେ ଅବସ୍ଥିତ । ପ୍ରାୟ ୪୬ ଏକର ଆୟତନ ବିଶିଷ୍ଟ ଉକ୍ତ ଦ୍ୱୀପଟିର ଏକ ତୃତୀୟାଂଶ ଶ୍ୟାମଳ ବନରାଜିରେ ପରିବେଷ୍ଟିତ । ଭୌଗୋଳିକ ଦୃଷ୍ଟିରୁ ବିଚାର କଲେ, ବର୍ଣ୍ଣିତ ଶୈବପୀଠଟି ଜନକୋଳାହଳଠାରୁ ବହୁ ଦୂରରେ । ପ୍ରାକୃତିକ ପରିବେଶ ମଧ୍ୟରେ ଏହି ନିଭୃତ ପୀଠଟିର ଅବସ୍ଥିତ ଅତୀବ ମନୋମୁଗ୍ଧକର ମନେହୁଏ । ପ୍ରବାହମାନ ନୀଳ ଜଳରାଶିର ମଧ୍ୟ ଭାଗରେ ଅବସ୍ଥିତ ଏହି ପୀଠର ଉପରି ଭାଗରେ ଦଣ୍ଡାୟମାନ ହୋଇ ଚତୁର୍ଦ୍ଦିଗକୁ ଦୃଷ୍ଟି ନିକ୍ଷେପ କଲେ, ଶ୍ୟାମଳ ସୁଷମାଭରା ଶୋଭା ସମ୍ଭାରର ଅପୂର୍ବ ପ୍ରାକୃତିକ ଦୃଶ୍ୟ ଦର୍ଶକର ହୃଦୟକୁ ସ୍ୱର୍ଗୀୟ ଆନନ୍ଦରେ ଉଦ୍‌ବେଳିତ କରାଇଥାଏ । ବିଶେଷତଃ ସୂର୍ଯ୍ୟୋଦୟ ଏବଂ ସୂର୍ଯ୍ୟାସ୍ତ କାଳରେ ଏଠାରେ ସୂର୍ଯ୍ୟଙ୍କର ସୁନେଲୀ କିରଣ ପୂଣ୍ୟତୋୟା ମହାନଦୀର ଚଳଚଞ୍ଚଳ ଜଳଧାରା ଉପରେ ପ୍ରତିଫଳିତ ହୋଇ ଅପୂର୍ବ ଦୃଶ୍ୟ ସମ୍ଭାର ସୃଷ୍ଟି କରିଥାଏ । ବିଶେଷତଃ କବିବର ରାଧାନାଥ ରାୟଙ୍କ ସୁଯୋଗ୍ୟ ସନ୍ତାନ, ସୁସାହିତ୍ୟିକ ଶଶିଭୂଷଣ ରାୟ ଉକ୍ତ ସ୍ଥାନଟିକୁ ବାଣୀ ଆରାଧନା ପାଇଁ ଉପଯୁକ୍ତ ମନେକରି, ଏହି ପୀଠଟିର ସର୍ବାଙ୍ଗୀନ ଉନ୍ନତି ସାଧନ କରିବା ଲକ୍ଷ୍ୟରେ ଏଠାରେ ତାଙ୍କର "ନିଭୃତ ନିଳୟ" ନାମକ ଏକ ସୌଧ ନିର୍ମାଣ କରିଥିଲେ । ବର୍ତ୍ତମାନ ସୁଦ୍ଧା "ନିଭୃତ ନିଳୟ"ର ଭଗ୍ନାବଶେଷ ଇତିହାସର ମୂକସାକ୍ଷୀ ରୂପେ ଦଣ୍ଡାୟମାନ । କେବଳ ଧର୍ମ ଏବଂ ସାହିତ୍ୟ ପାଇଁ କାହିଁକି, ସ୍ୱାସ୍ଥ୍ୟ ପାଇଁ ମଧ୍ୟ ଉକ୍ତ ପୀଠଟି ବେଶ୍ ଅନୁକୂଳ । ଦୂରଦୂରାନ୍ତରୁ "ମୂକ ରୋଗୀ ଏହି ପବିତ୍ର ପୀଠକୁ ଆସି, ଶିବ ଆରାଧନା କରି, ଉପଯୁକ୍ତ

ଜଳବାୟୁରେ ରୋଗମୁକ୍ତ ହୋଇ ସ୍ୱଗୃହକୁ ପ୍ରତ୍ୟାବର୍ତ୍ତନ କରିଥାନ୍ତି ।

## ଅଷ୍ଟଶମ୍ଭୁ ମନ୍ଦିର :

କଟକ-ସମ୍ବଲପୁର ରାସ୍ତାର ନୂଆପାଟଣା ଛକଠାରୁ ମୋଟର ଗାଡ଼ି ଯୋଗେ ପ୍ରାୟ ଦୁଇ ମାଇଲ ରାସ୍ତା ଅତିକ୍ରମ କଲାପରେ ମଣ୍ଡେଶ୍ୱର ଘାଟଠାରେ, ଧବଳେଶ୍ୱର ମନ୍ଦିରକୁ ଯିବା ପାଇଁ ଦିନ ରାତି ସର୍ବଦା ଡଙ୍ଗାର ସୁବିଧା ରହିଛି । ନଚେତ୍ କଟକ ସହରର ଉପକଣ୍ଠ ମହାନଦୀର ବହଟା ଘାଟଠାରୁ ଡଙ୍ଗାରେ ପ୍ରାୟ ୫ କି.ମି ଅତିକ୍ରମ କରି ଧବଳେଶ୍ୱର କୁଦକୁ ଆସିବାକୁ ପଡ଼ିଥାଏ । ଶ୍ରୀଶ୍ରୀଧବଳେଶ୍ୱରଙ୍କ ଚତୁଃପାର୍ଶ୍ୱରେ, କୁଦ ନିକଟସ୍ଥ ଅନ୍ୟାନ୍ୟ ସ୍ଥାନମାନଙ୍କରେ ଅଷ୍ଟଶମ୍ଭୁଙ୍କର ମନ୍ଦିର ବିଦ୍ୟମାନ । ଏହି ଶିବ ମନ୍ଦିରଗୁଡ଼ିକ ହେଲା ମଣ୍ଡେଶ୍ୱର ଗ୍ରାମ ମୁଣ୍ଡିଆ ଉପରେ ମଣ୍ଡେଶ୍ୱର ମହାଦେବ, ଧବଳେଶ୍ୱରଙ୍କ ପଶ୍ଚିମ ଦିଗରେ ବିଶେଶ୍ୱର ମହାଦେବ କିମ୍ବା ବୁଢ଼ାଲିଙ୍ଗ, କଖଡ଼ି ଗ୍ରାମରେ ବାଣ୍ଡେଶ୍ୱର, ନୂଆଶାସନରେ ରାମେଶ୍ୱର, ନରାଜଠାରେ ସିଦ୍ଧେଶ୍ୱର, ବଳରାମପୁରରେ ସର୍ପେଶ୍ୱର ଏବଂ ଯେନାପୁର ନିକଟରେ ସ୍ୱପ୍ନେଶ୍ୱର ଅଷ୍ଟଶମ୍ଭୁ ବିରାଜିତ । ବର୍ତ୍ତମାନ ରାଜ୍ୟ ସରକାରଙ୍କର ମୃତ୍ତିକା ସଂରକ୍ଷଣ ବିଭାଗ ତରଫରୁ ଲକ୍ଷାଧିକ ଟଙ୍କା ବ୍ୟୟରେ ସେଠାରେ ବୃକ୍ଷ ରୋପଣ ଓ ପୁଷ୍କରିଣୀ ଖନନ ଏବଂ ମନୋରମ ଉଦ୍ୟାନ ପ୍ରସ୍ତୁତ କରାଯାଇଛି । ଏତଦ୍ ବ୍ୟତୀତ ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ତରଫରୁ ସେଠାରେ ଯାତ୍ରୀମାନଙ୍କ ପାଇଁ ଏକ ପାନ୍ଥଶାଳା ମଧ୍ୟ ନିର୍ମାଣ କରାଯାଇଛି । ଏହା ସହିତ ଆଠଗଡ଼ ଦେବୋତ୍ତର ବିଭାଗ ଦ୍ୱାରା ଏକ କ୍ଷୁଦ୍ର ବଙ୍ଗଳାଟିଏ ନିର୍ମାଣ କରାଯାଇଛି । ଏଠାରେ ସ୍ମରଣ କରାଯାଇ ପାରେ ଯେ, ପୂର୍ବରୁ କେଶରୀ ବଂଶୀୟ ନରପତିମାନଙ୍କ ଦ୍ୱାରା ନିର୍ମିତ ଧବଳେଶ୍ୱରଙ୍କ କ୍ଷୁଦ୍ର ମନ୍ଦିରଟି ଜୀର୍ଣ୍ଣଶୀର୍ଣ୍ଣ ଅବସ୍ଥାରେ ପଡ଼ି ରହିଥିଲା । କିନ୍ତୁ ପରେ ଯେତେବେଳେ ରାଜମାତା ପଦ୍ମାବତୀ ଦେବୀ ଆଉ ପୁରୀରେ ନରହି କଟକର ବାରବାଟୀ ଦୁର୍ଗରେ ଅବସ୍ଥାନ କରୁଥିଲେ, ସେତେବେଳେ ଉକ୍ତ ପୀଠକୁ ପ୍ରାକୃତିକ ସୁଷମା ଉପଭୋଗ କରିବାକୁ ଆସୁଥିବା ବେଳେ, ତାଙ୍କରି ନିର୍ଦ୍ଦେଶରେ ଗଜପତି ମହାରାଜା ପ୍ରତାପରୁଦ୍ର ଦେବ, ପୁରାତନ ମନ୍ଦିରଟିକୁ ଭାଙ୍ଗି ଦେଇ ଏବର ନୂତନ ମନ୍ଦିରଟି ନିର୍ମାଣ କରାଇଥିଲେ । ସେହି ସମୟରେ ମଧ୍ୟ ମନ୍ଦିର ସମ୍ମୁଖସ୍ଥ ପାକଘର ଏବଂ ମନ୍ଦିରର ଉତ୍ତର ଦିଗରେ ରହିଥିବା ଛୋଟ ଛୋଟ ଘରଗୁଡ଼ିକ ନିର୍ମିତ ହୋଇଥିଲା । ପରେ ଆଠଗଡ଼ ଯେତେବେଳେ ସ୍ୱତନ୍ତ୍ର ଗଡ଼ଜାତ ରାଜ୍ୟ ରୂପେ ସ୍ୱୀକୃତି ପାଇଲା, ଧବଳେଶ୍ୱରଙ୍କର ଏହି ଆସ୍ଥାନଟି ଆଠଗଡ଼ ରାଜ୍ୟ ଭିତରେ ରହିଯିବାରୁ ଆଠଗଡ଼ର ସାବର୍ଣ୍ଣ ଗୋତ୍ରୀ କ୍ଷତ୍ରିୟ ରାଜାମାନେ ଶ୍ରୀଜୀଉଙ୍କ ସେବା ପୂଜା ପାଇଁ ଭୂମି, ବୃତ୍ତି ଖଞ୍ଜି ଦେବା ସଙ୍ଗେ ସଙ୍ଗେ କୁଦର ଉପରି ଭାଗରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ କରାଇଲେ । ଆଠଗଡ଼ର ପୂର୍ବତନ ରାଜାସାହେବ୍ ସ୍ୱର୍ଗତଃ ବିଶ୍ୱନାଥ ଦେବ ବର୍ମାଙ୍କ ଦ୍ୱାରା ସେଠାରେ ରାଧାକୃଷ୍ଣଙ୍କ ମନ୍ଦିର ଏବଂ ଅନ୍ୟାନ୍ୟ ଗଠନମୂଳକ କାର୍ଯ୍ୟ ସମାହିତ ହୋଇଥିଲା । ପ୍ରକାଶ ଥାଉକି, ସେ ସମୟରେ ଆଠଗଡ଼ର ରାଜବଂଶ ଶ୍ରୀଶ୍ରୀଧବଳେଶ୍ୱର ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ୧୭୬ ଏକର ଜମି ଖଞ୍ଜି ଦେଇଥିଲେ । ବାସ୍ତବରେ କହିବାକୁ ଗଲେ ଧବଳେଶ୍ୱର କୁଦଟି ପ୍ରାକୃତିକ ଶୋଭା ସମ୍ଭାରର ଏକ ଗନ୍ଧାଗର କହିଲେ ଅତ୍ୟୁକ୍ତି ହେବନାହିଁ ।

## ଧବଳେଶ୍ୱର ଦେବଙ୍କ ଆବିର୍ଭାବ :

ବହୁ ପ୍ରାଚୀନ କାଳରୁ ପୀଠଟି ପ୍ରସିଦ୍ଧି ଲାଭ କରିଅଛି । ଏହା ଏକ ଦ୍ୱାଦଶ ଗୋଟି ଜ୍ୟୋତିର୍ଲିଙ୍ଗ ମଧ୍ୟରୁ ଶ୍ରୀଶ୍ରୀଧବଳେଶ୍ୱର ଅନ୍ୟତମ । ଏବେ ପୁଣ୍ୟ ଶ୍ରୀଜୀଉଙ୍କ ଉତ୍ପତ୍ତି କାହାଣୀ କିମ୍ବଦନ୍ତୀମୂଳକ ଏବଂ ରହସ୍ୟାବୃତ । ପଦ୍ମପୁରାଣର ଉତ୍ତର ଖଣ୍ଡ ୫୭ ଅଧ୍ୟାୟରେ ବର୍ଣ୍ଣିତ ଅଛି । ଏକଦା ନମୁଚି ନାମକ ରାକ୍ଷସରାଜ ଇନ୍ଦ୍ରାସନ ଲାଭ କରିବା ଆଶାରେ ଇନ୍ଦ୍ରଙ୍କ ସହ ଯୁଦ୍ଧରତ ଥିଲା । ଉଭୟଙ୍କ ମଧ୍ୟରେ ସ୍ଥିର ହେଲା ସେମାନେ ବିନା ଅସ୍ତ୍ରରେ ଯୁଦ୍ଧ କରିବେ । ଉପଯୁକ୍ତ ସମୟ ପାଇଁ ସେମାନେ ଅପେକ୍ଷା କରି ରହିଲେ । ଇନ୍ଦ୍ରଙ୍କୁ ଏଥି ମଧ୍ୟରେ ଆକାଶବାଣୀ ହେଲା, ମହାସାଗରୀୟ ଫେନ ପୁଞ୍ଜଘାତରେ ହିଁ ନମୁଚିର ମୃତ୍ୟୁ ହେବ । ଇନ୍ଦ୍ର ସେହି ପନ୍ଥା ଅବଲମ୍ବନ କରି ଦାନବ ନମୁଚିକି ହତ୍ୟା କଲେ । ଦାନବରାଜ ନମୁଚି ଜାତିରେ ବ୍ରାହ୍ମଣ ଥିବାରୁ ଇନ୍ଦ୍ରଙ୍କୁ ବ୍ରହ୍ମ ହତ୍ୟା ପାପ ଲାଗିବାରୁ ସେ ବ୍ରହ୍ମ ହତ୍ୟା ଜନିତ ପାପରେ ବିବର୍ଣ୍ଣ ଏବଂ କଳୁଷିତ ହୋଇ ବଡ଼ ଅତିଷ୍ଠ ହେଲେ । ଏଥିରୁ ଉଦ୍ଧାର ପାଇବା ପାଇଁ ନିଜର କୁଳଗୁରୁ ବୃହସ୍ପତିଙ୍କ ଦ୍ୱାରା ଆଦିଷ୍ଟ ହୋଇ, ଦେବରାଜ ଇନ୍ଦ୍ର ମର୍ତ୍ତ୍ୟ ଧାମରେ ମହାନଦୀର ଉତ୍ତର କୂଳରେ ଉପ୍ରୁଉପ୍ରୁ ବର୍ଣ୍ଣିତ ପୀଠର ନିକଟବର୍ତ୍ତୀ ହୋଇ, ସେହି ସ୍ଥାନରେ ପ୍ରବହମାନ ସ୍ୱଚ୍ଛ ଜଳରାଶିରେ ପଶି ସ୍ନାନ କରନ୍ତେ ଇନ୍ଦ୍ରଙ୍କ କଳୁଷ ଦୂର ହେଲା ଏବଂ ସେ ତାଙ୍କର ପୂର୍ବ ତେଜ ପୁନର୍ବାର ଫେରି ପାଇଲେ । ସେହି ସ୍ନାନ ଫଳରେ ସୁରପତି ଇନ୍ଦ୍ରଙ୍କ ଶାରୀରିକ ତେଜ, ପୂର୍ଣ୍ଣଚନ୍ଦ୍ରଠାରୁ ଆହୁରି ଶୁଭ୍ରତର ହୋଇଉଠିଲା । ନିଜର ଶୁଭ୍ର ତେଜ ବର୍ଦ୍ଧନରେ ବିମୁଗ୍ଧ ହୋଇ ନମୁଚି ସୂଦନ ଇନ୍ଦ୍ର ପରମ ଭକ୍ତି ଏବଂ ପ୍ରୀତିଯୁକ୍ତ ହୋଇ, ମହାନଦୀ ମଧ୍ୟସ୍ଥ ଶୈଳଖଣ୍ଡ ଉପରେ ଉକ୍ତ ଶିବଲିଙ୍ଗ ସ୍ଥାପନ କରି ପୂଜା ଆରାଧନା କଲେ । ଇନ୍ଦ୍ରଙ୍କ ଶୁଭ୍ରତର ତନୁ କାନ୍ତି ଜନିତ ସ୍ମୃତିକୁ ଉଜ୍ଜୀବିତ କରି ରଖିବା ଉଦ୍ଦେଶ୍ୟରେ ଏହି ଐନ୍ଦ୍ର ଲିଙ୍ଗ ସମୟକ୍ରମେ ଲୋକ ମୁଖରେ ଧବଳେଶ୍ୱର ନାମରେ କଥିତ ହୋଇଥିଲେ । କାଳକ୍ରମେ ଏହି ଐନ୍ଦ୍ରଲିଙ୍ଗ ଘୋର ଅରଣ୍ୟ ଏବଂ ଲତା ଆଚ୍ଛାଦିତ ହୋଇ ପଡ଼ିରହିଥିଲା ଏବଂ ସମଗ୍ର କୁଦଟି ହିଂସ୍ର ଜନ୍ତୁମାନଙ୍କ ଦ୍ୱାରା ବିପଦ ସଙ୍କୁଳ ଅବସ୍ଥାରେ ଥିଲା ।

ବର୍ଣ୍ଣିତ ଶୈବ ପୀଠଟି ନିକଟବର୍ତ୍ତୀ ଗ୍ରାମ ଇନ୍ଦ୍ର ଗ୍ରାମ (ବର୍ତ୍ତମାନ ମଣ୍ଡେଶ୍ୱର ଗ୍ରାମ ନାମରେ ନାମିତ)ରେ ନନ୍ଦୀ ନାମକ ଜନୈକ ବୈଶ୍ୟ ବାସ କରୁଥିଲେ । ସେ ପରମ ଶିବ ଭକ୍ତ ଥିଲେ । ସେ ପ୍ରତି ଦିନ ପ୍ରତ୍ୟୁଷରୁ ବର୍ଣ୍ଣିତ କୁଦ ଉପରକୁ ଯାଇ ଅତି ଗୋପନ ଭାବେ, ଉକ୍ତ ଐନ୍ଦ୍ରଲିଙ୍ଗକୁ ଧବଳପୁଷ୍ପ, ବିଲ୍ୱପତ୍ର, ଚନ୍ଦନ ଏବଂ ଧୂପାଦି ଦେଇ ପୂଜା ଅର୍ଚ୍ଚନା କରୁଥିଲେ । ଏହାର କିଛିଦିନ ପରେ, ରାକ୍ଷସ ପ୍ରତିମ, ଅସ୍ତ୍ରଶସ୍ତ୍ର ସଜ୍ଜିତ ଭୀମ ଦର୍ଶନ ନାମକ କିରାତ, ଉକ୍ତ ଶୈଳଖଣ୍ଡ ଉପରକୁ ଆସି ବହୁ ମୃଗ ଏବଂ ଶଶକାଦି ବଧ କରିବାରେ ଲିପ୍ତ ରହିଲା । ଏକଦା ପାପାଶ୍ରୟୀ କିରାତ ନିରୀହ ବନ୍ୟଜନ୍ତୁମାନଙ୍କୁ ହତ୍ୟା କରୁକରୁ ଲକ୍ଷ୍ୟହୀନ ଭାବେ ଏହି ଐନ୍ଦ୍ରଲିଙ୍ଗକୁ ଦର୍ଶନ କରି ଅତ୍ୟନ୍ତ ପ୍ରୀତ ହୋଇ ଭକ୍ତି ସହକାରେ ଶ୍ରୀଲିଙ୍ଗଙ୍କ ଉଦ୍ଦେଶ୍ୟରେ ପ୍ରଣତି ନିବେଦନ ଜଣାଇଲା ଏବଂ ମନେମନେ ପ୍ରତିଜ୍ଞା କଲା ପ୍ରତିଦିନ ଏହି ଶିବଲିଙ୍ଗକୁ ପୂଜା କରିବ । ପରେ ପରେ ସେ ମହାନଦୀକୁ ଯାଇ ସ୍ନାନ କରି ଗଣ୍ଡୁଷରେ ଜଳ ଆଣି, ଶିବଲିଙ୍ଗକୁ ଧୌତ କରି, ନନ୍ଦୀ ପୂଜିତ ପୁଷ୍ପ ଏବଂ ବିଲ୍ୱପତ୍ରକୁ ଅଲଗା କରି, ନିଜେ ଆଣିଥିବା ବିଲ୍ୱପତ୍ର ଏବଂ ସେଦିନ ବଧ କରିଥିବା ମୃଗ ମାଂସକୁ ଶ୍ରୀଲିଙ୍ଗଙ୍କ ଉଦ୍ଦେଶ୍ୟରେ ସମର୍ପଣ କରି, ନିଷ୍କାମ ଚିତ୍ତରେ, ନିଷ୍କପଟ ଭାବେ

ଶ୍ରୀଶ୍ରୀଧବଳେଶ୍ୱରଙ୍କ ପୂଜା ଆରାଧନା କଲା। ପରଦିନ ନନ୍ଦୀ ପ୍ରତ୍ୟୁଷରୁ ଶିବାଳୟ ଯାଇ ଯେତେବେଳେ ଦେଖନ୍ତି ତାଙ୍କ ପ୍ରଦତ୍ତ ବିଲ୍ୱପତ୍ର ଏବଂ ପୁଷ୍ପ ବଦଳରେ ଲିଙ୍ଗ ଉପରେ ମୃଗ ମାଂସ ସମର୍ପଣ କରାଯାଇଛି, ସେ ଏହା ଦେଖି ନିଜକୁ ଧିକ୍କାର କରିବା ସଙ୍ଗେ ସଙ୍ଗେ ତାଙ୍କ ପୂଜାରେ କେହି ବ୍ୟାଘାତ ଘଟାଇଛି ଏବଂ କେଉଁ ପାପାଚାରୀ, ଦୁର୍ମତି ଏହି ପାପକାଣ୍ଡ ଘଟାଇଛି ବୋଲି ସେ ବିଷୟରେ ଅନୁସନ୍ଧାନ କଲେ। ମାତ୍ର କିଛି ଫଳ ହେଲା ନାହିଁ। ପ୍ରତିଦିନ ପ୍ରାୟ ଏହି କାର୍ଯ୍ୟ ଲାଗି ରହିଲା। ଶେଷରେ ଶିବଭକ୍ତ ନନ୍ଦୀ ଶିବାଳୟ ନିକଟସ୍ଥ ଅରଣ୍ୟରେ ଲୁଚିରହି, ଭୀମ ଦର୍ଶନ କିରାତରାଜର ଏ କୁକର୍ମ ଜାଣି ବଡ଼ ଚିନ୍ତିତ ହେଲେ କିନ୍ତୁ ସେ ବା' ଏକାକୀ କ'ଣ କରିପାରିବେ ? ଶେଷରେ ସେହି ଗ୍ରାମର ଜଣେ ପୁରୋହିତଙ୍କୁ ସାଙ୍ଗରେ ଆଣି, ଉଭୟଙ୍କ ନିଷ୍ପତ୍ତି ଅନୁସାରେ, ସେହି ଐନ୍ଦ୍ର ଲିଙ୍ଗକୁ ଉତ୍ପାଟନ କରି, ନନ୍ଦୀ ତାଙ୍କ ସ୍ୱଗୃହରେ ମଣ୍ଡାକରି ରଖି ପୂଜା ଆରାଧନା କଲେ। ପ୍ରକାଶ ଥାଉକି ବର୍ତ୍ତମାନ ସେହି ଉତ୍ପାଟିତ ଶିବ ଲିଙ୍ଗଟି ମଣ୍ଡେଶ୍ୱର ମହାଦେବ ନାମରେ ସେହି ଗ୍ରାମର ପାହାଡ଼ ଉପରେ ପୂଜା ପାଉଛନ୍ତି ବୋଲି ଜନଶ୍ରୁତି ଅଛି। ଏହି ଘଟଣା ଘଟିବାର ପରଦିନର କଥା। କିରାତ ଯେତେବେଳେ ଶୈବପୀଠ ନିକଟକୁ ଯାଇ ଦେଖେତ ତା'ର ପ୍ରିୟ ଆରାଧ୍ୟ ଶିବଲିଙ୍ଗ ସେ ସ୍ଥାନରୁ ଉତ୍ପାଟିତ ହୋଇ ଅପହୃତ ହୋଇ ଯାଇଛି, ସେ ତତ୍‌କ୍ଷଣାତ୍ ଦୁଃଖରେ ଅତି ମ୍ରିୟମାଣ ହୋଇ ଏବଂ କ୍ରୋଧରେ ଜର୍ଜରିତ ହୋଇ, ମହାନଦୀରେ ସ୍ନାନ, ତର୍ପଣ ସାରି, ଉତ୍ପାଟିତ ଶିବଲିଙ୍ଗ ସ୍ଥାନରେ, ଶର ମୁନରେ ନିଜର ପେଟଚିରି ନିଷ୍ଠା ଏବଂ ଭକ୍ତି ସହକାରେ ନିଜର ଅନ୍ତବୁଜୁଳାକୁ, ସେ ସ୍ଥାନରେ ସ୍ଥାପନ କରି ତାକୁ ଶିବଲିଙ୍ଗ ଜ୍ଞାନ କରି, ଶ୍ରୀଶଙ୍କରଙ୍କ ପୂଜା, ଆରାଧନାରେ ବ୍ରତ ହେଲା ଏବଂ ମନେମନେ ପ୍ରତିଜ୍ଞା କଲାଯେ, ଯଦି ଏହି ସ୍ଥାନରେ ଶ୍ରୀଶଙ୍କର ସ୍ୱଦେହରେ ଆବିର୍ଭାବ ନହୁଅନ୍ତି, ତେବେ ସେ ଶିବଙ୍କର ଏହି ପବିତ୍ର ପୀଠରେ ଆତ୍ମବଳୀ ଦେବ। କିରାତର ଏହି କାମନା ବିହୀନ ପୂଜା ଏବଂ ଅଟଳ ଭକ୍ତିରେ ଶିବଙ୍କ ଧ୍ୟାନ ଭଗ୍ନ ହେଲା ଏବଂ ସେ ସହସା ସେହି ସ୍ଥାନରେ ଡ଼ମ୍ବରୁ ନାଦ କରି ଆବିର୍ଭାବ ହେଲେ। ଶିବଙ୍କର ବିଜୟ ସୂଚକ ଡ଼ମ୍ବରୁ ଶବ୍ଦ ଶ୍ରବଣରେ, ନନ୍ଦୀ ସ୍ୱଗୃହରୁ ଆସି ଶିବାଳୟରେ ଉପସ୍ଥିତ ହେଲେ ଏବଂ ସ୍ୱଚକ୍ଷୁରେ ଦେଖି ପାରିଲେ ଯେ, ସ୍ୱୟଂ ଭୂତନାଥ ଶଙ୍କର କିରାତ ସମ୍ମୁଖରେ ବିଦ୍ୟମାନ। ସେ ଆଉ କାଳ ବିଳମ୍ବ ନକରି ସଙ୍ଗେ ସଙ୍ଗେ ଭକ୍ତି ଗଦ୍‌ଗଦ୍ କଣ୍ଠରେ ଶିବଭକ୍ତ କିରାତକୁ ସ୍ତୁତି କରିବାକୁ ଲାଗିଲେ। ନନ୍ଦୀଙ୍କ ପ୍ରାର୍ଥନାରେ କିରାତ ସନ୍ତୋଷ ଲାଭକଲେ ଏବଂ ନନ୍ଦୀଙ୍କ ଆକୁଳ ନିବେଦନ ସ୍ୱୟଂ ଶଙ୍କରଙ୍କୁ ମଧ୍ୟ ଜଣାଇଲେ। ଭକ୍ତ ଶ୍ରେଷ୍ଠ କିରାତର ପ୍ରାର୍ଥନାରେ ଶିବ ସନ୍ତୁଷ୍ଟ ହୋଇ ଉଭୟଙ୍କୁ ନିଜ ମନ୍ଦିରର ଦ୍ୱାରପାଳ ରୂପେ ଅଭୟ ପ୍ରଦାନ କରି, ସ୍ୱଦେହରେ ମଣି–ରତ୍ନ ଖଚିତ ବିମାନରେ କୈଳାସକୁ ପ୍ରେରଣ କଲେ। ଉଭୟେ ନନ୍ଦୀ ଏବଂ ମହାକାଳ ନାମରେ ଦେବ ଦେବ ମହାଦେବଙ୍କ ମନ୍ଦିରର ଦ୍ୱାର ପାଳ ରୂପେ ପୂଜା ପାଇଲେ।

## ପୀଠର ଅନ୍ୟ ଏକ କିମ୍ବଦନ୍ତୀ :

ଅନ୍ୟ ଏକ କିମ୍ବଦନ୍ତୀରୁ ଜଣାଯାଏ ଯେ, ଏହି ସବୁ ଘଟଣା ଘଟିସାରିବା ପରେ କାଳକ୍ରମେ ସମୟ ଅତିବାହିତ ହୋଇ ଚାଲିଲା। ସେହି ଐନ୍ଦ୍ରଲିଙ୍ଗ ଉପରେ ମନ୍ଦିରଟିଏ ନିର୍ମାଣ ହୋଇ ପାରିନଥିଲା। କାଳକ୍ରମେ ଏହି ଐନ୍ଦ୍ରଲିଙ୍ଗ ଉପରେ ମାଟି ଏବଂ ପଥରର ସ୍ତୂପ ସୃଷ୍ଟି ହୋଇ ମୁକ୍ତ ଆକାଶତଳେ କାଳବାଳ ଧରି ପଡି ରହିଥିଲା। ନିକଟବର୍ତ୍ତୀ ଅଞ୍ଚଳରୁ ଅନେକ ଗୋରୁ, ଛେଳି, ମେଣ୍ଢା ବର୍ଣ୍ଣିତ କୁଦକୁ ଯାଇ ନିୟମିତ ଚରଣ କରୁଥିଲେ। ସେତେବେଳେ ବର୍ଣ୍ଣିତ କୁଦଟିକୁ ପୃଥକ କରୁଥିବା ମହାନଦୀର ଜଳଧାରା ଏତେ ପ୍ରଶସ୍ତ ନଥିଲା। ଏକଦା ଦେଖାଗଲାଯେ, ଧଳାଧଳା ମାଳତୀଫୁଲ ଦ୍ୱାରା ପରିବେଷ୍ଟିତ ଗୋଟିଏ ଲତାତଳେ ଗୋଟିଏ ଧଳାରଙ୍ଗର ଗାଈଟିଏ ଠିଆ ହୋଇ ତା'ର ପହ୍ନାରୁ ସ୍ୱତଃ କ୍ଷୀର ସ୍ରବ କରାଉଛି। ଗାଈ ଚରାଉଥିବା ଗୋପାଳ, ଏ ଆଚମ୍ବିତ ଘଟଣା ହଠାତ୍ ଦିନେ ଦେଖିପାରି, ମନରେ ସନ୍ଦେହ ଜାତ ହେବାରୁ ଲୋକମାନଙ୍କୁ ଏ କଥା ପ୍ରକାଶ କଲା। କ୍ରମେ କ୍ରମେ ଏହି କଥା ମହାରାଜାଙ୍କ କର୍ଣ୍ଣ ଗୋଚର ହେଲା। ସେତେବେଳେ ଶୈବ ଧର୍ମାବଲମ୍ବୀ କେଶରୀବଂଶର ନରପତିମାନେ ଯାଜପୁରଠାରୁ ରାଜଧାନୀ ଉଠାଇ ଆଣି, ଆଧୁନିକ ବିଡ଼ାନାସୀ ନିକଟରେ "ବାରାଣାସୀ କଟକ" ନାମରେ ଗୋଟିଏ ଗଡ଼ ସ୍ଥାପନ କରି ରହିଥିଲେ। ମହାରାଜାଙ୍କ ଆଦେଶରେ ଯେଉଁ ଉଚ୍ଚସ୍ଥାନରେ ଧଳା ଗାଈଟି ପ୍ରତ୍ୟହ କ୍ଷୀର ସ୍ରାବ କରୁଥିଲା, ସେହି ସ୍ଥାନଟି ଖନନ କରାଗଲା। କିଛି ଦୂର ଖୋଳା ଗଲାପରେ ଗୋଟିଏ ବିଚିତ୍ର ପଥର ଦୃଷ୍ଟି ଗୋଚର ହେଲା ଏବଂ ସେହି ପଥରରେ ଅସ୍ତ୍ରାଘାତ ହେବା ମାତ୍ରେ ତହିଁରୁ ବିଚିତ୍ର ଶବ୍ଦ ଶୁଣାଗଲା। ଖନନ କାର୍ଯ୍ୟରେ ନିଯୁକ୍ତ ଶ୍ରମିକମାନେ ପଥରଟିକୁ ଗୋଟିଏ ଶିବଲିଙ୍ଗ ମନେକରି ସମସ୍ତ ବୃତ୍ତାନ୍ତ ମହାରାଜାଙ୍କୁ ଜଣାଇଲେ। ଧବଳ ମାଳତୀ ପୁଷ୍ପ ଦ୍ୱାରା ବିମଣ୍ଡିତ ଲତାମାନଙ୍କ ତଳେ, ଗୋଟିଏ ଧଳାଗାଈର ନିୟମିତ କ୍ଷୀର ସ୍ରାବ ଯୋଗୁଁ, ସ୍ୱୟଂ ପ୍ରକାଶିତ ଶ୍ରୀଲିଙ୍ଗ ମହାରାଜାଙ୍କ ଆଦେଶରେ ଶ୍ରୀଶ୍ରୀଧବଳେଶ୍ୱର: ନାମରେ ନାମିତ ହେଲେ। ଶ୍ରୀଜୀଉ ଆତ୍ମପ୍ରକାଶ କରି ସାରିଲାପରେ, ମହାରାଜାଙ୍କ ଆଦେଶରେ କୁଦର ଉପରିଭାଗ ପରିଷ୍କାର କରାଯାଇ, ଶ୍ରୀଜୀଉଙ୍କ ବିଜେ ସ୍ଥଳୀରେ ପ୍ରସ୍ତର ନିର୍ମିତ ଗୋଟିଏ କ୍ଷୁଦ୍ର ଅର୍ଦ୍ଧବୃତ୍ତାକାର ମନ୍ଦିର ନିର୍ମାଣ କରାଗଲା ଏବଂ ଦୈନନ୍ଦିନ ପୂଜାର ବ୍ୟବସ୍ଥା କରାଗଲା। ଏହାର ବହୁବର୍ଷ ପରେ ଗଜପତି ମହାରାଜା ପ୍ରତାପରୁଦ୍ର ଦେବ, ରାଜମାତା ପଦ୍ମାବତୀ ଦେବୀଙ୍କ ଇଚ୍ଛାନୁସାରେ ପୁରାତନ ମନ୍ଦିରଟିକୁ ଭାଙ୍ଗି ଦେଇ ବର୍ତ୍ତମାନର ନୂତନ ମନ୍ଦିର ନିର୍ମାଣ କରାଇଥିଲେ।

## ପର୍ବପର୍ବାଣୀ :

ଶ୍ରୀଶ୍ରୀଧବଳେଶ୍ୱର ଦେବଙ୍କ ବିଭିନ୍ନ ପର୍ବ ପର୍ବାଣୀମାନଙ୍କ ମଧ୍ୟରେ ଦେବ ଦିଭା, ଶୀତଳଷଷ୍ଠୀ, ମକର ସଂକ୍ରାନ୍ତି, ଶିବରାତ୍ରି ପ୍ରଭୃତି ପ୍ରଧାନ। ଖ୍ରୀଷ୍ଟୀୟ ନବମ ବା ଦଶମ ଶତାବ୍ଦୀ ବେଳକୁ ଧବଳେଶ୍ୱରଙ୍କ ପ୍ରଧାନପର୍ବ "ବଡ଼ଓଷା" ଆରମ୍ଭ ହୋଇଥିବା ସମ୍ଭବ। ଏହି ପର୍ବ ପଠାଯାଏ କିମ୍ବା ପିଠାଯାଏ ରୂପେ ରାଜ୍ୟର ବେଶ୍ ଲୋକ ପ୍ରିୟତା ଅର୍ଜନ କରି ପାରିଛି। ସମଗ୍ର ଓଡ଼ିଶାରେ ପ୍ରାୟ ପ୍ରତି ଓଡ଼ିଆଙ୍କର ଘରେ ଘରେ ଏହା ବେଶ୍ ସୁପରିଚିତ। ଧବଳେଶ୍ୱରଙ୍କର ଏହି ପ୍ରଧାନତମ ପର୍ବ ବଡ଼ଓଷା ଦିନ ଓଡ଼ିଶା ତଥା ଓଡ଼ିଶା ବାହାରୁ ବହୁ ସଂଖ୍ୟକ ଯାତ୍ରୀ ଏହି ପବିତ୍ର ପୀଠକୁ ଆସିଥାନ୍ତି, ସେମାନଙ୍କର ପ୍ରିୟ ବଡ଼ଓଷା ବ୍ରତ ପାଳନ କରିବା ପାଇଁ। ପବିତ୍ର ଧର୍ମ ମାସ ମହା କାର୍ତ୍ତିକରେ ଉକ୍ତ ପର୍ବଟି ପାଳନ କରାଯାଇ ଆସେ। କାର୍ତ୍ତିକ ଶୁକ୍ଳ ତ୍ରୟୋଦଶୀର ଶେଷ ଏବଂ ଚତୁର୍ଦ୍ଦଶୀ ତିଥିର ଆରମ୍ଭ, ଏହି ସନ୍ଧିକ୍ଷଣରେ ହିଁ ଏହି ବଡ଼ଓଷା ବ୍ରତ ପାଳନ କରାଯାଇ, ଶ୍ରୀଜୀଙ୍କ ନିକଟରେ ଧବଳ-ଶଙ୍ଖ ଦେଶୀ କିମ୍ବା ଅନ୍ନକାନ୍ତି ସମର୍ପଣ (ମଣ୍ଡାପିଠା) ଏବଂ ଧବଳ ଭୋଗ

କରାଯାଇଥାଏ । ଶ୍ରୀଜୀଉଙ୍କ ପୀଠରେ ଏହି ପର୍ବ ପାଳନ କରିବାର ବହୁ ପୂର୍ବରୁ ଚାଲିଥାଏ ବ୍ୟାପକ ପ୍ରସ୍ତୁତି ଏବଂ ନିଷ୍ଠାର ସହ ପାଳନ କରାଯାଇଥାଏ ଶିବ ଚତୁର୍ଦ୍ଦଶୀ ଉପବାସ ବ୍ରତ । ଆଷାଢ଼ ମାସର ଶିବ ଚତୁର୍ଦ୍ଦଶୀ ଦିନଠାରୁ ଶ୍ରୀଜୀଉଙ୍କ ପ୍ରତି ସେବକଙ୍କ ଘରୁ ଜଣେ ଲେଖାଏଁ ସେବକ ଉପବାସ ପାଳନ କରନ୍ତି କାର୍ତ୍ତିକ ଶୁକ୍ଳ ଶିବ ଚତୁର୍ଦ୍ଦଶୀ ପର୍ଯ୍ୟନ୍ତ । ବଡ଼ଓଷା ପୂର୍ବଦିନ ଅର୍ଥାତ ତ୍ରୟୋଦଶୀ ଦିନ ପ୍ରତ୍ୟୁଷରୁ ଶ୍ରୀଜୀଉଙ୍କ ମଙ୍ଗଳଆଳତୀ ପରେ ପରେ ଶିରୋଘର୍ଷଣ କାର୍ଯ୍ୟକ୍ରମ ଆନୁଷ୍ଠାନିକ ରୀତିରେ ପାଳନ କରାଯାଇଥାଏ । ଏହି ଶିରୋଘର୍ଷଣ କାର୍ଯ୍ୟକ୍ରମରେ ଆବଶ୍ୟକୀୟ ଦ୍ରବ୍ୟ ଯଥାଃ– ନଡ଼ିଆ କୋରା, ପାଚିଲା କଦଳୀ, ବିଭିନ୍ନ ପାଚିଲା ଫଳ, ଧଳା ଗାଈର କ୍ଷୀର, ଗୁଆଘିଅ, ଲହୁଣୀ, କନ୍ଦ, ଭାଙ୍ଗ, ଛେନା, ଦହି, ଓଷାମସଲା, ଏବଂ ବିଭିନ୍ନ ସୁଗନ୍ଧିଯୁକ୍ତ ଦ୍ରବ୍ୟ ଏକତ୍ର ଗୋଟିଏ ନୂତନ ହାଣ୍ଡିରେ ଚକଟା ହୋଇ, ତାହା ଶ୍ରୀଲିଙ୍ଗଙ୍କ ଉପରେ ଘର୍ଷଣ କରାଯାଇଥାଏ । ପରେ ପରେ ଦୈନନ୍ଦିନ ଖଣ୍ଡୁଡି ଭୋଗ ପରେ ପରେ ଆଳତି ବଢି, ଶ୍ରୀଜୀଉଙ୍କ ରୂପାର ବଡ଼ ସିଂହାର ବେଶ ହୋଇ ପହଡ଼ ପଡ଼େ । ଅଳ୍ପ ସମୟ ପହଡ଼ ପଡି ସାରିଲା ପରେ ସର୍ବ ସାଧାରଣଙ୍କର ଦର୍ଶନ ପାଇଁ ମନ୍ଦିର ଦ୍ୱାର ଉନ୍ମୁକ୍ତ ରହେ । ଏଠାରେ ଏତିକି କୁହାଯାଇ ପାରେଯେ, ପଞ୍ଚୁକ ପାଞ୍ଚଦିନ ଭକ୍ତମାନଙ୍କୁ ଭୋଗ ମଣ୍ଡପ ନିକଟରେ ଠିଆ ହୋଇ ଶ୍ରୀଜୀଉଙ୍କ ଦର୍ଶନ କରିବାକୁ ପଡ଼ିଥାଏ । ପ୍ରଭୁଙ୍କ ବିଜେସ୍ଥଳୀ ନିକଟକୁ ଏହି ପାଞ୍ଚଦିନ ସର୍ବ ସାଧାରଣଙ୍କୁ ଯିବାପାଇଁ ନିଷେଧ ହୋଇଥିବାରୁ, ଭକ୍ତମାନେ ଯେଉଁ ପୂଜା ସାମଗ୍ରୀ ତଥା ମାନସିକ ଦ୍ରବ୍ୟ ଅର୍ପଣ କରିଥାନ୍ତି ତାହା ଶ୍ରୀଜୀଉଙ୍କ ବିଜେ ପ୍ରତିମା ପଞ୍ଚମୁଖୀ ମହାଦେବଙ୍କ ନିକଟରେ ଉତ୍ସର୍ଗ କରାଯାଇଥାଏ । ଧବଳେଶ୍ୱରଙ୍କ ଅନ୍ୟାନ୍ୟ ଭୋଗ ଭିତରେ ଏ ସ୍ଥାନରେ ବିଶେଷ ପ୍ରାଧାନ୍ୟ ଲାଭ କରିଥାଏ ଉଖୁଡ଼ା ଏବଂ ଘିଅରେ ପ୍ରସ୍ତୁତ ଗଜାଖଜା । ବିଶେଷ କରି ପଞ୍ଚୁକ ପାଞ୍ଚଦିନ ସମଗ୍ର ପଠାଟିରେ ଜନ କୋଳାହଳ ବହୁ ସଂଖ୍ୟାରେ ହୋଇଥାଏ । କୁଦ ଉପରେ ଏବଂ କୁଦର ଅପର ପାର୍ଶ୍ୱରେ ବିଭିନ୍ନ ମନୋହରୀ ଦୋକାନ, ନିରାମିଷ ଭୋଜନାଳୟ, ଇତ୍ୟାଦି ଖୋଲା ହୋଇ ଯାତ୍ରାଟିକୁ ଆହୁରି ଅଧିକ ସୁନ୍ଦର କରିଥାନ୍ତି । ଏତଦ୍ ବ୍ୟତୀତ ରାଜ୍ୟ ସରକାରଙ୍କ ସୂଚନା ଏବଂ ଲୋକସମ୍ପର୍କ ବିଭାଗ ଏବଂ କ୍ଷେତ୍ର ପ୍ରଚାର ବିଭାଗ ତରଫରୁ ସେଠାରେ ସାଂସ୍କୃତିକ କାର୍ଯ୍ୟକ୍ରମମାନ କରାଯାଇଥାଏ । ଏହି ବଡ଼ଓଷା ଯାତ୍ରାଟିକୁ ଶାନ୍ତି ଶୃଙ୍ଖଳା ଭାବେ ପାଳନ କରିବା ପାଇଁ, ଆଠଗଡ଼ର ଉପ-ଜିଲ୍ଲାପାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ, ଆଠଗଡ଼ ଦେବୋତ୍ତର ବିଭାଗ ତରଫରୁ ବିଶେଷ ଆୟୋଜନ କରାଯାଇଥାଏ ।

## ଗଜମଣ୍ଡା ଲାଗି :

ଧଳା ଧାନର ଅରୁଆ ଚାଉଳ ଚୂନା ଏବଂ ଧଳା ଗାଈର କ୍ଷୀର ତଥା ଧଳା ଗୁଡ଼ ପୁର ଦିଆ ଗଜ–ମଣ୍ଡା ଏବଂ ଅଟକାଳିକୁ ପ୍ରସାଦ ରୂପେ ପାଇବାକୁ ରାଜ୍ୟରୁ ଲକ୍ଷାଧିକ ଯ...। ସେଦିନ ପଠା ଉପରେ ରାତିସାରା ଉଜାଗର ରହି, ଘୃତକ ପରି ରହି ରହିଥାନ୍ତି, ମହାପ୍ରଭୁ ଧବଳେଶ୍ୱରଙ୍କ ଭଜନ, ଜଣାଣ ଗାନ କରି । କେତେକ ଭକ୍ତ ମାନସିକ କରି ଗଜ–ମଣ୍ଡା ଲାଗି କରାଇବା ସ୍ଥଳେ, କେତେକ ଭକ୍ତ କାମନା ବିହୀନ ଭକ୍ତିପୂତ ଚିତ୍ତରେ ନିଷ୍ଠାର ସହ ଶ୍ରୀଶ୍ରୀଧବଳେଶ୍ୱରଙ୍କ ନିକଟରେ ଗଜ ବସେଇ ଥାନ୍ତି । ମନ୍ଦିର ତରଫରୁ ଧବଳେଶ୍ୱରଙ୍କ ନିଜସ୍ୱ ଗଜ ସର୍ବ ପ୍ରଥମେ ଲାଗି ହୋଇ ସାରିଲା ପରେ, ସର୍ବ ସାଧାରଣଙ୍କ ତରଫରୁ ଗଜ ଭୋଗ ଅର୍ପଣ କରାଯାଇଥାଏ । ଶ୍ରୀଜୀଉଙ୍କ ନିକଟରେ ଏହି ଗଜଭୋଗ ଠିକ୍ ତ୍ରୟୋଦଶୀ ଏବଂ ଚତୁର୍ଦ୍ଦଶୀର ସନ୍ଧିକ୍ଷଣରେ ହିଁ ହୋଇଥାଏ । ଧବଳେଶ୍ୱରଙ୍କ ନିକଟରେ ସମର୍ପଣ ହୋଇଥିବା ଧବଳବର୍ଣ୍ଣର ଗଜରେ ଧଳାମୁଗ ବା ନଡ଼ିଆ କୋରା ପୁର ଦେଇ, ମଣ୍ଡା ପ୍ରସ୍ତୁତକରି, ଧବଳବର୍ଣ୍ଣର ଗାଈର କ୍ଷୀରରେ, ଧଳାଧାନ ଚାଉଳ ଚୂନାରେ ପ୍ରସ୍ତୁତ ହୋଇଥିବା ଅଟକାଳି ବା ତରଣ, ବାସ୍ତବରେ ଶିବ ଭକ୍ତମାନଙ୍କ ହୃଦୟରେ ବିଭୁପ୍ରେମର ମଧୁ–ମନ୍ଦାକିନୀ ପ୍ରବାହିତ କରାଇଥାଏ ।

ସେଦିନ ଓଡ଼ିଶାରେ ବିଶେଷ କରି ଉପକୂଳବର୍ତ୍ତୀ ଅଞ୍ଚଳମାନଙ୍କରେ ପ୍ରାୟ ପ୍ରତି ଓଡ଼ିଆ ଘରେ ଘରେ ଏହି ବଡ଼ଓଷା ବ୍ରତ ମହା ଆନନ୍ଦ - ଉଲ୍ଲାସ ତଥା ପବିତ୍ରତାସହ ପାଳନ କରାଯାଇଥାଏ । ଯେଉଁ ବ୍ରତଧାରୀ କିମ୍ବା ବ୍ରତଧାରୀଣୀମାନେ, ଉକ୍ତଦିନ ବର୍ଣ୍ଣିତ ପୀଠକୁ ଆସିନପାରନ୍ତି ସେମାନେ ନିଜ ନିଜ ଗୃହରେ କିମ୍ବା ଗ୍ରାମସ୍ଥ ଦେବାଳୟ ନିକଟରେ, ନତୁବା ଏକତ୍ରିତ ହୋଇ ଗ୍ରାମର ମୁଖ୍ୟ ସ୍ଥାନମାନଙ୍କରେ ଅତି ନିଷ୍ଠା ସହିତ ଏହି ବ୍ରତ ପାଳନ କରିଥାନ୍ତି । ଏଥିପାଇଁ ସାରା କାର୍ତ୍ତିକ ମାସଯାକ ବ୍ରତାଧାରୀମାନେ ନିରାମିଷ ଭୋଜନ କରି, କାର୍ତ୍ତିକମାସର ପ୍ରତି ସୋମବାର ଶିବ ଉପାସନା କରିଥାନ୍ତି । କାର୍ତ୍ତିକ ଶୁକ୍ଳ ଚତୁର୍ଦ୍ଦଶୀରେ ଏହି ବ୍ରତର ପରିସମାପ୍ତି ଘଟେ । ବଡ଼ଓଷା ପୂର୍ବଦିନ ରାତିରୁ ପ୍ରତ୍ୟେକ ବ୍ରତପାଳନ କରୁଥିବା ବ୍ୟକ୍ତି ଶୌଚ, ସ୍ନାନସାରି, ନବବସ୍ତ୍ର ପରିଧାନ କରି, ନୂତନ ଚୁଲୀ, ନୂତନ ଡଙ୍କା ଏବଂ ନୂତନ ହାଣ୍ଡିରେ ଅତି ଶୁଦ୍ଧ, ପୂତ ଚିତ୍ତରେ ଧବଳ ଗଜ–ମଣ୍ଡା ଧବଳ ଅଟକାଳୀ ବା ତରଣ ପ୍ରସ୍ତୁତ କରି, ଶ୍ରୀଶ୍ରୀଧବଳେଶ୍ୱରଙ୍କ ଉଦ୍ଦେଶ୍ୟରେ ଲାଗିକରି ପ୍ରସାଦ ସେବନ କରନ୍ତି ଏବଂ ଆତ୍ମୀୟମାନଙ୍କ ମଧ୍ୟରେ ବିତରଣ କରିଥାନ୍ତି । ପ୍ରକାଶ ଥାଉକି, ଏହି ବଡ଼ଓଷା ପୂଜାରେ ବିଶେଷ କରି ଗେଣ୍ଡୁଫୁଲ ଏବଂ ବେଲପତ୍ରର ବହୁଳ ବ୍ୟବହାର ହୋଇଥାଏ । ପୂଜାପରେ ପରେ ସେ ସ୍ଥାନରେ ସ୍ଥାପିତ ହୋଇଥିବା କଳସ ଏବଂ ଗୁଆକୁ ଜଳରେ ବିସର୍ଜନ କରାଯାଇଥାଏ ।

ଶ୍ରୀଶ୍ରୀଧବଳେଶ୍ୱର ଦେବଙ୍କ ଧବଳ ରଙ୍ଗ ପ୍ରତି ବିଶେଷ ଶ୍ରଦ୍ଧା ଥାଏ । ତେଣୁ ଶ୍ରୀଜୀଉଙ୍କଠାରେ ଧବଳ ବସ୍ତ୍ର, ଧବଳ ଚମ୍ପକ, ଧବଳ ପୁଷ୍ପ, ଧଳା ଗାଈର କ୍ଷୀର, ଧବଳ ପିଷ୍ଟକ ଏବଂ ଧବଳ ନେତ ଲାଗି କରାଯାଏ । ପ୍ରବାଦ ଅଛି ଏହି ତୀର୍ଥକୁ ପ୍ରତିଦିନ ରାତ୍ରିରେ "କାମଦୁଘା ଦେବୀ" ଆସି, ଧବଳେଶ୍ୱରଙ୍କୁ ସ୍ୱୀୟ ଦୁଗ୍ଧଧାରା ଅଭିଷେକରେ ଧବଳୀକୃତ କରି ପୂଜା କରିଥାନ୍ତି ।

## ବଡ଼ଓଷା କିମ୍ବଦନ୍ତୀ :

ଏହି "ବଡ଼ଓଷା" ସମ୍ପର୍କରେ ଏକ କିମ୍ବଦନ୍ତୀ ରହିଛି । ଦୂର ଅତୀତରେ କୌଣସି ଏକ ଚୋର ଶ୍ରୀଶ୍ରୀଧବଳେଶ୍ୱର କୁଦ ନିକଟସ୍ଥ ଜନୈକ ଗ୍ରାମବାସୀର ଗୃହରୁ ଏକ କଳା ରଙ୍ଗର ବଳଦ ଚୋରୀ କରିନେଇ ଯାଉଥିଲା । ଗୃହକର୍ତ୍ତା ଚୋରର ସନ୍ଧାନ ପାଇ କେତେକ ପଡ଼ୋଶୀଙ୍କ ସାହାଯ୍ୟରେ ତା'ର ଅନୁଧାବନ କଲେ । ଚୋର ଅନ୍ୟ କୌଣସି ଉପାୟ ନପାଇ, ମହାନଦୀ ମଧ୍ୟସ୍ଥ ଶ୍ରୀଶ୍ରୀଧବଳେଶ୍ୱର କୁଦଟିକୁ ନିରାପଦ ସ୍ଥାନ ମନେ କରି, ବଳଦଟିକୁ ସାଥିରେ ନେଇ, ମହାନଦୀ ପାର ହୋଇ କୁଦ ଉପରକୁ ପଳାଇଲା । ସେତେବେଳେ ନିକଟସ୍ଥ ମଣ୍ଡେଶ୍ୱର ଗ୍ରାମ ଏବଂ ଧବଳେଶ୍ୱର କୁଦକୁ ବିଚ୍ଛିନ୍ନ କରିଥିବା ଜଳରାଶି, ଆଜିପରି ଏତେ ଓସାରିଆ ଏବଂ ଗଭୀର ନଥିଲା । ଗ୍ରାମବାସୀମାନେ ଚୋରକୁ

ଧରିବାରେ କୃତକାର୍ଯ୍ୟ ହେଲେ । ଦଣ୍ଡ ଦେବାକୁ ପ୍ରସ୍ତୁତ ହେଲେ । କିନ୍ତୁ ଗ୍ୱେର ପ୍ରାଣ ବିକଳରେ ଶ୍ରୀଶ୍ରୀଧବଳେଶ୍ୱରଙ୍କ କରୁଣାଭିକ୍ଷା କରି କହିଥିଲା–"ସତରେ ଆପଣ ଯଦି ଧବଳେଶ୍ୱର ନାମ ଧାରଣ କରିଥିବେ, ତେବେ ଏ ଗରିବ ଗ୍ୱେର ପ୍ରତି ଦୟାପରବଶ ହୋଇ ଏହି ରାତ୍ରୀ ଭିତରେ ଏହି କଳା ବଳଦର ରଙ୍ଗ ବଦଳାଇ, ତାହାକୁ ଧବଳ ରଙ୍ଗ କରି ଦେବେ" । ଦୁର୍ଯୋଗକୁ ସେ ଦିନ ମେଘାଛନ ରାତ୍ରୀ । କୁଦ ଅରଣ୍ୟ ଆହୁରି ଭୟଙ୍କର ମନେ ହେଉଥିଲା । ଏହି ଘନ ଅନ୍ଧକାର ଭିତରେ ମୁହଁକୁ ମୁହଁ ଦେଖାଯାଉ ନଥିଲା ଏବଂ ଏହି ଅନ୍ଧକାର ଭିତରେ ଗ୍ରାମବାସୀମାନେ ଗ୍ୱେର ଏବଂ ବଳଦକୁ ଚିହ୍ନିପାରି ନଥିଲେ । ଗ୍ୱେର ନିର୍ଭୀକ ହୋଇ କହିଥିଲା–"ମୁଁ କାହାର କଳା ବଳଦ ଚୋରୀ କରିନାହିଁ । ମୁଁ ମୋର ଧଳା ବଳଦକୁ ସାଥିରେ ନେଇ ଯାଉଛି । ଯଦି ମୋ କଥାରେ ଆପଣମାନେ ରାଜି ନାହାନ୍ତି, ତେବେ ରାତ୍ରୀ ଶେଷରେ ବଳଦର ପ୍ରକୃତ ରଙ୍ଗ ଦେଖି, ମୋତେ ସମୁଚିତ ଦଣ୍ଡ ବିଧାନ କରିପାରନ୍ତି" । ଗ୍ୱେରର କଥାନୁସାରେ ଗ୍ରାମବାସୀମାନେ ରାତ୍ରୀସାରା ଉଜାଗର ରହି ଗ୍ୱେର ଏବଂ ବଳଦକୁ ଜଗି ରହିଥିଲେ । ଏ ସଙ୍କଟ ମୁହୂର୍ତ୍ତରେ ବିଚିତ୍ରକର୍ମା ଶ୍ରୀଶ୍ରୀଧବଳେଶ୍ୱରଙ୍କ ନିଃସ୍ୱ ଗ୍ୱେର ପ୍ରତି କୃପା ହେଲା ରାତ୍ରୀ ଶେଷରେ ଦେଖାଗଲା ଗ୍ୱେର ନିକଟରେ ଥିବା ବଳଦର ରଙ୍ଗ କଳା ନୁହେଁ ଧଳା !! ପରିଶେଷରେ ଗ୍ୱେରକୁ ବହୁତ ପ୍ରଶ୍ନ ପଚରାଯିବାରୁ, ଗ୍ୱେର ଶ୍ରୀଶ୍ରୀଧବଳେଶ୍ୱରଙ୍କର କଳି ଯୁଗର ବିଚିତ୍ର ମହିମା ପ୍ରକାଶ କଲା । ସେ ବଳଦଟିକୁ ଠାକୁରଙ୍କ ଉଦ୍ଦେଶ୍ୟରେ ସମର୍ପଣ କଲା ବୋଲି ପ୍ରକାଶ କରିଥିଲା । ମହାପ୍ରଭୁଙ୍କ ଏହି ଅଦ୍ଭୁତ ମହିମାର ମହତ୍ତ୍ୱ ପ୍ରତିପାଦିତ କରିବା ନିମନ୍ତେ ଗ୍ୱେରୀ ବଳଦର ବିକ୍ରୟଲବ୍ଧ ଧନ ଏବଂ ସଂଗୃହୀତ ଚାନ୍ଦାକୁ ମିଶାଇ, ସେହି ଦିନଠାରୁ ଏହି ଶୈବପୀଠଟିରେ ମହାକାର୍ତ୍ତିକ ମାସରେ ଶିବ ଚତୁର୍ଦ୍ଦଶୀ ତିଥିରେ ଧବଳେଶ୍ୱରଙ୍କର ଏହି ବଡ଼ଓଷା ବ୍ରତ ଅଦ୍ୟାବଧି ପାଳନ ହୋଇ ଆସୁଅଛି । ପ୍ରକାଶ ଥାଉକି ପାଟରାଣୀ ପଦ୍ମାବତୀ ଦେବୀଙ୍କ ସମୟରେ ମହାପ୍ରଭୁଙ୍କର ଏହି ବଡ଼ଓଷା ପର୍ବ ସମଗ୍ର ଉତ୍କଳରେ ବିଶେଷ ପ୍ରସିଦ୍ଧି ଲାଭ କରିଥିଲା ।

ପୂର୍ବରୁ ଧବଳେଶ୍ୱରଙ୍କ ମନ୍ଦିରର ସେବା, ନୀତି କେଶରୀ ବଂଶୀୟ ନରପତିମାନଙ୍କ ଦ୍ୱାରା ପରିଚାଳିତ ହେଉଥିଲା । ଠାକୁରଙ୍କ ନିୟମିତ ପୂଜା ଅର୍ଚ୍ଚନା ପାଇଁ କୁଦର ଉତ୍ତର ପାର୍ଶ୍ୱରେ, ମହାନଦୀ କୂଳସ୍ଥ ମଣ୍ଡେଶ୍ୱର ଗ୍ରାମରେ କେତେକ ବ୍ରାହ୍ମଣ ଏବଂ ମାଝୀମାନଙ୍କୁ କେଶରୀ ବଂଶୀୟ ନରପତିମାନେ ବସତି ସ୍ଥାପନ କରିବା ପାଇଁ ଅନୁମତି ଦେଇଥିଲେ । ଧବଳେଶ୍ୱରଙ୍କୁ ପୂଜା କରୁଥିବା ବ୍ରାହ୍ମଣମାନେ ସାଧାରଣତଃ "ପତ୍ରୀ" ଏବଂ "ପଣ୍ଡା" ସଂଜ୍ଞାଧାରୀ । କେଶରୀ ବଂଶୀୟ ନରପତିମାନଙ୍କ ରାଜତ୍ୱ ପରେ ପରେ ଆଠଗଡ଼ ରାଜାମାନଙ୍କ ଅଧୀନରେ ମନ୍ଦିର ପରିଚାଳନା ଭାର ରହିଲା, କିନ୍ତୁ ଯେତେବେଳେ ଗଡ଼ଜାତ ଶାସନର ଅବସାନ ଘଟିଲା, ମନ୍ଦିରର ସମସ୍ତ ଖର୍ଚ୍ଚ ତଥା ସୁପରିଚାଳନା ରାଜ୍ୟ ସରକାରଙ୍କ ଦେବୋତ୍ତର ହାତରେ ନ୍ୟସ୍ତ ରହିଲା । ଅଧୁନା ଆଠଗଡ଼ ଉପ–ଜିଲ୍ଲାପାଳ ମହୋଦୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆଠଗଡ଼ ଦେବୋତ୍ତର ବିଭାଗ ତରଫରୁ ମନ୍ଦିରର ସମ୍ପୂର୍ଣ୍ଣ ଭାର ଗ୍ରହଣ କରାଯାଇଛି ।

ବାସ୍ତବରେ ବିଚାର କଲେ ଅନୁମିତ ହୁଏ ଯେ, ସମଗ୍ର ଭାରତ ବର୍ଷରେ ଏହା ଏକ ପୌରାଣିକ ପ୍ରାଚୀନ ଶୈବ ପୀଠ । ବର୍ଣ୍ଣିତ କୁଦରେ ଯେଉଁ ସବୁ ଐତିହାସିକ ତଥା ପୌରାଣିକ ତଥ୍ୟ ସବୁ ଲୁକ୍କାୟିତ ହୋଇ ରହିଛି, ସେଗୁଡ଼ିକ ଯଦି ବିଧିବଦ୍ଧ ଭାବେ ଗବେଷଣା କରାଯାଇ ଅନୁଧ୍ୟାନ କରାଯାଆନ୍ତା, ଏଥିରୁ ଆହୁରି ଅନେକ ତଥ୍ୟ ଉଦ୍‌ଘାଟିତ ହୋଇପାରନ୍ତା । ଏତଦ୍ ବ୍ୟତୀତ ପ୍ରତି ବର୍ଷ କାର୍ତ୍ତିକ ମାସ ପଞ୍ଚୁକ ପାଞ୍ଚ ଦିନ ଲକ୍ଷାଧିକ ଯାତ୍ରୀ ଏକତ୍ରିତ ହୁଅନ୍ତି । ବର୍ଣ୍ଣିତ କୁଦରେ ଯେଉଁ ଧର୍ମଶାଳାଟି ରହିଛି, ତାହା ଏତେ ସଂଖ୍ୟକ ଯାତ୍ରୀଙ୍କ ପାଇଁ ଅନୁକୂଳ ନୁହେଁ । ଅବଶ୍ୟ ନିକଟରେ ରାଜ୍ୟ ସରକାରଙ୍କର ପର୍ଯ୍ୟଟନ ବିଭାଗ ତରଫରୁ ସେଠାରେ ଏକ ପାନ୍ଥଶାଳା ନିର୍ମାଣ କରାଯାଇଛି । କିନ୍ତୁ ତାହା ଗରିବ ଶ୍ରେଣୀର ଲୋକମାନଙ୍କ ପାଇଁ ଦିବାସ୍ୱପ୍ନ ପରି । ଯାତ୍ରା ସମୟରେ ଏଠାରେ ଗୋଟିଏ କିମ୍ବା ଦୁଇଟି ବଡ଼ ଧରଣର ଧର୍ମଶାଳା ଏବଂ ବିଶୋଧିତ ପାନୀୟ ଜଳ ଯୋଗାଣ ନିହାତି ଜରୁରୀ ମନେ ହେଉଛି । ବର୍ଷା ସମୟରେ ଯାତ୍ରୀମାନେ ଯାହା ହଇରାଣ ହୁଅନ୍ତି ତାହା ଅତ୍ୟନ୍ତ ଦୁଃଖଦାୟକ ଏବଂ ଅସହ୍ୟକର । ବିଶେଷ କରି ଯାତ୍ରା ସମୟରେ ଏବଂ ଅନ୍ୟାନ୍ୟ ଦିନମାନଙ୍କରେ ସ୍ୱଳ୍ପ ସଂଖ୍ୟକ କ୍ଷୁଦ୍ର ଡଙ୍ଗାରେ ଅଧିକ ଯାତ୍ରୀ ଯିବା ଆସିବା ଫଳରେ, ଯାତ୍ରୀମାନଙ୍କ ଜୀବନ ପ୍ରତି ବିପଦ ଦେଖାଦେଉଛି । ଏପରିକି ଅନେକ ଥର ଡଙ୍ଗା ଓଲଟି ଅନେକ ଯାତ୍ରୀଙ୍କର ଜୀବନ ବିପନ୍ନ ହେବାର ଖବର ମଧ୍ୟ ମିଳିଛି । ଯାତ୍ରା ସମୟରେ ସରକାରଙ୍କ ତରଫରୁ ସେଠାରେ ଅଗ୍ନିଶମ ସେବା ସଂସ୍ଥା କିମ୍ବା ଉଦ୍ଧାରକାରୀ ଦଳ ସଦାବେଳେ ମହଜୁଦ୍ ରହିବା ସଙ୍ଗେ ସଙ୍ଗେ ଧବଳେଶ୍ୱର କୁଦ ନିକଟରେ ଗୋଟିଏ ଅସ୍ଥାୟୀ ପୋଲିସ୍ ଫାଣ୍ଡି ଖୋଲାଯିବାର ବ୍ୟବସ୍ଥା ଜରୁରୀ ମନେ କରାଯାଉଛି । ଯାତ୍ରା ସମୟରେ ପର୍ଯ୍ୟାପ୍ତ ପରିମାଣରେ ବଡ଼ ଡଙ୍ଗା ଏବଂ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ଅଧିକ ସଂଖ୍ୟାରେ ପୋଲିସ୍ ମୁତୟନ କରିବା ଆବଶ୍ୟକ ମନେ ହେଉଛି ।

ରାଜ୍ୟ ସରକାର ଯଦି ଏହି ପବିତ୍ର ଶୈବ ପୀଠଟି ପ୍ରତି ସଚେତନ ହୋଇ ପଠାର ଉପରି ଭାଗରେ ନାରିକେଳ ଆଦି ବିଭିନ୍ନ ବୃକ୍ଷ ରୋପଣ କରିବା ସହିତ, ମୁଖ୍ୟ ମନ୍ଦିରର ମରାମତି କରାଇ ମଣ୍ଡେଶ୍ୱର ଘାଟଠାରୁ ଧବଳେଶ୍ୱର ପୀଠ ପର୍ଯ୍ୟନ୍ତ ଗୋଟିଏ ଝୁଲନ୍ତା ସେତୁ ନିର୍ମାଣ କରନ୍ତେ, ତେବେ ଏହି ଶୈବ ପୀଠଟି ସମଗ୍ର ଭାରତବର୍ଷରେ ଏକ ଲୋକପ୍ରିୟ ପର୍ଯ୍ୟଟନ କେନ୍ଦ୍ର ଭାବେ ସୁନାମ ଅର୍ଜନ କରିପାରନ୍ତା ।

---

ପଣ୍ଡୁ ସାହି,
ଆଠଗଡ଼ ବଜାର, କଟକ–୭୫୪୦୨୯ ।

# ଚିର ଅମର ଦିବାକର

ଶ୍ରୀ ବ୍ରଜ ପାଇକରାୟ

୧୯୦୯ ମସିହା ନଭେମ୍ବର ୩୦ ତାରିଖ ଦିନ ରଣପୁର ଅନ୍ତର୍ଗତ ଗଡ଼ବାଣୀକିଲୋ ଗ୍ରାମର ବିଶୋଇ ସାମନ୍ତ, ହରିହର ପରିଡ଼ା ଓ ତାରା ଦେବୀଙ୍କ ପରିବାରରେ ଦିବାକର ଜନ୍ମ ହୋଇଥିଲେ । ଛାତ୍ରାବସ୍ଥାରୁ ତାଙ୍କର ତୀକ୍ଷ୍ଣ ମେଧା ଓ ଧୀଶକ୍ତିର ପରିଚୟ ମିଳିଥିଲା । ସେ ଏକାଧାରରେ କବି, ଜ୍ୟୋତିଷବିଦ୍ୟା ବିଶାରଦ ଏବଂ ସ୍ୱାଧୀନଚେତା ଯୁବକ ଥିଲେ । ତାଙ୍କ ରଚିତ 'ଶ୍ରୀ ଶ୍ରୀ ଆଦିତ୍ୟେଶ୍ୱର ଦେବଙ୍କ ଜଣାଣ' ପୁସ୍ତିକା ଏବଂ 'ଜାତକାଳଙ୍କାର' ଗ୍ରନ୍ଥ ହିଁ ତାଙ୍କ ପ୍ରତିଭାର ସ୍ୱାକ୍ଷର ବହନ କରେ । ପିତା ହରିହର ୧୯୧୮ ମସିହାରେ ରଣପୁରରେ ଘଟିଥିବା ପ୍ରଜାମେଳିରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ପିତାଙ୍କ ନିର୍ଭୀକତା ଓ ନିରୀହ ଜନସାଧାରଣଙ୍କ ପ୍ରତି ଗଭୀର ଶ୍ରଦ୍ଧା ତରୁଣ ଦିବାକରଙ୍କ ଉପରେ ବିଶେଷ ପ୍ରଭାବ ପକାଇ ଥିଲା ।

ରଣପୁର ରାଜତନ୍ତ୍ର ଅତ୍ୟାଚାରର ନମୁନା ସଡ଼କ ବେଠିର ଏକ ଲୋମହର୍ଷକାରୀ ଦୃଶ୍ୟ ବିପ୍ଳବୀ ଦିବାକରଙ୍କ ହୃଦୟରେ ସୃଷ୍ଟି କରିଥିଲା ଗଭୀର ଆଲୋଡ଼ନ ଓ ଉଦ୍‌ବେଳନ । ନିରୀହ ବେଠିଆ ପ୍ରଜାମାନଙ୍କ ଉପରେ ଦାରୋଗାର ନିର୍ମମ ଲାଠି ପ୍ରହାର ଏବଂ ସେମାନଙ୍କ ନୟନକୋଣରୁ ଝରିପଡୁଥିଲା ବିନ୍ଦୁ ବିନ୍ଦୁ ଅଶ୍ରୁର ଅବାରିତ ଧାରା ଆଉ ଶରୀରରୁ ନିଗିଡ଼ି ପଡୁଥିବା ବୁନ୍ଦା ବୁନ୍ଦା ତାଜା ରକ୍ତ ତାଙ୍କ ମନରେ ସୃଷ୍ଟି କରିଥିଲା କ୍ଷତାକ୍ତ ବେଦନା । ଗଡ଼ଜାତି ଅନ୍ୟାୟ ଓ ଜୁଲମର ବିଲୋପ ସାଧନ ପାଇଁ ସେ ନେଇଥିଲେ ଦୁର୍ବାର ଶପଥ । ଅନ୍ତରଙ୍ଗ ବାଲ୍ୟସାଥୀ ରଘୁନାଥଙ୍କ ସହାୟତାରେ ରଣପୁରର ଉଦାସୀନ ଯୁବ ଶକ୍ତି, ମାଲୁଆ ଆଦିବାସୀ ପ୍ରଜା ଏବଂ ନିଦ୍ରିତ ଜନ ଶକ୍ତିକୁ ଗଭୀର ଭାବେ ପ୍ରଭାବିତ କରିଥିଲେ । ପ୍ରଜା ଆନ୍ଦୋଳନକୁ ତ୍ୱରାନ୍ୱିତ କରିବା ପାଇଁ ତାଙ୍କ ବିରଚିତ ଉଦ୍‌ବୋଧନ ମୂଳକ ସଙ୍ଗୀତ ଓ ଓଜସ୍ୱିନୀ ବକ୍ତୃତାର ଥିଲା ଏ ଦିଗରେ ପ୍ରମୁଖ ଭୂମିକା ।

୧୯୩୯ ମସିହା ଜାନୁୟାରୀ ୬ ତାରିଖ ରଣପୁର ସମଗ୍ର ଦେଶ ପାଇଁ ଏକ ସ୍ମରଣୀୟ ଦିବସ । ପ୍ରଜାମଣ୍ଡଳର ଆହ୍ୱାନକ୍ରମେ ରଣପୁର ରାଜ ଉଆସ ସାମ୍ନାରେ ହୋଇଥାଏ ବିପୁଳ ଜନସମାଗମ । ଠିକ୍ ସେହି ସମୟରେ ଅପ୍ରତ୍ୟାଶିତ ଭାବରେ ବ୍ରିଟିଶ ପଲିଟିକାଲ୍ ଏଜେଣ୍ଟ ମେଜର ବେଜେଲଗେଟ ମିଲାଟାରୀ ଜଓ୍ୱାନଙ୍କ ସହ ଆନ୍ଦୋଳନ ଦମନ କରିବା ପାଇଁ ଆସି ଘଟଣାକ୍ରମେ ଉତ୍ତେଜିତ ପ୍ରଜାଙ୍କ ନିର୍ମମ ଲାଠି ମାଡ଼ରେ ମୃତ୍ୟୁବରଣ କରନ୍ତି । ପ୍ରତିଶୋଧପରାୟଣ ବ୍ରିଟିଶ ସରକାର ବେଜେଲଗେଟ ହତ୍ୟା ଅଭିଯୋଗରେ ବିପ୍ଳବୀ ଦିବାକର ଓ ରଘୁନାଥଙ୍କୁ ଗିରଫ କରିନିଅନ୍ତି । ବ୍ରିଟିଶ ଗୋରା ବିଗ୍ରହପତି ସିଥରର ସାହେବ ଇଜଲାସରେ ବିଚାର ନାମରେ ପ୍ରହସନ ଚାଲେ । ଶେଷରେ ବିପ୍ଳବୀଦ୍ୱୟଙ୍କୁ ମୃତ୍ୟୁଦଣ୍ଡ ଆଦେଶ ହୁଏ ।

୧୯୪୦ ମସିହା ଅପ୍ରେଲ ୪ ତାରିଖ ସୂର୍ଯ୍ୟୋଦୟ ପୂର୍ବରୁ ଜନ୍ମମାଟି ରଣପୁର ଓ ଓଡ଼ିଶାର ବହୁତ ଦୂରରେ ଏବଂ ତାଙ୍କ ପ୍ରିୟ ଜନତାଙ୍କ ଅଗୋଚରରେ ବିହାର ରାଜ୍ୟ ଭାଗଲପୁର ଫାଶୀମଞ୍ଚରେ ଚଢ଼ି ବିପ୍ଳବୀଦ୍ୱୟ ହୁଅନ୍ତି ଅମର ପଥର ଯାତ୍ରୀ । ଭାରତୀୟ ସ୍ୱାଧୀନତା ସଂଗ୍ରାମ ତଥା ଗଡ଼ଜାତ ଆନ୍ଦୋଳନ ଆଜି ଇତିହାସର ବିଷୟବସ୍ତୁ । ଶହୀଦ ଦିବାକର ଆଉ ଆମମାନଙ୍କ ମଧ୍ୟରେ ନାହାନ୍ତି । ହେଲେ ଅତ୍ୟାଚାର ନିର୍ଯ୍ୟାତନା ଓ ଜୁଲମ ବିରୁଦ୍ଧରେ ତାଙ୍କର ଆପୋଷହୀନ ସଂଗ୍ରାମର ବାର୍ତ୍ତା ସାମ୍ପ୍ରତିକ ଯୁବସମାଜ ଓ ଭବିଷ୍ୟତର ଦାୟାଦମାନଙ୍କୁ ଅନ୍ୟାୟ ବିରୁଦ୍ଧରେ ସଂଗଠିତ ହେବା ପାଇଁ ପ୍ରେରଣା ଯୋଗାଉଥିବ ।

---

ଆଡ଼ଭୋକେଟ,
ଡି/୨୮, ଏସ୍‌. ବି. ଆଇ. କଲୋନୀ,
ୟୁନିଟ-୪, ଭୁବନେଶ୍ୱର ।

# ସୁବର୍ଣ୍ଣପୁରର ସାହିତ୍ୟ

ଅଧ୍ୟାପକ ବାସୁଦେବ ବାରିକ୍

ସୁବର୍ଣ୍ଣପୁର (ସୋନପୁର) ଏକ ଇତିହାସ ପ୍ରସିଦ୍ଧ ସ୍ଥାନ ଓ ଧର୍ମ, ସାହିତ୍ୟ, କଳା ଓ ସଂସ୍କୃତିର ପ୍ରାଣ କେନ୍ଦ୍ର । ପ୍ରାଚୀନ କାଳରୁ ଏ ପର୍ଯ୍ୟନ୍ତ ଏହା ଏକ ସାହିତ୍ୟିକ ପରମ୍ପରା ସୃଷ୍ଟି କରି ଓଡ଼ିଆ ସାହିତ୍ୟକୁ ପ୍ରଭାବିତ କରି ଆସିଛି । ଏହି ଜିଲ୍ଲାରେ ବିଭିନ୍ନ ମନ୍ଦିର ଓ ଅନ୍ୟାନ୍ୟ ସ୍ଥାନରେ ଶିଳାଲେଖ, ତାଳପତ୍ର ପୋଥି, ତାମ୍ର ଫଳକ ଓ ତନ୍ତ୍ର ଶାସ୍ତ୍ର ସମ୍ପର୍କରେ ଯଥେଷ୍ଟ ଗବେଷଣା ହୋଇ ନାହିଁ । ବିଶେଷତଃ ସୁବର୍ଣ୍ଣପୁରଠାରୁ ବୌଦ୍ଧ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ରହିଥିବା ତନ୍ତ୍ର ଶାସ୍ତ୍ର ଉପରେ ବିଧିବଦ୍ଧ ଗବେଷଣା ଅଭାବରୁ ଏହାର ବଳିଷ୍ଠ ମୌଳିକତ୍ୱ ସମ୍ବନ୍ଧରେ ସମଷ୍ଟି ତଥ୍ୟ ସଠିକ୍ ରୂପେ ଉଦ୍‌ଘାଟିତ ହୋଇପାରି ନାହିଁ ।

ସୋନପୁରର ପ୍ରାଚୀନ କବି ପ୍ରତାପ ରାଏଙ୍କ "ଶଶିସେଣା" କାବ୍ୟଟି ପ୍ରଥମେ ତାଳପତ୍ର ପୋଥିରେ ରଚିତ ହୋଇଥିଲା । ପରବର୍ତ୍ତୀ କାଳରେ ଡଃ ଆର୍ତ୍ତବଲ୍ଲଭ ମହାନ୍ତିଙ୍କ ଅପ୍ରାଣ ଉଦ୍ୟମରେ ଓ ପ୍ରାଚୀ ସମିତି ଦ୍ୱାରା ପୁସ୍ତକ ଆକାରରେ ପ୍ରକାଶିତ ହୋଇଛି । ଶ୍ରୀ ସୁରେନ୍ଦ୍ର ମହାନ୍ତିଙ୍କ 'ଓଡ଼ିଆ ସାହିତ୍ୟର ମଧ୍ୟ ପର୍ବ'ରୁ ସୂଚିତ ହୁଏ ଯେ, ଏହି 'ଶଶିସେଣା' କାବ୍ୟଟି ଷୋଡ଼ଶ–ସପ୍ତଦଶ ଶତାବ୍ଦୀରେ ରଚିତ ହୋଇଛି । କାବ୍ୟରେ ରାଜକୁମାରୀ ଶଶିସେଣା ଓ ମନ୍ତ୍ରୀ ପୁଅ ମହିମାଣିକ୍ୟଙ୍କ ନୈସର୍ଗିକ ପ୍ରେମ ଓ ବିବାହ ସମ୍ପର୍କରେ ଅବତାରଣା କରାଯାଇଛି । ଏଥି ସହିତ ସ୍ଥାନ ଦେଇ ମାଲୁଣୀ ମେଦନାର ତନ୍ତ୍ର ବଳରେ ଫୁଲ ଶୁଙ୍ଘାଇ ମହିମାଣିକ୍ୟକୁ ମେଣ୍ଢା କରାଇ ଥିବାର ଚିତ୍ର ପ୍ରଦତ୍ତ ହୋଇଛି । 'ଶଶିସେଣା' ବ୍ୟତୀତ ଅନ୍ୟ କେତେକ ପ୍ରକାଶିତ ଓ ଅପ୍ରକାଶିତ ପୋଥି ଓ ପୁସ୍ତକରେ ତନ୍ତ୍ର ଶାସ୍ତ୍ର ସମ୍ପର୍କରେ ଆଲୋଚନା କରାଯାଇଛି । ଅତଏବ୍ ସୁବର୍ଣ୍ଣପୁର ଜିଲ୍ଲାରେ ତନ୍ତ୍ର ଶାସ୍ତ୍ର ରଚନା ଓ ସାଧନା ପ୍ରାଚୀନ ବୋଲି ପ୍ରମାଣିତ ହୁଏ । ଅଧୁନା 'ଶଶିସେଣା' କାବ୍ୟଟିର ନାଟ୍ୟ ରୂପ ଐତିହାସିକ ଓ କବି ଶ୍ରୀ ସଦାନନ୍ଦ ଅଗ୍ରୱାଲଙ୍କ ଦ୍ୱାରା କରାଯାଇଛି । ଏହି ନାଟ୍ୟ ରୂପ ସରଳ, ସୁଖ ପାଠ୍ୟ ଓ ଅଧିକ ଆକର୍ଷଣୀୟ ହୋଇଛି । ଶ୍ରୀ ବିଜୟ ଚନ୍ଦ୍ର ମଜୁମ୍‌ଦାରଙ୍କ Orissa in the Making, ଡଃ ନବୀନ ଡଃ ହରେକୃଷ୍ଣ ମହତାବଙ୍କ 'ଓଡ଼ିଶା ଇତିହାସ', ଓ ଶ୍ରୀ ସୁରେନ୍ଦ୍ର ମହାନ୍ତି କୁମାର ସାହୁଙ୍କ 'ଓଡ଼ିଆ ଜାତିର ଇତିହାସ' ଓ ଶ୍ରୀ ସୁରେନ୍ଦ୍ର ମହାନ୍ତି ଓ ଐତିହାସିକ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ନିଜ ପୁସ୍ତକରେ ସୂଚିତ କରିଛନ୍ତି ଯେ ସୁବର୍ଣ୍ଣପୁର (ସୋନପୁର), ସୁନପୁରର ସାହିତ୍ୟିକ ବାତାବରଣ ଓଡ଼ିଆ ଭାଷା ଗଠନରେ ଯଥେଷ୍ଟ ସାହାଯ୍ୟ କରିଛି । ଏହି ଦୃଷ୍ଟିରୁ ବିଶ୍ୱାସ କରାଯାଏ ଯେ ପଶ୍ଚିମ ଓଡ଼ିଶାର ସାହିତ୍ୟ ଓ ନାଟ୍ୟକଳା ଯଥେଷ୍ଟ ଉନ୍ନତ ଥିଲା । ବିଶେଷତଃ ସମଗ୍ର ସୁବର୍ଣ୍ଣପୁର ଜିଲ୍ଲାରେ ସାହିତ୍ୟ ଓ ସଂସ୍କୃତିର ଅଭିବୃଦ୍ଧି ନିମିତ୍ତ ସୋନପୁର ରାଜ ଦରବାରର କାର୍ଯ୍ୟ ଓ ଅବଦାନ ଅବିସ୍ମରଣୀୟ । ବଲାଙ୍ଗୀର ଗେଜେଟିଅର୍‌ରେ ଲିପିବଦ୍ଧ ବିବରଣୀରୁ ଜଣାଯାଏ, ସୋନପୁର ଦରବାର ଦ୍ୱାରା ସର୍ବମୋଟ ୫୬ ଖଣ୍ଡ ଓଡ଼ିଆ, ଇଂରାଜୀ ଓ ସଂସ୍କୃତ ପୁସ୍ତକ ୧୮୯୩ ମସିହାରୁ ୧୯୩୭ ମଧ୍ୟରେ ପ୍ରକାଶିତ ହୋଇଛି । ସେଥି ମଧ୍ୟରୁ ସୋନପୁର ରାଜ ପରିବାରରୁ ବୀର ମିତ୍ରୋଦୟ ସିଂହଦେଓ, ସୋମ ଭୂଷଣ ସିଂହଦେଓ, ପ୍ରତାପରୁଦ୍ର ସିଂହଦେଓ ଓ ମହାରାଣୀ ଲେଡି ପାର୍ବତୀ ଦେବୀଙ୍କ ଦ୍ୱାରା ମୋଟ ୨୬ଟି ପୁସ୍ତକ ରଚିତ ହୋଇଛି । ଅର୍ଥାତ୍ ଓଡ଼ିଆ ଭାଷା ଓ ସାହିତ୍ୟକୁ ସୋନପୁର ଦରବାରର ଅବଦାନ ଅତୁଳନୀୟ ।

ରାଜା ନିଳାଦ୍ରୀ ସିଂହ ଓ ତାଙ୍କ ପୁତ୍ର ପ୍ରତାପରୁଦ୍ର ବାସ୍ତବରେ ସାହିତ୍ୟପ୍ରେମୀ ଥିଲେ । ଶାସକରେ ଥିଲେ ମଧ୍ୟ ସାହିତ୍ୟ, କଳା ଓ ସଂସ୍କୃତି ପ୍ରତି ସେମାନଙ୍କର ଗଭୀର ଅନୁରାଗ ଥିଲା । ନିଳାଦ୍ରୀ ସିଂହଙ୍କ ରାଜତ୍ୱ କାଳରେ ବାବାଜୀ ଶ୍ରୀ ଚନ୍ଦ୍ରମଣି ଦାସଙ୍କ 'ସୁଧାସାର' ରଚିତ ହୋଇଥିଲା । ଏହା ଏକ ବୈଷ୍ଣବୀୟ ସାହିତ୍ୟର ଅଂଶ ବିଶେଷ । ଧର୍ମ, ଭଗବାନ ଓ ଆଧ୍ୟାତ୍ମିକ ଜୀବନର ପରାକାଷ୍ଠା ଏଥିରେ ବର୍ଣ୍ଣିତ ହୋଇଛି । ବାବାଜୀ ଚନ୍ଦ୍ରମଣି ଦାସଙ୍କ ଜନ୍ମ ଉଲୁଣ୍ଡା ଅନ୍ତର୍ଗତ ବଡ଼ମାଳ ପଲ୍ଲୀ ଗ୍ରାମରେ । ସନ୍ଥ କବି ଭୀମ ଭୋଇ ଅନେକଗୁଡ଼ିଏ ଓଡ଼ିଆ ପୁସ୍ତକ ରଚନା କରିଥିଲେ । ମହିମା ଧର୍ମର ବ୍ୟାପକ ପ୍ରସ୍ତୁତି ଓ ପ୍ରସାରର ପ୍ରତୀକ ଭୀମ ଭୋଇଙ୍କ ଜନ୍ମ ସୋନପୁରର ଜଟାସିଙ୍ଗା ଗ୍ରାମରେ । ତାଙ୍କ ରଚିତ 'ସ୍ତୁତି ଚିନ୍ତାମଣି', 'ଭଜନମାଳା', 'ଆଦି ଅନ୍ତ ଗୀତା', 'ବ୍ରହ୍ମ ନିରୂପଣ ଗୀତା' ପ୍ରଭୃତି ଉଲ୍ଲେଖଯୋଗ୍ୟ । ସୁବର୍ଣ୍ଣପୁର ଅନ୍ତର୍ଗତ ଖଲିଆପାଲିରେ ତାଙ୍କ ଆଶ୍ରମ–ସାଧନା ପୀଠ ଏବେ ମଧ୍ୟ ଆଧ୍ୟାତ୍ମିକ ସାହିତ୍ୟ ଓ ସଙ୍ଗୀତର ବାର୍ତ୍ତା ବହନ କରି ଆସୁଅଛି । ତାଙ୍କ ସାହିତ୍ୟର ଭାଷା, ଭାବ ଓ ଶୈଳୀ ସମ୍ପର୍କରେ ବହୁବିଧ ଆଲୋଚିତ ହୋଇସାରିଛି । ଓଡ଼ିଆ ସାହିତ୍ୟରେ ଭଜନମାଳା ବିଭାଗକୁ ଯଥେଷ୍ଟ ଖୋରାକ ଯୋଗାଇଥିବା ଭୀମ ଭୋଇଙ୍କର ଦିବ୍ୟ ଦୃଷ୍ଟି ଥିଲା ଓ ତାଙ୍କ ସାହିତ୍ୟ ସାଧନା ବ୍ୟାପକ ଓ ସର୍ବଜନାଦୃତ । ତେଣୁ ସୁବର୍ଣ୍ଣପୁରର ସେ ଥିଲେ ଶୁଦ୍ଧ ସୁବର୍ଣ୍ଣ । ଭୀମ ଭୋଇଙ୍କର କେତୋଟି ପୁସ୍ତକ ଏବେ ମଧ୍ୟ ଅପ୍ରକାଶିତ ହୋଇ ରହିଛି । ସନ୍ଥ ଭୀମ ଭୋଇ ଓ ବାବାଜୀ ଚନ୍ଦ୍ରମଣିଙ୍କ ମଧ୍ୟରେ ଏକାଧିକ ସାକ୍ଷାତ ଆଲୋଚନା ହୋଇଥିବାର ପ୍ରମାଣ ରହିଛି ।

ଧର୍ମ, ଈଶ୍ୱର ଓ ସାହିତ୍ୟ (ଭଜନ) ସମ୍ପର୍କରେ ସେମାନେ ଏକତ୍ର ଆଲୋଚନା କରୁଥିଲେ ।

ସୋନପୁରର ରାଜା ପ୍ରତାପରୁଦ୍ର ଓ ତାଙ୍କ ସ୍ତ୍ରୀ ରାଣୀ ଅମୂଲ୍ୟମଣି କଳା ଓ ସାହିତ୍ୟର ଉପାସିକା ଥିଲେ । ଓଡ଼ିଆ ଓ ସଂସ୍କୃତ ଭାଷାରେ ଉଭୟଙ୍କର ପାଣ୍ଡିତ୍ୟ ଥିଲା । ବିପିନ୍ ବିହାରୀ ଦାସଗୁପ୍ତଙ୍କ ରଚିତ **Life of Amulyamani Devi** ପୁସ୍ତକରେ ଏହି ତଥ୍ୟର ପ୍ରମାଣ ମିଳେ । ବି: ସି: ମଜୁମ୍‌ଦାରଙ୍କ ରଚିତ **The Chohan Rulers of Sonepur** ପୁସ୍ତକରେ ସୋନପୁର ରାଜାଙ୍କ କଳା, ସାହିତ୍ୟ ଓ ସଂସ୍କୃତି ସମ୍ପର୍କରେ ଅନେକ ତଥ୍ୟ ମିଳେ । ପ୍ରତାପଚନ୍ଦ୍ରଙ୍କ 'ଚନ୍ଦ୍ରାବତୀ ପରିଣୟ' ଓ 'ଚତୁର୍ବିଂଶପଦୀ' କାବ୍ୟ ଦୁଇଟି କବିଙ୍କର ସାହିତ୍ୟ ପ୍ରତିଭା ପାଇଁ ଯଥେଷ୍ଟ କହିଲେ ଅତ୍ୟୁକ୍ତି ହେବ ନାହିଁ । ରାଜା ବୀରମିତ୍ରୋଦୟ ସିଂହଦେଓ (୧୯୦୨—୧୯୩୭) ଜଣେ ପ୍ରଜାବତ୍ସଳ ଓ ସାହିତ୍ୟାନୁରାଗୀ ଥିଲେ । ସେ ଏକାକି ୨୯ ଖଣ୍ଡ ପୁସ୍ତକ ରଚନା କରିଛନ୍ତି ଓ ତାଙ୍କ ରାଜୁତି କାଳକୁ 'ସୋନପୁର ସାହିତ୍ୟର ସୁବର୍ଣ୍ଣ ଯୁଗ' କୁହାଯିବା ଯଥାର୍ଥ । କାରଣ ଦଶ ଲକ୍ଷ ମୂଳ ଧନରେ ତା ୨୭/୯/୧୯୨୫ ରିଖ ଦିନ ସୋନପୁର ଟ୍ରଷ୍ଟ ଫଣ୍ଡର ସୃଷ୍ଟି ତାଙ୍କ ଦ୍ୱାରା ହୋଇଛି । ଅନ୍ୟାନ୍ୟ କାର୍ଯ୍ୟକ୍ରମ ମଧ୍ୟରେ ଶିକ୍ଷା, ସାହିତ୍ୟ ଓ ପାଠାଗାରର ପ୍ରସାର ଓ ପ୍ରଚାର ନିମିତ୍ତ ବିପୁଳ ଅର୍ଥ ବିନିଯୋଗ ହେବାର ବ୍ୟବସ୍ଥା ଏଥିରେ ଅଛି । ସାହିତ୍ୟ, ସଙ୍ଗୀତ ପାଇଁ ରାଜାଙ୍କର ସ୍ୱତନ୍ତ୍ର ଦରଦ ଥିଲା ଏବଂ ସେଥିପାଇଁ ଦେଶର ବିଭିନ୍ନ ଅଞ୍ଚଳରୁ ପଣ୍ଡିତ, ସାହିତ୍ୟିକମାନେ ଆମନ୍ତ୍ରିତ ହୋଇ ସାହିତ୍ୟ ଚର୍ଚ୍ଚାକୁ ତ୍ୱରାନ୍ୱିତ କରିପାରୁଥିଲେ । ୧୯୧୯ ମସିହାରେ ରାଜା ବୀରମିତ୍ରୋଦୟ କଲିକତା ବିଶ୍ୱବିଦ୍ୟାଳୟରେ ଓଡ଼ିଆରେ ଏମ୍: ଏ: ଖୋଲିବା ପାଇଁ ୫୦ ହଜାର ଟଙ୍କା ଓ ରେଭେନ୍‌ସା ମହାବିଦ୍ୟାଳୟରେ ଇଂରାଜୀରେ ଏମ୍: ଏ: ଖୋଲିବା ପାଇଁ ଯୋହାକୁ 'ସୋନପୁର ଚେୟାର' କୁହାଯାଏ) ୫୨ ହଜାର ଟଙ୍କା ଦାନ କରିଥିଲେ । ବୀରମିତ୍ରୋଦୟଙ୍କ ଲେଖାର ଶୈଳୀ ଉଚ୍ଚକୋଟୀର ଥିଲା । ସେ ଏକାଧାରରେ ଜଣେ ଦରଦୀ ପ୍ରଶାସକ, ସଫଳ ଲେଖକ ଓ ଅନୁବାଦକ ଥିଲେ । ତାଙ୍କ ଆର୍ଥିକ ସହାୟତାରେ ଐତିହାସିକ ବି: ସି: ମଜୁମ୍‌ଦାରଙ୍କ **Typical Selections of Oriya Literature, Sonepur in the Sambalpur Tract, Orissa in the Making and Chohan Rulers of Sonepur** ପୁସ୍ତକମାନ ପ୍ରକାଶିତ ହୋଇଥିଲା । କବି ଗୋପୀନାଥ ପାଣିଗ୍ରାହୀଙ୍କ 'ବ୍ରତ ଚରିତ' (ଓଡ଼ିଆ), 'ଆଶୀର୍ବାଦ ମାଳା' (ସଂସ୍କୃତ), 'କୁମାର ଜନ୍ମୋତ୍ସବ' (ଓଡ଼ିଆ), 'ଏକାଦଶୀ ଉଦ୍ୟାପନ' (ଓଡ଼ିଆ) ଓ 'ଅନ୍ନପ୍ରାଶନୋତ୍ସବ' (ଓଡ଼ିଆ), ପଣ୍ଡିତ ଗଙ୍ଗାଧର ମିଶ୍ରଙ୍କ 'କୋଶଳାନନ୍ଦ କାବ୍ୟଂ' (ସଂସ୍କୃତ), ପଣ୍ଡିତ ଆଦିତ୍ୟ ପ୍ରସାଦ ଗୁରୁଙ୍କ 'ଶ୍ୟେନ ଗରିବ' (ସଂସ୍କୃତ), 'କୁଟୀର ବାସିନୀ' (ଓଡ଼ିଆ) ପ୍ରଭୃତି ମୂଲ୍ୟବାନ ପୁସ୍ତକଗୁଡ଼ିକ ଦରବାର ଦ୍ୱାରା ପ୍ରକାଶିତ ହୋଇଛି । ରାଣୀ ପାର୍ବତୀ ଦେବୀ 'ପୁରାଣ କଥାସାର', 'ସ୍ୟମନ୍ତକ ମଣି' ଦୁଇଟି ପୁସ୍ତକ ରଚନା କରିଥିଲେ । ତାଙ୍କ ସାହିତ୍ୟ ପ୍ରତିଭାର ପରିଚୟ ପାଇବା ପରେ ପଦ୍ମଶ୍ରୀ ଲକ୍ଷ୍ମୀନାରାୟଣ ସାହୁଙ୍କ ୧୯୨୨ ମସିହାରେ ରଚିତ ପୁସ୍ତକ 'ସ୍ତ୍ରୀ ଶିକ୍ଷା' ରାଣୀଙ୍କ ନାମରେ ଉତ୍ସର୍ଗୀକୃତ କରିଥିଲେ ନିଜେ ଲେଖକ ।

ସାହିତ୍ୟର ଅଭିବୃଦ୍ଧି ସଙ୍ଗେ ସଙ୍ଗେ ସମଗ୍ର ସୁବର୍ଣ୍ଣପୁର ଜିଲ୍ଲାରେ ନାଟ୍ୟ ଆନ୍ଦୋଳନର ସୂତ୍ରପାତ ହୋଇଥିଲା । ସ୍ଥାନୀୟ କଳାକାରମାନେ ନିଜେ ତାମସା, ଡୁଏଟ୍, ନାଟକ, ଯାତ୍ରା ଇତ୍ୟାଦି ରଚନା କରି ଗ୍ରାମଠାରୁ ସହର ଯାଏଁ ସର୍ବତ୍ର ସେଗୁଡ଼ିକୁ ପ୍ରଦର୍ଶନ କରୁଥିଲେ । ସେ କାଳରେ ନାଟ୍ୟ ଆନ୍ଦୋଳନର ଫଳ ସ୍ୱରୂପ ଆଧୁନିକ ନାଟକ, ଯାତ୍ରା, ଥିଏଟରମାନ ସମସ୍ତ ଅଞ୍ଚଳକୁ ସମ୍ପ୍ରସାରିତ ହୋଇଯାଇଛି ଏବଂ ବିଭିନ୍ନ ପର୍ଯ୍ୟାୟରେ ଭିନ୍ନ ଭିନ୍ନ ସ୍ଥାନୀୟ ଲୋକଙ୍କ ଦ୍ୱାରା ରଚିତ ଓ ପ୍ରଦର୍ଶିତ ହୋଇ ଏକ ବୌଦ୍ଧିକ ନାଟ୍ୟ କଳାର ପରମ୍ପରା ପ୍ରତିଷ୍ଠିତ ହୋଇ ପାରିଛି । ଏହା ବ୍ୟତୀତ କୋଶଳୀ ଭାଷାରେ କେତେକ ନାଟକ, ଅପେରା ରଚିତ ହୋଇ ପ୍ରଦର୍ଶିତ ହୋଇଥିଲା । ଅବଶ୍ୟ ସେତେବେଳକାର କୋଶଳୀ ଭାଷାର ନାଟକଗୁଡ଼ିକର ଶୈଳୀ ବର୍ତ୍ତମାନର ପୁସ୍ତକଗୁଡ଼ିକଠାରୁ ଉନ୍ନତ ଓ ଉଚ୍ଚକୋଟୀର ନଥିଲା । କହିବା ବାହୁଲ୍ୟ ଏବେ ଓଡ଼ିଆ ନାଟକଗୁଡ଼ିକର ଗତି ଓ ପ୍ରଗତି ସହିତ ତାଳ ଦେଇ ସମ୍ବଲପୁରୀ ନାଟକ ନିଜସ୍ୱ ମୌଳିକତା ବଜାଇ ରଖି ଆଗେଇ ଚାଲିଛି । ସୁବର୍ଣ୍ଣପୁର ଜିଲ୍ଲାର ଅନେକ ନାଟ୍ୟକାରଙ୍କ ନାଟ୍ୟକଳା ସ୍ୱତଃସ୍ଫୂର୍ତ୍ତ ଓ କ୍ରିୟାଶୀଳ । ସେମାନଙ୍କ ମଧ୍ୟରୁ ଅନେକ ରାଜ୍ୟସ୍ତରୀୟ ଓ ଜାତୀୟ ସ୍ତରୀୟ ସମ୍ମାନ ଲାଭ କରିଛନ୍ତି । ହିନ୍ଦି ଓ ଓଡ଼ିଆ ଚଳଚ୍ଚିତ୍ରର ପ୍ରଖ୍ୟାତ୍ ଅଭିନେତା ଓ ନିର୍ଦ୍ଦେଶକ ଶ୍ରୀ ସାଧୁ ମେହେରଙ୍କର ସୁବର୍ଣ୍ଣପୁର ନାଟ୍ୟ ଆନ୍ଦୋଳନକୁ ଯଥେଷ୍ଟ ଅବଦାନ ରହିଛି । ତାଙ୍କ ରଚିତ ନାଟକଗୁଡ଼ିକ ଅନେକ ରଙ୍ଗମଞ୍ଚରେ ପ୍ରଦର୍ଶିତ ହୋଇ ଆସିଛି ।

ଓଡ଼ିଆ ଓ କୋଶଳୀ ଭାଷାରେ ସୁଆଙ୍ଗ, ଡୁଏଟ୍, ବୀରବାଦ୍ୟ, ବୀର ସାହିତ୍ୟର ଅନେକ ଅଗ୍ରଗତି ଘଟିଛି । ମାଦଳର ତାଳେ ତାଳେ, ଅବା କନ୍‌ସାଟ୍‌ର ଆକର୍ଷଣରେ ସାଦା ପୋଷାକରେ କିମ୍ବା ମୁଣ୍ଡରେ ପଗଡ଼ି, ଅଣ୍ଟାରେ ଖଣ୍ଡା, ସାମାନ୍ୟ ଜରି ମିଶା କୋଟ୍ ଓ ମଖମଲ ପାଇଜାମା ପିନ୍ଧି ଅଭିନେତା ମଞ୍ଚ ଉପରକୁ ଆସନ୍ତି । ସମୟ ସମୟରେ ଆଦିବାସୀ ପୋଷାକରେ ସେମାନଙ୍କ ଆଳାପ ଓ ଡୁଏଟ୍ ଖୁବ୍ ଆକର୍ଷଣୀୟ ହୁଏ । ସେ ସବୁ ନାଚ, ଗୀତ ଓ ବୋଲିର ଭାଷା ଓ ଭାବନା ସ୍ଥାନୀୟ ଲୋକଙ୍କ ଦ୍ୱାରା ଅନେକ ସମୟରେ ପ୍ରସ୍ତୁତ ହୋଇଥାଏ । ଜଣାଯାଇଛି, ତରଭାର ଶ୍ରୀ ନଟବର ଷଡ଼ଙ୍ଗୀଙ୍କ ଦ୍ୱାରା ଗଠିତ 'ଲୀଳା ଦଳ' ଶ୍ରୀ ଷଡ଼ଙ୍ଗୀଙ୍କ ରଚିତ ଗୀତ ଓ ଅପେରାଗୁଡ଼ିକୁ ଅଧିକାଂଶ ସମୟରେ ଗ୍ରହଣ କରି ସେଗୁଡ଼ିକୁ ପ୍ରଦର୍ଶିତ କରୁଥିଲା । ବର୍ତ୍ତମାନ ବି: ଏନ୍: ସିଂହଦେଓ କ୍ଲବ୍, ସୋନପୁର ସାଂସ୍କୃତିକ ସଂସଦ ଓ ସହରର ଅନେକ କ୍ଲବ୍ ଓ ଅନୁଷ୍ଠାନମାନଙ୍କରେ ସ୍ଥାନୀୟ ନାଟ୍ୟକାରଙ୍କ ଦ୍ୱାରା ରଚିତ ନାଟକ ପ୍ରଦର୍ଶିତ ହୋଇ ଆସୁଛି । ତରଭା, ବୀରମହାରାଜପୁର, ବିନିକା, ଉଲୁଣ୍ଡା, ରାମପୁର, ଡୁଙ୍ଗୁରିପାଲି ଅଞ୍ଚଳରେ କ୍ଲବ୍ ଓ ସାଂସ୍କୃତିକ ଅନୁଷ୍ଠାନମାନଙ୍କ ଦ୍ୱାରା ଉଭୟ ଓଡ଼ିଆ ଓ କୋଶଳୀ ଭାଷାରେ ହେଉଥିବା ନାଟକ, ଅପେରା, ଗୀତିନାଟ୍ୟ ଇତ୍ୟାଦି ସ୍ଥାନୀୟ ଲୋକଙ୍କ ଦ୍ୱାରା ରଚିତ

ହୋଇ ପ୍ରଦର୍ଶିତ ହୋଇ ଆସୁଛି । ସୋନପୁର-ଘୋଡ଼ାଘାଟପଡ଼ାରେ ପ୍ରତି ବର୍ଷ ଅନୁଷ୍ଠିତ ହୋଇ ଆସୁଥିବା 'ରାମଲୀଳା' ଏ ପର୍ଯ୍ୟନ୍ତ ଏକ ସାହିତ୍ୟିକ ବାତାବରଣ ସୃଷ୍ଟି କରେ । ଏହି 'ରାମଲୀଳା'ରେ ହରିଶଙ୍କର ସରାପଙ୍କ ଦ୍ୱାରା ରଚିତ 'ରାବଣର ସେତୁ ପ୍ରତିଷ୍ଠା' ପ୍ରଦର୍ଶିତ ହୋଇଥିଲା । ୬୨ ବର୍ଷ ବୟସ୍କ କବି ଶ୍ରୀ ହରିଶଙ୍କର ସରାପଙ୍କ ଜନ୍ମ ଘୋଡ଼ାଘାଟ-ପଡାରେ । ୧୯୬୪ ମସିହାରେ ପ୍ରକାଶିତ ୧୦ଟି ଭଜନ ସମ୍ବଳିତ 'ପୁଷ୍ପାଞ୍ଜଳି' କାବ୍ୟଟି ତାଙ୍କ ସୃଷ୍ଟି । ତାଙ୍କର ଅପ୍ରକାଶିତ ପୁସ୍ତକଗୁଡିକ ମଧ୍ୟରେ 'ଜୟଦେବଙ୍କ ଜୀବନ କାହାଣୀ', 'ଶ୍ରୀରାମ ବାଳ ଚରିତ', 'ଅସରିଣ ବୃତ୍ତାନ୍ତ', 'ଚଉତିଶା' ଇତ୍ୟାଦି ଅନ୍ୟତମ । ଶାନ୍ତି ଭିକ୍ଷା, ଚିର ସାଥୀ, ଜନଜାଗରଣ — ଆଧୁନିକ କବିତାଗୁଡ଼ିକ ତାଙ୍କୁ ପ୍ରତିଷ୍ଠିତ କରିପାରିଛନ୍ତି । ଏବେ ମଧ୍ୟ ପରିଣତ ବୟସରେ ଭୋର ୪ଟାରୁ ଉଠି ତାଙ୍କ ରଚନା ବେଶ ଆଗେଇ ଚାଲେ । କୋଶଳୀ ଭାଷାରେ ଅଭିଜ୍ଞ ଅଧ୍ୟକ୍ଷ ଶ୍ରୀ ଜୟଦେବ ତନ୍ତ୍ରସନାଙ୍କ ନେତୃତ୍ୱରେ ସୋନପୁର ମହାବିଦ୍ୟାଳୟରେ Intellectual Forum ଗଠିତ ହୋଇ ପ୍ରତି ସପ୍ତାହରେ ସାହିତ୍ୟ, ସଂସ୍କୃତି, କଳା ସମ୍ବନ୍ଧରେ ବିଶଦ ଆଲୋଚନା କରାଯାଏ ଏବଂ ଏହି ସାରସ୍ୱତ ପରିବେଶରେ ଚିନ୍ତାଶୀଳ ଅଧ୍ୟାପକବୃନ୍ଦ ବିଭିନ୍ନ ବିଷୟରେ ଉପାଦେୟ ଲେଖାମାନ ଉପସ୍ଥାପନ କରନ୍ତି ।

ସମ୍ପ୍ରତି ସୁବର୍ଣ୍ଣପୁର ଜିଲ୍ଲାର ଅନେକ କବି, ଲେଖକ ଓ ଐତିହାସିକମାନେ ନିଜ ରଚନା ବଳରେ ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରି ଆସୁଛନ୍ତି । ଏ ମାଟିର ଲେଖକ, ପଣ୍ଡିତ ଓ ସମ୍ବଲପୁରୀ ଭାଷାରେ ଅଭିଧାନ ପ୍ରଣେତା ନିଜର ଅନେକ ପ୍ରକାଶିତ ଓ ଅପ୍ରକାଶିତ ପୁସ୍ତକ ରଚନା କରି ଚିର ସ୍ମରଣୀୟ ହୋଇଛନ୍ତି । ସେ ହେଉଛନ୍ତି ସ୍ୱର୍ଗତଃ ସତ୍ୟନାରାୟଣ ବହିଦାର । ତାଙ୍କ ଲେଖା ଉପରେ ଅନେକ ଗବେଷଣା କାର୍ଯ୍ୟ ହୋଇଛି । ଜଣେ ସଫଳ ଗବେଷକ ଓ ଐତିହାସିକ ଶ୍ରୀ ସଦାନନ୍ଦ ଅଗ୍ରୱାଲଙ୍କ ରଚିତ 'ସୋନପୁର ଇତିହାସ'ର ଦୁଇଟି ଭାଗ ଅଦ୍ୟାବଧି ପ୍ରକାଶିତ । ତାଙ୍କର ତୃତୀୟ ଭାଗଟି ପ୍ରକାଶ ଅପେକ୍ଷାରେ । ଶ୍ରୀ ଅଗ୍ରୱାଲଙ୍କର ଗଭୀର ଅନୁଶୀଳନ — ଅନୁଭବ ରହିଛି । ତାଳପତ୍ର ପୋଥି, ତମ୍ବା ଫଳକ, ଅଭିଲେଖମାନ ସଂଗ୍ରହ ଓ ତହିଁ ଉପରେ ଗବେଷଣା କାର୍ଯ୍ୟ ଦ୍ୱାରା ସେ ଓଡ଼ିଆ ସାହିତ୍ୟ ଓ ଇତିହାସକୁ ଯଥେଷ୍ଟ ସାହାଯ୍ୟ ଓ ଋଦ୍ଧିମନ୍ତ କରି ଆସୁଛନ୍ତି । ସୋନପୁର ଲକ୍ଷ୍ମିପୁରରେ ଜନ୍ମ ଗ୍ରହଣ କରିଥିବା ଶ୍ରୀ ଭାଗୀରଥି ନେପାକ ଓଡ଼ିଆ ସାହିତ୍ୟର ଜଣେ ପ୍ରଖ୍ୟାତ ଔପନ୍ୟାସିକ । ପ୍ରାଚୀନ କବି ଓ ମହିମା ଧର୍ମ ସମ୍ପର୍କରେ ତାଙ୍କର କେତୋଟି ପୁସ୍ତକ ରଚିତ ହୋଇଛି । ଏ ପର୍ଯ୍ୟନ୍ତ ତାଙ୍କର ପ୍ରାୟ ଶତାଧିକ ପୁସ୍ତକ ରଚିତ ହୋଇଛି । ଶ୍ରୀ ନେପାକ ଜଣେ ପ୍ରଗଳ୍ଭ ଲେଖକ, ଜୀବନର ପ୍ରତ୍ୟେକ ମୁହୂର୍ତ୍ତକୁ ସେ ସାହିତ୍ୟ ସେବାରେ ବିନିଯୋଗ କରନ୍ତି । ଶ୍ରୀ ସତ୍ୟବାଦୀ ରଥଙ୍କ 'ଚମ୍ପେଶ୍ୱର ଜଣାଣ'ଟି ଭଗବାନଙ୍କ ଦୟା, କରୁଣା ଓ ସୃଷ୍ଟିରେ ତାଙ୍କ ଅଖଣ୍ଡ ଆଧିପତ୍ୟ ବିଷୟରେ ରଚିତ । ଶ୍ରୀ ରଥଙ୍କର କେତୋଟି ଅପ୍ରକାଶିତ ପୁସ୍ତକ ରହିଛି । ସ୍ୱର୍ଗତଃ ମହେଶ୍ୱର ମିଶ୍ରଙ୍କ ଦ୍ୱାରା ବିରଚିତ 'ପ୍ରଳାପ' କାବ୍ୟଟି ୧୯୪୭ ମସିହାରେ ପ୍ରକାଶିତ ହୋଇଛି । ଏହା 'ଅ' ଠାରୁ 'କ୍ଷ' ପର୍ଯ୍ୟନ୍ତ ବର୍ଣ୍ଣାନୁକ୍ରମରେ ରଚିତ । ସ୍ୱର୍ଣ୍ଣପୁରୀ ଲଙ୍କା ସମ୍ବନ୍ଧରେ ଅନେକ ଉପାଦେୟ ଲେଖା ଓ ପୁସ୍ତକ ଐତିହାସିକ ଡଃ ନବୀନ କୁମାର ସାହୁଙ୍କ ଦ୍ୱାରା ରଚିତ ହୋଇଛି । ଏତଦ୍ ବ୍ୟତୀତ ଅସୁରଗଡ଼ ସମ୍ପର୍କରେ ଅଧ୍ୟାପକ ପ୍ରସନ୍ନ କୁମାର ଛୋଟରାୟ ଓ ଅଧ୍ୟାପକ କମଳାକାନ୍ତ ଖୁଣ୍ଟିଆଙ୍କ କେତେକ ଗବେଷଣାମୂଳକ ପ୍ରବନ୍ଧ ପ୍ରଣିଧାନଯୋଗ୍ୟ । ସୁବର୍ଣ୍ଣପୁରର ଧର୍ମ, ସାହିତ୍ୟ, ସଂସ୍କୃତି ତଥା ଗଙ୍ଗାଧରଙ୍କ ସାହିତ୍ୟ ଓ ସୋନପୁର ଦରବାରୀ ସାହିତ୍ୟ ଉପରେ ଗବେଷଣା ଡଃ ପବିତ୍ର ମୋହନ ନାୟକଙ୍କ ଦ୍ୱାରା କରାଯାଇଛି । ତାଙ୍କର ଅନେକ ଗବେଷଣାମୂଳକ ପ୍ରବନ୍ଧ ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶିତ ହୋଇ ଆସୁଛି । ପ୍ରାଦେଶିକ ଲେଖକ ସମ୍ମିଳନୀ ସ୍ମରଣିକା 'ସୋନପୁର' (୧୯୮୦-୮୧)ର ସେ ମୁଖ୍ୟ ସମ୍ପାଦକ ଥିଲେ । ତାଙ୍କର କେତୋଟି ଅପ୍ରକାଶିତ ପୁସ୍ତକ ରହିଥିବାର ଜଣାଯାଇଛି । ଅଧ୍ୟକ୍ଷ ବିଭୂତି ଭୂଷଣ ମିଶ୍ରଙ୍କ ରଚିତ 'ମହାରାଣୀ ଭିକ୍ଟୋରିଆ', 'ସିନ୍ଧୁ ସଭ୍ୟତା' ଇତ୍ୟାଦି ପୁସ୍ତକ ତାଙ୍କୁ ଜଣେ ଉଚ୍ଚକୋଟୀର ଐତିହାସିକ ଭାବେ ପରିଗଣିତ କରିପାରିଛି । ସେହିପରି ଡଃ ରେଣୁ ମିଶ୍ରଙ୍କ ଗବେଷଣା ସନ୍ଦର୍ଭଟି ଓଡ଼ିଆ ସାହିତ୍ୟରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଛି । ଶ୍ରୀ ବିନୟ ରଞ୍ଜନ ପ୍ରଧାନ ଏକାଧାରରେ ଜଣେ କବି, ଗାଳ୍ପିକ, ଔପନ୍ୟାସିକ ଓ ସଙ୍ଗୀତ ନିର୍ଦ୍ଦେଶକ । ତାଙ୍କର ଅନେକ ଲେଖା ଦୀର୍ଘ ୨୫ ବର୍ଷ ହେଲା ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶିତ ହୋଇ ଆସୁଛି । ସେହିପରି ଶ୍ରୀ ଗୋରେଖନାଥ ସାହୁଙ୍କର ସୋନପୁର ସମ୍ପର୍କୀୟ ଅନେକ ଲେଖା ବିଭିନ୍ନ ପତ୍ରପତ୍ରିକାର କୋଳ ମଣ୍ଡନ କରିଛି । ତାଙ୍କ ପୁସ୍ତକ 'ପ୍ରକୃତି ପଥେ' ଏବେ ପାଣ୍ଡୁଲିପି ଅବସ୍ଥାରେ ରହିଛି । କବି ଡଃ କାଳିଦାସ ମିଶ୍ରଙ୍କ ସନ୍ଦର୍ଭ American War Literature A Changing Responseଟି ଗତ ତିନି ବର୍ଷ (୧୯୯୦-୯୩) ମଧ୍ୟରେ ଆମେରିକାନ୍ ସାହିତ୍ୟ ଗବେଷଣା ମଧ୍ୟରେ ସର୍ବୋତ୍କୃଷ୍ଟ । ଡଃ ମିଶ୍ରଙ୍କ ଲେଖାଗୁଡ଼ିକ ଇଂରାଜୀ ପତ୍ରପତ୍ରିକାରେ ପ୍ରକାଶିତ ହୁଏ । ତାଙ୍କର ଏକ ସଙ୍କଳନ ପୁସ୍ତକ Voices in Visionଟି ବିଶ୍ୱବିଦ୍ୟାଳୟ ପାଠ୍ୟକ୍ରମ ଭାବେ ଅନ୍ତର୍ଭୁକ୍ତ । ଆକାଶବାଣୀର ସଫଳ ସଙ୍ଗୀତଜ୍ଞ ଶ୍ରୀ ଫକୀର ମୋହନ ପଟ୍ଟନାୟକ ଓଡ଼ିଆ ଓ କୋଶଳୀ ଭାଷାର ଜଣେ ଲିପିକାର । କୋଟ ସମଲାଇର ଶ୍ରୀ ଭିକାରୀ ଚରଣ ପଣ୍ଡାଙ୍କର ଆଧ୍ୟାତ୍ମିକ ଗଳ୍ପ, କବିତାଗୁଡ଼ିକ ପ୍ରକାଶିତ ଓ ତାଙ୍କର ଅନେକ ଲେଖା ବିଶେଷତଃ (ଗୀତିନାଟ୍ୟ) ଅପ୍ରକାଶିତ ହୋଇ ରହିଛି । ସ୍ୱର୍ଗତଃ ନୀଳାମ୍ବର ମିଶ୍ରଙ୍କ ରଚିତ ଓଡ଼ିଆ, ଇଂରାଜୀ, ସଂସ୍କୃତ ଓ ବଙ୍ଗଳା ଲେଖା ମଧ୍ୟରେ ଅଳ୍ପ କେତୋଟି ପ୍ରକାଶିତ ଓ ଅନେକ ଅପ୍ରକାଶିତ ହୋଇ ରହିଛି । କବି ଓ ପଣ୍ଡିତ ଦେବରାଜ ମିଶ୍ର, କୈବଲ୍ୟ ଚରଣ ନାୟକ, କାହ୍ନୁଚରଣ ମହାପାତ୍ର ଇତ୍ୟାଦିଙ୍କ ଉପରେ ଅଧ୍ୟୟନ ଏକାନ୍ତ ଆବଶ୍ୟକ । ଶ୍ରୀ ସତ୍ୟନାରାୟଣ ତ୍ରିପାଠୀ କୋଶଳୀ ଭାଷାରେ 'ଦର୍ପଣ' ନାଟକଟିଏ ରଚନା କରିଛନ୍ତି । ଅଧ୍ୟାପିକା ରେଣୁକା ମିଶ୍ର, ଅଧ୍ୟାପକ ସନ୍ତୋଷ କୁମାର ପାଢ଼ୀ, ଅଧ୍ୟାପକ ରାମଭକ୍ତ ମିଶ୍ରଙ୍କ ଐତିହାସିକ ପ୍ରବନ୍ଧ ଓ ଗବେଷଣାଗୁଡ଼ିକ ସେମାନଙ୍କୁ ଇତିହାସ ଲେଖକ ଭାବେ ପ୍ରତିଷ୍ଠିତ କରିଛି । ଆଧୁନିକ କବି ଭାବରେ ଦେବୀ ଦାସ, ଆଦିତେଶ୍ୱର, କେଦାରନାଥ, ପୁରୁଷୋତ୍ତମ, କୈବଲ୍ୟ ଚରଣ, ଶିବରାମ, ସୁଦାମ ଚରଣ ପ୍ରଭୃତିଙ୍କ ନାମ ଉଲ୍ଲେଖଯୋଗ୍ୟ । ମନନଶୀଳ ଓ

ପ୍ରୟୋଗାତ୍ମକ କବିତାଗୁଡ଼ିକ ମଧ୍ୟରେ ସେମାନେ ଯେ କୌଣସି ଆଧୁନିକ ଓଡ଼ିଆ କବିଙ୍କ ଲେଖା ସହ ସମାନତା ରକ୍ଷା କରିଛନ୍ତି । ସର୍ବୋପରି ସୁବର୍ଣ୍ଣପୁରରୁ ପ୍ରକାଶ ପାଉଥିବା 'ଓଜସ' (ସାହିତ୍ୟ ପତ୍ରିକା) ଓ 'ଜନଝଙ୍କାର' (ସମ୍ବାଦପତ୍ର) ସୁବର୍ଣ୍ଣପୁରର ସାହିତ୍ୟ ଓ ରାଜନୈତିକ ବାତାବରଣକୁ ଋଦ୍ଧିମନ୍ତ ଓ ରସାଳ କରି ପାରିଛି ।

ମୋଟ ଉପରେ, ସୁବର୍ଣ୍ଣପୁରର ସାହିତ୍ୟିକମାନେ ବିଭିନ୍ନ ସମୟରେ ନିଜ ରଚନାରେ ପରାକାଷ୍ଠା ପ୍ରଦର୍ଶନ କରି ଆସିଛନ୍ତି । ଅଦ୍ୟାବଧି ଅନେକ ପୁସ୍ତକ ରଚିତ ହୋଇ ଅର୍ଥାଭାବ ଓ ପ୍ରତିକୂଳ ପରିବେଶ ଯୋଗୁଁ ଅପ୍ରକାଶିତ ହୋଇ ରହିଛି । ସୁତରାଂ ସୁବର୍ଣ୍ଣପୁର ଜିଲ୍ଲା ଗଠନ ପରେ ଆଶା କରାଯାଏ, ଆଗାମୀ ଦିନମାନଙ୍କରେ ଏ ମାଟିର ଲେଖକମାନେ ନିଜ ସାଧନା ବଳରେ ଓଡ଼ିଆ ସାହିତ୍ୟ ଓ ଇତିହାସକୁ ଅଧିକ ଭାବେ ପ୍ରଭାବିତ କରିବେ ।

ଅଧ୍ୟାପକ, ଇଂରାଜୀ ବିଭାଗ,
ସୋନପୁର ମହାବିଦ୍ୟାଳୟ, ସୋନପୁରରାଜ,
ଜିଲ୍ଲା–ସୁବର୍ଣ୍ଣପୁର–୭୬୭୦୧୭ ।



ପୁରୀଠାରେ ମାନ୍ୟବର ରାଜ୍ୟପାଳ ଶ୍ରୀ ବି. ସତ୍ୟନାରାୟଣ ରେଡ୍ଡୀ ସର୍ବ ଭାରତୀୟ ହିନ୍ଦୀ ସାହିତ୍ୟ ସମ୍ମିଳନୀକୁ ଉଦ୍‌ଘାଟନ କରୁଛନ୍ତି ।





# ମୋ ନୃତ୍ୟ ଅନୁଭୂତିରୁ ପୃଷ୍ଠାଏ

ମୋର ମନେ ନାହିଁ ମୁଁ କେଉଁ ବୟସରୁ ନାଚିବା ଆରମ୍ଭ କରିଛି, ମୁଁ ଜ୍ଞାନ ଆସିବା ଆଗରୁ ନାଚିଛି ନିଶ୍ଚୟ । ପିଲାଟି ବେଳୁ ମୁଁ ମୋ ଗୁରୁମାନଙ୍କ ପାଖରେ ଆଦରଣୀୟା ହୋଇ ଆସିଛି । ବାଲ୍ୟକାଳରୁ ମୁଁ ବିଭିନ୍ନ ପ୍ରକାର ମଞ୍ଚ ଉପରେ ନୃତ୍ୟ ପରିବେଷଣ କରି ଆସିଛି । କିନ୍ତୁ ସବୁ ମଞ୍ଚ ଉପରେ ମୁଁ ମୋର ନୃତ୍ୟ ପରିବେଷଣରେ ସନ୍ତୁଷ୍ଟ ନୁହେଁ । କିନ୍ତୁ ଦର୍ଶକଙ୍କୁ ମୁଁ କେବେ ମଧ ନିରାଶ କରେ ନାହିଁ, ସେମାନେ ଆନନ୍ଦ ମନରେ ହିଁ ଘରକୁ ଫେରନ୍ତି । ସବୁବେଳେ ମୁଁ ମୋର ଆନ୍ତରିକ ବନ୍ଧୁମାନଙ୍କୁ ଦର୍ଶକ ମଣ୍ଡଳୀରେ ବସିବା ପାଇଁ ଅନୁରୋଧ କରେ କାରଣ ନୃତ୍ୟ ପ୍ରଦର୍ଶନରେ ଯେଉଁ ତ୍ରୁଟି ରୁହେ ତାହାକୁ ମୁଁ ତାଙ୍କରି ଦ୍ୱାରାହିଁ ପରିମାର୍ଜିତ କରେ । ମୁଁ ନାଚିବା ଦିନଠୁ ମୋର ପରିବାର ବର୍ଗ ଓ ଗୁରୁଜନମାନଙ୍କଠାରୁ ଉତ୍ସାହ ପାଇଛି । ମୁଁ ମୋର ନୃତ୍ୟ ଜୀବନ ଓଡ଼ିଶୀ ନୃତ୍ୟରୁ ହିଁ ଆରମ୍ଭ କରିଛି ଓ ପରେ ପରେ ଭାରତନାଟ୍ୟମ୍ ଓ କୁଚିପୁଡି ଶିଖିବାର ସୁଯୋଗ ପାଇଛି । ମୁଁ ଯେତେବେଳେ ନୃତ୍ୟ ପରିବେଷଣ କରିବା ପାଇଁ ମଞ୍ଚ ଉପରକୁ ଆସେ ବାଦ୍ୟର ଧ୍ୱନିରେ ଗାୟକଙ୍କ ମଧୁର କଣ୍ଠରେ ମୁଁ ନିଜକୁ ଭୁଲିଯାଏ । ସାମନାରେ ବସିଥିବା ଦର୍ଶକମଣ୍ଡଳୀ ମୋତେ ଦେଖାଯାଆନ୍ତି ନାହିଁ ଓ ମଞ୍ଚ ଉପରେ ବସିଥିବା ବାଦ୍ୟକାରମାନେ ମୋତେ ଦେଖାଯାଆନ୍ତି ନାହିଁ କେବଳ ଗୀତ ଓ ବାଦ୍ୟ ହିଁ ମୋତେ ଶୁଭୁଥାଏ ।

ପ୍ରଥମେ ମୋ ଗୋଡ଼ରେ ଘୁଙ୍ଘୁର ବାନ୍ଧିବା ଶିଖାଇଛନ୍ତି ଗୁରୁ ଗଜେନ୍ଦ୍ର ପଣ୍ଡା ଓ ପରେ ପରେ ଘୁଙ୍ଘୁର ନ ଖସିବା ପରି ବାନ୍ଧିବା ଶିଖାଇଛନ୍ତି ଗୁରୁ ସୁଧାକର ସାହୁ । ମୁଁ ନୃତ୍ୟ କ'ଣ ଜାଣିଥିଲି ସତ କିନ୍ତୁ କେଉଁ ଶୈଳୀରେ ନାଚିଲେ ଲୋକଙ୍କ ମନକୁ ଆକର୍ଷିତ କରିହୁଏ, ତାହା ଜାଣି ନ ଥିଲି । ମୁଁ ଏହି ଶୈଳୀଟିକୁ ଶିଖିଲି ଗୁରୁ ସୁଧାକର ସାହୁଙ୍କଠାରୁ । ଗୁରୁ ସମସ୍ତେ ହୋଇପାରନ୍ତି ସତ କିନ୍ତୁ ନୃତ୍ୟ ଶିକ୍ଷା ଦେଲାବେଳେ ତାଙ୍କର ମର୍ମ ଭାବଟି ବୁଝି ଶିଷ୍ୟା ଠିକ୍ ରୂପେ ଗ୍ରହଣ କରିନିଏ ତାହାହେଲେ ସେ ହୋଇଛନ୍ତି ପ୍ରକୃତ ଗୁରୁ । ମୁଁ ଏହି ଶିକ୍ଷା ଦେବା ପ୍ରଣାଳୀ ମଧ ମୋ ଗୁରୁଙ୍କଠୁ ହିଁ ପାଇଛି ।

ଗୋଟିଏ ଗୀତର ଅର୍ଥ ନ ବୁଝିବା ପର୍ଯ୍ୟନ୍ତ ତାହାକୁ କେବେ ବି ଭାବ ସହିତ ପ୍ରଦର୍ଶନ କରି ହୁଏ ନା । ନିଜକୁ ସେଇ ଚରିତ୍ରରେ ହଜାଇ ଦେଇ ଅନ୍ୟକୁ ଅନୁକରଣ କରିବାର ନାମ ହିଁ ଅଭିନୟ । ଏହି ଅଭିନୟର ହିଁ ଓଡ଼ିଶୀ ନୃତ୍ୟର ମୁଖ୍ୟ ଭୂମିକା । କେବଳ ଓଡ଼ିଶୀ ନୃତ୍ୟରେ ହିଁ କାହିଁକି ସବୁ ଶାସ୍ତ୍ରୀୟ ନୃତ୍ୟରେ ଏହା ମୁଖ୍ୟ ଭୂମିକା ଗ୍ରହଣ କରି ଆସିଛି । ଶାସ୍ତ୍ରୀୟ ନୃତ୍ୟ ସବୁ ଲୋକ ନୃତ୍ୟରୁ ହିଁ ସୃଷ୍ଟି ହୋଇଛି । ଭାରତରେ ୭ଟି ନୃତ୍ୟ ଶାସ୍ତ୍ରୀୟତା ଗ୍ରହଣ କରିଛି । ସେଗୁଡ଼ିକ ହେଲା :- ଓଡ଼ିଶୀ, କଥକ୍, ଭାରତ ନାଟ୍ୟମ୍, କୁଚିପୁଡି, ମୋହିନୀଅଟ୍ଟମ୍, ମଣିପୁରୀ ଓ କଥାକଳୀ ।

ଓଡ଼ିଶୀ ନୃତ୍ୟ ଯାହାକି ପ୍ରଥମେ ପୁଅପିଲାମାନେ ଝିଅ ବେଶରେ ଅଭିନୟ କରୁଥିଲେ, ତାହାକୁ ପାରାଲାଖେମୁଣ୍ଡିର ଗୋଟିପୁଅ ନାଚ କୁହାଯାଉଥିଲା । କ୍ରମେ କ୍ରମେ ପୁଅ ବଦଳରେ ଝିଅମାନେ ନୃତ୍ୟ କରିବା ପାଇଁ ଆଗଭର ହେବାରୁ ତାହାକୁ ଓଡ଼ିଶୀ ସଙ୍ଗୀତ

କୁହାଗଲା । ଏହି ଦକ୍ଷିଣୀ ସଙ୍ଗୀତ ସମଗ୍ର ଓଡ଼ିଶାରେ ତଥା ଓଡ଼ିଶା ବାହାରେ ଅଧିକ ଲୋକପ୍ରିୟ ହୋଇ ଉଠିବାପରେ ଏହାକୁ କବିଚନ୍ଦ୍ର କାଳୀ ଚରଣ ପଟ୍ଟନାୟକ ଓଡ଼ିଶୀ ନାମକୁ ଆଖି ଆଗରେ ରଖି ଏହାର ନାମ ଓଡିଶୀ ନୃତ୍ୟ ରଖିଲେ । ଏଥିରେ ଭଙ୍ଗୀ ଓ ଅଭିନୟର ପ୍ରାଧାନ୍ୟତା ବେଶୀ । ଏହା ପ୍ରଥମେ ଗୋଟିଏ ଭଙ୍ଗୀରୁ ଆରମ୍ଭ ହୋଇ ପୁଣି ଅନ୍ୟ ଗୋଟିଏ ଭଙ୍ଗୀରେ ହିଁ ଶେଷ ହୁଏ । ଯେତେବେଳେ ଏହି ନୃତ୍ୟକୁ ଓଡ଼ିଶୀ ନୃତ୍ୟ ନାମ ରଖାଗଲା, ଏହାକୁ ୫ଟି ବିଭିନ୍ନ ଭାଗରେ ବିଭକ୍ତ କରିଦିଆଗଲା କାରଣ ସମ୍ପୂର୍ଣ୍ଣ ନୃତ୍ୟକୁ ଗୋଟିଏ ଶୈଳୀରେ ନାଚିବାରୁ ତାହା ଭଲ ଲାଗିଲା ନାହିଁ । ଏହି ୫ଟି ବିଭାଗ ହେଲା :– ମଙ୍ଗଳାଚରଣ, ସ୍ଥାୟୀ, ପଲ୍ଲବୀ, ଅଭିନୟ ଓ ମୋକ୍ଷ ।

ମଙ୍ଗଳାଚରଣରେ ପ୍ରଥମେ ଶିଳ୍ପୀ ମଞ୍ଚ ପ୍ରବେଶ କରେ, ପୁଷ୍ପ ଅର୍ପଣ କରେ, ଭୂମି ପ୍ରଣାମ କରେ, ତାପରେ ଗଣେଶ, ସରସ୍ୱତୀ, ଶିବ ଓ ଦୁର୍ଗା ଇତ୍ୟାଦିଙ୍କ ସ୍ତୁତି ଶ୍ଳୋକରୁ ଗୋଟିଏ ପରିବେଷଣ କରେ ଓ ଶେଷରେ ସଭା ପ୍ରଣାମ କରେ । ଏଥିରେ ଶିଳ୍ପୀ ତିନୋଟି ପ୍ରଣାମ କରେ । ମୁଣ୍ଡ ଉପରେ ହାତ ରଖି ଯେଉଁ ପ୍ରଣାମ କରେ ତାହା ଦେବା ଦେବୀଙ୍କ ଉଦ୍ଦେଶ୍ୟରେ, ମୁଖ ସାମନାରେ ହାତ ରଖି ଯେଉଁ ପ୍ରଣାମ କରେ ତାହା ଗୁରୁଙ୍କ ଉଦ୍ଦେଶ୍ୟରେ ଓ ମୁଖ ତଳେ ହାତ ରଖି ଯେଉଁ ପ୍ରଣାମ କରେ ସଭାସଦ୍‌ବର୍ଗଙ୍କ ଉଦ୍ଦେଶ୍ୟରେ ।

ଏହା ପରେ ସ୍ଥାୟୀ ବା ବଟୁର ପ୍ରଦର୍ଶନ କରାଯାଏ । ଶିବଙ୍କର ଅନ୍ୟନାମ ବଟୁକେଶର ଭୈରବ, ତେଣୁ ଏହାର ନାମକରଣ ଏପରି ହୋଇଛି । ଏହା ସମ୍ପୂର୍ଣ୍ଣ ନୃତ୍ୟର ଅନ୍ତର୍ଗତ । ଏଥିରେ ଗୋଟିଏ ପଦ ବା ଉକ୍ତିକୁ ବାରମ୍ବାର ବୋଲାଯାଏ ଓ ଶିଳ୍ପୀ ଏହାକୁ ବିଭିନ୍ନ ଭଙ୍ଗୀରେ ପ୍ରଦର୍ଶିତ କରେ ଯଥା :– ନୂପୁର ପାଦିକା, ଦର୍ପଣା, ଅଭିମାନ, ଆଳୁଳନା, ମର୍ଦ୍ଦଳା ଇତ୍ୟାଦି ଭଙ୍ଗୀର ବହୁଳ ବ୍ୟବହାର କରାଯାଏ ।

ତୃତୀୟ ପର୍ଯ୍ୟାୟ ପଲ୍ଲବୀ । ଏହା ପଦ, ଲୟ, ବିନ୍ୟାସର ସମଷ୍ଟିରେ ହୋଇଥିବାରୁ ଏହାକୁ ପଲ୍ଲବୀ ବୋଲି କୁହାଯାଏ । ପଲ୍ଲବୀ ଅର୍ଥ କୋମଳ । ପତ୍ରଟିଏ ପାଣିରେ ପଡ଼ିଗଲେ ତାହା ଯେପରି କୋମଳ ଭାବରେ ଭାସିଯାଏ ଏହି ନୃତ୍ୟ ମଧ୍ୟ ଠିକ୍ ସେହିପରି । ଏଥିରେ ଯେଉଁ ଭାବଭଙ୍ଗୀ ଓ ଲାଳିତ୍ୟତା ତାହା ମନରୁ ଆଦୌ ପାସୋରି ହୁଏ ନାହିଁ । ଏହାକୁ ବିଭିନ୍ନ ରାଗ ଅନୁସାରେ ନାମକରଣ କରାଯାଏ । ଗୁରୁମାନେ ରାଗଗୁଡ଼ିକ ଭିତରୁ କେତୋଟି ରାଗକୁ ନେଇ ପଲ୍ଲବୀ ତିଆରି କରନ୍ତି । ଯଥା :– କଲ୍ୟାଣ, ଆନନ୍ଦଭୈରବୀ, ବସନ୍ତ, ବାଗେଶ୍ରୀ, ସାବେରୀ, ଗୌଡ଼ା ଇତ୍ୟାଦି ।

ଅଭିନୟ । ଏହି ପର୍ଯ୍ୟାୟଟି ଓଡ଼ିଶୀ ନୃତ୍ୟରେ ମୁଖ୍ୟ ଭୂମିକା ଗ୍ରହଣ କରିଛି । ଅଭିନୟ କଲାବେଳେ ଶିଳ୍ପୀ ନିଜକୁ ସେଥିରେ ହରାଇ ଦିଏ । ତାଳ, ଲୟ ବିନା ଗୀତ ଯେମିତି ବେସୁରିଆ ଓ ବେତାଳିଆ ଠିକ୍ ସେହିପରି ଅଭିନୟ ବିନା ନୃତ୍ୟ । ଏହା ବିଭିନ୍ନ କବିଙ୍କର ରଚିତ ଗୀତକୁ ନେଇ ଅଭିନୟ କରାଯାଏ । ମୁଖ୍ୟତଃ ଜୟଦେବଙ୍କ ଅଷ୍ଟପଦୀକୁ ଏଥିରେ ବେଶୀ ଗୁରୁତ୍ୱ ଦିଆଯାଏ ।

ଶେଷରେ ମୋକ୍ଷ ପ୍ରଦର୍ଶିତ ହୁଏ । ଏହା ସମ୍ପୂର୍ଣ୍ଣ ନୃତ୍ୟର ଅନ୍ତର୍ଗତ । ଶିଳ୍ପୀ ଏଥିରେ ଭଗବାନଙ୍କ ନିକଟରେ ସମର୍ପି ଦିଏ । ଜୀବନର ଶେଷ ହେଉଛି ମୋକ୍ଷ ପ୍ରାପ୍ତି, ତେଣୁ ଏହି ବିଭାଗଟିକୁ ଓଡ଼ିଶୀ ନୃତ୍ୟର ଶେଷ ପର୍ଯ୍ୟାୟ ବୋଲି କୁହାଯାଏ ।

ମୋତେ ଓଡ଼ିଶୀ ନୃତ୍ୟର ସମସ୍ତ ପର୍ଯ୍ୟାୟକୁ ପରିବେଷଣ କରିବାକୁ ଭଲଲାଗେ । ଏହା ଛଡ଼ା ଦଶାବତାର, ଅଷ୍ଟଶମ୍ଭୁ ଓ ନବରସର ଶୈଳୀ ଅତ୍ୟନ୍ତ ଚିତ୍ତାକର୍ଷକ । ଓଡ଼ିଶୀ ପରି ଅନ୍ୟ ଶାସ୍ତ୍ରୀୟ ନୃତ୍ୟର ଶୈଳୀ ମଧ୍ୟ ଅତୁଳା ।

ଭାରତନାଟ୍ୟମ୍ ତାମିଲ୍‌ନାଡୁର ଶାସ୍ତ୍ରୀୟ ନୃତ୍ୟ । ଏହାର ପ୍ରବର୍ତ୍ତକ ଇ: କୃଷ୍ଣା ଆୟାର । ଏହା ସମ୍ପୂର୍ଣ୍ଣ ନୃତ୍ତ, ନୃତ୍ୟ ଓ ନାଟ୍ୟର ଅନ୍ତର୍ଗତ । ଏହାର ବିଭିନ୍ନ ବିଭାଗ ରହିଛି ଓ ସେଥିପାଇଁ ସଙ୍ଗୀତ ଓ ତାଳ ସ୍ୱତନ୍ତ୍ର । ଏଥିରେ ଭାବ ପ୍ରଦର୍ଶନ ସଙ୍ଗେ ସଙ୍ଗେ ଗୋଡ଼ ଚାଳନାର ମଧ୍ୟ ପ୍ରାଧାନ୍ୟତା ରହିଛି ।

କୁଚିପୁଡ଼ି ନୃତ୍ୟ ଆନ୍ଧ୍ରପ୍ରଦେଶର ଶାସ୍ତ୍ରୀୟ ନୃତ୍ୟ । ଏହା କୁଚିପୁଡ଼ି ଗ୍ରାମରୁ ଉଦ୍ଭବ । ଏହା ଏକ ନୃତ୍ୟ ନାଟିକା । ଏହାର ପ୍ରବର୍ତ୍ତକ ଆନ୍ଧ୍ରର ସିଦ୍ଧେନ୍ଦ୍ର ଯୋଗୀ ବୋଲି ଧରାଯାଏ । ଏଥିର ଗୀତଗୁଡ଼ିକ ସମ୍ପୂର୍ଣ୍ଣ ଭାବରେ ତେଲୁଗୁ ଓ ସଂସ୍କୃତ । ଭାଗବତ ପୁରାଣ ଓ ଜୟଦେବଙ୍କ ଗୀତଗୋବିନ୍ଦ ଏଥିରେ ଅଭିନୀତ କରାଯାଏ ।

ଉତ୍ତର ଭାରତର ଶାସ୍ତ୍ରୀୟ ନୃତ୍ୟକୁ କଥକ୍ କୁହାଯାଏ । ଏଥିରେ ଗୋଡ଼ ଚାଳନାର ପ୍ରାଧାନ୍ୟତା ବହୁତ ଓ ଏଥିରେ ଭ୍ରମରୀର ପ୍ରଦର୍ଶନ ବାରମ୍ବାର ଦେଖିବାକୁ ମିଳେ । ଏହା ପ୍ରଥମେ ବାଇଜୀମାନଙ୍କ ନୃତ୍ୟ ଥିଲା ଓ ଏହାକୁ ପରେ କଥକ୍ ନାମ ଦିଆଗଲା । ଏହା ସମ୍ପୂର୍ଣ୍ଣ ଭାବରେ ସମ ଭଙ୍ଗୀରେ ନୃତ୍ୟ କରାଯାଏ ।

ମୋହିନୀ ଅଟ୍ଟମ୍ ଦକ୍ଷିଣ ଭାରତର ଶାସ୍ତ୍ରୀୟ ନୃତ୍ୟ । ଏହା ଏବେ ଶାସ୍ତ୍ରୀୟତା ଲାଭ କରିଛି । ଏଥିରେ ଭାବ ପ୍ରଦର୍ଶନ ସହ ଅଙ୍ଗ ସଂଚାଳନର ପ୍ରାଧାନ୍ୟତା ରହିଛି ।

ମଣିପୁରୀ ନୃତ୍ୟ ମଣିପୁର ରାଜ୍ୟର । ଗୁରୁ ରବୀନ୍ଦ୍ରନାଥ ଠାକୁର ଏହାକୁ ମଣିପୁରୀ ନାମରେ ନାମିତ କରିଥିଲେ । ଏହା ଗୋଟିଏ ପଟକୁ ଢଳି ନୃତ୍ୟ କରାଯାଏ । ଯାହାକୁ ଆମେ ଓଡ଼ିଶୀରେ ଅତିଭଙ୍ଗ ବୋଲି କହୁ । ଏଥିରେ ଗୋଡ଼ଚାଳନା ଅତିକମ୍ ଓ ଅତି ହାଲୁକା । ପଦଚାଳନାରେ ପାଦର ପଞ୍ଝା ଉପରେ ବିଶେଷ ଗୁରୁତ୍ୱ ଦିଆଯାଏ ।

କଥାକଳି ନୃତ୍ୟ ଦକ୍ଷିଣ ଭାରତର କେରଳର ଅନ୍ତର୍ଗତ । ଏଥିରେ କବି ଭୋଲାଥୋଲ୍‌ଙ୍କ ନାମ ବିଶେଷଯୋଗ୍ୟ । ଏଥିରେ ନୃତ୍ତ, ନୃତ୍ୟ ଓ ନାଟ୍ୟ ଏକାଥରେ ପରିସ୍ଫୁଟ ହୋଇଥାଏ । ତାଣ୍ଡବ ଓ ଲାସ୍ୟ ଏହି ଦୁଇଟି ଏହି ନୃତ୍ୟରେ ଦେଖାଯାଏ । ଏଥିର ମୁଖ୍ୟ ଆକର୍ଷଣ ଏହାର ବିଚିତ୍ର ରୂପସଜ୍ଜା ।

ମୁଁ ମୋ ଜୀବନର ଶେଷ ପର୍ଯ୍ୟନ୍ତ ଏହି ସବୁ ନୃତ୍ୟକୁ ଆପଣେଇବା ପାଇଁ ଚେଷ୍ଟା କରିବି । ମୋତେ ଯେ ପର୍ଯ୍ୟନ୍ତ

ଗୋଟିଏ ନୃତ୍ୟ ଭଲଭାବେ ନ ଆସେ ତାହାକୁ ମଞ୍ଚସ୍ଥ କରିବାକୁ ଭଲ ଲାଗେ ନା । ଯେ କୌଣସି ନୃତ୍ୟ ଶିଖିବାକୁ ହେଲେ ନିଷ୍ଠା ଓ ସାଧନା ଆବଶ୍ୟକ । ମୋର ଆଶା ଓ ବିଶ୍ୱାସ ଯେ ମୋର ମନ କାମନା ନିଶ୍ଚୟ ଦିନେ ପୂରଣ ହେବ । ଏଥିପାଇଁ ମୋର ଗୁରୁ ଓ ପରିବାର ବର୍ଗଙ୍କ ଆଶୀର୍ବାଦ ସବୁବେଳେ ମୋରି ଉପରେ ବର୍ଷୁ ଏହା ହିଁ ମୋର ଏକାନ୍ତ କାମନା ।

କୁମାରୀ ଆର୍: ୱାଣୀ,
କଳା ବିକାଶ କେନ୍ଦ୍ର,
ଛତ୍ରପୁର, ଗଞ୍ଜାମ ।

## ଚାକିରି ପାଇଁ ମନ ନାହିଁ

ମାଛ ଚାଷ ପାଇଁ ମୋର ଅଭିଳାଷ ଥିଲା । ମୋର ନିଜର ବୋଲି କୌଣସି ପୋଖରୀ ମଧ୍ୟ ନଥିଲା । ଗ୍ରାମ ପଞ୍ଚାୟତରେ ୧ ବର୍ଷ ବନ୍ଧକ ଲିଜ୍ ନେଇ ମାଛ ଚାଷ ଆରମ୍ଭ କରିଲି । ବର୍ଷେ ଦୁଇ ବର୍ଷ ମଧ୍ୟରେ ମୋର ମାଛ ଚାଷ ପ୍ରତି ଏପରି ଆଗ୍ରହ ସୃଷ୍ଟି ହେବ ମୁଁ କଳ୍ପନା କରି ନଥିଲି । ଆମ ଗାଁ ପାଖରେ ନିଳାଦ୍ରିପୁର ଏକ ଗ୍ରାମ, ଉକ୍ତ ଗ୍ରାମରେ ଏକ ପଞ୍ଚାୟତ ପୋଖରୀ ନାମ ରାଣୀବନ୍ଧ । ଏହାର ଆୟତନ ପ୍ରାୟ ୨୫ ଏକର । ଜଳ ଆୟତନ ମାତ୍ର ୬ ଏକର । କିନ୍ତୁ ଉକ୍ତ ବନ୍ଧ ଏପରି ଅବସ୍ଥାରେ ଥିଲା ଯେ ଏଥିରେ ମାଛ ଚାଷ କରିବା ଦୂରରେ ଥାଉ ଲୋକଙ୍କର ମଧ୍ୟ କୌଣସି ଉପକାରରେ ଆସି ନଥିଲା । ବ୍ଲକର ମତ୍ସ୍ୟ ସମ୍ପ୍ରସାରଣ ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମୁଁ ଉକ୍ତ ବନ୍ଧକୁ ଦଶ ବର୍ଷ ଲିଜ୍ ସୂତ୍ରରେ ପଟ୍ଟା ପାଇଲି । ଉକ୍ତ ବନ୍ଧର ପଙ୍କୋଦ୍ଧାର ପାଇଁ ମତ୍ସ୍ୟ ଚାଷ ଉନ୍ନୟନ ସଂସ୍ଥା ବ୍ରହ୍ମପୁର, ଗଞ୍ଜାମର ସହାୟତାରେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଭଞ୍ଜନଗର ଶାଖାରୁ ୯୭,୦୦୦ ଟଙ୍କା ମୁଁ ଋଣ ପାଇଲି । ଉକ୍ତ ବନ୍ଧର ପଙ୍କୋଦ୍ଧାର ହେଲା । ଏକ ମାଛ ଚାଷ ଆଧୁନିକ ପ୍ରଣାଳୀରେ ୧୯୯୧-୯୨ ମସିହାରେ ଆରମ୍ଭ କଲି । ମାଛଚାଷ ପାଇଁ ପ୍ରାୟ ୨୦,୦୦୦ ଟଙ୍କାର ଖାଦ୍ୟ, ସାର ଆଦି ପ୍ରୟୋଗ କଲି ଏବଂ ୧୯୯୨-୯୩ ମସିହାରେ ପ୍ରାୟ ୧,୦୦୦,୦୦ ଟଙ୍କା ନଗଦ ପାଇଁ ବ୍ୟାଙ୍କର ଋଣ ବାବଦକୁ ପ୍ରାୟ ୩୦,୦୦୦ ଟଙ୍କା ପରିଶୋଧ କରିଲି ଏବଂ ବଳକା ଟଙ୍କାରେ ମୋର ଚାଷ ଜମି ପାଇଁ ଏକ (Power tiller) କ୍ରୟ କରିଲି । ବର୍ତ୍ତମାନ ମଧ୍ୟ ମୋର ବନ୍ଧରେ ମାଛ ୫,୦୦୦ କେ: ଜି: ପର୍ଯ୍ୟନ୍ତ ଅଛି ଏବଂ ପଞ୍ଚାୟତର ଅନ୍ୟାନ୍ୟ ୩ଟି ପୋଖରୀ ୩ ବର୍ଷ ଲିଜ୍ ସୂତ୍ରରେ ମାଛ ଚାଷ ପାଇଁ ପାଇଅଛି । ମୁଁ ଆସନ୍ତା ବର୍ଷ ମଧ୍ୟରେ ମାଛଚାଷର ପ୍ରାୟ ୨,୦୦,୦୦୦ ଟଙ୍କା ପର୍ଯ୍ୟନ୍ତ ଆୟ କରିବି ବୋଲି ଆଶା କରୁଛି । ବର୍ତ୍ତମାନ ମୋର ଚାକିରି ପ୍ରତି ଆଦୌ ମନ ବଳିନାହିଁ ଏବଂ ଗାଁରେ ରହି ଆମର ଜମି ମଧ୍ୟ ନିଜ ଚାଷରେ ରଖି ମୁଁ ବେଶ ଲାଭବାନ ହୋଇପାରିଛି ।

କାଶୀନାଥ ପାଣିଗ୍ରାହୀ
ଗ୍ରାମ : ନାରାୟଣ ପାଟଣା,
ବ୍ଲକ : ଭଞ୍ଜନଗର ।



ଭୁବନେଶ୍ୱରଠାରେ ଆଇ: ଏ: ଏସ୍: ପଦାଧିକାରୀ ସ୍ତ୍ରୀମାନଙ୍କ ସଙ୍ଘ ତରଫରୁ ଏକ ସ୍ୱାସ୍ଥ୍ୟ ଶିବିର ଆୟୋଜିତ ।

# ସମ୍ବାଦ ପରିକ୍ରମା

## ରାଜ୍ୟ ଯୋଜନା ବୋର୍ଡ଼ ବୈଠକ : କୃଷି ଉତ୍ପାଦନ ବୃଦ୍ଧି ଓ ଆତ୍ମନିଯୁକ୍ତି ଉପରେ ମୁଖ୍ୟମନ୍ତ୍ରୀଙ୍କ ଗୁରୁତ୍ୱ

ରାଜ୍ୟରେ କୃଷି ଉତ୍ପାଦନ ବୃଦ୍ଧି ସାଙ୍ଗକୁ ବେକାର ଯୁବକ ଯୁବତୀମାନଙ୍କ ଆତ୍ମନିଯୁକ୍ତି କାର୍ଯ୍ୟକ୍ରମ ଉପରେ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ଗୁରୁତ୍ୱ ଆରୋପ କରିଛନ୍ତି ।

ସମ୍ପ୍ରତି ସଚିବାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ରାଜ୍ୟ ଯୋଜନା ବୋର୍ଡ଼ ବୈଠକରେ ଅଧ୍ୟକ୍ଷତା କରି ମୁଖ୍ୟମନ୍ତ୍ରୀ କହିଲେ ଯେ, ଉନ୍ନତ ଧରଣର କୃଷି ଯନ୍ତ୍ରପାତିର ପ୍ରୟୋଗ ଓ ଆଧୁନିକ ବୈଜ୍ଞାନିକ କୌଶଳର ଉପଯୋଗ ଦ୍ୱାରା ରାଜ୍ୟରେ କୃଷି ଉତ୍ପାଦନ ବୃଦ୍ଧି ପାଇଁ ବ୍ୟାପକ ଉଦ୍ୟମ କରାଯିବା ଉଚିତ । ଚୀନ୍‌ର ଦୃଷ୍ଟାନ୍ତ ଦେଇ ସେ କହିଲେ ଯେ ସେ ଦେଶରେ ଆମ ଦେଶ ଅପେକ୍ଷା ସାଢ଼େ ତିନିଗୁଣ ଅଧିକ ଖାଦ୍ୟଶସ୍ୟ ଉତ୍ପାଦିତ ହୋଇ ପାରୁଥିବା ବେଳେ ଆମେ ମଧ୍ୟ ଏ ଦିଗରେ ଯଥେଷ୍ଟ ଅଗ୍ରଗତି ହାସଲ କରିପାରିବା । ପଞ୍ଜାବ, ହରିୟାନା ଓ ମହାରାଷ୍ଟ୍ର ପ୍ରଭୃତି ଦେଶର କେତେକ ଅଞ୍ଚଳ କୃଷି ଉତ୍ପାଦନ ବୃଦ୍ଧି ଦିଗରେ ପ୍ରଶଂସନୀୟ ଉଦ୍ୟମ କରିଛନ୍ତି । କେବଳ କୃଷି କ୍ଷେତ୍ରରେ ନୁହେଁ, ପ୍ରତ୍ୟେକ କ୍ଷେତ୍ରରେ ଉତ୍ପାଦନ ବୃଦ୍ଧିର ଆବଶ୍ୟକତା ରହିଛି ବୋଲି ସେ ଉଲ୍ଲେଖ କରିଥିଲେ । ରାଜ୍ୟର ବେକାର ଯୁବକଙ୍କ ଆତ୍ମନିଯୁକ୍ତି କାର୍ଯ୍ୟକ୍ରମ ସମ୍ପର୍କରେ ମୁଖ୍ୟମନ୍ତ୍ରୀ କହିଲେ ଯେ, ନୂଆକରି ପ୍ରବର୍ତ୍ତିତ ହୋଇଥିବା ପ୍ରଧାନ ମନ୍ତ୍ରୀଙ୍କ ରୋଜଗାର ଯୋଜନାରେ ଆମ ରାଜ୍ୟର ୯ ଲକ୍ଷ ବେକାର ଯୁବକ ଯୁବତୀଙ୍କ ଭିତରୁ ଏ ବର୍ଷ ମାତ୍ର ୮୬୫ ଜଣ ଉପକୃତ ହୋଇପାରିବେ । ଏହା ସମୁଦ୍ରକୁ ଶଙ୍ଖେପାଣି ପରି ହୋଇଥିବାରୁ ଆମକୁ ଉତ୍ପାଦନ ଭିତ୍ତିକ ନିଯୁକ୍ତି କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱ ସହକାରେ ଚିନ୍ତା କରିବାକୁ ପଡ଼ିବ । ରାଜ୍ୟରେ ଜନସଂଖ୍ୟା ବୃଦ୍ଧିକୁ ରୋକିବା ପାଇଁ ସବୁଜ ପତ୍ରିକାଧାରୀଙ୍କୁ ଆକର୍ଷଣୀୟ ପ୍ରୋତ୍ସାହନ ଦେବାର ବ୍ୟବସ୍ଥା କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ ।

ଆଲୋଚନା ଆରମ୍ଭକରି ରାଜ୍ୟ ଅର୍ଥମନ୍ତ୍ରୀ ତଥା ରାଜ୍ୟ ଯୋଜନା ବୋର୍ଡ଼ର ଉପାଧ୍ୟକ୍ଷ ଶ୍ରୀ ବେଦପ୍ରକାଶ ଅଗ୍ରୱାଲ ରାଜ୍ୟରେ ଜନସଂଖ୍ୟା ନିୟନ୍ତ୍ରଣ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଆଦେଶକ୍ରମେ ଗଠନ କରାଯାଇଥିବା ମନ୍ତ୍ରୀମଣ୍ଡଳୀୟ ସବ୍‌କମିଟି ରିପୋର୍ଟର ସାରାଂଶ ଉପସ୍ଥାପନ କରିଥିଲେ । ଓଡ଼ିଶାରେ ଜନସଂଖ୍ୟା ବୃଦ୍ଧିର ହାର ୧·୨ ଭାଗକୁ କମାଇବା ପାଇଁ ସବ୍‌କମିଟିର ସୁପାରିଶ ମୁତାବକ ପଞ୍ଚାୟତରାଜ ଓ ସମବାୟ ଅନୁଷ୍ଠାନଗୁଡ଼ିକ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାୟ ୬ ଲକ୍ଷ ଲୋକଙ୍କ କ୍ଷେତ୍ରରେ ଓ ସରକାରୀ କର୍ମଚାରୀମାନଙ୍କ କ୍ଷେତ୍ରରେ ପ୍ରତିବନ୍ଧକମାନ ଲାଗୁ କରାଯିବ ବୋଲି ସେ ପ୍ରକାଶ କରିଥିଲେ । ଏଥିପାଇଁ ଏକ ନିର୍ଦ୍ଦିଷ୍ଟ ତାରିଖ ନିରୂପଣ କରିବା ପାଇଁ ଶ୍ରୀ ଅଗ୍ରୱାଲ ପ୍ରସ୍ତାବ ଦେଇଥିଲେ ।

ଯୋଜନା ବୋର୍ଡ଼ର ବିଭିନ୍ନ ସଭ୍ୟମାନଙ୍କଠାରୁ ମିଳୁଥିବା ଗଠନମୂଳକ ପ୍ରସ୍ତାବ ଓ ମତାମତକୁ ପୁଙ୍ଖାନୁପୁଙ୍ଖ ବିଶ୍ଳେଷଣ କରାଯାଇ ତା'ଉପରେ କାର୍ଯ୍ୟାନୁଷ୍ଠାନ କରାଯିବା ପାଇଁ ମୁଖ୍ୟମନ୍ତ୍ରୀ ବିଭିନ୍ନ ସରକାରୀ ବିଭାଗଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି । ଆଜିର ବୈଠକରେ ଯୋଜନା ବୋର୍ଡ଼ ସଭ୍ୟ ଓ ବିଶିଷ୍ଟ ଅର୍ଥନୀତିଜ୍ଞ ଡଃ ନୀଳକଣ୍ଠ ରଥ ଜଳସେଚନ ବ୍ୟବସ୍ଥାର ପୁନର୍ଗଠନ ଓ ଆଦିବାସୀ ଅଞ୍ଚଳ ଉନ୍ନୟନ ସମ୍ପର୍କରେ ପ୍ରଦାନ କରିଥିବା ମତାମତ ଉପରେ ଆଲୋଚନା କରାଯାଇଥିଲା ।

ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସ୍ୱାସ୍ଥ୍ୟମନ୍ତ୍ରୀ ସୟଦ୍ ମୁସ୍ତାଫିଜ୍ ଅହମଦ, ପରିବାର କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ଡକ୍ଟର କମଳା ଦାସ, ରାଜ୍ୟ ଯୋଜନା ବୋର୍ଡ଼ ସଭ୍ୟ ଡଃ ବୈଦ୍ୟନାଥ ମିଶ୍ର, ଡଃ ନୀଳକଣ୍ଠ ରଥ, ଶ୍ରୀ ଜି: ଏନ୍: ମିଶ୍ର, ଶ୍ରୀ ଅଜିତ ମହାପାତ୍ର, ଶ୍ରୀ ଅଚ୍ୟୁତ ଦାସ, ଶ୍ରୀ ସୁଧାକର ନନ୍ଦ, ଶ୍ରୀ ରାଧାଶ୍ୟାମ ବାରିକଙ୍କ ସମେତ ରାଜ୍ୟ ମୁଖ୍ୟ ଶାସନ ସଚିବ ଶ୍ରୀ ରବିନାରାୟଣ ଦାସ, ଉନ୍ନୟନ କମିଶନର ଶ୍ରୀ ପି: କେ: ପଟ୍ଟନାୟକ ଓ ଅନ୍ୟାନ୍ୟ ଉଚ୍ଚପଦସ୍ଥ ଅଫିସରମାନେ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ ।

## ନଗରାଞ୍ଚଳ ଉନ୍ନୟନ ଯୋଜନା ସମ୍ପର୍କରେ ବିଶ୍ୱ ବ୍ୟାଙ୍କ୍ ପ୍ରତିନିଧିଙ୍କ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା

ବିଶ୍ୱ ବ୍ୟାଙ୍କର ଏକ ପ୍ରତିନିଧି ଦଳ ସମ୍ପ୍ରତି ସଚିବାଳୟଠାରେ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକଙ୍କୁ ଭେଟି ରାଜ୍ୟରେ ବିଶ୍ୱ ବ୍ୟାଙ୍କ ସହାୟତାକ୍ରମେ ପରିଚାଳିତ ହେବାକୁ ଯାଉଥିବା ନଗରାଞ୍ଚଳ ଉନ୍ନୟନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ ।

ଆଲୋଚନା ସମୟରେ ସହରାଞ୍ଚଳ ସେବା ପାଇଁ ଜନସାଧାରଣ ଆର୍ଥିକ ଭାର ବହନ କରିବା ଦରକାର ବୋଲି ମୁଖ୍ୟମନ୍ତ୍ରୀ ମତ ପ୍ରକାଶ କରିଥିଲେ । ସେ ଆହୁରି ସୂଚାଇଥିଲେ ଯେ, ନଗରାଞ୍ଚଳ ଉନ୍ନୟନ ପାଇଁ ବ୍ୟୟ କରାଯାଉଥିବା ପାଣ୍ଠିରୁ ମିଳୁଥିବା ଆର୍ଥିକ ଲାଭ ସେହି ଅଞ୍ଚଳର ସାମଗ୍ରିକ ବିକାଶ ପାଇଁ ଖର୍ଚ୍ଚ କରାଯିବ ।

ଉଲ୍ଲେଖଯୋଗ୍ୟ ଯେ, ଏହି ପ୍ରୋଜେକ୍ଟରେ ମୋଟ ୫୦୦ କୋଟି ଟଙ୍କା ଖର୍ଚ୍ଚ ହେବ ଏବଂ ଏହାଦ୍ୱାରା କଟକ, ଭୁବନେଶ୍ୱର, ରାଉରକେଲା, ସମ୍ବଲପୁର, ବ୍ରହ୍ମପୁର, ବାଲେଶ୍ୱର, ପୁରୀ, ପାରାଦ୍ୱୀପ, ତାଳଚେର/ଅନୁଗୁଳ ଓ ଢେଙ୍କାନାଳରେ ବାସ କରୁଥିବା ୨୦ ଲକ୍ଷ ଲୋକ ଉପକୃତ ହୋଇପାରିବେ । ରାଜ୍ୟ ନଗରାଞ୍ଚଳ ଉନ୍ନୟନ ସଂସ୍ଥା ମାଧ୍ୟମରେ ଏହି ଯୋଜନା ପାଞ୍ଚ ବର୍ଷରେ କାର୍ଯ୍ୟକାରୀ ହେବ । ସ୍ୱଳ୍ପ ଆୟକାରୀ ବର୍ଗଙ୍କ ପାଇଁ ଗୃହ ନିର୍ମାଣ ସାମଗ୍ରୀ ଯୋଗାଣ, ବସ୍ତି ଅଞ୍ଚଳର ବାସିନ୍ଦାମାନଙ୍କୁ ଆଶ୍ରୟ ଯୋଗାଇ ଦେବା ସଙ୍ଗେ ସଙ୍ଗେ ସେମାନଙ୍କର ସାମାଜିକ ଓ ଅର୍ଥନୈତିକ ଅବସ୍ଥାର ଉନ୍ନତି, ଜଳଯୋଗାଣ ଓ ପରିମଳ ବ୍ୟବସ୍ଥା ସହ ଆବର୍ଜନା ନିଷ୍କାସନ ତଥା ନଗରାଞ୍ଚଳର ପରିବହନ ବ୍ୟବସ୍ଥାର ଉନ୍ନତି ଆଦି ଏହି ଯୋଜନାର ଅଭିମୁଖ୍ୟ ।

ବିଶ୍ୱ ବ୍ୟାଙ୍କର ପ୍ରତିନିଧି ଦଳରେ ମିଃ ରବର୍ଟ ପମ୍ପିଲ୍, ମିଃ ହୁଇଟ୍, ବ୍ରେଡ୍, ମିସ୍ କୁଏଙ୍କୋ, ଶ୍ରୀ ସରକାର ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କ ସହ ସାକ୍ଷାତ ଆଲୋଚନା କରିଥିଲେ । ଏହି ଆଲୋଚନା ସମୟରେ ରାଜ୍ୟ ପୂର୍ତ୍ତ, ନଗର ଉନ୍ନୟନ ଓ ଗୃହ ନିର୍ମାଣ ମନ୍ତ୍ରୀ, ଶ୍ରୀ ନଳିନୀକାନ୍ତ ମହାନ୍ତି, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ ଶ୍ରୀ ପ୍ୟାରିମୋହନ ମହାପାତ୍ର, ନଗର ଉନ୍ନୟନ ଓ ଗୃହ ନିର୍ମାଣ ବିଭାଗର ଶାସନ ସଚିବ ଶ୍ରୀ ଫଣୀଭୂଷଣ ଦାସ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

## ଭଲ ମଣିଷ ହୁଅ, ଜାତିର ଟେକ ରଖ

ଭାରତ ସ୍କାଉଟ ଓ ଗାଇଡ଼ସ୍ ସଙ୍ଗଠନର ଏକ ରାଜ୍ୟସ୍ତରୀୟ ପୁରସ୍କାର ବିତରଣ ସମାବେଶ ଗତ ଅକ୍ଟୋବର ୫-୧୦-୧୯୯୩ ତାରିଖ ଦିନ ରାଜଭବନ ପ୍ରାଙ୍ଗଣ ପରିସରର ଏକ ମନୋଜ୍ଞ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଓଡ଼ିଶାର ମାନ୍ୟବର ରାଜ୍ୟପାଳ ଶ୍ରୀଯୁକ୍ତ ବି: ସତ୍ୟନାରାୟଣ ରେଡ୍ଡୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଭାଗ ନେଇଥିବା ସ୍କାଉଟ ଓ ଗାଇଡ୍ ପିଲାମାନଙ୍କୁ ଭଲ ମଣିଷ ହୋଇ ଜାତିର ଟେକ ରଖିବାକୁ ପରାମର୍ଶ ଦେଇଥିଲେ । ମହାତ୍ମା ଗାନ୍ଧୀ, ରବୀନ୍ଦ୍ରନାଥ ଠାକୁର, ଶ୍ରୀମତୀ ଆନେ ବେସାନ୍ତ ଓ ମଦନ ମୋହନ ମାଲ୍ୟବ୍ୟଙ୍କ ଭଳି ମହାନ୍ ନେତାମାନଙ୍କର ମହତ୍ ବାଣୀକୁ ପାଥେୟ କରି ଜାତି ଗଠନ ପ୍ରକ୍ରିୟାରେ ନିଜ ନିଜକୁ ସାମିଲ୍ କରିବା ପାଇଁ ରାଜ୍ୟପାଳ ମହୋଦୟ ଆହ୍ୱାନ ଦେଇଥିଲେ । ମାତୃଦେବୀ ନମଃ, ପିତୃଦେବ ନମଃ, ଆଚାର୍ଯ୍ୟ ଦେବ ନମଃ ଓ ଅତିଥି ଦେବ ନମଃ ଭଳି ମାନବିକ ଗୁଣମାନ ଆହରଣ କରି ସଂଯମତା, ଶୃଙ୍ଖଳାବୋଧ ଓ କଠୋର ଚରିତ୍ରବତ୍ତା ରକ୍ଷା କରିବା ଲାଗି ରାଜ୍ୟପାଳ ଉପଦେଶ ଦେଇଥିଲେ । ବାପୁଜୀ ବହୁ କଷ୍ଟ ସ୍ୱୀକାର କରି ଅହିଂସା ବଳରେ ଦେଶକୁ ସ୍ୱାଧୀନ କରିଥିଲେ । ଆଜିର ଯୁବ ସମାଜ ଏହି କଷ୍ଟ ଲବ୍ଧ ସ୍ୱାଧୀନତାକୁ ଯଥାଯଥ ସୁରକ୍ଷା ଲାଗି ଆଗେଇ ଆସିବା ଉଚିତ୍ ବୋଲି ସେ ମତବ୍ୟକ୍ତ କରିଥିଲେ । ସେବା ହିଁ ପରମ ଧର୍ମ ଓ ଏହି ମାର୍ମିକ ତତ୍ତ୍ୱର ଅବତାରଣା କରି ସେ କହିଲେ ଯେ ସେବାର ଉପସ୍ଥିର ନିମନ୍ତେ କୌଣସି ସ୍ଥାନ କାଳର ଆବଶ୍ୟକ ନାହିଁ । ଯିଏ ଯେଉଁ ଅବସ୍ଥାରେ ଥାଉନା କାହିଁକି ଦେଶ ଦଶର ସେବା କରି ସୁନାଗରିକ ରୂପେ ନିଜ ନିଜର ଦାୟିତ୍ୱ ସମ୍ପାଦନ କରିପାରିଲେ ଗାନ୍ଧିଜୀଙ୍କ ସୁପରିକଳ୍ପିତ ରାମ ରାଜ୍ୟ ଯେ ଦିନେ ପ୍ରତିଷ୍ଠା ହୋଇପାରିବ ଏଥିରେ ସନ୍ଦେହର ଅବକାଶ ନାହିଁ ବୋଲି ସେ ଦୃଢ଼ ମତ ପୋଷଣ କରିଥିଲେ । ପ୍ରାକୃତିକ ବିପତ୍ତି ଓ ଜାତୀୟ ସଙ୍କଟ ସମୟରେ ସ୍କାଉଟ ଓ ଗାଇଡ଼ସ୍‌ମାନଙ୍କର କାର୍ଯ୍ୟାବଳୀର ସେ ଭୂୟସୀ ପ୍ରଶଂସା କରିଥିଲେ । ଜାତୀୟ ସଙ୍ଗୀତ ଗାନ ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା । ଏହି ସମାବେଶରେ ସ୍କାଉଟସ୍ ଓ ଗାଇଡ଼ସ୍‌ର ଅବୈତନିକ ରାଜ୍ୟ ସମ୍ପାଦକ ଶ୍ରୀ କେ: ପି: ମିଶ୍ର ପ୍ରାରମ୍ଭିକ ଅଭିଭାଷଣ ପ୍ରଦାନ କରିଥିଲେ । ଏହାପରେ ରାଜ୍ୟ ମୁଖ୍ୟ ସ୍କାଉଟସ୍ ଓ ଗାଇଡ଼ସ୍ କମିଶନର ଶ୍ରୀଯୁକ୍ତ ରଜତ କୁମାର କର ରାଜ୍ୟପାଳଙ୍କୁ ସ୍କାର୍ଫ ଓ ବ୍ୟାଜ୍ ପ୍ରଦାନ କରି ସଙ୍ଗଠନର ପୃଷ୍ଠପୋଷକ ରୂପେ ରାଜ୍ୟପାଳଙ୍କୁ ଶପଥ ପାଠ କରାଇଥିଲେ । ପରିଶେଷରେ ଓଡ଼ିଶା ରାଜ୍ୟ ସ୍କାଉଟସ୍ ଓ ଗାଇଡ଼ସ୍‌ର ସଭାପତି ଶ୍ରୀ ବସନ୍ତ କୁମାର ବିଶ୍ୱାଳ ସଙ୍ଗଠନର ବହୁବିଧ ସମସ୍ୟା ଓ ବିଭିନ୍ନ କ୍ଷେତ୍ରରେ ହାସଲ କରାଯାଇଥିବା ସଫଳତା ସମ୍ପର୍କରେ ରାଜ୍ୟପାଳଙ୍କ ଧ୍ୟାନ ଆକର୍ଷଣ କରିଥିଲେ । ଏହାପରେ ଜାତୀୟ ସଂହତି ଉପରେ ଆଧାରିତ କ୍ଷୁଦ୍ର ଏକାଙ୍କିକାମାନ ମଞ୍ଚସ୍ଥ କରାଯାଇଥିଲା । ସେସବୁ ବଡ଼ ଚିତ୍ତାକର୍ଷକ ଓ ଉପଭୋଗ୍ୟ ହୋଇଥିଲା । ଜାତୀୟ ସଙ୍ଗୀତ ଗାନ ପରେ ସଭା ଭଙ୍ଗ ହୋଇଥିଲା ।

## ପୁରାଣ, କୁଡୁମୀ ଓ ମହାନ୍ତ ଜାତିଗୁଡ଼ିକୁ ଅନଗ୍ରସର ତାଲିକାଭୁକ୍ତ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକ ପତ୍ର

ରାଜ୍ୟର ମୟୂରଭଞ୍ଜ, କେନ୍ଦୁଝର ଓ ସୁନ୍ଦରଗଡ଼ ଜିଲ୍ଲାମାନଙ୍କରେ ବସବାସ କରୁଥିବା କୁଡୁମୀ, ପୁରାଣ ଓ ମହାନ୍ତ ଜାତିର ଲୋକମାନଙ୍କୁ ଅନଗ୍ରସର ତାଲିକାଭୁକ୍ତ କରିବା ପାଇଁ ଏକ ପ୍ରତିନିଧି ଦଳ ଗତକାଲି ଶ୍ରୀ ବିଜୁ ପଟ୍ଟନାୟକଙ୍କୁ ତାଙ୍କ ସଚିବାଳୟ ପ୍ରକୋଷ୍ଠରେ ଭେଟି ଅନୁରୋଧ ଜଣାଇଛନ୍ତି । କୁଡୁମୀ କଲ୍ୟାଣ କମିଟି, ମୟୂରଭଞ୍ଜ ଜିଲ୍ଲାର ସଭାପତି ଓ କର୍ମକର୍ତ୍ତାମାନେ ସର୍ବଶ୍ରୀ ଅବନୀ କୁମାର ମହାନ୍ତ, ପଦ୍ମଲୋଚନ ମହାନ୍ତ, ବୈଦ୍ୟନାଥ ମହାନ୍ତ, ରାମହରି ମହାନ୍ତ, ଫୁଲଚାନ୍ଦ ମହାନ୍ତ ଓ ମନୋରଞ୍ଜନ ମହାନ୍ତ ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରି କହିଛନ୍ତି ଯେ ରାଜ୍ୟରେ ଚିହ୍ନଟ ହୋଇଥିବା ୫୮ଟି ଗୋଟି ଅନଗ୍ରସର ଜାତି ବାହାରେ ରହିଥିବା ଉପରୋକ୍ତ ଜାତିର ଲୋକମାନେ ଅର୍ଥନୈତିକ, ସାମାଜିକ, ଶିକ୍ଷା ଓ ସଂସ୍କୃତି କ୍ଷେତ୍ରରେ ନିମ୍ନ ସ୍ତରରେ ରହିଛନ୍ତି । ଏମାନଙ୍କ ମଧ୍ୟରୁ ଅଧିକାଂଶ କୃଷୀ ଓ

କୃଷି ଶ୍ରମିକ ଏବଂ ସେମାନେ ବହୁ ସଂଖ୍ୟାରେ ଭୂମିହୀନ ଓ ଗରିବ । ସାରା ରାଜ୍ୟରେ ଏମାନଙ୍କ ସଂଖ୍ୟା ପ୍ରାୟ ୧୨ ଲକ୍ଷ ହେବ ବୋଲି ଦର୍ଶାଇ ଏମାନଙ୍କୁ ଅନଗ୍ରସର ଶ୍ରେଣୀରେ ଅନ୍ତର୍ଭୁକ୍ତ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି ।

ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ପ୍ରତିନିଧି ଦଳର ଦାବୀଗୁଡ଼ିକ ସହାନୁଭୂତିର ସହ ବିଚାର କରାଯିବ ବୋଲି କହିଥିଲେ ।

ଏହି ଆଲୋଚନା ସମୟରେ ରାଜ୍ୟ ଉଚ୍ଚ ଶିକ୍ଷା ଓ ସଂସ୍କୃତି ମନ୍ତ୍ରୀ ଶ୍ରୀ ଚୈତନ୍ୟ ପ୍ରସାଦ ମାଝୀ, ଜଳ ସେଚନ ଓ ସଂସଦୀୟ ବ୍ୟାପାର ମନ୍ତ୍ରୀ ଶ୍ରୀ ବିଜୟ ମହାପାତ୍ର, ରାଜ୍ୟ ଜନତା ଦଳର ସଭାପତି ତଥା ବିଧାୟକ ଶ୍ରୀ ଅଶୋକ ଦାସ, ବିଧାୟକ ସର୍ବଶ୍ରୀ ବୀରଭଦ୍ର ସିଂ, ଛତିଶ ଚନ୍ଦ୍ର ଧଳ ଓ କାହ୍ନୁ ସୋରେନ ପ୍ରମୁଖ ଉପସ୍ଥିତ ଥିଲେ ।

## ଶିଳ୍ପାନୁଷ୍ଠାନରେ ପରିଚାଳନା କର୍ତ୍ତୃପକ୍ଷ ଓ ଶ୍ରମିକମାନଙ୍କ ମଧ୍ୟରେ ସୁସମ୍ପର୍କ ପ୍ରତିଷ୍ଠା ପାଇଁ ପଦକ୍ଷେପ

ଅର୍ଥନୈତିକ ସଂସ୍କାର ଓ ମୁକ୍ତ ଅର୍ଥନୀତିର ବିକାଶ ଫଳରେ ବିଭିନ୍ନ ଶିଳ୍ପାନୁଷ୍ଠାନ ସ୍ଥିତି ଏହାର ଉତ୍ପାଦନ ବୃଦ୍ଧି ଉପରେ ମୁଖ୍ୟତଃ ନିର୍ଭର କରୁଛି । ପ୍ରବଳ ପ୍ରତିଯୋଗିତା ଯୋଗୁଁ, ସମଗ୍ର ଦେଶରେ ଆଜି ଶିଳ୍ପ ପ୍ରତିଷ୍ଠାନରେ ଉତ୍ପାଦନ ବୃଦ୍ଧି ଉପରେ ବିଶେଷ ଗୁରୁତ୍ୱ ଆରୋପ କରୁଛନ୍ତି । ଉତ୍ପାଦନ ବୃଦ୍ଧି ପାଇଁ ପରିଚାଳନା କର୍ତ୍ତୃପକ୍ଷ ଓ ଶିଳ୍ପ ଶ୍ରମିକମାନଙ୍କ ମଧ୍ୟରେ ସୁସମ୍ପର୍କ ପ୍ରତିଷ୍ଠିତ ହେବା ଏକାନ୍ତ ଆବଶ୍ୟକ । ସେଥିପାଇଁ ୧୯୯୨ ମସିହାରେ ଗୃହୀତ ଶିଳ୍ପନୀତିରେ ରାଜ୍ୟ ସରକାର ଶିଳ୍ପାନୁଷ୍ଠାନମାନଙ୍କରେ ସୁସ୍ଥ ଓ ଶାନ୍ତ ବାତାବରଣର ସୁରକ୍ଷା ଉପରେ ଗୁରୁତ୍ୱ ଆରୋପ କରିଛନ୍ତି । ଏହି ପରିପ୍ରେକ୍ଷୀରେ ରାଜ୍ୟର ବିଭିନ୍ନ ଶିଳ୍ପରେ ଶ୍ରମିକ ଓ ପରିଚାଳନା କର୍ତ୍ତୃପକ୍ଷଙ୍କର ସମ୍ପର୍କ ବିଷୟ ସମୀକ୍ଷା କରିବା ନିମନ୍ତେ ରାଜ୍ୟସ୍ତରୀୟ ନୋଡ଼ାଲ୍ କମିଟିର ଏକ ସ୍ୱତନ୍ତ୍ର ବୈଠକ ଆହୂତ ହୋଇଥିଲା । ନୂତନ ଶିଳ୍ପ ନୀତି ଓ ନୋଡ଼ାଲ କମିଟିର ସୁପାରିଶ ଭିତ୍ତିରେ ଶିଳ୍ପାଞ୍ଚଳରେ ଶାନ୍ତିପୂର୍ଣ୍ଣ ବାତାବରଣ ବଜାୟ ରଖିବା ପାଇଁ ଶ୍ରମ ଓ କର୍ମ ନିଯୋଜନ ବିଭାଗ ପକ୍ଷରୁ କେତେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରାଯାଇଛି ।

ଶ୍ରମିକ ଓ ପରିଚାଳନା କର୍ତ୍ତୃପକ୍ଷଙ୍କ ମଧ୍ୟରେ କୌଣସି ଭୁଲ ବୁଝାମଣା ବା ସମସ୍ୟା ସୃଷ୍ଟି ହେଲେ, ଦ୍ୱିପାକ୍ଷିକ ଆଲୋଚନା ମାଧ୍ୟମରେ ତାହାର ସମାଧାନକୁ ପ୍ରୋତ୍ସାହିତ କରାଯିବ । ବିଶେଷ ଆଇନଗତ ଆବଶ୍ୟକତା ନ ପଡ଼ିଲେ ଶିଳ୍ପ–ସମ୍ପର୍କ ସଙ୍ଗଠନ ପକ୍ଷରୁ ଦ୍ୱିପାକ୍ଷିକ ଆଲୋଚନା ଓ ସମାଧାନ ନିମନ୍ତେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ ।

ଉଭୟ ପରିଚାଳନା କର୍ତ୍ତୃପକ୍ଷ ଅଥବା ଶ୍ରମିକମାନଙ୍କ ପକ୍ଷରୁ ଘେରାଉ, ଧାରଣା, ଗଣ୍ଡଗୋଳ ବା ହଇରାଣ ହରକତ କରାଗଲେ କିମ୍ବା ଏପରି କୌଣସି ବେଆଇନ କାର୍ଯ୍ୟ ହେଲେ ଏହା ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । କୌଣସି ଶିଳ୍ପପତି, ଶ୍ରମିକ ବା ଟ୍ରେଡ୍ ଇଉନିୟନ ନେତାଙ୍କୁ ଆଇନର ଖିଲାପ କରି କିଛି କାର୍ଯ୍ୟ କରିବାର ସୁଯୋଗ ଦିଆଯିବ ନାହିଁ ଓ ଆବଶ୍ୟକ ହେଲେ ଉଭୟ ଫୌଜଦାରୀ ଓ ଶ୍ରମ ଆଇନ ଭିତ୍ତିରେ ଏହା ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

ଯେଉଁ ଶିଳ୍ପାନୁଷ୍ଠାନରେ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବ, ଜିଲ୍ଲାପାଳ ଏବଂ ପୋଲିସ୍ ସୁପରିନ୍‌ଟେଣ୍ଡେଣ୍ଟଙ୍କ ପକ୍ଷରୁ ଆଇନ ଶୃଙ୍ଖଳା ରକ୍ଷା ପାଇଁ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯିବ ।


ଗୁପ୍ତ ଭୋଟ ଭିତ୍ତିରେ ଟ୍ରେଡ୍ ଇଉନିୟନ୍‌ମାନଙ୍କୁ ସ୍ୱୀକୃତ ଦେବା ନିମନ୍ତେ ପଦକ୍ଷେପ ନିଆଯିବ ।

କୌଣସି ନୂତନ ଶିଳ୍ପାନୁଷ୍ଠାନ ପ୍ରତିଷ୍ଠାର ପ୍ରଥମ ପାଞ୍ଚ ବର୍ଷ ମଧ୍ୟରେ ଯେପରି ସେଠାରେ କାମ ବନ୍ଦ ନହୁଏ ସେଥି ନିମନ୍ତେ ପ୍ରଚେଷ୍ଟା କରାଯିବ ଓ ସମସ୍ତ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯିବ ।



ବ୍ରିଟିଶ୍ ଉପ ହାଇକମିଶନର୍ ଶ୍ରୀ ଇୟାନ୍ ଏମ୍‌ସି କୋଲେନ, କଲିକତା, ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକଙ୍କୁ ତାଙ୍କ ସଚିବାଳୟ ପ୍ରକୋଷ୍ଠରେ ସାକ୍ଷାତ କରୁଛନ୍ତି ।

OGP–MP–PTS (I&PR) 35–10,000–8-11-1993



ପିପିଲିଠାରେ ଅନୁଷ୍ଠିତ ଶାରଦୀୟ କ୍ରୀଡ଼ା ଉତ୍ସବକୁ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରି ଅଭିବାଦନ ଗ୍ରହଣ କରୁଛନ୍ତି ।



ପୁରୀ ବେଳାଭୂମି ଉତ୍ସବରେ ଓଡ଼ିଶାର କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ
ପ୍ରଦର୍ଶନ କରୁଛନ୍ତି ।

UTKAL PRASANGA Regd No O—BN—05/90
Licence No C.R.N.P. 5—Licensed to post without Pre-payment



# ଉତ୍କଳ ପ୍ରସଙ୍ଗ



